# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୧୭/୨୦୨୩ (୧୪ ପୃଷ୍ଠା) | Bhubaneswar, Wednesday, May 17/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 171 ମୂଲ୍ୟ ₹୭/-





**ଅମିୟଙ୍କୁ ସ୍ୱର୍ଣ୍ଣ ପଦକ**

ରାଞ୍ଚିଠାରେ ଚାଲିଥିବା ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ର ପୁରୁଷ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଅମିୟ ମଲିକ। **୧୪**

**୦୨** **ଗଡ଼କରୀଙ୍କୁ ହତ୍ୟା ଧମକ**

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସୋମବାର ସନ୍ଧ୍ୟାରେ ହତ୍ୟା ଧମକ ମିଳିଛି। ଏନେଇ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି।




# ଅସ୍ତିତ୍ୱ ହରାଉଛି କେନ୍ଦ୍ରାପଡ଼ା କେନାଲ

- ଡଙ୍ଗା ଚାଲୁଥିଲା, ଏବେ କ୍ଷେତକୁ ପାଣି ମଡ଼ାଇ ପାରୁନି
- ନଅଙ୍କ ଦୁର୍ଭିକ୍ଷର ପ୍ରତିକାର ପାଇଁ ଖୋଲାଯାଇଥିଲା

**ଜଗନ୍ନାଥ ଧଳ**

**କେନ୍ଦ୍ରାପଡ଼ା ଅଫିସ, ୧୬।୫**

୧୮୬୬-୬୭ ମସିହାର ନଅଙ୍କ ଦୁର୍ଭିକ୍ଷର ପ୍ରତିକାର ପାଇଁ କେନ୍ଦ୍ରାପଡ଼ା କେନାଲ ଖୋଲାଯାଇଥିଲା। କ୍ଷେତକୁ ପାଣି ସହିତ ପଣ୍ୟ ପରିବହନ ଓ ସ୍ଥାନୀୟ ଅଞ୍ଚଳର ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଥିଲା। ରାଜ୍ୟର ଏହି ପୁରାତନ କେନାଲ ପୂର୍ବରୁ ସୁନାବ୍ୟା ଥିବାବେଳେ ଏବେ କ୍ଷେତ ପାଇଁ ଜଳଯୋଗାଣକୁ ଅସମର୍ଥ ହୋଇପଡ଼ିଛି। ଏକସଙ୍ଗେ ୩ରୁ ୪ଟି ପଣ୍ୟବାହୀ ଡଙ୍ଗା ଆତଯାତ କରୁଥିବା କେନାଲ ସମ୍ପ୍ରତି ମାତ୍ର ୭ ମିଟର ଚଉଡ଼ାରେ ସୀମିତ ରହିଛି। ଏହା ଅଳିଆ ଗଦାରେ ପରିଣତ ହୋଇ ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି।

ଜଳାଭାବ ଯୋଗୁ ପ୍ରଭାବିତ ହୋଇଥିବା କେନ୍ଦ୍ରାପଡ଼ା ବ୍ଲକ ଭରତପୁର ଗ୍ରାମର ଚିତ୍ତରଞ୍ଜନ ଦାସ କହିଛନ୍ତି, ନଅଙ୍କ ଦୁର୍ଭିକ୍ଷ ପରେ ଏହି କେନାଲ ଖୋଲାଯାଇଥିଲା। କଟକ ମହାନଦୀ ବ୍ୟାରେଜରୁ ବାହାରିଥିବା ୨୪୧ କିଲୋମିଟର ଲମ୍ବ କେନାଲରେ ୧୮୬୯ ମେ' ୨୯ରେ ପ୍ରଥମ ଥର ପାଇଁ ପାଣି ଆସିଥିଲା। ଏହା ମାଧ୍ୟମରେ ଆସୁଥିବା ପାଣି କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ଜମ୍ମୁ, ଗୋବରୀ କେନାଲ ମାଧ୍ୟମରେ ଛଡ଼ାଯାଇ ୧୧,୯୩୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଏହାର ଜଳ ଗୋବରୀ କେନାଲ, ସମ୍ପ୍ରସାରିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଅଞ୍ଚଳର ପ୍ରାୟ ୨୯ ହଜାର ହେକ୍ଟର କ୍ଷେତକୁ ସେଚନ କରାଯାଉଥିଲା। ଜିଲା ଗଠନ ପୂର୍ବରୁ ଏହି ଜଳସେଚନ କ୍ଷମତାକୁ ଧାର୍ଯ୍ୟ କରି ସ୍ୱତ୍ୱବାନ ଚାଷୀଙ୍କଠାରୁ ଅଦ୍ୟାବଧି ଜଳକର ଆଦାୟ ହେଉଛି। ସହରର ୮୦ ବର୍ଷୀୟ ବୃଦ୍ଧ ସେକ୍ ମୁସା କହିଛନ୍ତି, କ୍ଷେତକୁ ପାଣି ସହ ଏହି କେନାଲ ମାଧ୍ୟମରେ ପଣ୍ୟ ଦ୍ରବ୍ୟ ପରିବହନ ହେଉଥିଲା। ଏପରି କି ୧୯୩୦-୩୧ ମସିହାରେ ଲକ୍ ମାଧ୍ୟମରେ ଆଦାୟ ରାଜସ୍ୱ ୮୫ ହଜାର ଟଙ୍କାରୁ ଅଧିକ ଥିବା ରେକର୍ଡ ଦର୍ଶାଉଛି। ଏହି ଜଳପଥ ଦେଇ ବାରବାଟୀରୁ ପଥର ନିଆଯାଇ ଫଲ୍ସ ପଏଣ୍ଟଠାରେ ☞ପୃଷ୍ଠା-୪



ବିଲାତି ଦଳ ଭର୍ତ୍ତି ହୋଇପଡ଼ିଛି କେନ୍ଦ୍ରାପଡ଼ା କେନାଲ।

# ବିଳମ୍ବିତ ହେବ ମୌସୁମୀ

## ଜୁନ୍ ୪ରେ କେରଳ ଛୁଇଁପାରେ

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ଚଳିତ ବର୍ଷ ମୌସୁମୀ ଆଗମନରେ ସାମାନ୍ୟ ବିଳମ୍ବ ହେବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ୪ ସୁଦ୍ଧା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁପାରେ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର କହିଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳରେ ପହଞ୍ଚିଥାଏ। ଗତବର୍ଷ ମେ' ୨୯ରେ ମୌସୁମୀ କେରଳ ଛୁଇଁଥିବାବେଳେ ୨୦୨୧ରେ ଜୁନ୍ ୩ ଏବଂ ୨୦୨୦ରେ ଜୁନ୍ ୧ରେ ପହଞ୍ଚିଥିଲା। କେରଳ ପରେ ଭାରତର ଅନ୍ୟ ରାଜ୍ୟରେ ମୌସୁମୀ ବର୍ଷା ହୋଇଥାଏ। ☞ପୃଷ୍ଠା-୪

# କାଳବୈଶାଖୀ: ଗଛ ପଡ଼ି ୨ ମୃତ, ୩ ଆହତ

**ଗଣିଆ/ଖଣ୍ଡପଡ଼ା, ୧୬।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ଗତ କିଛି ଦିନର ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ପରେ ମଙ୍ଗଳବାର ଅପରାହ୍ଣରେ ନୟାଗଡ଼ରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ଫଳରେ ଲୋକେ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ହେଲେ କାଳବୈଶାଖୀ ଯୋଗୁ ଗଛ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହେବା ଘଟଣା ଗଣିଆ ଓ ଖଣ୍ଡପଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଏଥିସହିତ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଗଛପଡ଼ି ଓ ଗୁହାଳର କାନ୍ଥ ଭାଙ୍ଗି ବହୁ ଗୃହପାଳିତ ପଶୁ ଆହତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ଚାଳ, ଟିଣ ଛପର ଘର ଭାଙ୍ଗି ଯାଇଛି। ☞ପୃଷ୍ଠା-୪

# ୧୮ରେ ମାଟ୍ରିକ ପରୀକ୍ଷାଫଳ

- ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ବି ପ୍ରକାଶ ପାଇବ
- ୱେବ୍‌ସାଇଟ୍, ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜାଣିହେବ ଫଳାଫଳ

**କଟକ ଅଫିସ,୧୬।୫**

ଆସନ୍ତା ୧୮ରେ ମାଟ୍ରିକ୍ ସମ୍ମେଟିଭ-୨ ପରୀକ୍ଷାଫଳ ପ୍ରକାଶ ପାଇବ। ଏଥିସହ ଉକ୍ତ ଦିନ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ ବୋଲି କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଉକ୍ତ ଦିନ ପୂର୍ବାହ୍ନ ୧୦ଟାରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ପରୀକ୍ଷାଫଳ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ। ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହେବ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ନିଜର ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ। ଏଥିସହ ମୋବାଇଲ ଫୋନ୍‌ରେ ଓଆର୧୦ ଲେଖି ସ୍ପେସ୍ ଦେଇ ରୋଲ୍ ନମ୍ବର ଟାଇପ କରି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ପରୀକ୍ଷାଫଳ ଜାଣିପାରିବେ ବୋଲି ହାଜରା ସୂଚନା ଦେଇଛନ୍ତି। ସେହିପରି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ଚଳିତବର୍ଷ ୫ ଲକ୍ଷ ୧୮ ହଜାର ଛାତ୍ରୀଛାତ୍ର ପରୀକ୍ଷା ☞ପୃଷ୍ଠା-୪

# ଅଜଣା ସୂତ୍ରରୁ ଆଞ୍ଚଳିକ ଦଳର ଆୟ ୮୮୭.୫୫ କୋଟି

**ଏଡିଆର୍ ରିପୋର୍ଟ**

**୨୦୨୧-୨୨ ଆର୍ଥିକବର୍ଷ**

**ନୂଆଦିଲ୍ଲୀ,୧୬।୫**

୨୦୨୧-୨୨ ଆର୍ଥିକବର୍ଷରେ ଆଞ୍ଚଳିକ ଦଳଗୁଡ଼ିକ ଅଜଣା ସୂତ୍ରରୁ ୮୮୭.୫୫ କୋଟି ଟଙ୍କା ଆୟ କରିଛନ୍ତି, ଯାହାକି ସେମାନଙ୍କ ମୋଟ ଆୟର ୭୬% ବୋଲି ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏଡିଆର୍ ଏହାର ରିପୋର୍ଟରେ ଦର୍ଶାଇଛି ଯେ, ୨୦୨୦-୨୧ରେ ଆଞ୍ଚଳିକ ଦଳଗୁଡ଼ିକର ଆୟ ୫୩୦.୭୦ କୋଟି ଟଙ୍କା ଥିଲା। ସେଥିରୁ ୨୬୩.୯୩ କୋଟି ଅର୍ଥାତ୍ ୪୯.୭୩% ଅଜ୍ଞାତ ଉତ୍ସରୁ ଆସିଥିଲା। ୨୦୨୧-୨୨ରେ ଏହା ୮୮୭.୫୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ୨୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାକୁ 'ଜ୍ଞାତ ଉତ୍ସ'ରୁ ଆସିଥିବା ଧରାଯାଏ। ଏତେ ପରିମାଣର ଚାନ୍ଦା ଦେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ବିବରଣୀକୁ ଦଳଗୁଡ଼ିକ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ଦାଖଲ କଣ୍ଟ୍ରିବ୍ୟୁଶନ୍ ରିପୋର୍ଟରେ ଉଲ୍ଲେଖ କରିଥାଆନ୍ତି। ଅନ୍ୟପକ୍ଷେ ଦଳଗୁଡ଼ିକ ନିଜର ବାର୍ଷିକ ଅଡିଟ୍ ରିପୋର୍ଟରେ ଆୟର ଯେଉଁ ସୂତ୍ର ସମ୍ପର୍କରେ ସୂଚନା ଦେଇ ନ ଥାଆନ୍ତି, ତାକୁ 'ଅଜଣା ଉତ୍ସ' ବୋଲି ବିବେଚନା କରାଯାଏ। ଇଲେକ୍ଟୋରାଲ ବଣ୍ଡ ଜରିଆରେ ୨୦,୦୦୦ ଟଙ୍କାରୁ କମ୍ ଚାନ୍ଦା ଦେଇଥିବା ବ୍ୟକ୍ତି ବା ସଙ୍ଗଠନର ନାମ ପ୍ରଘଟ କରିବାକୁ ବାଧ୍ୟ ନୁହନ୍ତି। ଏଡିଆର୍ କହିଛି, ଏଭଳି ଅଜଣା ଉତ୍ସ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ, କୁପନ୍ ବିକ୍ରି, ରିଲିଫ୍ ପାଣ୍ଠି, ବିବିଧ ଆୟ ଓ ସଭାରୁ ସଂଗୃହୀତ ଅର୍ଥ ଅନ୍ତର୍ଭୁକ୍ତ। ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

**ନଜର ଦୁର୍ବୀ ଉପରେ**

# କୃତ୍ରିମ ଶର୍କରା ବ୍ୟବହାର ବିପଜ୍ଜନକ: ଡବ୍ଲ୍ୟୁଏଚ୍‌ଓ

ୱାଶିଂଟନ, ୧୬।୫

ଓଜନ କମାଇବାକୁ ଚାହୁଁଥିଲେ ଶର୍କରାର ବିକଳ୍ପ ବ୍ୟବହାର ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସତର୍କ କରାଇଛି। ସ୍ୱାଦ ବଜାୟ ରଖିବା ପାଇଁ ଅନେକ ଲୋକ ଚିନିର ବିକଳ୍ପ ଭାବେ କୃତ୍ରିମ ଶର୍କରା ବ୍ୟବହାର କରିଥାଆନ୍ତି। ତେବେ ଉକ୍ତ କୃତ୍ରିମ ଶର୍କରା ପିଲା ଏବଂ ବୟସ୍କମାନଙ୍କ ଶରୀରର ସ୍ନେହସାର କମାଇବା ଦିଗରେ ଦୀର୍ଘମିଆଦୀ ଲାଭ ଦେଇ ନ ଥାଏ ବୋଲି ଡବ୍ଲ୍ୟୁଏଚ୍‌ଓ ଅଧ୍ୟୟନରୁ ଜାଣିବାକୁ ପାଇଛି। କୃତ୍ରିମ ଶର୍କରା ଓଜନ ହ୍ରାସ ପାଇଁ ଲାଭଦାୟକ ହୋଇ ନ ଥିବାବେଳେ ଏହା ଟାଇପ୍-୨ ଡାଇବେଟିସ ଏବଂ ହୃଦ୍‌ରୋଗ ଏପରିକି ମୃତ୍ୟୁ ଆଶଙ୍କା ବଢ଼ାଇଥାଏ ବୋଲି ଡବ୍ଲ୍ୟୁଏଚ୍‌ଓ ଜାରି କରିଥିବା ନୂଆ ଗାଇଡ୍‌ଲାଇନରେ କୁହାଯାଇଛି। ଶର୍କରାମୁକ୍ତ ପଦାର୍ଥ ଖାଇବା କମାଇବାକୁ ଚାହୁଁଥିଲେ ଅନ୍ୟ ଉପାୟ ଚିନ୍ତା କରିବା ଆବଶ୍ୟକ ବୋଲି ☞ପୃଷ୍ଠା-୪




## ସଂକ୍ଷେପରେ

### ଗଡ଼କରୀଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ, ୧୬।୫: କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ସୋମବାର ସନ୍ଧ୍ୟାରେ ହତ୍ୟା ଧମକ ମିଳିବା ପରେ ଦିଲ୍ଲୀ ପୋଲିସ ଏହାର ତଦନ୍ତ ଚଳାଇଛି। ଗଡ଼କରୀଙ୍କ ନୂଆଦିଲ୍ଲୀ ବାସଭବନକୁ କେହି ଅଜଣା ବ୍ୟକ୍ତି ଫୋନ୍ କରି ମନ୍ତ୍ରୀଙ୍କ ସହ କଥା ହେବାକୁ ଦାବି କରିବା ସହ ଧମକ ଦେଇଥିଲେ। ବାସଭବନର ଅଧିକାରୀ ତୁରନ୍ତ ପୋଲିସକୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଏହା ଗଡ଼କରୀଙ୍କୁ ଦ୍ୱିତୀୟ ହତ୍ୟା ଧମକ। ଗତ ଜାନୁୟାରୀରେ ମହାରାଷ୍ଟ୍ରରେ ଥିବା ତାଙ୍କ ଅଫିସ ଓ ବାସଭବନକୁ ଧମକ ଆସିଥିଲା। କର୍ନାଟକର ବେଲାଗାଭି ଜେଲ୍‌ରୁ ଜଣେ ଗ୍ୟାଙ୍ଗଷ୍ଟର ତଥା ହତ୍ୟା ଅପରାଧୀ ଫୋନ୍ କରି ଏଭଳି ଧମକ ଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

### ୟୁପିଏସ୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ମନୋଜ ସୋନି

ନୂଆଦିଲ୍ଲୀ, ୧୬।୫ (ପି.ଟି.): ବିଶିଷ୍ଟ ଶିକ୍ଷାବିତ୍ ମନୋଜ ସୋନି ମଙ୍ଗଳବାର କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଛନ୍ତି।



ସେ ୨୦୧୭ ଜୁନ୍ ୨୮ରେ ୟୁପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଥିବାବେଳେ ୨୦୨୨ ଏପ୍ରିଲ ୫ରୁ ଏହାର ଅଧ୍ୟକ୍ଷ କାର୍ଯ୍ୟ ତୁଲାଇଆସୁଥିଲେ। କମିଶନ୍‌ର ସର୍ବବରିଷ୍ଠ ସଦସ୍ୟ ସ୍ମିତା ନାଗରାଜ ତାଙ୍କୁ ଅଧକ୍ଷ ଭାବେ ଶପଥ ପାଠ କରାଇଛନ୍ତି। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ବିଦେଶ ସେବା(ଆଇଏଫ୍ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଫିସରମାନଙ୍କୁ ଚୟନ କରିବା ଲାଗି ସିଭିଲ୍ ସର୍ଭିସ ପରୀକ୍ଷା ୟୁପିଏସ୍‌ସି ପରିଚାଳନା କରିଥାଏ। ଅଧକ୍ଷଙ୍କ ବ୍ୟତୀତ କମିଶନରେ ସର୍ବାଧିକ ୧୦ ଜଣ ସଦସ୍ୟ ରହିଥାନ୍ତି। ଏବେ ୟୁପିଏସ୍‌ସିରେ ୫ ସଦସ୍ୟ ପଦ ଖାଲି ରହିଛି। ୟୁପିଏସ୍‌ସି ଅଧକ୍ଷ ନିଯୁକ୍ତ ହେବା ପୂର୍ବରୁ ସୋନି ୨୦୦୯ରୁ ୨୦୧୫ ଡ. ବାବାସାହେବ ଆମ୍ବେଡ୍‌କର ଓପନ ୟୁନିଭର୍ସିଟିର କୁଳପତି ଥିଲେ। ସେ ୨୦୦୫ରୁ ୨୦୦୮ ମହାରାଜା ସାୟାଜୀରାଓ ୟୁନିଭର୍ସିଟିର କୁଳପତି ଭାବେ କାର୍ଯ୍ୟ କରିଥିଲେ।

### ସୁପ୍ରିମକୋର୍ଟ ବିଚାରପତି ପଦ ପାଇଁ ୨ ଜଣଙ୍କ ନାଁ ସୁପାରିସ

ନୂଆଦିଲ୍ଲୀ, ୧୬।୫: ସୁପ୍ରିମକୋର୍ଟ ବିଚାରପତି ପଦ ପାଇଁ ୨ ଜଣଙ୍କ ନାଁ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ବରିଷ୍ଠ ଆଇନଜୀବୀ କେ.ଭି. ବିଶ୍ୱନାଥନଙ୍କ ନାମ ସର୍ବୋଚ୍ଚ ଅଦାଲତର ବିଚାରପତି ପଦ ପାଇଁ ସୁପାରିସ କରିଛନ୍ତି। ଜଷ୍ଟିସ ମିଶ୍ରା ଏବେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଅଛନ୍ତି।

### ତାମିଲନାଡୁ ମଦ ମୃତ୍ୟୁସଂଖ୍ୟା ୧୯

ଚେନ୍ନାଇ, ୧୬।୫: ତାମିଲନାଡୁରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୯ରେ ପହଞ୍ଚିଛି। ଭିଲୁପୁରମ୍ ପୋଲିସର କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ଉକ୍ତ ଜିଲାର ୨ ଜଣ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ରାଜ୍ୟରେ ବେଆଇନ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ଦାବିରେ ମୃତକଙ୍କ ସମ୍ପର୍କୀୟମାନେ ପୁଡୁଚେରୀ-ତିଣ୍ଡିଭାନମ ରାସ୍ତାକୁ ଅବରୋଧ କରିଥିଲେ। ସୂଚନାଯୋଗ୍ୟ, ଗତ ଶନିବାର ଭିଲୁପୁରମ୍ ଜିଲା ମରକ୍କନମ ଅନ୍ତର୍ଗତ ଏକିୟାରାକୁପ୍ପମ୍ ଗ୍ରାମରେ ଏକ ବିବାହ ଉତ୍ସବରେ ସ୍ଥାନୀୟ ମଦ ପିଇ ୫୦ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ରବିବାର ୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସୋମବାର ୬ ଜଣ ପ୍ରାଣ ହରାଇଥିବାବେଳେ ମଙ୍ଗଳବାର ଆଉ ୨ ଜଣଙ୍କ ଜୀବନ ଯାଇଛି।



ସୁଦାନ ସଂଘର୍ଷରେ ଘରଦ୍ୱାର ଓ ଆତ୍ମୀୟଙ୍କୁ ହରାଇ ଚାଦ୍‌ର ବୋରୋଟା ସୀମାରେ ଆଶ୍ରୟ ନେଇଛନ୍ତି ଜଣେ ଯୁବତୀ।

## ବାଣ କାରଖାନାରେ ବିସ୍ଫୋରଣ: ୯ ମୃତ

କୋଲକାତା, ୧୬।୫

ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲା ଅନ୍ତର୍ଗତ ଏଗ୍ରା ବ୍ଲକ୍‌ରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨.୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିନ୍ତି। ଉକ୍ତ ବେଆଇନ ବାଣ କାରଖାନାରେ ମାଲିକ ପୂର୍ବରୁ ଗିରଫ ହୋଇ ଜାମିନରେ ଆସିଥିଲେ। ବିସ୍ଫୋରଣ ପରେ ସେ ଓଡ଼ିଶା ପଳାଇଥିବା ମମତା କହିଛନ୍ତି। ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା କରାଇବା ପାଇଁ ବିରୋଧୀ ଦଳ ଭାଜପା ଦାବି କରିଛି। ଏନ୍ଆଇଏ ତଦନ୍ତରେ ତାଙ୍କର କୌଣସି ସମସ୍ୟା ନ ଥିବାବେଳେ ଉକ୍ତ ପ୍ରସଙ୍ଗର ରାଜନୀତିକରଣ କରା ନ ଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବେଆଇନ ବାଣ କାରଖାନା ସମ୍ପର୍କରେ ସୂଚନା ଦେବାକୁ ରାଜ୍ୟ ପରିବେଶ ମନ୍ତ୍ରୀ ମାନସ ରଞ୍ଜନ ଭୁନିଆ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବାଣ କାରଖାନା ଚାଲୁଥିବା ଆବାସିକ ବିଲ୍ଡିଂଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।



ଅନ୍ୟପକ୍ଷରେ ଉକ୍ତ ଫ୍ୟାକ୍ଟ୍ରିରେ ବୋମା ତିଆରି ହେଉଥିଲା ବୋଲି ଭାଜପା ଅଭିଯୋଗ କରିବା ସହ ଏହାର ଏନ୍ଆଇଏ ତଦନ୍ତ ଦାବି କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ହସ୍ତକ୍ଷେପ ପାଇଁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି। ପୋଲିସ ମୃତଦେହଗୁଡ଼ିକୁ ବେଆଇନ ଭାବେ ଉଠାଇନେଉଥିବାର କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି ଶୁଭେନ୍ଦୁ କହିଛନ୍ତି।

## ଇଡିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ

# ଆତଙ୍କ ସୃଷ୍ଟି କରନାହିଁ

**କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରି ବିରୋଧୀଙ୍କ ସ୍ୱର ଚପାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଆସୁଛି। କେଉଁଠି ସିବିଆଇ ତ ପୁଣି କେଉଁ ରାଜ୍ୟରେ ଇଡିକୁ ଲଗାଇ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଅପଦସ୍ଥ କରାଯାଉଛି। ବିଶେଷକରି ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ସେଣ୍ଟ୍ରାଲ ଏଜେନ୍ସିର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଚଳିତବର୍ଷ ଛତିଶଗଡ଼ ବିଧାନସଭା ଭୋଟ ହେବାକୁ ଥିବାବେଳେ ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଏପରି କରାଯାଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଛତିଶଗଡ଼ ସରକାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ରାଜ୍ୟ ଅବକାରୀ ବିଭାଗର ୫୨ ଅଫିସରଙ୍କୁ ଇଡି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଏଥିରେ ଦର୍ଶାଯାଇଛି। ଏପରି କି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଅବକାରୀ ଦୁର୍ନୀତିରେ ଛନ୍ଦିବା ପାଇଁ ଇଡି ଉଦ୍ୟମ ଚଳାଇଥିବା ସରକାର ଅଭିଯୋଗ ଆଣିଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ଇଡିକୁ ଜବାବ ମାଗିବା ସହ ଆତଙ୍କର ବାତାବରଣ ନ ଖେଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।**

ନୂଆଦିଲ୍ଲୀ, ୧୬।୫ (ଆଇଏଏନ୍ଏସ୍)

ଛତିଶଗଡ଼ରେ ୨,୦୦୦ କୋଟି ଟଙ୍କାର ମଦ ଦୁର୍ନୀତିର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆତଙ୍କର ବାତାବରଣ ସୃଷ୍ଟି ନ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ



ଏହି ମାମଲାରେ ଅଭିଯୁକ୍ତ କରାଇବା ପାଇଁ ଉଦ୍ୟମ ହେଉଥିବା ରାଜ୍ୟ ସରକାର ଅଭିଯୋଗ କରିବା ପରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ. ଅମାନୁଲ୍ଲାଙ୍କ ଖଣ୍ଡପୀଠ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଇଡି ପକ୍ଷରୁ ଅବକାରୀ ଅଧିକାରୀଙ୍କୁ ଧମକ ଦିଆଯାଉଛି। ଆଗକୁ ନିର୍ବାଚନ ଥିବାରୁ ଏଭଳି କରାଯାଉଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ସିବଲଙ୍କ ଯୁକ୍ତିକୁ ଖଣ୍ଡନ କରିବା ସହ ଇଡି ଦୁର୍ନୀତିର ତଦନ୍ତ କରୁଥିବା କହିଥିଲେ। ଛତିଶଗଡ଼ ମଦ ଦୁର୍ନୀତି ମାମଲାରେ ଇଡି ମେ' ୧୨ରେ ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅରୁଣ ପତି ତ୍ରିପାଠୀଙ୍କୁ ଗିରଫ କରିଛି। ଅରୁଣ ଅବକାରୀ ନୀତିରେ ପରିବର୍ତ୍ତନ ଆଣିବାରୁ ୨୦୧୯ରୁ ୨୦୨୨ ମଧ୍ୟରେ ୨,୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇପାରିଥିବା ଦର୍ଶାଇ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ବଳରେ ଇଡି ଏହି ମାମଲାର ତଦନ୍ତ ଚଳାଇଛି। ଅରୁଣ ଭାରତୀୟ ଟେଲିକମ୍ ସେବାରୁ ଆସି ଛତିଶଗଡ଼ ସରକାରଙ୍କ ଅଧୀନରେ ୭ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ ଷ୍ଟେଟ୍ ମାର୍କେଟିଂ କୋଅପରେଶନ ଲିଃ (ସିଏସ୍ଏମ୍‌ସିଏଲ୍) ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅରୁଣଙ୍କୁ ରାଜ୍ୟ ସରକାର ଅବକାରୀ ବିଭାଗରେ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ଦେଇଛନ୍ତି।

## ଗୁଜରାଟର ୩ ପୋଲିସ ନାଁରେ ହତ୍ୟା ମାମଲା

### ହାଜତରେ ଶ୍ରମିକଙ୍କୁ ପିଟିଥିଲେ

ବୋଟାଡ୍, ୧୬।୫

ଗୁଜରାଟର ବୋଟାଡ୍ ଜିଲା ଟାଉନ୍ ଥାନାରେ କାର୍ଯ୍ୟରତ ୩ ଜଣ କନ୍‌ଷ୍ଟେବଲ ଗତ ଏପ୍ରିଲ ୧୪ରେ ଶ୍ରମିକ କାଲୁ ପଧାର୍ଶି(୨୮)ଙ୍କୁ ଏକ ମାମଲାରେ ଜେରା ପାଇଁ ତାଙ୍କ ଘରୁ ଉଠାଇ ନେଇଥିଲେ। ଥାନାରେ ତାଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମାରିବା ପରେ ଛାଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ କାଲୁଙ୍କୁ ଅହମଦାବାଦ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମେ' ୧୪ରେ ତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ କାଲୁ ଥାନାରେ ତାଙ୍କୁ ଦିଆଯାଇଥିବା ନିର୍ଯାତନା ସମ୍ପର୍କରେ କହିଥିଲେ। ୩ ଅଭିଯୁକ୍ତ କନ୍‌ଷ୍ଟେବଲ ଅମିରାଜ ବୋରିଚା, ରାହିଲ ସିଦାତର ଓ ନିକୁଲସିଂ ଯାଦବଙ୍କ ବିରୋଧରେ ସୋମବାର ରାତିରେ ହତ୍ୟା ମାମଲା ରୁଜୁ ହୋଇଥିବା ବୋଟାଡ୍ ଏସ୍‌ପି କିଶୋର ବଲୋଲିୟା ସୂଚନା ଦେଇଛନ୍ତି। ଏଫ୍ଆଇଆର୍ ଅନୁସାରେ ୩ କନ୍‌ଷ୍ଟେବଲ ଏକ ମାମଲାରେ ୱାଣ୍ଟେଡ୍ ଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପଚରାଉଚରା ପାଇଁ କାଲୁଙ୍କୁ ଥାନାକୁ ନେଇଥିଲେ। କାଲୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ କିଛି ଜାଣି ନ ଥିବା କହିବାରୁ ସେମାନେ ତାଙ୍କୁ ନିଜ ବାଇକ୍‌ର ରେଜିଷ୍ଟ୍ରେଶନ୍ କାଗଜପତ୍ର ମାଗିଥିଲେ। ତିନିଜଣ ଯାକ ସାଦା ପୋଷାକରେ ଥିବାରୁ କାଲୁ ସେମାନଙ୍କୁ ନିଜ ପରିଚୟପତ୍ର ମାଗିଥିଲେ। ଏହାକୁ ନେଇ ୩ କନ୍‌ଷ୍ଟେବଲ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ଥାନାକୁ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କୁ ନିର୍ଯାତନା ଦେଇଥିଲେ। ସେଦିନ ଅପରାହ୍ନରେ କାଲୁଙ୍କୁ ଛାଡ଼ି ଦିଆଯାଇଥିଲା। ଘରକୁ ଯାଇ କାଲୁ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଏପ୍ରିଲ ୧୭ରେ ଭାବନଗରସ୍ଥିତ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ତାଙ୍କର ବ୍ରେନ୍ ହେମରେଜ୍ ହୋଇଥିବା ଜାଣିବାକୁ ପାଇ ଅହମଦାବାଦ ରେଫର କରିଥିଲେ। ସିଭିଲ ହସ୍ପିଟାଲରେ ତାଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେବେଠୁ ସେ ଭେଣ୍ଟିଲେଟର ସପୋର୍ଟରେ ଥିଲେ।

## ଜେଲ ଗଲେ ଡିଆର୍‌ଡିଓ ବୈଜ୍ଞାନିକ

### ଗୁପ୍ତଚରଗିରି ମାମଲା

ନୂଆଦିଲ୍ଲୀ, ୧୬।୫

ପାକିସ୍ତାନର ଗୋଇନ୍ଦା ସଂସ୍ଥାକୁ ଗୋପନୀୟ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଗିରଫ ଡିଆର୍‌ଡିଓ ବୈଜ୍ଞାନିକ ଡ. ପ୍ରଦୀପ କୁରୁଲକରଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ମହାରାଷ୍ଟ୍ର ପୁଣେର ଏକ ସ୍ୱତନ୍ତ୍ର ଅଦାଲତ ବୈଜ୍ଞାନିକ କୁରୁଲକରଙ୍କୁ ମେ' ୨୯ ପର୍ଯ୍ୟନ୍ତ ଜେଲ ପଠାଇଛନ୍ତି। ଡିଆର୍‌ଡିଓ ଲାବ୍‌ର ନିର୍ଦ୍ଦେଶକ ଥିବା କୁରୁଲକରଙ୍କୁ ଗତ




ଡ. ପ୍ରଦୀପ କୁରୁଲକର

୩ ତାରିଖରେ ମହାରାଷ୍ଟ୍ର ପୋଲିସର ଏଟିଏସ୍ ଟିମ୍ ଗିରଫ କରିଥିଲା। ଶୁଣାଣି ବେଳେ ବୈଜ୍ଞାନିକଙ୍କର ଉଚ୍ଚ ରକ୍ତ ଶର୍କରା ଥିବା ଦର୍ଶାଇ କେତେକ ଔଷଧ ଓ ଘରରନ୍ଧା ଖାଦ୍ୟ ପାଇଁ ଅନୁରୋଧ କରିଥିଲେ। ଔଷଧ ପାଇଁ କୋର୍ଟ ଅନୁମତି ଦେଇଥିଲେ ହେଁ ଘରରନ୍ଧା ଖାଦ୍ୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କୁରୁଲକର ହ୍ୱାଟ୍ସଆପ୍ ଏବଂ ଭିଡିଓ କଲ୍ ଜରିଆରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ସହ ଯୋଗାଯୋଗରେ ଥିଲେ। ସେ ହନିଟ୍ରାପ୍‌ରେ ଫସିଥାଇପାରନ୍ତି ବୋଲି ଗତ ସପ୍ତାହରେ ଏଟିଏସ୍‌ର ଜଣେ ଅଧିକାରୀ କହିଥିଲେ।

## ଖବରଦାତାଙ୍କ ନାଁରେ ସିବିଆଇ ମାମଲା

ନୂଆଦିଲ୍ଲୀ, ୧୬।୫(ପି.ଟି.)

### ଗୁପ୍ତ ପ୍ରତିରକ୍ଷା ତଥ୍ୟ ପାକିସ୍ତାନକୁ ଦେଉଥିଲେ

ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଏବଂ ସୈନ୍ୟବାହିନୀ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରି ଏହାକୁ ପାକିସ୍ତାନୀ ଓ ଅନ୍ୟ ବିଦେଶୀ ରାଷ୍ଟ୍ରର ଗୋଇନ୍ଦା ସଂସ୍ଥାକୁ ଯୋଗାଉଥିବା ଅଭିଯୋଗରେ ମୁକ୍ତବୃତ୍ତ ଖବରଦାତାଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ରୁଜୁ କରିଛି। ଏତଲାକୁ ଆଧାର କରି ସିବିଆଇ ମୁକ୍ତବୃତ୍ତ ଖବରଦାତା ବିବେକ ରଘୁବଂଶୀ ଓ ତାଙ୍କର କେତେଜଣ ଘନିଷ୍ଠଙ୍କର ଦିଲ୍ଲୀ ଏବଂ ଜୟପୁରରେ ଥିବା ଘର ଉପରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଅନେକ ସମ୍ବେଦନଶୀଳ ଦସ୍ତାବିଜ ଜବତ ହୋଇଛି। ରଘୁବଂଶୀଙ୍କୁ ଗୁପ୍ତଚର ଗିରି ପାଇଁ ଭାରତ ଓ ବିଦେଶରେ କିଏ ସହାୟତା କରୁଥିଲେ, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ



ବିବେକ ରଘୁବଂଶୀ

ଜାରି ରଖିଛି। ସିବିଆଇର ଅଭିଯାଗ ଅନୁଯାୟୀ ରଘୁବଂଶୀ ଜାତୀୟ ସୁରକ୍ଷା ସମ୍ପର୍କିତ ଯୋଗାଯୋଗ ତଥ୍ୟ ସହ ଭାରତର ରଣନୀତି ଓ କୂଟନୈତିକ କଥାବାର୍ତ୍ତାକୁ ତାଙ୍କର ବନ୍ଧୁ ରାଷ୍ଟ୍ରଙ୍କ ସହ ଶେୟାର କରୁଥିଲେ।

## ସମସ୍ତଙ୍କୁ ମାରିଦେଲି

### ସ୍ତ୍ରୀ, ଝିଅପୁଅଙ୍କୁ ଛୁରାମାଡ଼ ପରେ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୬।୫

ଦିଲ୍ଲୀ ମେଟ୍ରୋର ଜଣେ କର୍ମଚାରୀ ନିଜ ସ୍ତ୍ରୀ ଓ ଦୁଇପିଲାଙ୍କୁ ଛୁରି ଭୁସିବା ପରେ ନିଜ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ୪୫ ବର୍ଷୀୟ ସୁଶୀଲ କୁମାର, ତାଙ୍କ ସ୍ତ୍ରୀ ଅନୁରାଧା(୪୦), ୬ ବର୍ଷୀୟା ଝିଅ ଅଦିତିଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଯୁବରାଜ(୧୩) ଗୁରୁତର ଅବସ୍ଥାରେ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଉତ୍ତରପୂର୍ବ ଦିଲ୍ଲୀର ଶାହଦୋରା ଜିଲା ଜ୍ୟୋତି କଲୋନିରେ ଏହି ଘଟଣା ଘଟିଛି।

ସୁଶୀଲ ଦିଲ୍ଲୀ ମେଟ୍ରୋର ଇଷ୍ଟ ବିନୋଦନଗର ଡିପୋରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ସେ ନିଜ ପରିବାରର ସମସ୍ତଙ୍କୁ ଛୁରି ଭୁସିବା ପରେ ନିଜ କମ୍ପ୍ୟୁଟର ଖୋଲି ଇଣ୍ଟରନେଟ୍‌ରେ ଗଣ୍ଠି ପକାଇବାର ଉପାୟ ଖୋଜିଥିଲେ। ସୁଶୀଲ ଅଫିସକୁ ନ ଯିବାରୁ ତାଙ୍କର ଜଣେ ସହକର୍ମୀ ତାଙ୍କୁ ଫୋନ୍ କରିଥିଲେ। ସେତେବେଳେ ସୁଶୀଲ କାନ୍ଦି କାନ୍ଦି କହିଥିଲେ, ସମସ୍ତଙ୍କୁ ମାରିଦେଲି। ସମ୍ପୃକ୍ତ ସହକର୍ମୀ ଜଣକ ପୋଲିସକୁ ଫୋନ୍ କରି ଜଣାଇବାରୁ ପିସିଆର୍ ଭ୍ୟାନ୍ ସୁଶୀଲଙ୍କ ଘରେ ପହଞ୍ଚିଥିଲା। କିନ୍ତୁ ସେତେବେଳକୁ ସୁଶୀଲ ନିଜ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିସାରିଥିଲେ। ପୋଲିସ ୩ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଫୋରେନ୍‌ସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଛାନ୍‌ଭିନ୍ କରୁଛି।

## ଘରୋଇ ଚାକିରିଆ ହେବେ ସରକାରୀ ବାବୁ

ନୂଆଦିଲ୍ଲୀ, ୧୬।୫

ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞମାନଙ୍କୁ କେନ୍ଦ୍ର ସରକାର ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ, ନିର୍ଦ୍ଦେଶକ, ଉପସଚିବ ଭାବେ ଠିକା ନିଯୁକ୍ତି ଦେବାକୁ ଯାଉଛନ୍ତି। କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି)କୁ ଏନେଇ ପରାମର୍ଶ ଦିଆଯାଇଛି। ପ୍ରାଇଭେଟ୍ ସେକ୍ଟରର ସ୍ପେଶାଲିଷ୍ଟମାନଙ୍କୁ 'ଲାଟେରାଲ ଏଣ୍ଟ୍ରି' ମୋଡ୍‌ରେ ସରକାରଙ୍କ ୧୨ ବିଭାଗ/ମନ୍ତ୍ରଣାଳୟରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସାଧାରଣତଃ ଯୁଗ୍ମ ସଚିବ, ନିର୍ଦ୍ଦେଶକ ଓ ଉପସଚିବ ପଦରେ ସର୍ବଭାରତୀୟ ଏବଂ ଗ୍ରୁପ୍ ଏ ସେବା ଅଧିକାରୀମାନଙ୍କୁ ଅବସ୍ଥାପିତ କରାଯାଇଥାଏ। କିନ୍ତୁ ପ୍ରସ୍ତାବିତ ନିଯୁକ୍ତି ଏହାର ଏକ ବ୍ୟତିକ୍ରମ। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ବେସାମରିକ



ବିମାନ ଚଳାଚଳ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏବଂ ଭାରି ଉଦ୍ୟୋଗ ମନ୍ତ୍ରଣାଳୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ। କେତେଜଣଙ୍କୁ ସିଧାସଳଖ ମନ୍ତ୍ରଣାଳୟରେ ନିଯୁକ୍ତି ମିଳିବାକୁ ଥିବାବେଳେ ଅନ୍ୟ କେତେଜଣ ଉପରୋକ୍ତ ମନ୍ତ୍ରଣାଳୟଗୁଡ଼ିକ ଅଧୀନରେ ଥିବା ବିଭାଗଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇବେ। ଲାଟେରାଲ ଏଣ୍ଟ୍ରି ଜରିଆରେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ, ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ଆଇନ ବ୍ୟାପାର ବିଭାଗ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ପ୍ରମୋଶନ୍ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟର୍ନାଲ ଟ୍ରେଡ୍ ଡିପାର୍ଟମେଣ୍ଟ ସମେତ ଆଉ କେତେକ ମନ୍ତ୍ରଣାଳୟରେ ମଧ୍ୟ ନିଯୁକ୍ତି ପ୍ରଦାନ କରାଯିବ। ଏସମ୍ପର୍କିତ ବିସ୍ତୃତ ବିଜ୍ଞପ୍ତି ଏବଂ ଆଶାୟୀଙ୍କ ପାଇଁ ନିର୍ଦ୍ଦେଶାବଳୀ ମେ' ୨୦ରେ ପ୍ରକାଶ ପାଇବ। ପ୍ରାର୍ଥମାନେ ମେ' ୨୦ରୁ ଜୁନ୍ ୧୯ ମଧ୍ୟରେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କୁ ଅନ୍‌ଲାଇନ୍ ଆବେଦନରେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟାନୁସାରେ ସାକ୍ଷାତ୍‌କାର ପାଇଁ ଶର୍ଟଲିଷ୍ଟ କରାଯିବ। ଲାଟେରାଲ ଏଣ୍ଟ୍ରି ଜରିଆରେ ପୂରଣ ହେବାକୁ ଥିବା ଖାଲି ପଦବୀ ସଂଖ୍ୟା ମଧ୍ୟ ମେ' ୨୦ ବିଜ୍ଞାପନରେ ଉଲ୍ଲେଖ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ୨୦୧୮ ଜୁନ୍‌ରେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ୧୦ ଯୁଗ୍ମ ସଚିବ ପାହ୍ୟା ପଦବୀ ନିମନ୍ତେ ଲାଟେରାଲ ଏଣ୍ଟ୍ରି ଜରିଆରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ୟୁପିଏସ୍‌ସି ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୨୧ ଅକ୍ଟୋବରରେ ୟୁପିଏସ୍‌ସି ୩୧ ଆଶାୟୀଙ୍କ ନାମ ଯୁଗ୍ମ ସଚିବ (୩), ନିର୍ଦ୍ଦେଶକ (୧୯) ଏବଂ ଉପସଚିବ (୯) ପଦବୀ ଲାଗି କେନ୍ଦ୍ରକୁ ସୁପାରିସ କରିଥିଲା। ବର୍ତ୍ତମାନ ଲାଟେରାଲ ଏଣ୍ଟ୍ରିରେ ତୃତୀୟ ପର୍ଯ୍ୟାୟ ନିଯୁକ୍ତି ଦିଆଯିବ। ଏହି ପ୍ରକ୍ରିୟା ଆସନ୍ତା ଶନିବାର ଆରମ୍ଭ ହେବ।




# ତାଣ୍ଡବ ରଚିଲା କାଳବୈଶାଖୀ

■ ୪୩ ଡିଗ୍ରୀ ଉପରେ ୯ ସହର

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ପ୍ରଚଣ୍ଡ ଗରମ ଯୋଗୁ ଦିନତମାମ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଅପରାହ୍ନରେ କାଳବୈଶାଖୀଜନିତ ଝଡ଼ବର୍ଷା ତାଣ୍ଡବ ରଚିଛି। ଉପକୂଳବର୍ତ୍ତୀ ଜିଲା କଟକ,ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ଓ ପବନ ହୋଇଛି। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ଯୋଗୁ କେତେକ ସ୍ଥାନରେ ଗଛଡ଼ାଳ ଭାଙ୍ଗିପଡ଼ିବା ସହିତ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ଏଥିଯୋଗୁ ଦିନର ପ୍ରଚଣ୍ଡ ଗରମରୁ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ ଝଡ଼ବର୍ଷା ଯୋଗୁ ୨ ଜଣଙ୍କର ଜୀବନ ଯାଇଥିବା ବେଳେ ୩ ଜଣ ମହିଳା ଆହତ ହୋଇଛନ୍ତି। ରାସ୍ତାରେ ଆସୁଥିବା ବେଳେ ଉପରେ ଗଛଡ଼ାଳ ପଡ଼ିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ନୟାଗଡ଼ ଜିଲା ଖଣ୍ଡପଡ଼ା-ଖଲିସାହି ରାସ୍ତାର ଅଁଳାପଟା ନିକଟରେ ଗୋଟିଏ ଘଟଣା ଘଟିଥିବା ବେଳେ ଅନ୍ୟଟି ଗଣିଆ ଥାନା ଅନ୍ତର୍ଗତ ଦଶପଲ୍ଲାରେ ଘଟିଛି। ରାଜଧାନୀ ଭୁବନେଶ୍ୱରରେ ମଧ କାଳବୈଶାଖୀଜନିତ ଝଡ଼ବର୍ଷା ଯୋଗୁ କେତେକ ସ୍ଥାନରେ ଗଛଡ଼ାଳ ଭାଙ୍ଗିବା ସହ ହୋର୍ଡିଂ ଉଡ଼ିଯାଇଛି।

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅସହ୍ୟ କରିଛି। ସକାଳ ୭ଟାରୁ ମାଡ଼ିଆସୁଛି ପ୍ରଚଣ୍ଡ ତାତି। ସନ୍ଧ୍ୟା ୬ଟା ଯାଏ ନିସ୍ତାର ନାହିଁ। ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ ଗରମରେ ଆଉଟୁପାଉଟୁ ହେଉଛନ୍ତି। ମଙ୍ଗଳବାର ପାରଦ ୪୪ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ରାଜ୍ୟର ୪ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଥିବା ବେଳେ ୯ଟି ସ୍ଥାନରେ ୪୩ ଡିଗ୍ରୀ ଉପରେ ରହିଛି। ସେହିପରି ୧୮ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ତାତି ବଢ଼ିବା ସହିତ କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସତର୍କ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।




# ବିଧାୟକ ଶଶିଭୂଷଣଙ୍କ ନାଁରେ ବୋହୂଙ୍କ ଅଭିଯୋଗ

■ ୪୦ଲକ୍ଷ ଦାବି କରି ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ

■ ସ୍ୱାମୀ, ଶ୍ୱଶୁରଙ୍କ ସମେତ ୫ଜଣଙ୍କ ନାଁରେ ମାମଲା ରୁଜୁ

■ ଅଭିଯୋଗ ଭିତ୍ତିହୀନ: ବିଧାୟକ

**ଭୁବନେଶ୍ୱର(ବ୍ୟୁରୋ)/ ବାଙ୍କୀ(ସ୍ୱ.ପ୍ର.),୧୬।୫**

ବଲାଙ୍ଗୀର ରାଜ ପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଆଦ୍ରିଜା ମଞ୍ଜରୀ ସିଂଦେଓ ନିର୍ଯାତନା ଅଭିଯୋଗ ଆଣିବା ଜଣାପଡ଼ିବା ପରେ ଆଉ ଏକ ବଡ଼ ଘରର ପାରିବାରିକ ବିବାଦ ଏବେ ଲୋକଲୋଚନକୁ ଆସିଛି। କେନ୍ଦ୍ରାପଡ଼ାର ବିଜେଡି ବିଧାୟକ ଶଶିଭୂଷଣ ବେହେରାଙ୍କ ବୋହୂ ରୋନାଲି ବେହେରା ସ୍ୱାମୀ, ଶ୍ୱଶୁର, ଶାଶୁ, ମାଉସୀ ଶାଶୁ ଏବଂ ନଣନ୍ଦଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଗତ ମାର୍ଚ୍ଚ ୩ରେ ରୋନାଲି ନିର୍ଯାତନା ସମ୍ପର୍କରେ କଟକ ଜିଲା ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀ ସତ୍ୟପ୍ରକାଶ ବେହେରା, ଶ୍ୱଶୁର ଶଶିଭୂଷଣ ବେହେରା, ଶାଶୁ ସୁପ୍ରଭା ମହାନ୍ତି, ମାଉସୀ ଶାଶୁ ପ୍ରତିଭା ଏବଂ ନଣନ୍ଦ ସୁଶ୍ରୀ ଭାରତୀଙ୍କ ନାମରେ ଆଇପିସି ଦଫା ୪୯୮(କ), ୨୯୪, ୫୦୬/୩୪ ଏବଂ ଯୌତୁକ ନିରୋଧୀ ଆଇନର ଦଫା ୪ରେ ଏକ ମାମଲା (ନଂ.୮୫/୨୦୨୩) ରୁଜୁ କରି ତଦନ୍ତ କରୁଛି। ତେବେ ଏହି ମାମଲା ରୁଜୁ ହେବାର ପ୍ରାୟ ଅଢ଼େଇ ମାସ ପରେ ରୋନାଲି ମଙ୍ଗଳବାର ଗଣମାଧ୍ୟମ ଆଗରେ ମୁହଁ ଖୋଲି ନିର୍ଯାତନାର କାହାଣୀ କହିବା ପରେ ଘଟଣା ସାମ୍ନାକୁ ଆସିଛି। ୪୦ ଲକ୍ଷ ଟଙ୍କା ପାଇଁ ଶାଶୁଘର ଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ରୋନାଲି କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଙ୍କୀ ବେଦପୁର ଗ୍ରାମର ଅବସରପ୍ରାପ୍ତ ବିଚାରପତି ଗୋଖା ବେହେରାଙ୍କ ଝିଅ ରୋନାଲି ୨୦୨୧ ମାର୍ଚ୍ଚ ୩ରେ ଶଶିଭୂଷଣଙ୍କ ପୁଅଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ଅନୁଯାୟୀ ପରିବାର ଲୋକେ ଯୌତୁକ ଦେଇଥିଲେ। ବିବାହର ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ରୋନାଲି ଶାଶୁଘରେ ଭଲରେ ଚଳିଥିଲେ। ଏହାପରେ ଶାଶୁଘର ସଦସ୍ୟମାନେ ବିଭିନ୍ନ ଆଳରେ ଯୌତୁକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ରୋନାଲିଙ୍କ ନାଁରେ ଶାଶୁଘର ଲୋକେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେଥିରେ ରାଜୀବ ଗାନ୍ଧୀ ଫେଲୋଶିପ ଟଙ୍କା ଜମା କରିବାକୁ କହିଥିଲେ। ସେ ଉକ୍ତ ଟଙ୍କା ଖର୍ଚ୍ଚ ହୋଇଯାଇଥିବା କହିବାରୁ ନିର୍ଯାତନା ଦିଆଯାଇଥିଲା। ସେହିପରି ବାହାଘର ସମୟର ଭିଡିଓ ପାଇଁ ଖର୍ଚ୍ଚ ହୋଇଥିବା ୨ଲକ୍ଷ ଟଙ୍କା ଦାବି କରିବାରୁ ରୋନାଲିଙ୍କ ଘର ଲୋକ ୬୦ ହଜାର ଟଙ୍କା ଦେଇଥିଲେ। ଏପରିକି ବାକି ଟଙ୍କା ପାଇଁ ମଧ ଗାଳି ଦେଇଥିଲେ। ଏନେଇ ଶ୍ୱଶୁରଙ୍କୁ ଜଣାଇବାରୁ ସେମାନଙ୍କ କଥା ମାନି ଚଳିବାକୁ କହିଥିଲେ। ଏହାପରେ ସ୍ୱାମୀଙ୍କୁ କହିବାରୁ ସେ ମାଡ଼ ମାରି ୪୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାରି ଭିତରେ ଆଉ ଜଣେ ଯୁବତୀଙ୍କ ସହ ସ୍ୱାମୀଙ୍କ ସମ୍ପର୍କ ଥିବା ଜାଣି ପ୍ରତିବାଦ କରିଥିଲେ ରୋନାଲି। ହେଲେ ସ୍ୱାମୀ ଅଧିକ ନିର୍ଯାତନା ଦେଇଥିଲେ। ୨୦୨୧ ଜୁଲାଇ ୩୦ରେ ରୋନାଲି ବାପଘରକୁ ଜଣାଇଥିଲେ। ଏହାପର ଦିନ ବାପା ରୋନାଲିଙ୍କୁ ନେଇ ଆସିଥିଲେ। ହେଲେ ଏହାପରେ ଶାଶୁଘର ଲୋକେ ତାଙ୍କୁ ଘରକୁ ନେଇ ନ ଥିଲେ ବୋଲି ରୋନାଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବାଙ୍କୀ ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ଏହି ମାମଲାରେ ପୋଲିସ ଯେଉଁଭଳି ପଦକ୍ଷେପ ନେବା କଥା ତାହା କରିଛି। ପୋଲିସ ଘଟଣାସ୍ଥଳକୁ ଯିବା ସହ ସାକ୍ଷୀମାନଙ୍କୁ ପଚରାଉଚରା କରିଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ଏଥିରେ କିଏ ଦୋଷୀ ଓ ନିର୍ଦ୍ଦୋଷ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମିଶ୍ର କହିଛନ୍ତି। ଏନେଇ ରୋନାଲିଙ୍କ ବାପା ଗୋଖା ବେହେରାଙ୍କ କହିବା ହେଲା ଝିଅକୁ ନିର୍ଯାତନା ଦିଆଯାଇଛି। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଏପରି କି ଏହି ମାମଲା ଏବେ କୋର୍ଟରେ ଜିଆର୍ କେସ୍ ୧୧୫/୨୦୨୩ରେ ପଞ୍ଜୀକୃତ ହୋଇଛି। ନ୍ୟାୟ ବ୍ୟବସ୍ଥା ଉପରେ ମୋର ସମ୍ପୂର୍ଣ୍ଣ ଭରସା ଅଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଅଭିଯୋଗକୁ ଭିତ୍ତିହୀନ ବୋଲି ବିଧାୟକ ଶଶିଭୂଷଣ କହିଛନ୍ତି। ବୋହୂ ବାହାଘରର ୧୧ଦିନ ପରଠାରୁ ଯାଇ ବାପଘରେ ରହୁଛନ୍ତି। ପୁଅବୋହୂଙ୍କ ମଧ୍ୟରେ ମନୋମାଳିନ୍ୟ ଥାଇପାରେ। ଯୌତୁକ ନିର୍ଯାତନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କାରଣ ବାହାଘର ସମୟରେ ଆମେ ନିମନ୍ତ୍ରଣ ପତ୍ରରେ କୌଣସି ଗିଫ୍ଟ ନ ଆଣିବାକୁ ମଧ ଉଲ୍ଲେଖ କରିଥିଲୁ। ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଏଭଳି ଖବର ପ୍ରଚାର କରାଯାଉଛି ବୋଲି ଶଶିଭୂଷଣ କହିଛନ୍ତି।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ନିଯୁକ୍ତି ବ୍ୟବସ୍ଥାରେ ଆଣିଥିବା ପରିବର୍ତ୍ତନ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ ଶେଷ କରିଦେଇଛି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୁଣ୍ଟ ଧଇଲି କି ବାଡ଼ ଧରିଲି**
**କପାଳେ ଥେଲାକୁ ପୁଅ ପାଇଲି।**

ପୁଅ ଝିଅ ଉଭୟେ ସମାନ ହୋଇଥିବା ସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଟ ତଳେ ପାଣି ଝୋବା;**
**ପୁଅ ଝିଅ ନାହିଁ, କି ବୋଲି ଡାକିବି**
**ଭାତ ଭୁଞ୍ଜ ଫୁଲଗଭା।**

ଆଗକାଳରେ ପତିପତ୍ନୀ ପରସ୍ପରର ନାମ ତୁଣ୍ଡରେ ଧରୁ ନ ଥିଲେ। ପିଲାଝିଲା ହେଲେ ତାଙ୍କରି ନାଁର ସାହାରା ନେଇ ଅମୁକ ପୁଅର ବାପା କି ସମୁକ ଝିଅର ମାଆ ବୋଲି ସମ୍ବୋଧନ କରୁଥିଲେ। ସୁହାଗିନୀ ପ୍ରତି ଦରଦ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଡଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିନା କମିଟି ରିପୋର୍ଟରେ ପ୍ରସ୍ତୁତ ହୋଇଥିଲା ଆଜାଦୀ କା ଅମୃତ ମହୋତ୍ସବ ପୋଷ୍ଟର

■ **ନେହେରୁଙ୍କୁ ସ୍ୱାଧୀନତା ସଂଗ୍ରାମୀ ତାଲିକାରୁ ବାଦ୍ ଦେବା ପ୍ରସ୍ତାବ ଆଇସିଏଚଆରର ନ ଥିଲା**

■ **ଜାତୀୟ ସୂଚନା କମିଶନଙ୍କ ଅସନ୍ତୋଷ ପରେ ତଥ୍ୟ ଦେଲା ଆଇସିଏଚଆର**

**ବଲାଙ୍ଗୀର ଅଫିସ, ୧୬।୫**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ସକାଶେ ପ୍ରସ୍ତୁତ କରାଯାଇଥିବା ପୋଷ୍ଟରର ଡିଜାଇନ ପାଇଁ କୌଣସି କମିଟି ଗଠନ କରାଯାଇ ନ ଥିଲା। ଏଭଳିକି କୌଣସି କମିଟିର ରିପୋର୍ଟ ପ୍ରସ୍ତୁତ କରାଯାଇ ନ ଥିଲା ବୋଲି ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅଧୀନ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚଆର୍)ର ଜନସୂଚନା ଅଧିକାରୀ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ସୂଚନା ଅଧିକାର ଆଇନ ଜରିଆରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି। ଏପରିକି ଜବାହରଲାଲ ନେହେରୁଙ୍କ ନାମକୁ ସ୍ୱାଧୀନତା ସଂଗ୍ରାମୀ ତାଲିକାରୁ ହଟାଇ ଦେବା ପାଇଁ କୌଣସି ପ୍ରସ୍ତାବ ନ ଥିବା ତଥ୍ୟ ସେ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ନେହେରୁଙ୍କ ଭୂମିକାକୁ ପ୍ରମୁଖତାର ସହ ପ୍ରଦର୍ଶନୀରେ ଉପସ୍ଥାପନ କରାଯାଇଥିବା ତଥ୍ୟ ମଧ୍ୟ ପ୍ରଦାନ କରାଯାଇଛି।

୨୦୨୧ ମସିହାରୁ ଭାରତ ସରକାରଙ୍କ ଆଜଦୀ କା ଅମୃତ ମହୋତ୍ସବ ପାଇଁ ପୋଷ୍ଟର ପ୍ରସ୍ତୁତକାରୀ ସଂସ୍ଥା ଆଇସିଏଚଆର୍‌କୁ ସୂଚନା ଅଧିକାର ଆଇନ ବଳରେ ଏ ସଂକ୍ରାନ୍ତୀୟ କେତେକ ତଥ୍ୟ ମାଗିଥିଲେ ମଧ୍ୟ ସୂଚନା ଅଧିକାରୀ କର୍ମୀ ପଣ୍ଡାଙ୍କୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଏହାକୁ ନେଇ ପଣ୍ଡା ଜାତୀୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ସୂଚନା କମିଶନ ହୀରାଲାଲ ସିମାରିୟା ପଣ୍ଡାଙ୍କ ଆବେଦନର ବିଚାର କରି ଆଇସିଏଚଆର୍‌ର ତତ୍କାଳୀନ ଜନସୂଚନା ଅଧିକାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ୧୫ ଦିନ ଭିତରେ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ।




ଉଲ୍ଲେଖଯୋଗ୍ୟ ଯେ, ଆଜାଦୀ କା ଅମୃତ ମହୋତ୍ସବକୁ ମହାଆଡ଼ମ୍ବରରେ ୧୨ ମାର୍ଚ୍ଚ ୨୦୨୧ରୁ ୧୫ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ପାଳନ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଆଇସିଏଚଆର୍ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଇଁ ଏକ ପୋଷ୍ଟର ପ୍ରସ୍ତୁତ କରାଯାଇଥିଲା। ଏହି ପୋଷ୍ଟରରେ ୮ ଜଣ ଜାତୀୟ ହୀରୋଙ୍କ ଫଟୋ ରହିଥିବା ବେଳେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋକୁ ସ୍ଥାନିତ କରାଯାଇ ନ ଥିଲା। ଏହି ପୋଷ୍ଟରରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ବି.ଆର.ଆମ୍ବେଡକର, ଭଗତ ସିଂ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ମଦନ ମୋହନ ମାଲବ୍ୟ ଓ ବୀର ସବରକରଙ୍କ ଫଟୋକୁ ସ୍ଥାନ ଦିଆଯାଇଥିଲା। ତେବେ ଉକ୍ତ ପୋଷ୍ଟରରେ ପଣ୍ଡିତ ନେହେରୁଙ୍କ ଫଟୋକୁ ସ୍ଥାନ ଦିଆଯାଇ ନ ଥିବାରୁ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ବିଦ୍ୱେଷମୂଳକ ରାଜନୀତି ବୋଲି ବିରୋଧୀ ଦଳମାନେ ଅଭିଯୋଗ କରିଥିଲେ। ବିନା କମିଟି ଓ ବିନା କୌଣସି ରିପୋର୍ଟରେ ଦେଶର ଏତେ ବଡ଼ କାର୍ଯ୍ୟକ୍ରମ ପାଇଁ କିଭଳି ଭାବେ ଏହି ପୋଷ୍ଟର ପ୍ରସ୍ତୁତ କରାଯାଇଥିଲା ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଶୁଣାଣି ପାଇଁ ନିର୍ଦ୍ଦେଶ



**ବିନା ଡାକ୍ତରୀ ଚିଠାରେ ଗର୍ଭ ନିରୋଧକ ବଟିକା ବିକ୍ରି ମାମଲା**

**କଟକ ଅଫିସ,୧୬।୫**

ବିନା ଡାକ୍ତରୀ ପ୍ରେସ୍କ୍ରିପ୍‌ସନ୍‌ରେ ଗର୍ଭ ନିରୋଧକ ବଟିକା ବିକ୍ରି ଉପରେ କଟକଣା ଲଗାଇବାକୁ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲା ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଆବେଦନକାରୀଙ୍କୁ ଡକାଇ ତାଙ୍କ ଅଭିଯୋଗ ଉପରେ ଶୁଣାଣି କରି ବେଆଇନ ବିକ୍ରି ରୋକିବା ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ଅନିୟନ୍ତ୍ରିତ ଗର୍ଭ ନିରୋଧକ ବଟିକା ସେବନ ଦ୍ୱାରା ମହିଳାଙ୍କଠାରେ କର୍କଟ ରୋଗ ହେବାର ଆଶଙ୍କା ଥିବା ଦାବି କରି ସାମାଜିକ କର୍ମୀ ବିଦୁଜା ଉପାଧ୍ୟାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଗର୍ଭଧାରଣ ଏଡ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ହେଲେ ଏଥିପାଇଁ ବ୍ୟବହାର ହେଉଥିବା ଗର୍ଭ ନିରୋଧକ ବଟିକାରେ ନରେଥିଷ୍ଟେରନ୍ ନାମକ ପଦାର୍ଥ ରହୁଛି, ଯାହା ଅତ୍ୟନ୍ତ କ୍ଷତିକାରକ। ଏହି ପଦାର୍ଥ ଥିବା ଔଷଧ ଖାଇଲେ ମହିଳାଙ୍କ ଶରୀରରେ କ୍ଷରିତ ହେଉଥିବା ହରମୋନ୍‌କୁ ଅସନ୍ତୁଳିତ କରିଥାଏ। ଏଥିସହ ଶରୀର ଦୁର୍ବଳ ହେବା ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥାଏ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଗର୍ଭ ନିରୋଧକ ଔଷଧ ସେବନ କରିବା ଦ୍ୱାରା ନାନା ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରି କି ଏସବୁର ବ୍ୟବହାର ଦ୍ୱାରା ମାରାତ୍ମକ କ୍ୟାନ୍‌ସର ଭଳି ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଏସବୁ ଔଷଧ ବ୍ୟବହାର ଉପରେ କଟକଣା ଲଗାଇବାକୁ ନିୟମ କାହିଁକି କରାଯାଇନାହିଁ, ସେଥିପାଇଁ କାରଣ ଦର୍ଶାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଥିଲା। ରାଜ୍ୟସ୍ତରରେ ଅଧିକାରୀମାନେ ଏପରି ଔଷଧ ବିକ୍ରି କଟକଣା ପାଳନ କରାଯିବା ଓ ଚଢ଼ାଉ ନେଇ ନିୟମାବଳୀ ପ୍ରସ୍ତୁତ କରିବାକୁ ପିଟିଶନ୍‌ରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରାଜ ସୁହାଇଲ୍ ମାମଲା ପରିଚାଳନା କରୁଥିଲେ।

# ୩ ଲୁଟେରାଙ୍କ ଫଟୋ ଜାରି କଲା ପୋଲିସ

**ଯାଜପୁର ଅଫିସ,୧୬।୫**

ଯାଜପୁର ଜିଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ଦଳା ଛକ ନିକଟରେ ଥିବା ସେନ୍‌କୋ ଜୁଏଲେରି ଶୋ'ରୁମରୁ ସୋମବାର ହୋଇଥିବା ଡକାୟତି ଘଟଣାରେ ପୋଲିସକୁ ଏକ ବଡ଼ ସୁରାକ ମିଳିଛି। ଶୋ'ରୁମର ଗୁପ୍ତ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ୩ ଲୁଟେରାଙ୍କ ଫଟୋ ପୋଲିସ ପକ୍ଷରୁ ଜାରି କରାଯାଇଛି। ଯଦି କୌଣସି ବ୍ୟକ୍ତି ସେମାନଙ୍କୁ ଧରାଇ ଦେବାରେ ସହଯୋଗ କରନ୍ତି, ତାଙ୍କ ନାମ ଗୋପନ ରଖାଯିବା ସହ ପୁରସ୍କାର ଦିଆଯିବ ବୋଲି ଯାଜପୁର ରୋଡ ଥାନା ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ତେଣୁ ୯୪୩୮୨୦୨୪୧୫ ଏବଂ ୭୭୫୦୮୨୭୦୦୮ ନମ୍ବରରେ ଯୋଗାଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ, ଲୁଟେରାମାନଙ୍କୁ ଧରିବାକୁ ଜିଲାର କେତେଜଣ ବଛାବଛା ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏସ୍‌ପି ବିନିତ ଅଗ୍ରୱାଲ ଉକ୍ତ ତଦନ୍ତ ଉପରେ ନଜର ରଖିଛନ୍ତି। ଲୁଟେରାମାନଙ୍କ ମଧ୍ୟରୁ ଜଣଙ୍କ ମୋବାଇଲ ମଧ୍ୟ ମିଳିଥିବା ସୂଚନା ମିଳିଛି। ଲୁଟେରାମାନଙ୍କ ବିଷୟରେ ପୋଲିସକୁ କିଛି ସନ୍ଧାନ ମିଳିଥିବା ସୂଚନା ମିଳିଛି। ଖୁବଶୀଘ୍ର ପୋଲିସ ଚଢାଉ କରିବାକୁ ଯୋଜନା ପ୍ରସ୍ତୁତ କରୁଛି।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ୧ଟା ୨୫ରେ ଲୁଟେରାମାନେ ଉକ୍ତ ଜୁଏଲେରିରେ ପଶି ଲୁଟ୍ କରିଥିଲେ। ସେମାନେ ମାତ୍ର ୪୫ ମିନିଟ୍‌ରେ ପ୍ରାୟ ୧୫ କୋଟି ଟଙ୍କାର ସୁନା ,ହୀରା ଅଳଙ୍କାର ଲୁଟି ନେଇଥିଲେ। ତଳେ ହିରୋ ଶୋ'ରୁମ ଥିଲେ ମଧ୍ୟ ଉପର ମହଲାରେ ଏପରି ଘଟଣା ଘଟିଥିଲା । ହେଲେ କେହି ବାହାର ଲୋକ ଏ ସମ୍ପର୍କରେ ଆଦୌ ସୁରାକ ପାଇ ପାରି ନ ଥିଲେ। ଗତ ୧୫ ବର୍ଷରେ ବ୍ୟାସନଗର ସହରରେ ଏହି ଲୁଟ୍ ଘଟଣାକୁ ମିଶାଇ ୩ ଥର ସୁନା ଅଳଙ୍କାର ଦୋକାନରେ ଡକାୟତି ହୋଇଛି। ଷ୍ଟେଟବ୍ୟାଙ୍କ ସମ୍ମୁଖ କ୍ରିଷ୍ଣା ଜୁଏଲେରିରୁ ୨୦୦୭ ଏବଂ ୨୦୧୧ରେ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ସେତେବେଳେ କିଛି ସୁନା ଅଳଙ୍କାର ଜବତ ହେବା ସହ ୩ ଜଣ ଗିରଫ ହୋଇଥିଲେ। ଏହାପରେ ପୋଲିସ ପକ୍ଷରୁ ଇନ୍ଦିରାଗାନ୍ଧୀ ମହିଳା କଲେଜ ନିକଟରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହି ଫାଣ୍ଡି ଏବେ ପ୍ରାୟ ନିଷ୍କ୍ରିୟ ହୋଇ ପଡିଛି। ଅଧିକାଂଶ ସମୟରେ ଫାଣ୍ଡିରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସୋମବାର ସେନ୍‌କୋ ଜୁଏଲେରିରୁ ଅଳଙ୍କାର ଧରି ଲୁଟେରାମାନେ ଉକ୍ତ ଫାଣ୍ଡି ରାସ୍ତା ଦେଇ ଦ୍ରୁତଗତିରେ ପଳାଇ ଯାଇଥିବା ଶୁଣିବାକୁ ମିଳୁଛି। ତେଣୁ ମହିଳା କଲେଜ ନିକଟସ୍ଥ ଫାଣ୍ଡିକୁ କାର୍ଯ୍ୟକ୍ଷମ କରିବା ଏବଂ ମୁଣ୍ଡୋମାଳ ନିକଟରେ ଅନ୍ୟ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହେଉଛି।



**ଜୁଏଲେରି ଶୋ'ରୁମ୍‌ରୁ ଡକାୟତି ଘଟଣା**

■ **ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ**

■ **ସୂଚନାଦାତାଙ୍କୁ ପୁରସ୍କାର ଦେବାକୁ ଘୋଷଣା**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବୃଦ୍ଧି ହୋଇପାରେ। ସବୁକଥାକୁ ଭଲରୂପେ ବିଚାର ପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। ପରିସ୍ଥିତିବଶତଃ ଆଜି ବନ୍ଧୁଗୃହକୁ ଯାତ୍ରା କରିବାକୁ ବାଧ ହେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** ସମ୍ପର୍କୀୟଙ୍କ ସହ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଧପଡ଼ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ** ମନର କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କୁ କହିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାର ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ସମୟର ପ୍ରତିକୂଳତା ଅନୁଭବ କରି ଅନାଗତ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ନିର୍ମାଣ କାର୍ଯ୍ୟ, ମାଲିମକଦ୍ଦମା, ବ୍ୟବସାୟରେ ସ୍ଥିତି ଅନୁକୂଳ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନରେ କିଛି ସମସ୍ୟା ଦେଖାଦେବ କିନ୍ତୁ ସେଥିରୁ ସହଜରେ ମୁକୁଳି ଯିବେ।

**ସିଂହ** ବିବାଦୀୟ ପରିସ୍ଥିତିର ଦୃଢ଼ମୁକାବିଲା କରି ସଫଳତା ପାଇବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବୁଝାମଣାର ଭିନ୍ନତା ହେତୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା** ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି।

**ତୁଳା** ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। କେତେକ ଅସ୍ୱାଭାବିକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହୋଇପାରନ୍ତି।

**ଧନୁ** ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଭିତରେ ଚଳିବାକୁ ପଡ଼ିପାରେ। କ୍ରୀଡା, ସାହିତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ କାମରେ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡ଼ିପାରେ। ପରିବାରର ଆବଶ୍ୟକତା ଅନୁସାରେ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବନ୍ଧୁଙ୍କ ସାହାଯ୍ୟ ଓ ପରାମର୍ଶରେ ଟେନ୍‌ସନ କମିଯିବା ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଆନୁଷ୍ଠାନିକ କାର୍ଯ୍ୟରେ ସ୍ୱତନ୍ତ୍ରଭାବରେ ନିମନ୍ତ୍ରିତ ହେବା ସହ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ନ ହୋଇ ଯଥା ସମୟରେ ସବୁ ଠିକ୍ ହୋଇଯିବ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଓ ଅଭିଳାଷ ପୂରଣ ହେବ।

**ମୀନ** ଆଜି ଦିନଟିରେ ଯେତେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ। ଚେଷ୍ଟା କରୁଥିବା କାମରେ ସନ୍ଧ୍ୟାରେ ସଫଳତା ଲାଭ କରି ଆନନ୍ଦ ଅନୁଭବ କରିବେ। ପାରିବାରିକ ଅସୁବିଧାକୁ ସୁଧାରିନେବା ସକାଶେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ବୁଧବାର, ମଇ ୧୭ ତାରିଖ, ବିଶ୍ୱ ଦୂରସଂଚାର ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ. ୦୭.୪୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨.୪୩ମି. ଗତେ ଘ.୦୧.୨୦ ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## କାଳବୈଶାଖୀ: ଗଛ ...

ପନିପରିବା ଫସଲର ବି ବ୍ୟାପକ କ୍ଷତି ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ହଠାତ୍ ଝଡ଼ତୋଫାନ ଆରମ୍ଭ ହୋଇଯାଇଥିଲା । ଏଥିସହିତ ମୁଷଳଧାରାକରେ ବର୍ଷା ହୋଇଥିଲା । ଏହି ସମୟରେ ଗଣିଆସ୍ଥିତ କିଶୋରଚନ୍ଦ୍ର ବିଦ୍ୟାପୀଠ ସମ୍ମୁଖ ରାସ୍ତାରେ ବାଇକ୍ ଚଳାଇ ଯାଉଥିବା ଜଣେ ବ୍ୟକ୍ତିଙ୍କ ଉପରେ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛର ଡାଳ ହଠାତ୍ ଭାଙ୍ଗି ପଡିବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ କଣ୍ଟିଲୋ ନିକଟସ୍ଥ ମାଧବେରେଣୀ ଗ୍ରାମର ନାଭ ଖଟୁଆ (୫୫) । ସେ ପ୍ରତିଦିନ ପରି ମଙ୍ଗଳବାର ସକାଳୁ ଆଇସ୍‌କ୍ରିମ ଧରି ଗଣିଆ ଅଞ୍ଚଳକୁ ବିକ୍ରି ପାଇଁ ଆସିଥିଲେ। ଝଡ଼ତୋଫାନ ବେଳେ ନାଭ ନିଜ ଗାଡ଼ି ଚଳାଇ ଛାମୁଣ୍ଡିଆରୁ ଗଣିଆ ଯାଉଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା। କାଳବୈଶାଖୀ ପ୍ରଭାବରେ ଗଣିଆ - ଛାମୁଣ୍ଡିଆ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଏହାର ପ୍ରଭାବରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଲିସାହି-କୋସକା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଅଁଳାପଟା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ଅଟୋରିକ୍ସା ଉପରେ ଗଛ ଡ଼ାଳ ଭାଙ୍ଗି ପଡିବାରୁ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଅଟୋରିକ୍ସାରେ ଥିବା ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ରଶ୍ମିତା ନାଏକ(୨୫) । ତାଙ୍କ ଘର ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ଗ୍ରାମରେ । ଗୁରୁତର ଆହତ ହୋଇଥିବା ମୃତ ରଶ୍ମିତାଙ୍କ ମା'ଭମା ନାଏକ ଓ ଅନ୍ୟ ୨ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏକ ଅଟୋରିକ୍ସାରେ ସମ୍ପୃକ୍ତ ବ୍ୟକ୍ତିମାନେ କୋସକାରୁ କିଆଝର ଯାଉଥିବା ବେଳେ ଏହି ଅଘଟଣ ଘଟିଛି । ଖଣ୍ଡପଡ଼ା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ ମହିଳାଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି । ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅସ୍ତିତ୍ୱ ହରାଉଛି ...

ବତୀଘର ନିର୍ମାଣ କରାଯାଇଥିଲା। ନୌବାଣିଜ୍ୟ ଓ ଜଳସେଚନ ପାଇଁ ଖୋଳାଯାଇଥିବା ଉକ୍ତ କେନାଲ ବର୍ତ୍ତମାନ ଚାଷ କାର୍ଯ୍ୟ ଲାଗି କ୍ଷେତକୁ ପାଣି ଯୋଗାଇ ପାରୁନାହିଁ। କେନ୍ଦ୍ରାପଡ଼ା ବ୍ଲକ ଆୟବା ବାସିନ୍ଦା ବୀରେନ୍ଦ୍ର କୁମାର ଦାସ କହିଛନ୍ତି, କେନାଲ କଡ଼ରେ ଜବରଦଖଲ ବଢ଼ିଚାଲିଛି। ଏହା ଉପରେ କେତେଜଣ ବ୍ୟକ୍ତି ଘର ନିର୍ମାଣ କରି ଜଳପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ସହରର ଅଳିଆ ଆବର୍ଜନା, ପାଇଖାନା ପାଇପ୍ ଓ ପ୍ଲାଷ୍ଟିକ କେନାଲରେ ଛଡ଼ାଯାଉଥିବାବେଳେ ବିଲାତି ଦଳ ବଡ଼ ସମସ୍ୟା ହୋଇଛି। କେନାଲର ଦାନପୁର, କାକଟ ଲକ୍‌ଠାରୁ ଗର୍ଣ୍ଡାକିଆ ଲକ୍ ଆଦି ପ୍ରାୟ ୫୦ କିଲୋମିଟର ଦୈର୍ଘ୍ୟ ଅଞ୍ଚଳରେ ବିଲାତି ଦଳ ଭର୍ତ୍ତି ହୋଇଛି। ପୂର୍ବରୁ କେନ୍ଦ୍ରାପଡ଼ା ସହର ସହ ବ୍ଲକ ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଗ୍ରାମର ବାସିନ୍ଦା ନିତ୍ୟକର୍ମରେ ଏହି ଜଳକୁ ବ୍ୟବହାର କରୁଥିଲେ। ଏବେ କେନାଲ ପାଣି ଯୋଗୁ ଚର୍ମରୋଗ ବ୍ୟାପୁଛି। ପ୍ରତିବର୍ଷ ସଫେଇ ନାମରେ ଜଳ ସମ୍ପଦ ବିଭାଗ ଅର୍ଥ ହରିଲୁଟ୍ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ସହରର ମନୋଜ କୁମାର ସିଂହ କହିଛନ୍ତି, କେନାଲ ଖୋଳା ସମୟରେ ଚଉଡ଼ା ପ୍ରାୟ ୧୪୦ ମିଟର ଥିଲା। ଏବେ ସହରର କାକଟ ଲକ୍‌ଠାରୁ ୩ କିଲୋମିଟର ପର୍ଯ୍ୟନ୍ତ ମାତ୍ର ୭ ମିଟର ଚଉଡ଼ା ରହିଛି। ଉଭୟ ପଟରେ ସିମେଣ୍ଟ ପ୍ରାଚୀର ନିର୍ମାଣ ହେଉଥିବାରୁ ଜଳ ପ୍ରବାହ କମିବ। ଫଳରେ କ୍ଷେତର ତଳମୁଣ୍ଡକୁ ପାଣି ନ ଯିବା ଆଶଙ୍କା ଉପୁଜିଛି। କେନାଲରେ ଅଳିଆ ଆବର୍ଜନା ଓ ଦଳ ଭର୍ତ୍ତି ହେଉଥିବାରୁ ଦିନେ ଲୋକଙ୍କୁ ଆହାର ଯୋଗାଇବାର ମାଧ୍ୟମ ପାଲଟିଥିବା ପୁରାତନ କେନାଲ ଅସ୍ତିତ୍ୱ ହରାଇବାକୁ ବସିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସଡ଼କ ଯୋଗାଯୋଗ ପଥ ଉନ୍ନତ ହେବା ପରେ ନୌବାଣିଜ୍ୟ ପାଇଁ କେନାଲ ଉପଯୋଗୀ ହୋଇ ରହିନାହିଁ। ଜଳସେଚନ ପାଇଁ ଏହାର ଉନ୍ନତୀକରଣ ଚାଲିଛି। କେନାଲ ପଥକୁ ସୁଗମ କରାଯାଇ ଚାଷୀଙ୍କୁ ଜଳ ଯୋଗାଣ ହେଉଛି। କେତେକ ସ୍ଥାନରେ ମାଛ ଚାଷ ପାଇଁ ଆଡ଼ିବନ୍ଧ କରାଯାଇଥିବାରୁ ଆନ୍ଦୋଳନ ହୋଇଥିଲା। ସେହି ଆଡ଼ିବନ୍ଧକୁ ହଟାଯାଇଛି ବୋଲି ସେ କହିଛନ୍ତି।

## ୧୮ରେ ମାଟ୍ରିକ ...

ଦେଇଥିଲେ। ପରୀକ୍ଷାଫଳକୁ ତ୍ରୁଟିଶୂନ୍ୟ କରିବା ଲାଗି ପ୍ରୟାସ କରାଯାଇଛି।

ସୂଚନାଯୋଗ୍ୟ, ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ୩,୨୧୮ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୭ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ହୋଇଥିଲା।

## ବିଳମ୍ବିତ ହେବ ...

ଏଲ୍ ନିନୋ ସ୍ଥିତି ସତ୍ତ୍ୱେ ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତ ମାସରେ ପୂର୍ବାନୁମାନ କରିଥିଲା। ଦେଶରେ ବାର୍ଷିକ ବୃଷ୍ଟିପାତର ୭୫ ପ୍ରତିଶତ ମୌସୁମୀ ପ୍ରଭାବରେ ହୋଇଥାଏ। ଭାରତର ୫୨ ପ୍ରତିଶତ କୃଷି ଅଞ୍ଚଳ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ, ଯାହା ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନର ୪୦ ପ୍ରତିଶତ ଯୋଗାଇଥାଏ। ତେଣୁ ଭାରତର ଖାଦ୍ୟ ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତା ପାଇଁ ମୌସୁମୀର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ମଧ୍ୟ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଏଲ୍ ନିନୋ ସୃଷ୍ଟି ହେବାର ୯୦ ପ୍ରତିଶତ ସମ୍ଭାବନା ଥିବାରୁ ଏହା ବର୍ଷାକୁ ପ୍ରଭାବିତ କରିବ। ତେଣୁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅଧିକାଂଶ ଏଲ୍ ନିନୋ ବର୍ଷରେ କମ୍ ବର୍ଷା ହେବା ଯୋଗୁ କେତେକ ଅଞ୍ଚଳରେ ମରୁଡ଼ି ସ୍ଥିତି ସୃଷ୍ଟିହୋଇ ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଖାଦ୍ୟଶସ୍ୟ ରପ୍ତାନି ହ୍ରାସ କରିବାକୁ ସରକାର ବାଧ ହୋଇଛନ୍ତି। ସାଧାରଣତଃ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଲେ ଏଲ୍ ନିନୋ ସୃଷ୍ଟି ହୋଇଥାଏ। ଏହି ଉଷ୍ଣତା ବାୟୁମଣ୍ଡଳ ଢାଞ୍ଚାରେ ପରିବର୍ତ୍ତନ ଆଣୁଥିବାରୁ ଭାରତୀୟ ଉପମହାଦେଶରେ ମୌସୁମୀ ପ୍ରବାହକୁ ଦୁର୍ବଳ କରିଦିଏ। ଫଳରେ ଏଲ୍ ନିନୋ ବର୍ଷରେ ଭାରତୀୟ ମୌସୁମୀ ଦୁର୍ବଳ ହୋଇ କମ୍ ବୃଷ୍ଟିପାତ କରାଇଥାଏ।

## ଅଜଣା ସୂତ୍ରରୁ ଆଞ୍ଚଳିକ ...

ଏପରି ସ୍ୱେଚ୍ଛାକୃତ ଦାନ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଇ ନ ଥାଏ। ଏଡିଆର୍ ଆହୁରି କହିଛି ଯେ ରାଜନୈତିକ ଦଳଗୁଡ଼ିକ ଅଜଣା ଉତ୍ସରୁ ୮୮୭.୫୫ କୋଟି ଟଙ୍କା ପାଇଛନ୍ତି, ଯାହାକି ସେମାନଙ୍କ ମୋଟ ଆୟର ୭୬.୧୫%। ୮୮୭.୫୫ କୋଟିରୁ ୯୩.୨୭% ଅର୍ଥାତ୍ ୮୨୭.୭୬ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ୨୭ଟି ଆଞ୍ଚଳିକ ଦଳ କୁପନ୍ ବିକ୍ରିରୁ ୪.୩୨% (୩୮.୩୫ କୋଟି), ସ୍ୱେଚ୍ଛାକୃତ ଦାନ(୨୦,୦୦୦ରୁ କମ୍) ୨.୪୦% (୨୧.୨୯ କୋଟି ଟଙ୍କା) ପାଇଛନ୍ତି। ପ୍ରାରମ୍ଭରେ ୫୪ଟି ଆଞ୍ଚଳିକ (ସ୍ୱୀକୃତିପ୍ରାପ୍ତ) ଦଳକୁ ବିଶ୍ଳେଷଣରେ ସାମିଲ କରାଯାଇଥିଲା। ତେବେ ସେଗୁଡ଼ିକ ମଧ୍ୟରୁ ୨୮ଟି ଦଳ ନିଜ ବାର୍ଷିକ ସମୀକ୍ଷା ରିପୋର୍ଟ ଦାଖଲ କରିଛନ୍ତି। ଅବଶିଷ୍ଟ ଦଳଗୁଡ଼ିକ ୨ଟି ରିପୋର୍ଟ ମଧ୍ୟରୁ ଗୋଟିଏ ଲେଖାଏ ଦାଖଲ କରିଛନ୍ତି। ୨୦୨୧-୨୨ରେ ୨୭ ଆଞ୍ଚଳିକ ଦଳର ମୋଟ ଆୟ ୧,୧୬୫.୫୮ କୋଟି ଟଙ୍କା ଥିଲା। ସେଥିରୁ ୧୨.୪୮% ଅର୍ଥାତ୍ ୧୪୫.୪୨ କୋଟି ଟଙ୍କା ଅଜ୍ଞାତ ସୂତ୍ରରୁ ମିଳିଥିଲା। ସଦସ୍ୟତା ସଂଗ୍ରହ, ବ୍ୟାଙ୍କ ସୁଧ ଓ ମୁଦ୍ରିତ ସାମଗ୍ରୀ ବିକ୍ରି ଭଳି ଅନ୍ୟାନ୍ୟ ଉତ୍ସରୁ ଦଳଗୁଡ଼ିକ ୧୩୨.୬୧ କୋଟି ଟଙ୍କା (୧୧.୩୮%) ପାଇଛନ୍ତି।

## କୃତ୍ରିମ ଶର୍କରା ବ୍ୟବହାର ...

ଡବ୍ଲ୍ୟୁଏଚ୍‌ଓର ପୋଷଣ ଓ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ଫ୍ରାନ୍ସେସ୍କୋ ବ୍ରାନ୍କା କହିଛନ୍ତି। ଶର୍କରାରୁ ମୁକ୍ତି ପାଇଁ ଅଣଶର୍କରା ମିଠା (ଏନ୍‌ଏସ୍‌ଏସ୍) ବ୍ୟବହାର ଦୀର୍ଘମିଆଦୀ ଓଜନ ହ୍ରାସରେ ସହାୟକ ହୋଇ ନ ଥାଏ। ତେଣୁ ଲୋକମାନେ ପ୍ରକୃତିଦତ୍ତ ମିଠା ଥିବା ଖାଦ୍ୟ ଯଥା ଫଳ ବ୍ୟବହାର କରିପାରିବେ। ମିଠା ନ ଥିବା ଖାଦ୍ୟ ଓ ପାନୀୟ ବ୍ୟବହାର କରିବାକୁ ବ୍ରାନ୍କା ପରାମର୍ଶ ଦେଇଛନ୍ତି। ସାଧାରଣ ଏନ୍‌ଏସ୍‌ଏସ୍ ମଧ୍ୟରେ ରହିଛି ଆସ୍ପାରଟେମ୍, ଆଡଭାଣ୍ଟେମ୍, ସୁକ୍ରାଲସ୍, ସାକାରିନ୍, ନେଓଟେମ୍, ଆସେସୁଲ୍‌ଫେମ୍ କେ, ସିକ୍ଲାମେଟ୍ସ ଏବଂ ଷ୍ଟିଭିଆ । ଏଗୁଡ଼ିକ ଜରୁରୀ ଖାଦ୍ୟ ସାମଗ୍ରୀ ନୁହେଁ ଏବଂ ଏହାର କୌଣସି ପୋଷକ ମୂଲ୍ୟ ନାହିଁ। ତେଣୁ ସ୍ୱାସ୍ଥ୍ୟରେ ଉନ୍ନତି ଚାହୁଁଥିଲେ ଆରମ୍ଭରୁ ଖାଦ୍ୟରେ ମିଠା କମାଇଦେବା ଆବଶ୍ୟକ ବୋଲି ବ୍ରାନ୍କା କହିଛନ୍ତି।

# ସାହାଯ୍ୟକାରୀଙ୍କୁ ସାହାଯ୍ୟ

## ୧୦ମ ବର୍ଷରେ ଆର୍ଟ ଅଫ୍ ଗିଭିଂ



ଅଚ୍ୟୁତ ସାମନ୍ତ

ସାଂପ୍ରତିକ ସାମାଜିକ ସ୍ଥିତିରେ ବ୍ୟକ୍ତିଗତ ସ୍ୱାର୍ଥ ଓ ଉନ୍ନତି ପଛରେ ଆମେ ଯେତିକି ଗୁରୁତ୍ୱ ଦେଉଛେ ସେହି ଅନୁସାରେ ଉଦାର ମନୋଭାବ, ଦୟା ଓ ପରୋପକାର ଇତ୍ୟାଦି ଶବ୍ଦ 'ନୀତିକଥା'ରେ ରହିଯାଇଛି। ଜୀବନ ଜିଇବା ପାଇଁ ସଂଘର୍ଷ କରୁଥିବା ଲୋକଟି ବିଷୟରେ ଭାବିବାକୁ କାହା ପାଖରେ ସମୟ ନାହିଁ। ଏହି ପରିପ୍ରେକ୍ଷୀରେ 'ଆର୍ଟ ଅଫ୍ ଗିଭିଂ'ର ପ୍ରୟାସ ସମସ୍ତଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ଲହରି ଖେଳାଇ ଦେଇପାରେ। 'ଆର୍ଟ ଅଫ୍ ଗିଭିଂ' ହେଉଛି ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ପୂର୍ଣ୍ଣମାତ୍ରାରେ ସ୍ନେହ, ଶାନ୍ତି, ଖୁସି ଏବଂ ସନ୍ତୋଷ ଦେବା ନିମନ୍ତେ ଏକ ପ୍ରୟାସ।

ଆମେ ଗୁଣାତ୍ମକ ଶିକ୍ଷା ଓ ସଶକ୍ତୀକରଣ ମାଧ୍ୟମରେ ଲକ୍ଷାଧିକ ପରିବାରକୁ ସଶକ୍ତ କରିବା ଦିଗରେ ପ୍ରୟାସ ଜାରି ରଖିଛୁ। ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ଖୁସି ଦେବାର ଅନୁଭବ 'ଆର୍ଟ ଅଫ୍ ଗିଭିଂ' ଭଳି ଏକ ଅଭିନବ ପ୍ରୟାସ ଆରମ୍ଭ କରିବା ପାଇଁ ମୋତେ ପ୍ରେରଣା ଦେଇଥିଲା। ୨୦୧୩ ମେ ୧୭ ତାରିଖରେ ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠା କରାଯାଇ ଏହାକୁ ସମଗ୍ର ବିଶ୍ୱରେ ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ ଆରମ୍ଭ ହେଲା। ଆର୍ଟ ଅଫ୍ ଗିଭିଂର ଏହି ଅଭ୍ୟାସ ମୋର ବାଲ୍ୟକାଳରୁ ମୋ ମଧ୍ୟରେ ଜନ୍ମଲାଭ କରିଥିଲା। ମାତ୍ର ୫ ବର୍ଷ ବୟସରେ ପିତାଙ୍କୁ ହରାଇ ଦାରିଦ୍ର୍ୟ ମଧ୍ୟରେ ଥାଇ ମଧ୍ୟ ବାଲ୍ୟକାଳରେ ଅନ୍ୟକୁ ସାହାଯ୍ୟ କରିବା ଅଭ୍ୟାସ ମୋ ମଧ୍ୟରେ ଆରମ୍ଭ ହୋଇଥିଲା। ବାଲ୍ୟଜୀବନରୁ ଛୋଟ ଛୋଟ କାମ କରି ମୁଁ ପାଉଥିବା ସାମାନ୍ୟ ଅର୍ଥରେ ଗାଁର ଅନ୍ୟ ଗରିବ ଓ ଅସହାୟଙ୍କୁ ଯତ୍‌କିଞ୍ଚିତ ସାହାଯ୍ୟ କରୁଥିଲି।

ଅଭାବର ଅଭିଜ୍ଞତା ମୋତେ ଦାନ କରିବା ବିଷୟ ଶିକ୍ଷା ଦେଇଛି। ଏହି ଅଭିଜ୍ଞତାଗୁଡ଼ିକରୁ ହିଁ 'ଆର୍ଟ ଅଫ୍ ଗିଭିଂ'ର ଜନ୍ମ। ଦୁଃଖୀ ଓ ଦରିଦ୍ରଙ୍କୁ ସାହାଯ୍ୟ କରିବା ସହ ବିଶ୍ୱରେ ଶାନ୍ତି, ଆନନ୍ଦ ଓ ସଂପ୍ରୀତି ବିତରଣ କରିବା ହେଉଛି 'ଆର୍ଟ ଅଫ୍ ଗିଭିଂ'ର ଲକ୍ଷ୍ୟ। କେବଳ ଦୁଃଖୀ ଦରିଦ୍ର ଲୋକଙ୍କୁ ଟଙ୍କା ପଇସା ଦାନ ନୁହେଁ, ଅସୁବିଧାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଭିନ୍ନ ମାଧ୍ୟମରେ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିବା ମଧ୍ୟ ଆର୍ଟ ଅଫ୍ ଗିଭିଂ। ଜଣେ ବ୍ୟକ୍ତିଙ୍କୁ ଧୈର୍ଯ୍ୟର ସହ ଶୁଣିବା ଓ ଅନ୍ୟକୁ ମିଠା କଥା ପଦେ କହିବା ଦ୍ୱାରା ମଧ୍ୟ ଆର୍ଟ ଅଫ୍ ଗିଭିଂ କରାଯାଇପାରେ। ଦାନ କେବଳ ଏକ ମନୋଭାବ ହୋଇଥିବାରୁ ଏଥିପାଇଁ କୌଣସି ତରିକା ଆବଶ୍ୟକ ନାହିଁ।

ପୃଥିବୀରେ ସାହାଯ୍ୟ ଆବଶ୍ୟକ କରୁଥିବା ଲୋକ ଓ ସାହାଯ୍ୟ କରିବା ପାଇଁ ଇଚ୍ଛା ଥିବା ବ୍ୟକ୍ତି ମଧ୍ୟରେ ଯୋଗାଯୋଗ ସ୍ଥାପନ କ୍ଷେତ୍ରରେ ଆର୍ଟ ଅଫ୍ ଗିଭିଂ ଏକ ପ୍ଲାଟଫର୍ମ ଯୋଗାଇ ଦେଇଛି। ଯେତେବେଳେ ଆମେ ଦାନ କରିବା ସମୟରେ ଖୁସି ଅନୁଭବ କରିଥାଉ ବୋଲି ବୈଜ୍ଞାନିକ ଭାବେ ପ୍ରମାଣିତ ହୋଇଛି। ଶାନ୍ତି ଓ ଖୁସିର ବାର୍ତ୍ତାର ପ୍ରଚାର ନିମନ୍ତେ ସମଗ୍ର ବିଶ୍ୱରୁ ଅଧିକରୁ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇ ଚାଲିଛନ୍ତି।

ଚଳିତବର୍ଷ ମେ ୧୭ ତାରିଖରେ ସମଗ୍ର ବିଶ୍ୱରେ ୧୦ମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହେଉଛି। ଗତ ୯ ବର୍ଷ ମଧ୍ୟରେ ବିଭିନ୍ନ ବିଷୟବସ୍ତୁକୁ ନେଇ ଏହାର ସଦସ୍ୟମାନେ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂ ପାଳନ କରିଆସୁଛନ୍ତି। ଚଳିତବର୍ଷର ବିଷୟବସ୍ତୁ ହରିଛି 'ହେଲ୍‌ପିଂ ଦ ହେଲ୍‌ପ' (ସାହାଯ୍ୟକାରୀଙ୍କୁ ସାହାଯ୍ୟ)। ସ୍ନେହ, ଦୟା, ସହାନୁଭୂତି ଓ କୃତଜ୍ଞତା ଜରିଆରେ ପରସ୍ପରକୁ ସାହାଯ୍ୟ କରିବା ହେଉଛି ଏହାର ଲକ୍ଷ୍ୟ। ୨୦୨୨ରେ 'ଆଶା, ଆନନ୍ଦ ଓ ସଂପ୍ରୀତି' ବିଷୟବସ୍ତୁକୁ ନେଇ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂ ପାଳନ ହୋଇଥିବା ବେଳେ ୨୦୨୧ରେ 'ମାଇଁ ମଦର ମାଇଁ ହିରୋ' ବିଷୟବସ୍ତୁକୁ ନେଇ ଆର୍ଟ ଅଫ୍ ଗିଭିଂର ସଦସ୍ୟମାନେ ନିଜ ମାଆଙ୍କୁ କୃତଜ୍ଞତା ଜଣାଇଥିଲେ। ୨୦୨୦ କରୋନା କାଳରେ ଆର୍ଟ ଅଫ୍ ଗିଭିଂ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବା ସହ କରୋନା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରାଯାଇଥିଲା। ୨୦୧୯ରେ 'ବ୍ୟାଗ୍ ଅଫ୍ ହାପିନେସ୍' ବିଷୟବସ୍ତୁ ରଖାଯାଇଥିବା ବେଳେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ହାପିନେସ୍ କିଟ୍ ଉପହାର ପ୍ରଦାନ କରାଯାଇଥିଲା। ୨୦୧୮ରେ ଆର୍ଟ ଅଫ୍ ଗିଭିଂର 'ପ୍ୟାର ଭରା ପ୍ୟାକ୍' କାର୍ଯ୍ୟକ୍ରମ ବିପୁଳ ସଫଳତା ଲାଭ କରିଥିଲା। ଏଥିରେ ସମଗ୍ର ବିଶ୍ୱରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଦାନ କରାଯାଇଥିଲା। ୨୦୧୭ରେ ସୁସ୍ଥ ଜୀବନ ଏବଂ ସବୁଜ ଭବିଷ୍ୟତ ନେଇ ସଚେତନତା ପାଇଁ ସାଇକ୍ଲୋଥୋନ୍ ଓ ତା' ପରବର୍ଷଠାରୁ ଆର୍ଟ ଅଫ୍ ଗିଭିଂର କଳେବର ବୃଦ୍ଧି ପାଇ ଏହା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଥିଲା। ୨୦୧୬ରେ କୃତଜ୍ଞତା ମାଧ୍ୟମରେ ନିଜକୁ ସମଗ୍ର ବିଶ୍ୱ ସହ ଯୋଡ଼ିବା ବିଷୟବସ୍ତୁ ରଖାଯାଇଥିଲା। ୨୦୧୪ରେ ସହାନୁଭୂତି ବିଷୟବସ୍ତୁ ରଖାଯାଇଥିବା ବେଳେ ୨୦୧୫ରେ ଅସହାୟଙ୍କୁ ବସ୍ତ୍ରଦାନ ଜରିଆରେ ଆର୍ଟ ଅଫ୍ ଗିଭିଂ ପାଳନ କରାଯାଇଥିଲା। ଏହାର ଅନୁଗାମୀଙ୍କ ସଂଖ୍ୟା ୨କୋଟି ଓ ସଦସ୍ୟ ସଂଖ୍ୟା ୧୫ଲକ୍ଷରେ ପହଞ୍ଚିଥିବା ବେଳେ ଆର୍ଟ ଅଫ୍ ଗିଭିଂ ପରିବାର ଦ୍ରୁତଗତିରେ ବଢ଼ି ଚାଲିଛି। ବିଶ୍ୱର ୧୨୦ଟି ଦେଶର ୩ଶହଟି ସ୍ଥାନରେ ଏହାର ଆବାହକ ରହିଥିବା ବେଳେ ଭାରତର ସମସ୍ତ ରାଜ୍ୟ ଓ ଓଡ଼ିଶାର ସମସ୍ତ ବ୍ଲକ୍ ଏବଂ ପଞ୍ଚାୟତରେ ଆବାହକ ଅଛନ୍ତି। ସେମାନେ ବର୍ଷ ତମାମ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ପ୍ରଚାର କରି ଆସିବା ସହ ସ୍ୱେଚ୍ଛାସେବୀ କାର୍ଯ୍ୟ କରିଥାନ୍ତି। ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ) ଜରିଆରେ ଆର୍ଟ ଅଫ୍ ଗିଭିଂ କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚି ପାରିଛି।

ପ୍ରତ୍ୟେକ ଦିନ ଆର୍ଟ ଅଫ୍ ଗିଭିଂ ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଆର୍ଟ ଅଫ୍ ଗିଭିଂ ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ, ସ୍ଥାୟୀ ଗ୍ରାମ୍ୟ ବିକାଶ, ମହିଳା ସଶକ୍ତୀକରଣ, ସ୍ଥାୟୀ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର ଏବଂ ଗଣତନ୍ତ୍ରର ପ୍ରୋତ୍ସାହନ ସମେତ ଅନେକ ପ୍ରକାର ମାନବିକ ପ୍ରକଳ୍ପ ଓ ସେବାମୂଳକ କାର୍ଯ୍ୟ କରିଆସୁଛି। ଦକ୍ଷ ଓ ଯୁବସୁଲଭ, ପ୍ରତିଶ୍ରୁତିବଦ୍ଧ ସ୍ୱେଚ୍ଛାସେବୀମାନେ ପ୍ରେମ ଓ ଦୟା ଶକ୍ତିର ଉପଯୋଗ କରି ଏକ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟିରେ ଲାଗି ପଡ଼ିଛନ୍ତି।

'ଆର୍ଟ ଅଫ୍ ଗିଭିଂ' କୌଣସି ଏକ ନୂଆ ଚିନ୍ତାଧାରା ନୁହେଁ। ଶହଶହ ବର୍ଷ ଧରି ଏହା ସମାଜରେ ଅନୁକରଣ ଓ ଅଭ୍ୟାସ କରାଯାଇଆସୁଛି। ପ୍ରତ୍ୟେକ ଧର୍ମ ସବୁବେଳେ ଦାନକୁ ଗୁରୁତ୍ୱ ଦେଇଆସିଛି। ଏହା ହେଉଛି ପ୍ରତ୍ୟେକ ଧର୍ମର ଏକ ପ୍ରମୁଖ ସିଦ୍ଧାନ୍ତ। କାରଣ ଆଧ୍ୟାତ୍ମିକ ଜୀବନ ପାଇଁ ଉଦାର ମନୋଭାବ ନିହାତି ଆବଶ୍ୟକ। ଭାରତୀୟ ଶାସ୍ତ୍ରରେ ଦାନର ଏକ ପ୍ରମୁଖ ସ୍ଥାନ ରହିଛି। ପ୍ରତ୍ୟେକ ଧର୍ମରେ ଦାନର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି। କୋରାନ୍‌ରେ ଏହାକୁ ସଦାକ୍ ବା ଜାକତ୍ ବୋଲି ଅଭିହିତ କରାଯାଇଥିବା ବେଳେ ବୌଦ୍ଧ ଧର୍ମରେ ଅସହାୟଙ୍କୁ ଦାନ ସମ୍ପର୍କରେ କୁହାଯାଇଛି। ସେହିପରି ଜୈନ ଧର୍ମରେ ଖାଦ୍ୟ ଦାନ, ଅନ୍ୟମାନଙ୍କୁ ବିପଦରେ ସାହାଯ୍ୟ, ଔଷଧ ବଣ୍ଟନ ଓ ଜ୍ଞାନର ପ୍ରସାର ହେଉଛି ଆର୍ଟ ଅଫ୍ ଗିଭିଂ। ଇହୁଦୀ ଧର୍ମରେ ଯେଦାକ୍ ଅର୍ଥାତ୍ ନ୍ୟାୟ କିମ୍ବା ନୀତିନିଷ୍ଠ ହେଉଛି ଦାନ। ଖ୍ରୀଷ୍ଟିଆନ୍ ଧର୍ମରେ ଦାନକୁ ବିଶ୍ୱାସର ଆବଶ୍ୟକ ଅଂଶ ବୋଲି କୁହାଯାଇଛି। ପାର୍ସୀ ଧର୍ମରେ ଦାରିଦ୍ର୍ୟ ଓ କଷ୍ଟକୁ ପାପର ପୀଡ଼ା ବୋଲି ବିଚାର କରାଯାଏ। ତେଣୁ ଏହି ପାପ ବିରୋଧରେ ପ୍ରତ୍ୟେକ ବ୍ୟକ୍ତି ଲଢେଇ କରିବାକୁ ଏଥିରେ କୁହାଯାଇଛି।

ଆର୍ଟ ଅଫ୍ ଗିଭିଂ ସମାଜକୁ ପ୍ରତିଦାନ କରିବାର ଏକ ନୂଆ ବିଚାର ନେଇ କାର୍ଯ୍ୟକରୁଛି। ପାଇବାର କୌଣସି ଆଶା ନ ରଖି ଅନ୍ୟକୁ ବିଭିନ୍ନ ଭାବରେ ଦାନ କରିବାର ଦର୍ଶନ ଉପରେ ଏହା ପର୍ଯ୍ୟବସିତ। ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଆମ ସମସ୍ତଙ୍କୁ ମନେ ପକାଇ ଦିଏ- ଦୟା, ସ୍ନେହ ଓ କୃତଜ୍ଞତା ଭଳି ସାଧାରଣ କାର୍ଯ୍ୟ ମାଧ୍ୟମରେ ଅନ୍ୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରୁ। ଜଣେ ବ୍ୟକ୍ତିର କାର୍ଯ୍ୟ କିପରି ଏକ ସୁନ୍ଦର ବିଶ୍ୱ ସୃଷ୍ଟି ପାଇଁ ପ୍ରଭାବ ପକାଇଥାଏ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛି 'ଆର୍ଟ ଅଫ୍ ଗିଭିଂ।

-ପ୍ରତିଷ୍ଠାତା, ଆର୍ଟ ଅଫ୍ ଗିଭିଂ

# ପୁଅ ଠେଙ୍ଗା ମାଡ଼ରେ ମା' ମୃତ

**ହେମଗିର,୧୬।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ବ୍ରାହ୍ମଣୀ ଗ୍ରାମରେ ପୁଅର ଠେଙ୍ଗା ମାଡ଼ରେ ମା'ଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁମା ଲାକରା(୫୦)। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ପୁଅ ଶଙ୍କର ଲାକରା(୩୨)ଙ୍କୁ ଗିରଫ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୫୩।୨୩) ରୁଜୁ କରିଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଉକ୍ତ ଗ୍ରାମର ଧାନ ଲାକରାଙ୍କ ସ୍ତ୍ରୀ ତୁମା ଓ ପୁଅ ଶଙ୍କରଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଶଙ୍କର ଉତ୍ତ୍ୟକ୍ତ ହୋଇ ଠେଙ୍ଗାରେ ତୁମାଙ୍କୁ ମାଡ଼ ମାରିବା ସହ ନିଆଁରେ ପୋଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତୁମାଙ୍କ ମୃତ୍ୟୁ ହୋଇଥିଲା।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରରେ ଛୋଟ ଛୁଆ ଏବଂ ଘରର ଯତ୍ନ ନେବାପାଇଁ ଅଭିଜ୍ଞ ସ୍ତ୍ରୀଲୋକ ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା- Graduation.
Contact: 9090900777
8456041617

**RECRUITMENT**
150 years Legacy Company is hiring professional Male/Female in BBSR city. Work (Full/ part time) Excellent Career & Earning opportunity (Need: Retired & VRS Employee, Educated House-wife, Finance professional, Real Estate people, Business people, Pvt. Employee, Teachers, All other's are also welcome).
9853875527, 8917361500

**Require : Customer Relationship Manager**
~ Minimum 1 Yr Experience
~ Tele Calling in Hindi & English
~ Target Based Job
~ Salary 15,000/- PM
Only MALE Candidates
8637223376

**WANTED**
Computer Hardware & Networking Engineer and Computer/DTP Operator with Knowledge in their field.
**MICROCOSMIC**
Plot No. 397(P), Garage Chhack, Lewis Road, BBSR - 02
Cont.: 9861036602, 8249022043

**WANTED**
ଧରିତ୍ରୀ DHARITRI Oriya daily
is looking for
**MARKETING EXECUTIVES**
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to :
recruitment@dharitri.com
Attractive salary commensurate with experience

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

LS
**WANTED FRP MOULDERS**
ଚାହୁଁଥିଲେ FRP ମୌଲଡେଶ
for M/s Fiberr Xel, Bangalore, Karnataka
M/s ଫିବେର୍ର କ୍ସେଲ, ବାଙ୍ଗାଲୋର, କର୍ଣାଟକ

| | |
|---|---|
| Experience: 3 years | ଅଭିଜ୍ଞତା: ୩ ଏୟାର୍ସ |
| Facility Provided: | ସୁବିଧା: |
| 1. Accomodation | 1. ଆକୋମୋଡେସନ୍ |
| 2. Lunch | 2. ମଧ୍ୟାହ୍ନ ଭୋଜନ |
| 3. PF and ESI | 3. PF ,ବଂ ESI |

Contact: 9880012505 / 080-41461805 / 41106409
Mail: fiberrxel@hotmail.com

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା
**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ**
ଭାରତୀୟ ରିଜର୍ଭ ବ୍ୟାଙ୍କ ଅତି କମ୍‌ରେ ଦୁଇବର୍ଷର ଅଭିଜ୍ଞତା ସମ୍ପନ୍ନ ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ମାନ୍ୟତାପ୍ରାପ୍ତ ଯେକୌଣସି ବିଶ୍ୱବିଦ୍ୟାଳୟ ର ମେଡିକାଲ ସ୍ନାତକ ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡ଼ିକ ପାଇଁ ଚୁକ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଚିକିତ୍ସା ପରାମର୍ଶଦାତା ନିମନ୍ତେ ମାତ୍ର ଦୁଇଟି (୦୨) ପଦ (୦୧ ଅଣ-ସଂରକ୍ଷିତ ଏବଂ ୦୧ ଅନୁସୂଚିତ ଜନଜାତି ବର୍ଗର) ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ୩୧ ମଇ, ୨୦୨୩ ।
ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ
ଆଦେଶାନୁସାରେ

See Career Appointment on every Wednesday & Saturday


# ମିଶ୍ର କ୍ରିଏଶନ୍ସ ଏମ୍‌ଡି ଜ୍ୟୋତିରଞ୍ଜନ ଗିରଫ

### ଫ୍ଲାଟ୍ ଦେବା ଆଳରେ ୧୫ କୋଟି ଠକେଇ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଫ୍ଲାଟ୍ ଦେବାକୁ କହି ୧୫ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ରିଏଲ ଇଷ୍ଟେଟ୍ କମ୍ପାନୀ ଏମ୍/ଏସ୍ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଜ୍ୟୋତିରଞ୍ଜନ ମିଶ୍ର। ଇଓଡବ୍ଲ୍ୟୁ ଅଭିଯୁକ୍ତ ଜ୍ୟୋତିରଞ୍ଜନଙ୍କଠାରୁ ଠକେଇ ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ଜବତ କରିଛି। ଜ୍ୟୋତିରଞ୍ଜନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର୍‌ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ୟୋତିରଞ୍ଜନ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଲାପାଟଣା ଅଞ୍ଚଳରେ (ୟୁଟିଓପିଆଇଏ) ପ୍ରୋଜେକ୍ଟରେ ଘର ଦେବାକୁ ବିଭିନ୍ନ ଗ୍ରାହକଙ୍କୁ ଫସାଇଥିଲେ। ଏଥିପାଇଁ ୨୦୧୬ରୁ ୧୨୭ଜଣ ଗ୍ରାହକଙ୍କଠାରୁ ସେ ୧୫କୋଟି ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ ମଧ୍ୟ କରିଥିଲେ। ଏଥିପାଇଁ ବ୍ୟାଙ୍କ, ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତିନାମା ମଧ୍ୟ ହୋଇଥିଲା। ୩୦ ମାସ ମଧ୍ୟରେ ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫ ପ୍ରତିଶତ ଟଙ୍କା ଦେଇଥିଲେ ମଧ୍ୟ ଉକ୍ତ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲା। ଏପରିକି ୮ ବର୍ଷ ହେଲା ବିଭିନ୍ନ ପ୍ରତିଶ୍ରୁତି ଦେଇ ଜ୍ୟୋତିରଞ୍ଜନ ଟଙ୍କା ଦେଇଥିବା ଗ୍ରାହକଙ୍କୁ ଭୁଆଁ ବୁଲାଉଥିଲେ। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରିଥିଲେ। ଏଥିପାଇଁ ୨୦୧୬ରୁ ସେ ବ୍ୟାଙ୍କ ଲୋନ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମେ ୧ରେ ଏକ ମାମଲା (ନଂ.୧୭/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତେବେ ଜ୍ୟୋତିରଞ୍ଜନ ପୂର୍ବରୁ ଏଭଳି ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦେଇ ବହୁତ ଲୋକଙ୍କଠାରୁ ଟଙ୍କା ନେଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏପରିକି ଜ୍ୟୋତିରଞ୍ଜନଙ୍କ ସମେତ ଆଉ କେତେଜଣ ଏହି ଠକେଇରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

# କେନ୍ଦୁଝର ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

### ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି ପ୍ରସଙ୍ଗ

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

କେନ୍ଦୁଝର ଜିଲା ଯୋଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ଶିଶୁ କୁପୋଷଣ ସମ୍ପର୍କିତ 'ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି' ଶୀର୍ଷକ ଏକ ଖବର ଧରିତ୍ରୀରେ ଗତ ଏପ୍ରିଲ ୧୫ରେ ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ଆଧାର କରି ମାନବ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଡ଼ିଶା ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ, ଯାହାକି ନଂ. ୮୦୨/୨୦୨୩ରେ ପଞ୍ଜୀକୃତ ହୋଇଥିଲା। କମିଶନ ଉକ୍ତ ଅଭିଯୋଗର ତ୍ୱରିତ ଶୁଣାଣି କରି ଗତ ୧୨ ତାରିଖରେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ଜିଲାପାଳ ବ୍ୟକ୍ତିଗତଭାବେ ଅନୁଧ୍ୟାନ କରିବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ରିପୋର୍ଟ ଆସନ୍ତା ଜୁଲାଇ ୨୧ ତାରିଖ ମଧ୍ୟରେ ଦାଖଲ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ବଡ଼ଗେଙ୍ଗୁଟିରେ ବୁଡ଼ି ୨ କଲେଜ ଛାତ୍ରଙ୍କ ମୃତ୍ୟୁ

### ଗାଧୋଇବାବେଳେ ଅଘଟଣ

ଚଣ୍ଡିଖୋଲ,୧୬।୫(ଡି.ଏନ୍.ଏ.)



ଅମିତ କୁମାର ଖଣ୍ଡାଇ



ମଳୟ ରଞ୍ଜନ ନାୟକ

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଗେଙ୍ଗୁଟି ନଦୀର ରାଧାଦେଇପୁର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଗାଧୋଇବାବେଳେ ନଦୀରେ ବୁଡ଼ିଯାଇ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର(ନଟିଆ ଗେଟ୍)ଅଞ୍ଚଳର ଅକ୍ଷୟ ଖଣ୍ଡାଇଙ୍କ ପୁଅ ଅମିତ କୁମାର ଖଣ୍ଡାଇ(୨୦) ଓ ସେହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ମଳୟ ରଞ୍ଜନ ନାୟକ(୧୯)।

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୩ ସାଙ୍ଗ ଏକ ବାଇକ୍ ଯୋଗେ ନିଜ ଗ୍ରାମଠାରୁ ୮ କି.ମି. ଦୂର ବଡ଼ଗେଙ୍ଗୁଟି ନଦୀକୁ ଗାଧୋଇବା ପାଇଁ ଆସିଥିଲେ। ରାଧାଦେଇପୁର ନିକଟ ତୁଠରେ ବାଇକ୍ ରଖି ୨ ଛାତ୍ର ନଦୀକୁ ଗାଧୋଇବା ପାଇଁ ପଶିଥିଲେ। ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ଉଭୟ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ସେମାନେ ପାଣିରୁ ବାହାରି ନ ପାରିବାରୁ ଉପରେ ଥିବା ଜଣେ ଯୁବକ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେମାନେ ନିକଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଥିଲେ। ଛାତ୍ରଦ୍ୱୟଙ୍କ ମୃତ୍ୟୁଖବର ପାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରବଳ ଭିଡ଼ ଜମିଥିଲା। କାନ୍ଦ ବୋବାଳିରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଫାଟିପଡୁଥିବା ଦେଖିବାକୁ ମିଳିଥିଲା। ବଡ଼ଚଣା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଭଳି ଦୁଃଖଦ ଘଟଣା ନେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଯତୀନ୍ଦ୍ର କୁମାର ନାୟକ, କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଥାଉକି, ବଡ଼ ଗେଙ୍ଗୁଟି ନଦୀର ଏହି ସ୍ଥାନରେ ପୂର୍ବରୁ ବହୁ ଥର ଅଘଟଣ ଘଟିଛି। ଏହି ଗଣ୍ଡରେ ପ୍ରାୟ ୫ ଜଣଙ୍କ ଜୀବନ ଯାଇଛି। ଏଥିନେଇ ଗ୍ରାମବାସୀ ତୁରନ୍ତ ସମାଧାନର ସୂତ୍ର ବାହାର କରିବା ପାଇଁ ଜଳସମ୍ପଦ ବିଭାଗକୁ ଅନୁରୋଧ କରିଛନ୍ତି।


**WALK IN INTERVIEW**

MNC-LEPRA Society, an ISO certified & NABH accredited eye care centre is inviting applications from the intending candidates having requisite qualifications to attend the **Walk In Interview** scheduled for 24th May 2023 (Wednesday).
Candidates are requested to bring their CV & relevant documents with them as per below details.

| Position | Qualification | No. of vacancy | Place of interview |
|---|---|---|---|
| Program Associate | MSW/ MA Sociology/ MBA with 3 years of working experience | 1 | At- MNC-LEPRA Society, Pandapali, Biramaharajpur, Dist.- Subarnapur, Odisha, 767018 Mob.- 9437443354 |
| Vision Centre Coordinator | BSW/ MA Sociology with 2 years of working experience | 1 | |
| District Outreach Coordinator (Sambalpur) | Graduation in any discipline with 1 year of working experience. | 1 | |
| Staff Nurse | GNM / BSC Nursing | 1 | |
| Tr. Vision Technician | +2 in any discipline | 4 | |
| IP/OT Nurse | ANM | 2 | |
| Tr. Clinical Assistant | +2 | 1 | |
| Tr. CHW (Kandhamal) | +2 | 1 | |

Women candidates are encouraged to apply.
**LEPRA Society is an equal opportunity employer**
**Registration after 11 AM not to be entertained.**

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796



Benarasis | Kanjevaramas | Odissis | Printed Silks | Brocades | Jamevars
South Silks | BalucharisGadwals | Suitings Shirtings | Suits | Kurta Pyjamas
Sherwanis | Exclusive Readymades | Kidswear | Furnishings | Dress Materials

> ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା

# ନଜର ତୁର୍କୀ ଉପରେ

ତୁର୍କୀର ରାଷ୍ଟ୍ରପତି ନିର୍ବାଚନ ଉପରେ ବିଶ୍ୱର ନଜର ରହିଛି। ମେ ୧୪ରେ ଅନୁଷ୍ଠିତ ନିର୍ବାଚନରେ ଦେଶକୁ ଦୁଇ ଦଶନ୍ଧି ଧରି ଶାସନ କରିଥିବା ରିସେପ ତଇପ ଏର୍ଡୋଗାନ ଓ ବିରୋଧୀ ଦଳର ନେତା କେମାଲ କିଲିକଡାରୋଗ୍ଲୁଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ନିର୍ବାଚନ ଭଳି ତୁର୍କୀରେ ନିର୍ବାଚନ ହୁଏ ନାହିଁ। ସେଠାରେ ଯେଉଁ ପ୍ରାର୍ଥୀ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ହାତେଇ ପାରନ୍ତି ସେ ବିଜୟୀ ହୁଅନ୍ତି। ଉକ୍ତ ନିର୍ବାଚନରେ କ୍ଷମତାସୀନ ଏର୍ଡୋଗାନ ୪୯.୯୨ % ଭୋଟ ପାଇଥିବାବେଳେ ତାଙ୍କ ବିରୋଧୀ କିଲିକଡାରୋଗ୍ଲୁ ୪୪.୯୫% ଭୋଟ ପାଇଛନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଏର୍ଡୋଗାନ ଜିତିଲେ। ଦ୍ୱିତୀୟ ଥର ଭୋଟ ଗ୍ରହଣ କରାଯିବ, କାରଣ ଯେଉଁ ପର୍ଯ୍ୟନ୍ତ ଜଣେ ପ୍ରାର୍ଥୀ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ପାଇବାରେ ସଫଳ ହୋଇନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ବିଜେତା ବାହାରିପାରିବ ନାହିଁ। ଉକ୍ତ ନିର୍ବାଚନ ଦୌଡରେ ସାମିଲ ହୋଇଥିବା ଜାତୀୟତାବାଦୀ ନେତା ସିନାନ ଓଗାନ ମଧ୍ୟ ୫.୨ % ଭୋଟ ପାଇଛନ୍ତି। କୁହାଯାଉଛି, ସେ କିଙ୍ଗ୍‌ମେକର ହୋଇପାରନ୍ତି। ଅର୍ଥାତ୍ ଯାହାକୁ ଓଗାନ ସମର୍ଥନ କରିବେ ସେହି ବ୍ୟକ୍ତି , ଆଜିର ପରିସ୍ଥିତିରେ ତୁର୍କୀର ରାଷ୍ଟ୍ରପତି ହୋଇପାରିବେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ବରୁ ତୁର୍କୀରେ ପାର୍ଲାମେଣ୍ଟ ବ୍ୟବସ୍ଥାରେ ଗଣତାନ୍ତ୍ରିକ ସରକାର ଅନୁଷ୍ଠିତ ହେଉଥିଲା। ସେହି ବ୍ୟବସ୍ଥାକୁ ୨୦୧୮ ମସିହାଠାରୁ ପରିବର୍ତ୍ତନ କରି ପାର୍ଲାମେଣ୍ଟ ବଦଳରେ ସିଧାସଳଖ ରାଷ୍ଟ୍ରପତି ନିର୍ବାଚନ କରାଗଲା। ଏବକାର ରାଷ୍ଟ୍ରପତି ନିର୍ବାଚନ ହେଉଛି ଏହି ନୂତନ ବ୍ୟବସ୍ଥାର ପ୍ରଥମ ପରୀକ୍ଷା। ପ୍ରଥମ ପର୍ଯ୍ୟାୟରେ ଏର୍ଡୋଗାନ ଯେଉଁ ହାରରେ ଭୋଟ ପାଇଛନ୍ତି ତାହାର ଲାଭ ଉଠାଇପାରନ୍ତି ବୋଲି ଅନେକ ରାଜନୀତି ବିଶେଷଜ୍ଞ ଆକଳନ କରୁଛନ୍ତି। ଏର୍ଡୋଗାନଙ୍କ ଏକଚ୍ଛତ୍ରବାଦ ଶାସନ ବିରୋଧରେ ଅସନ୍ତୋଷ ଥିବା ସତ୍ତ୍ୱେ ସେ ଏତେ ପ୍ରତିଶତ ଭୋଟ ପାଇବା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁର୍କୀର ନାଗରିକମାନେ ଦରଦାମ ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ସେଠାରେ ନାଗରିକ ଅଧିକାର ଅଧୋଗତି ଭଳି ସମସ୍ୟା ଅଛି। ଅନ୍ୟପକ୍ଷରେ ଏର୍ଡୋଗାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଓ ଦେଶର ଆର୍ଥିକ ପ୍ରଦର୍ଶନକୁ ନେଇ ଅସନ୍ତୋଷ ଥିବା ସତ୍ତ୍ୱେ ସେ ୪୯.୯୨ %ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ତୁର୍କୀର ଭୟଙ୍କର ଭୂମିକମ୍ପରେ ୫୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ସରକାର ତୀବ୍ର ସମାଲୋଚନାର ଶିକାର ହୋଇଥିଲା, ଯାହାର ପ୍ରଭାବ ନିର୍ବାଚନରେ ପଡ଼ିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏସବୁ ସତ୍ତ୍ୱେ ନିର୍ବାଚନ ସମୀକ୍ଷକଙ୍କ ମତରେ, ତାଙ୍କ ଜାତୀୟ ସୁରକ୍ଷା ପ୍ରତିବଦ୍ଧତାର ବାର୍ତ୍ତା ଆର୍ଥିକ ଓ ସାମାଜିକ ଆହ୍ୱାନକୁ ପଛରେ ପକାଇ ଦେଇଛି।

> **ଏର୍ଡୋଗାନଙ୍କର ଯଦି ବିଜୟ ଘଟେ ତେବେ ତାହାର ପ୍ରଭାବ କେବଳ ତୁର୍କୀରେ ନୁହେଁ, ସମଗ୍ର ପୃଥିବୀରେ ଚରମ ଦକ୍ଷିଣପନ୍ଥୀ, ଗରିବ ବିରୋଧୀ ଏବଂ ଏକଚ୍ଛତ୍ରବାଦୀ ନେତାଙ୍କର ମନୋବଳ ବଢ଼ାଇଦେବ।**

ତୁର୍କୀରେ ଏର୍ଡୋଗାନଙ୍କ ଦୀର୍ଘକାଳ ଶାସନର ଅନେକ ବିରୋଧୀ ଅଛନ୍ତି। ତୁର୍କୀ ପାଶ୍ଚାତ୍ୟ ମିଲିଟାରି ମେଣ୍ଟ ନାଟୋର ଏକ ସଦସ୍ୟ ହୋଇଥିବା ସତ୍ତ୍ୱେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କର ଜଣେ ସମର୍ଥକ ଭାବେ ଏର୍ଡୋଗାନ ପରିଚିତ। ସେଥିପାଇଁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଚାଲିଥିବାବେଳେ ତୁର୍କୀର ଭୂମିକା ରୁଷିଆ ସପକ୍ଷରେ ଯାଉଛି। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ୬ଟି ରାଜନୈତିକ ଦଳ ମିଳିତ ଭାବେ କେମାଲ କିଲିକ୍‌ଡାରୋଗ୍ଲୁଙ୍କୁ ବିରୋଧୀ ପ୍ରାର୍ଥୀ ବାଛିଛନ୍ତି। ବିରୋଧୀଙ୍କ ମୁଖ୍ୟ ଧ୍ୱନି ହେଉଛି ଗଣତନ୍ତ୍ରକୁ ତୁର୍କୀରେ ପୁନର୍ବାର ମଜଭୁତ କରିବା। ଯେତେବେଳେ ପ୍ରାର୍ଥୀପତ୍ର ଦାଖଲ ହେଲା ସେତେବେଳେ ବିରୋଧୀ ପ୍ରାର୍ଥୀ କେମାଲ କିଲିକଡାରୋଗ୍ଲୁ ତୁର୍କୀର ଜାତୀୟ ପିତା ଭାବେ ପରିଚିତ କେମାଲ ଆତାତୁର୍କଙ୍କ ସମାଧିକୁ ଯାଇ ସମ୍ମାନ ଜଣାଇଥିଲେ। ଆତାତୁର୍କ ଜଣେ ଧର୍ମ ନିରପେକ୍ଷ ଏବଂ ଗଣତାନ୍ତ୍ରିକ ନେତା ଭାବେ ତୁର୍କୀରେ ପରିଚିତ। ଅନ୍ୟପଟେ ରାଷ୍ଟ୍ରପତି ଏର୍ଡୋଗାନ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରି ଇସ୍ତାନବୁଲର ସର୍ବବୃହତ୍ ମସ୍‌ଜିଦକୁ ଯାଇ ପ୍ରାର୍ଥନା କରିଥିଲେ। ଏହି ଦୁହିଁଙ୍କ ଚରିତ୍ରର ପରିଚୟ ତାଙ୍କର ଏହି ଦୁଇ ପ୍ରଥମ ପଦକ୍ଷେପରୁ ବୁଝିହୁଏ। ପୂର୍ବରୁ ମୁସଲମାନ ବହୁଳ ତୁର୍କୀ ଏକ ଧର୍ମନିରପେକ୍ଷ ଦେଶ ଭାବେ ପରିଚିତ ହୋଇଆସୁଥିଲା। ଏର୍ଡୋଗାନଙ୍କ ଶାସନ ସମୟରେ ସେହି ଚରିତ୍ରର ପରିବର୍ତ୍ତନ କରାଯାଇ ତୁର୍କୀକୁ ଏକ ଇସଲାମୀୟ ଦେଶ ଭାବେ ଗଢ଼ିତୋଳିବାର ଉଦ୍ୟମ ଆରମ୍ଭ ହୋଇଛି। ଧର୍ମକୁ ପ୍ରାଧାନ୍ୟ ଦେବା ସହିତ ଏର୍ଡୋଗାନ ତାଙ୍କର ଅର୍ଥନୈତିକ ଆଭିମୁଖ୍ୟରେ ଚରମ ଦକ୍ଷିଣପନ୍ଥୀ ବା ଅଳ୍ପ କେତେକ ପୁଞ୍ଜିପତିଙ୍କ ସମର୍ଥକ ହୋଇଥିବାବେଳେ ଶାସନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଏକଚ୍ଛତ୍ରବାଦ ଆଣିସାରିଲେଣି। ଏର୍ଡୋଗାନଙ୍କର ଯଦି ବିଜୟ ଘଟେ ତେବେ ତାହାର ପ୍ରଭାବ କେବଳ ତୁର୍କୀରେ ନୁହେଁ, ସମଗ୍ର ପୃଥିବୀରେ ଚରମ ଦକ୍ଷିଣପନ୍ଥୀ, ଗରିବ ବିରୋଧୀ ଏବଂ ଏକଚ୍ଛତ୍ରବାଦୀ ନେତାଙ୍କର ମନୋବଳ ବଢ଼ାଇଦେବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 4 | | | | | | | |
| | | 7 | 2 | | | | 4 | |
| | | 6 | 5 | | 4 | | | 1 |
| 3 | 8 | | 1 | | | 6 | | |
| | | | | | | | | 2 |
| 4 | | 9 | | | 2 | | 7 | 3 |
| | | | 7 | | | | | 5 |
| 9 | | | | | | | | |
| | | 8 | 3 | 1 | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 7 | 9 | 4 | 6 | 5 | 1 |
| 4 | 1 | 5 | 3 | 6 | 2 | 9 | 8 | 7 |
| 6 | 9 | 7 | 5 | 1 | 8 | 2 | 3 | 4 |
| 8 | 2 | 1 | 6 | 4 | 3 | 5 | 7 | 9 |
| 5 | 6 | 3 | 1 | 7 | 9 | 8 | 4 | 2 |
| 9 | 7 | 4 | 8 | 2 | 5 | 1 | 6 | 3 |
| 7 | 4 | 6 | 2 | 8 | 1 | 3 | 9 | 5 |
| 2 | 3 | 8 | 9 | 5 | 7 | 4 | 1 | 6 |
| 1 | 5 | 9 | 4 | 3 | 6 | 7 | 2 | 8 |

ଗତକାଲିର ଉତ୍ତର

# ନିଃସ୍ୱ ମଣିଷ



ଡ. ପବିତ୍ର ସୁବୁଦ୍ଧି

କେହି ଜଣେ ବ୍ୟକ୍ତି ବିଦ୍ୱାନ ଚାଣକ୍ୟଙ୍କୁ ପ୍ରଶ୍ନ କଲେ ମହାଭାଗ! ବିଷ କ’ଣ? ଚାଣକ୍ୟ ଚମତ୍କାର ଉତ୍ତରଟିଏ ଦେଲେ। ‘‘ଆବଶ୍ୟକତାଠାରୁ ଅଧିକ ମିଳିଥିବା ପ୍ରତ୍ୟେକ ଜିନିଷ ବିଷ । ଏହା କ୍ଷମତା, ଧନ, କ୍ଷୁଧା, ସ୍ୱାଭିମାନ, ଲୋଭ, ଆଳସ୍ୟ, ପ୍ରେମ, ଘୃଣା ବା ଅନ୍ୟ କିଛି ବି ହୋଇପାରେ।’’ ମହାନ୍ ଦାର୍ଶନିକ ପ୍ଲାଟୋ ମଧ୍ୟ ଏକଦା କହିଥିଲେ-"THE GREATEST WEALTH IS TO LIVE CONTENT WITH LITTLE." ଅର୍ଥାତ୍ ଅଳ୍ପରେ ସନ୍ତୁଷ୍ଟ ରହିବା ହେଉଛି ସର୍ବଶ୍ରେଷ୍ଠ ସମ୍ପତ୍ତି। କିନ୍ତୁ ମଣିଷ ଜାତିର ଚରମ ଦୁର୍ଭାଗ୍ୟ ହେଉଛି ଏହା ଯେ, ମଣିଷ ଚିରକାଳ ଏହି ବିଷ ପଛରେ ହିଁ ଧାଇଁଛି।

କ୍ଷୁଦ୍ର ମାସିଡୋନିଆ ରାଜ୍ୟର ରାଜା ଆଲେକ୍‌ଜାଣ୍ଡାର। ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଛନ୍ତି। ତଥାପି ରାଜ୍ୟ ଜୟର ପିପାସା ମେଣ୍ଟୁନି। ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି। ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର। କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା। ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡ଼ିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ। ନ ଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି। କୁଡ଼ିଆରେ ଶୋଇଥିଲେ ଦାଓଜିନସ୍। କୋଳାହଳ ଶୁଣି ନିଦ ଭାଙ୍ଗିଗଲା। ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି। ସେ ହଠାତ୍ ଉଠିପଡ଼ି ସୈନିକମାନଙ୍କ ଆଡ଼କୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚତ୍କାର କଲେ- ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି। ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ। ବିସ୍ମିତ ହୋଇ ଆଲେକ୍‌ଜାଣ୍ଡାର ପଚାରିଲେ- ଏହା କ’ଣ ? ଦାଓଜିନସ୍ କହିଲେ- କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ। ମୁଁ ସେହିଦିନ ଭାବିଥିଲି, ମୋଠାରୁ ଆଉ ଜଣେ ବଡ଼ ଭିକାରି ଦେଖିଲେ ମୁଁ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି। ଆଜି ତୁମକୁ ପାଇଗଲି, ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି। ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କହିଲେ- ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର। ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ। ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିପାରେ। ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ-‘‘ମୋର କିଛି ନାହିଁ, ତେଣୁ ମୁଁ ଭିକାରି ହେବାକୁ ବାଧ୍ୟ। ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବା ପାଇଁ ତୁମର ଏ ଯେଉଁ ଭୋକ, ତାହା କ’ଣ ପାଇଁ? ତୁମେ ମୋ’ଠାରୁ ବଡ଼ ଭିକାରି ନୁହଁ କି? ଶୁଣ ସମ୍ରାଟ! ଯିଏ ଚାହୁଁଥିବ କୋଟିଏ କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର। ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଆବଶ୍ୟକତାଠାରୁ ଅଧିକ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ। ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର। ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା’ ପାଇଁ ଧନୀଦରିଦ୍ର କି ଫରକ? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି?



ବାସ୍ତବରେ ଏ ସଂସାରରେ ଭିକାରି କିଏ? ଭିକାରି ସିଏ ନୁହେଁ ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ। ପାଠକେ! ଏଭଳି ଏକ ପ୍ରସଙ୍ଗ ଏଠି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହା ଯେ, ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଲେକ୍‌ଜାଣ୍ଡାର ନିଜ ଦେଶକୁ ମଧ୍ୟ ଫେରିପାରିଲେ ନାହିଁ। ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ। ରାଜଧାନୀ ଏଥେନ୍ସ ଥିଲା ତଥାପି ଚବିଶ ଘଣ୍ଟାର ଦୂର। ସବୁଠାରୁ ଉଲ୍ଲେଖଯୋଗ୍ୟ ଉପଲବ୍ଧ ଏହା ଯେ ମୃତ୍ୟୁ ପୂର୍ବରୁ ଆଲେକ୍‌ଜାଣ୍ଡାର ତାଙ୍କର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ- ‘‘ମୋ ଶବାଧାରକୁ ସମାଧିସ୍ଥଳକୁ ନେବାବେଳେ ମୋ ହାତଯୋଡ଼ିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତ ହୋଇ ଆସିଥିଲା ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟହସ୍ତ ହୋଇ ଫେରିଯାଉଛି। ଅଜସ୍ର ସମ୍ପତ୍ତି ଅର୍ଜିଥିବା ଆଲେକ୍‌ଜାଣ୍ଡାର ପାଇଁ ହୀରାନୀଳା ମୋତିମାଣିକ୍ୟ ସବୁ ଗୋଡ଼ି ମାଟି ପରି ମୂଲ୍ୟହୀନ। ସେସବୁ ତା’ର ଜୀବନରକ୍ଷା ପାଇଁ ସାମାନ୍ୟମାତ୍ର ସାହାଯ୍ୟ କରିପାରିଲେ ନାହିଁ କି କାଣି କଉଡ଼ିଟିଏ ମଧ୍ୟ ତା’ ସହ ଗଲେ ନାହିଁ।’’

ଏ ଘଟଣା ଘଟିବାର ବହୁବର୍ଷ ବିତିଗଲାଣି, ତଥାପି ଅନେକ ମଣିଷ ଏବେ ବି ନୀତିନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତ୍ତି ଗୋଟେଇବାରେ ଲାଗିଛନ୍ତି। ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି। ଘରଦ୍ୱାର, କୋଠାବାଡ଼ି, ଅଭ୍ରଂକଷ ଅଟ୍ଟାଳିକା ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ ‘ସ୍ୱାସ୍ଥ୍ୟ’କୁ ହଜେଇ ଦିଅନ୍ତି। ପୁଣି ସେହି ସ୍ୱାସ୍ଥ୍ୟକୁ ଫେରି ପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଭିକମାଗନ୍ତି। ଏଠି ଆସେ ଯେତେ, ଯାଏ ସେତେ। ଅଥଚ ନିର୍ବୋଧମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ। ଇଏ କେଉଁ ପ୍ରକାର ଗଣିତ ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା। ବାଟ ସରିଯାଏ ସିନା ହାଟ ସରେନା। ଏଠି ଜୀବନର ଅନ୍ୟନାମ ‘ବସ୍ତୁପ୍ରୀତି ବା ‘ବସ୍ତୁରତି’। ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି। ସେଇଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ୍ୱ, ଖୁବ୍ ନିଃସଙ୍ଗ। ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂର ପରାହତ। ଚାରିପାଖରେ ପର୍ଯ୍ୟାପ୍ତ ଭୋଜନ ସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ। ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ। ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ। ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ। ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ। ସକାଳୁ ସଞ୍ଜଯାଏଁ ଟଲ୍‌ଷ୍ଟୟଙ୍କ ଗଳ୍ପର ନାୟକ ‘ପାହୋମ୍’ ଭଳି ଗଳଦଘର୍ମ ହୋଇ ଖାଲି ଧାଇଁଛି ଆଉ ଧାଇଁଛି। ଏମିତି ଧାଁ-ଦଉଡ଼ର ଅର୍ଥ କ’ଣ ଜୀବନ?

କିଏ ଜଣେ କହିଥିଲେ- ‘‘ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ ଆଉ ଧନୀ ଭିତରେ ଭିକମାଗେ। ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି।’’ କେଉଁଦିନ ଏ ନିଃସ୍ୱମଣିଷ ବୁଝିବ ଯେ, ଟଙ୍କା ‘ଘର’ କିଣିପାରେ ହେଲେ ‘ପରିବାର’ ନୁହେଁ, ଟଙ୍କା ‘ଦାମିକା ଘଣ୍ଟା’ କିଣିପାରେ ହେଲେ ‘ସମୟ’ ନୁହେଁ, ଟଙ୍କା ‘ତୂଳିତଳ୍ପ ଶଯ୍ୟା’ କିଣିପାରେ ହେଲେ ‘ସୁନିଦ୍ରା’ ନୁହେଁ, ଟଙ୍କା ‘ବହି’ କିଣିପାରେ ହେଲେ ‘ଜ୍ଞାନ’ ନୁହେଁ, ଟଙ୍କା ‘ବନ୍ଧୁ’ କିଣିପାରେ ହେଲେ ‘ବନ୍ଧୁତା’ ନୁହେଁ। ଦୁନିଆରେ କେବଳ ଭାଗ୍ୟବାନ ସେହି – ଯାହା ପାଖରେ ‘ଭୋଜନ’ ସହିତ ‘ଭୋକ’ ଅଛି। ‘ଶଯ୍ୟା’ ସହିତ ‘ନିଦ୍ରା’ ଅଛି। ଆଉ ‘ଧନ’ ସହିତ ‘ଧର୍ମ’ ବି ଅଛି। ସମୁଦ୍ରକୂଳରେ କ’ଣ ଶାମୁକାର ଅଭାବ ଥାଏ ନା’ ପୃଥିବୀ ପୃଷ୍ଠରେ ମଣିଷର? ବାସ୍ ଫରକ କେବଳ ଏତିକି ଯେ କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ। ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ। ନିର୍ଣ୍ଣୟ ଆପଣଙ୍କର। ଆପଣ ହୃଦୟବାନ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟି ହେବେ। କିନ୍ତୁ ଏ କଥା ସତ୍ୟ ଯେ ଆପଣ ଯାହା ବାଣ୍ଟିବେ ତାହା ଆପଣଙ୍କ ପାଖେରେ ବେଶି ହେବ। ତାହା ଧନ ହେଉ କିମ୍ବା ସମ୍ମାନ, ଭୋଜନ ହେଉ କିମ୍ବା ଅପମାନ, ଘୃଣା ହେଉ କିମ୍ବା ପ୍ରେମ। ଦି’ ଦିନର ଏ ଜୀବନ! ମରୀଚିକା ପଛରେ ଧାଇଁବା ଅର୍ଥହୀନ। ପାରୁଛ ଯଦି ପ୍ରେମ ବାଣ୍ଟି ଚାଲ। ଲୋକଙ୍କ ହୃଦୟ କିଣ। କାରଣ ମଶାଣିକୁ ତୁମେ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ତୁମକୁ ଛାଡ଼ିବାକୁ ଯିବେ।

**ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ**
**ମୋ: ୬୩୭୦୬୪୫୭୮୯**

# କଷ୍ଟ ଦେଉଥିବା ଖୁସି



ଯଦୁମଣି ପାଣିଗ୍ରାହୀ

ସମସ୍ତଙ୍କ ଜୀବନ ହସଖୁସିରେ ଭରିଯାଉ ଏକଥା କିଏ ବା ନ ଚାହେଁ। ତା’ଛଡା ମଣିଷ ଜୀବନର ସଂକ୍ଷିପ୍ତ ଅବଧିକୁ ହସଖୁସିରେ ଅତିବାହିତ କରିବାଟା ସବୁ ଦୃଷ୍ଟିରୁ ଶ୍ରେୟସ୍କର ବୋଲି କେତେକେ ବି ମତ ରଖନ୍ତି। ତେବେ ଖୁସି ହେବା ବା ଖୁସିରେ ରହିବାଟା ଏକାନ୍ତ ବ୍ୟକ୍ତିଗତ ଓ ଏହା ସଂପୂର୍ଣ୍ଣ ଭାବେ ନିଜର ମାନସିକତା ଉପରେ ନିର୍ଭର କରେ। ଏହା ଆମ ଜୀବନ ଶୈଳୀ, ବିଚାରବୋଧ,ଚିନ୍ତାଧାରା ଓ ସଂସ୍କାର ଉପରେ ପର୍ଯ୍ୟବସିତ ହୋଇଥାଏ। ଅନ୍ୟକୁ ପୀଡ଼ା ବା କଷ୍ଟ ଦେଇ ଖୁସି ହେବାରେ ଗୌରବ କି ବାହାଦୁରି ନ ଥାଏ। ମାତ୍ର ଅନେକ ସମୟରେ ମଣିଷଙ୍କଠାରୁ ପୁଣି ଇତର ପଶୁପକ୍ଷୀଙ୍କୁ ବିଭିନ୍ନ ଉପାୟରେ ପୀଡ଼ା ଦେଇ ଅନେକ ଖୁସି ଅନୁଭବ କରନ୍ତି। ଏଇ ଯେମିତି ମଣିଷଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଦୁଃସାଧ ଓ ବିପଜ୍ଜନକ କାର୍ଯ୍ୟ, ପଶୁପକ୍ଷୀଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରଦର୍ଶନ ଯଥା-ଷଣ୍ଢ ଲଢ଼େଇ ହେଉ କି ଗଞ୍ଜା ଲଢ଼େଇ ହେଉ ଓ ସେମାନଙ୍କ ମଧ୍ୟରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାକୁ ଉପଭୋଗ କରି ଆମେ ଖୁସି ଅନୁଭବ କରୁ। ମାଙ୍କଡ ନାଚଠାରୁ ପୁଣି ସର୍କସରେ ଜଙ୍ଗଲୀ ପଶୁପକ୍ଷୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ ଯାଏ ସବୁକିଛି ମଣିଷକୁ ଖୁସିର ଖୋରାକ ଯୋଗାଇଥାଏ। ମୁକ୍ତ ଓ ଅବାଧରେ ବିଚରଣ କରୁଥିବା ପଶୁପକ୍ଷୀଙ୍କୁ ପିଞ୍ଜରାରେ ରଖି ଅନେକେ ଖୁସି ଲାଭ କରିଥାଆନ୍ତି ସତ ହେଲେ ପଶୁପକ୍ଷୀଙ୍କ ହୃଦୟର ବ୍ୟଥା ଓ ବେଦନାକୁ ସେମାନେ କ’ଣ କେବେ ବୁଝିବାକୁ ଚେଷ୍ଟା କରିଛନ୍ତି ? ବାସ୍ତବିକ ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବା ବସ୍ତୁତ ଆଦୌ ଖୁସିରେ ଗଣ୍ୟ ନୁହେଁ। ଏକଥା ସତ ଯେ, ଜଞ୍ଜାଳଗ୍ରସ୍ତ ଓ ସଂଘର୍ଷମୟ ଜୀବନରେ ମଣିଷର ଯଦି ଟିକେ ହସଖୁସି ନାହିଁ ତେବେ ସେ ଜୀବନ ଯେମିତି ବୋଝ ସଦୃଶ ସେମିତି ସାମୟିକ ଭାବେ ଅନ୍ୟର ପୀଡ଼ନରୁ ଖୁସି ଅନୁଭବ କରିବା ଏକ ପ୍ରକାର ଅସାମାଜିକତା। ଆଜି ସାମୟିକ ଖୁସି ପ୍ରାପ୍ତିର ଲକ୍ଷ୍ୟରେ ଅନେକ ବିଭିନ୍ନ ମାଦକ ଦ୍ରବ୍ୟ ସେବନ କରୁଛନ୍ତି। ନିଶାଗ୍ରସ୍ତ ଅବସ୍ଥାରେ କେତେକ ବିଭିନ୍ନ ଆପରାଧିକ କାର୍ଯ୍ୟ ବି କରୁଛନ୍ତି। ସେଥିପାଇଁ ଜେଲ ଜରିମାନା ଦଣ୍ଡ ମଧ୍ୟ ଭୋଗୁଛନ୍ତି। ଏମିତି କି ଦୁରାରୋଗ୍ୟର ଶିକାର ହୋଇ ଶେଷରେ ଅକାଳରେ ଜୀବନ ହାରୁଥିଲେ ବି ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ ଯାଇ ନିଶାକୁ ସାଥୀ କରି ନେଉଛନ୍ତି। ବଜାର ହାଟ ଠାରୁ ବିବାହ, ବ୍ରତାଦି ବିଭିନ୍ନ କାର୍ଯ୍ୟକ୍ରମରେ ମଦ୍ୟପାନ ଓ ନାନା ଲୋଭନୀୟ ଖାଦ୍ୟ ନିଜର ଖୁସି ପାଇଁ ଖାଉଥିଲେ ବି ପରବର୍ତ୍ତୀ ସମୟରେ ଯାହା ଅଖୁସିର କାରଣ ହୋଇଥାଏ ତାହାକୁ ଲୋକେ ଭୁଲି ଯାଉଛନ୍ତି। ଅଯଥାରେ ଅନେକ ଗୁଡ଼ାଏ କଷ୍ଟ ଓ ଯନ୍ତ୍ରଣା ଭିତରେ ଜୀବନ ଅତିବାହିତ କରିଥା’ନ୍ତି। ଆଜିକାଲି ଛୋଟ ଛୋଟ ପିଲାଙ୍କୁ ମୋବାଇଲ ଧରାଇ ଦେଇ ମାତାପିତା ଦାୟିତ୍ୱମୁକ୍ତ ବୋଲି ଭାବିବା ସହ ବହୁତ ଖୁସି ବି ହେଉଛନ୍ତି। ମାତ୍ର ଛୋଟ ପିଲାଏ ମୋବାଇଲ ପଛରେ ପଡ଼ି ପାଠଶାଠ ପ୍ରତି ଅନାଗ୍ରହୀ ହେବା ସହ ସେମାନଙ୍କ ଆଚରଣ ଓ ବ୍ୟବହାରରେ ବି ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଉଛି; ଯାହା କି ସେମାନଙ୍କ ମାତାପିତା ଓ ଅଭିଭାବକଙ୍କୁ କଷ୍ଟ ଦେଉଛି।



ବର୍ତ୍ତମାନ ସମୟରେ ଅନେକ ବାପା ମାଆ ସେମାନଙ୍କ ପିଲାଙ୍କୁ ଗାଡ଼ି ଚଢ଼ିବାର ସୁଯୋଗ ଦେଇ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। ସ୍କୁଲ, କଲେଜରେ ପଢୁଥିବା ନାବାଳକ ଓ ନାବାଳିକା ପିଲାଏ ବେନିୟମ ଭାବେ ସ୍କୁଟି ଓ ବାଇକ ଧରି ରାସ୍ତାରେ ବୁଲୁଛନ୍ତି। ନିଜେ ଦୁର୍ଘଟଣା ଘଟାଉଛନ୍ତି ଓ ଦୁର୍ଘଟଣାର ଶିକାର ବି ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ମାତାପିତା ଉଭୟ ଆର୍ଥିକ ଓ ମାନସିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତ। ସେହିପରି ବେନିୟମ ଗାଡ଼ି ଚଳାଇବା ଅଭିଯୋଗରେ ପିଲାଏ ଧରାପଡ଼ିଲେ ସେମାନଙ୍କ ମାତାପିତାଙ୍କୁ ଜରିମାନା ଦେବାକୁ ପଡୁଛି। ଗାଡ଼ି ଚଳାଇବାର ଖୁସି ଏମିତି ଅନେକ ସମସ୍ୟାକୁ ଡାକି ଆଣୁଛି। ଆଜିକାଲି ସ୍କୁଲ କଲେଜରେ ପଢୁଥିବା ପିଲାଏ ପିକ୍‌ନିକ୍ ଯିବା ଏକ ସାଧାରଣ କଥା ହୋଇଗଲାଣି। ପିକ୍‌ନିକ୍‌ରେ ଯାଇ ଖୁସି କି ମଜା କରିବା ଗର ହିତକର ନୁହେଁ। ମାତ୍ର ଅଗଭୀର ନଈସୁଅରେ ପଶି ଗାଧୋଇବା କିମ୍ବା ବିପଜ୍ଜନକ ସ୍ଥାନରେ ମୋବାଇଲରେ ସେଲଫି ନେବା ଖୁସି ଯେ ବିପଦକୁ ଡାକିଆଣେ ଏହା ସେମାନଙ୍କୁ କିଏ ବୁଝାଇବ ? ଆଜିକାଲି ଏହିଭଳି ଅନେକ ଦୁର୍ଘଟଣା ଘଟିବା ଓ ଧନଜୀବନ ହାନି ହେଉଥିବା ଖବର ସହ ସମସ୍ତେ ପ୍ରାୟ ଅବଗତ। ପର୍ବପର୍ବାଣିଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଶୋଭାଯାତ୍ରା ଏକ ସାଧାରଣ ଘଟଣା ହୋଇଗଲାଣି। ଦେବଦେବୀଙ୍କ ଭସାଣି ଶୋଭାଯାତ୍ରାଠାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଉଚ୍ଚ ଧ୍ୱନି ସୃଷ୍ଟିକାରୀ ସାଉଣ୍ଡ(ଡିଜେ)ର ବ୍ୟବହାର କରାଯାଉଛି। ବିଶେଷକରି ଆଜିର ଯୁବଗୋଷ୍ଠୀଙ୍କର ଏହା ପ୍ରଥମ ପସନ୍ଦ ହୋଇଯାଇଛି। ଏହି ହସଖୁସି ଭିତରେ ଯେଉଁ ଶବ୍ଦ ପ୍ରଦୂଷଣ ହେଉଛି ତାହା ସୁସ୍ଥ ଓ ଅସୁସ୍ଥ ସମସ୍ତଙ୍କ ଶରୀର ଉପରେ କୁପ୍ରଭାବ ପକାଉଛି। ଶ୍ରବଣ ଶକ୍ତିର ହାନି ସହିତ ହୃଦ୍‌ଘାତଜନିତ ରୋଗକୁ ଡାକି ଆଣୁଛି। ଖୁସି ଭିତରେ ଏ ଯେଉଁ କଷ୍ଟ ସେ କଥା କିଏ କ’ଣ କେବେ ଚିନ୍ତା କରିଛି କି ? ଆଜିକାଲି ମାତାପିତା ପିଲାଙ୍କୁ ଦାମୀ ସ୍କୁଲ କଲେଜରେ ପୁଳା ପୁଳା ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଏମିତି କି ପାଠ ପଢ଼ା ଆରମ୍ଭରୁ ପିଲାଙ୍କୁ ସେମାନଙ୍କ ପାଖରେ ନ ରଖି ଅଧିକ ଭଲ କରିବା ଲକ୍ଷ୍ୟରେ ବୋର୍ଡିଂ ସ୍କୁଲରେ ରଖି ନିଜକୁ ଦାୟିତ୍ୱମୁକ୍ତ ମନେକରୁଛନ୍ତି। ଆଉ ପିଲାଙ୍କ ସଫଳତାରେ ଖୁସି ହେଉଛନ୍ତି, ଗର୍ବ ବି ଅନୁଭବ କରୁଛନ୍ତି। ଆରମ୍ଭରୁ ମାତାପିତାଙ୍କ ସ୍ନେହଶ୍ରଦ୍ଧା ଓ ଆକଟରୁ ବଞ୍ଚିତ ପିଲାଏ ସିନା ପାଠପଢ଼ାରେ ପ୍ରଥମ ହେଉଛନ୍ତି ଆଉ ଭଲ କର୍ମସଂସ୍ଥାନ ପାଇ ଭଲ ରୋଜଗାର କରୁଛନ୍ତି ହେଲେ ନୈତିକତାର ଶିକ୍ଷା ଅଭାବରୁ ସ୍ୱାର୍ଥପର, ଅହଙ୍କାରୀ ଓ ନୀତିହୀନ ପାଲଟି ଯାଉଛନ୍ତି; ଯାହା କି ପରିଣତ ବୟସରେ ମାତାପିତାଙ୍କୁ କଷ୍ଟ ଦେଉଛି। ତେଣୁ ବର୍ତ୍ତମାନ ସର୍ବସ୍ୱ ମଣିଷ ସାମୟିକ ଖୁସି ପାଇଁ ଏମିତି କିଛି ନ କରୁ ଯାହା ପରେ ତା’ର କଷ୍ଟର କାରଣ ସାଜିବ ଏବଂ ସମାଜ ପାଇଁ ମଧ୍ୟ ବିପଦ ଡାକି ଆଣିବ। ଯେଉଁ ଖୁସି ଆତ୍ମସନ୍ତୋଷ ଆଣି ନ ଦେଲା ସେହି ଖୁସିକୁ ଆମେ କ’ଣ ଖୁସି ବୋଲି କହିପାରିବା ?

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ-୯୯୩୭୫୬୫୫୨୭**

## ଏଇ ଭାରତରେ

ଆମ୍ବୁଲାନ୍ସ ପାଇଁ ପାଖରେ ଟଙ୍କା ନ ଥିବାରୁ ଶିଶୁପୁତ୍ରର ମୃତଦେହକୁ ବ୍ୟାଗରେ ରଖି ୨୦୦ କିଲୋମିଟର ଯାତ୍ରାକରିବା ଭଳି ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି ପଶ୍ଚିମବଙ୍ଗରେ। ଉତ୍ତର ପଶ୍ଚିମବଙ୍ଗର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ପାଇଁ ଟଙ୍କା ଅଭାବରୁ ଅସହାୟ ବାପା ଶିଶୁ ମୃତଦେହକୁ ଏକ ବ୍ୟାଗରେ ନେଇ ବସ୍ ଯୋଗେ ସିଲିଗୁଡ଼ିରୁ କାଲିଆଗଞ୍ଜ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ହସ୍ପିଟାଲରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିବା ଏହି ଶିଶୁର ଘର କାଲିଆଗଞ୍ଜ ଅଞ୍ଚଳର ମୁସ୍ତାଫାନଗର ପଞ୍ଚାୟତର ଡାଙ୍ଗପଡା ଗ୍ରାମରେ। ମୃତ ଶିଶୁର ନାମ ଅସୀମ ଦେବ । ତାଙ୍କ ପିତା କହନ୍ତି, ତାଙ୍କର ପାଞ୍ଚ ମାସର ଯାଆଁଳା ଶିଶୁପୁତ୍ର ଗତ ସପ୍ତାହରେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଉତ୍ତର ପଶ୍ଚିମବଙ୍ଗର ମେଡିକାଲ କଲେଜକୁ ନିଆଯାଇଥିଲା। ଚିକିତ୍ସା ପରେ ଜଣେ ଶିଶୁ ସୁସ୍ଥ ହେବା ପରେ ତାଙ୍କ ମା’ ତାଙ୍କ ସହ କାଲିଆଗଞ୍ଜକୁ ଫେରି ଆସିଥିଲେ। ଅନ୍ୟ ଶିଶୁପୁତ୍ର ଚିକିତ୍ସିତ ହେଉଥିଲେ ଓ ତାଙ୍କର ମୃତ୍ୟୁ ହେବାପରେ ମେଡିକାଲ କଲେଜର ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରାଯାଇଥିଲା ଏବଂ ସେମାନେ ମୃତଦେହକୁ କାଲିଆଗଞ୍ଜକୁ ନେବାକୁ ଆଠ ହଜାର ଟଙ୍କା ମାଗିଥିଲେ। ଆମ୍ବୁଲାନ୍ସ ପାଇଁ ତାଙ୍କ ପାଖରେ ଟଙ୍କା ନ ଥିଲା। ଶେଷରେ ସେ ତାଙ୍କ ଶିଶୁପୁତ୍ରର ମୃତଦେହକୁ ପ୍ଲାଷ୍ଟିକ୍‌ରେ ଗୁଡ଼ାଇ ବ୍ୟାଗରେ ରଖି ବସ୍‌ରେ ଆସିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ମେ ୧୯୯୮**

- ଭାରତ ଓ ପାକିସ୍ତାନର ଆଣବିକ ନୀତି ଉପରେ ଅନୁସନ୍ଧାନ ଚଳାଇବା ନେଇ ଆମେରିକା ପକ୍ଷରୁ ୬ ଟନ ଓଜନ ବିଶିଷ୍ଟ ଗୁପ୍ତଚର ଉପଗ୍ରହ ‘ଓରିଅନ’ର ଉତ୍କ୍ଷେପଣ।
- ଲୋକପ୍ରିୟ ସଙ୍ଗୀତଜ୍ଞ ଫ୍ରାଙ୍କ ସିନାତ୍ରାଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଖ୍ୟାତନାମା ଗଜଲ ଗାୟକ ରଘୁନାଥ ପ୍ରଧାନଙ୍କର ୫୮ ବର୍ଷ ବୟସରେ ଦେହାନ୍ତ।

## ଚିରନ୍ତନୀ

ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇଣ୍ଟରନେଟ୍ ବ୍ୟବହାର ନିରାପଦ ନୁହେଁ

ମହାଶୟ,

ଆମ ରାଜ୍ୟର ସାଧାରଣ ବର୍ଗର ଲୋକମାନେ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଏବେ ଖବରକାଗଜ ଲେଉଟାଇଲେ ସବୁଠି ଦେଖିବାକୁ ମିଳୁଛି ଠକେଇ ଖବର। କିଏ ଅନ୍‌ଲାଇନ୍ ଫ୍ରଡ୍‌ର ଶିକାର ହେଉଛନ୍ତି ତ ଆଉ କିଏ ଅନାମଧେୟ ସଂସ୍ଥାରେ ପୁଞ୍ଜି ଖଟାଇ ହେଉଛନ୍ତି ଠକାମିର ଶିକାର। ଅପରାଧୀମାନେ ନାନା ପ୍ରକାର ପ୍ରଶ୍ନ ପଚାରି ମନଗଢ଼ା କାହାଣୀ ଶୁଣାଇ ଲୋକଙ୍କୁ ଠକିବାର ଯୋଜନା କରନ୍ତି। ଏ ନେଇ ସାଧାରଣ ମିଡିଆରେ ସତର୍କବାଣୀ ଦିଆଯାଇଥିଲେ ବି ଲୋକେ ଅଧିକରୁ ଅଧିକ ଠକି ହେଉଛନ୍ତି। ଏସିଆ ମହାଦେଶର ଜାପାନରେ ସବୁଠାରୁ ଅଧିକ ମାତ୍ରାରେ ଏ ଅପରାଧ ଓ ପରେ ଦ୍ୱିତୀୟ ସ୍ଥାନରେ ଭାରତ ରହିଛି। ଗତ କିଛି ମାସ ଧରି କଟକ, ଭୁବନେଶ୍ୱର, ରାଉରକେଲା ସହରରେ ଫେସ୍‌ବୁକ୍ ପ୍ରୋଫାଇଲ ହ୍ୟାକ୍ କରି ଓ ଇମେଲ୍ ଆଇଡି ଲିକ୍ ହୋଇ ଅପରାଧୀମାନେ ଲୁଟୁଛନ୍ତି ଜନତାଙ୍କୁ।

**–ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

smbselfie@gmail.com



@ ଚରଣ



@ ମଙ୍ଗଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥ ନିର୍ମାଣ, ମନ୍ଦିର ପ୍ରତିଷ୍ଠାକୁ ଗୁରୁତ୍ୱ

ଧର୍ମଗଡ଼,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପରିସରରେ ମଙ୍ଗଳବାର ଆସନ୍ତା ରଥଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀ ବ୍ରଜମୋହନ ପଞ୍ଚଦେବ, ଶ୍ରୀ ରାଧାକୃଷ୍ଣ, ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ବେଦ ଭୂଷଣ, ଆଇଏଏସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ରଥଯାତ୍ରା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନୂତନ ରଥ ନିର୍ମାଣ, ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ନିର୍ମାଣାଧୀନ ରୋଷଶାଳାର ଅଗ୍ରଗତି ତଥା ମନ୍ଦିର ଟ୍ରଷ୍ଟର ଅନ୍ୟାନ୍ୟ ମନ୍ଦିରର ପରିଚାଳନା, ଟ୍ରଷ୍ଟ ଓ ରଥଯାତ୍ରାର ଆୟବ୍ୟୟ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ରଥଯାତ୍ରା ପୂର୍ବରୁ ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ପରିସରରେ ନୂତନ ଭାବେ ନିର୍ମିତ ଦୁର୍ଗା ଓ ସୂର୍ଯ୍ୟ ମନ୍ଦିରର ପ୍ରତିଷ୍ଠା କରାଯିବାକୁ ଆଲୋଚନା କରାଯାଇଥିଲା। ଏଥିପାଇଁ ମନ୍ଦିର ପ୍ରତିଷ୍ଠା ତିଥି ବାର ଚୟନ କରି ଆବଶ୍ୟକ



ବୈଠକରେ ଆଲୋଚନା କରାଯାଉଛି।

**ବ୍ରଜମୋହନ ପଞ୍ଚଦେବ, ରାଧାକୃଷ୍ଣ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ବୈଠକ**

ପଦକ୍ଷେପ ନେବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ମନ୍ଦିର ଟ୍ରଷ୍ଟ ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷି, ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର, ସହସମ୍ପାଦକ ହୃଷୀକେଶ ମିଶ୍ର, କୋଷାଧ୍ୟକ୍ଷ ହିମାଂଶୁ ଶେଖର ମୁଣ୍ଡ, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସୁକଲାଲ ଅଗ୍ରୱାଲ, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, ସୁରେନ୍ଦ୍ର କୁମାର ମୁନି, ସନ୍ତୋଷ କୁମାର ମେହେର, କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବୈଠକର ଧର୍ମଗଡ ବିଡିଓ ଶରତ ଚନ୍ଦ୍ର ସେଠୀ, ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଜଗବନ୍ଧୁ ମିଶ୍ର, ଜନ୍ମେଜୟ ନାଏକ ଯୋଗଦେଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ ୪ରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୧୯ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଜୁନ ୨୦ରେ ଗୁଣ୍ଡିଚା ଯାତ୍ରା, ଜୁନ ୨୪ରେ ହେରାପଞ୍ଚମୀ ଓ ଜୁନ ୨୮ରେ ଶ୍ରୀଜୀଉଙ୍କର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।

# ଡ. ଦ୍ୱାରିକାନାଥ ନାୟକଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୬।୫(ବ୍ୟୁରୋ)

**ଅନନ୍ୟା ସାହିତ୍ୟ ଆସର**

ସମ୍ବଲପୁର ସାମ୍ବାଦିକ ଭବନଠାରେ ଅନନ୍ୟା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ସାହିତ୍ୟକ ଡ. ଦ୍ୱାରିକାନାଥ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କବି ସଚ୍ଚି ରାଉତରାୟଙ୍କ ଜୟନ୍ତୀ ପାଳନ ହୋଇଥିଲା। ଏହି ଅବସରରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ସାହିତ୍ୟକ ଡ. ପ୍ରଦୀପ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଭାରେ ଡ. ମୀନକେତନ ପାଠୀ, ଡ. ଶ୍ୟାମସୁନ୍ଦର ଧର ଅତିଥି ଭାବରେ ଯୋଗ ଦେଇଥିଲେ। ଡ. ଗୌରୀ ଦାସ ପ୍ରଧାନ ସଂଯୋଜନା କରିଥିଲେ। ପ୍ରଫେସର ଗିରିଜା ଶଙ୍କର ଶର୍ମା, ଦୁର୍ଗାପ୍ରସାଦ ପଣ୍ଡା, ସାବିତ୍ରୀ ପୁରୋହିତ, ପ୍ରୀତିନନ୍ଦା ପାଣିଗ୍ରାହୀ, ପଙ୍କଜିନୀ ନାୟକ, ମୋହିନୀ ହୋତା, ଡ.ଗୋବିନ୍ଦ ମହାରଣା, ରମେଶଚନ୍ଦ୍ର ମିର୍ଦ୍ଧା, ବୃନ୍ଦାବନ ମିଶ୍ର, ଡ.ସତ୍ୟ ନାରାୟଣ ଠାକୁର, ଦେବାର୍ଚ୍ଚନ ଠାକୁର, ତଫିଜୁଲ୍ ହୁସେନ, କମଳ ଲୋଚନ ପଣ୍ଡା ପ୍ରମୁଖ କବୟିତ୍ରୀ କବିମାନେ କବିତା ପାଠ କରିଥିଲେ। ସାହିତ୍ୟିକ ନାୟକ ସମ୍ବର୍ଦ୍ଧନାର ଉତ୍ତରରେ ନିଜକୁ ଜଣେ ନାଟୁଆ ଭାବରେ ଅଭିହିତ କରି ସାହିତ୍ୟ ପ୍ରତି ଭାବନା, ସାହିତ୍ୟ ସୃଷ୍ଟିଗୁଡିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ଧାରପାଟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା

ସମ୍ବଲପୁର,୧୬।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଅନ୍ଧାରପାଟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଲରପଙ୍କ ଅନ୍ଧାରପାଟ ଆଥଲେଟିକ ଆସୋସିଏଶନ ଆୟୋଜନରେ ପ୍ରତିଯୋଗିତା ହୋଇଥିଲା। ଅନ୍ଧାରପାଟ ଖେଳପଡିଆଠାରେ ତ୍ରିଦିବସୀୟ ଅଣ୍ଡର – ୨୦ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବୁର୍ଲାର ସମଲେଶ୍ୱରୀ କ୍ରିକେଟ ଦଳ ଏବଂ ଧନୁପାଲି କ୍ରିକେଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଧନୁପାଲି କ୍ରିକେଟ ଦଳ ୨୩ ରନରେ ବିଜୟୀ ହୋଇଥିଲା। ଧନୁପାଲି ଦଳର କିରଣ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ସମଲେଶ୍ୱରୀ ଦଳର ଭୁବନ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଅନ୍ଧାରପାଟ ଆଥଲେଟିକ ଆସୋସିଏଶନ ଲରପଙ୍କର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ଗୌଡଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଆସୋସିଏଶନର ସଭ୍ୟମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ହିଣ୍ଡାଲକୋ ସିଏସଆର ସୁକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ହିଣ୍ଡାଲକୋ ସିଏସଆର ଆନନ୍ଦ ଚକ୍ରବର୍ତ୍ତୀ, ଅନ୍ଧାରପାଟ ଆଥଲେଟିକ ଆସୋସିଏଶନର ସଭାପତି ଭୀମସେନ ଆଇନ, ଉପସଭାପତି ଜଗନ୍ନାଥ ଓରାମ, ସଂପାଦକ ମୁକେଶ ଚୌହାନ, କୋଷାଧ୍ୟକ୍ଷ ସୁଧୀର ତରିଆ, ଖଗେଶ୍ୱର ନାଏକ, ପ୍ରୀତମ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ 'ସହର ସେଦିନ ଅନ୍ଧାର ଥିଲା' ମଞ୍ଚସ୍ଥ



ଅତିଥିଙ୍କ ସହ କଳାକାର ଏବଂ ଅନ୍ୟମାନେ।

ଖଡ଼ିଆଳ,୧୬।୫(ଡି.ଏନ.ଏ.)

**ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ**

ନୂଆପଡା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ 'ସହର ସେଦିନ ଅନ୍ଧାର ଥିଲା' ଭୁବନେଶ୍ୱରଠାରେ ରବୀନ୍ଦ୍ର ମଣ୍ଡପ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ପୂର୍ଣ୍ଣ ଚନ୍ଦ୍ର କାନୁନଗୋଙ୍କ ରଚିତ ନାଟକ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ପବିତ୍ର ମୋହନ ପ୍ରଧାନ। କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଦୀର୍ଘ ଅଢେଇ ଘଣ୍ଟା ବାନ୍ଧି ରଖି କରିଥିଲା। ପ୍ରତ୍ୟେକ କଳାକାରଙ୍କ ସ୍ୱପ୍ନ ଥାଏ ଯେ ସେ ଦିନେ କଳାକାର କୋଣାର୍କ ରବୀନ୍ଦ୍ର ମଣ୍ଡପରେ ଅଭିନୟ କରିବା। ଏଭଳି ଏକ ସୁବର୍ଣ୍ଣ ସୁଯୋଗ ମିଳିଥିବାରୁ କଳାକାରମାନେ ନିଜକୁ ଧନ୍ୟ ମନେ କରିଛନ୍ତି। ଦୁଇ ଜଣ ନିର୍ଦ୍ଦେଶକଙ୍କ ପରିଶ୍ରମ ଯୋଗୁ ନାଟକକୁ ମାତ୍ର ୨୦ ଦିନରେ ମଞ୍ଚସ୍ଥ କରିଥିବାରୁ ରବୀନ୍ଦ୍ର ମଣ୍ଡପ କମିଟି ପକ୍ଷରୁ ପ୍ରଶଂସା କରାଯାଇଥିଲା। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସୁଧୀର ପଟ୍ଟନାୟକ, ଭବାନୀ ମହାପାତ୍ରଙ୍କ ସମେତ ଅନେକ ଦର୍ଶକ ଖଡ଼ିଆଳରୁ ରବୀନ୍ଦ୍ର ମଣ୍ଡପ ଯାଇ କଳାକାରମାନଙ୍କୁ ଉତ୍ସାହ କରିଥିଲେ। ନାଟକରେ ବିଭିନ୍ନ ଭୂମିକାରେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ବିଭୂତି ଭୂଷଣ ବିଶି, ସୀମା ରାଉତ (ଅତିଥି କଳାକାର), ସୋମନାଥ ଜଗତ, ସରସ୍ୱତୀ ମହାପାତ୍ର (ଅତିଥି କଳାକାର), ଜାବେଦ ଖାନ, ଅମୁଲ୍ୟ ବାରିକ, ବିଶାଖା ହରିଜନ, ଧର୍ମବୀର ରାଉତ, ପିୟୁଷ ରଞ୍ଜନ ପଣ୍ଡା, ଗୋବିନ୍ଦ ପଣ୍ଡା, ବିଜୟ କୈବର୍ତ୍ତ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ରେଣୁ ରଞ୍ଜନ ବାଗ, ସହଯୋଗ ମୁରଲୀ ଧର ପଟେଲ, କିରଣ ବାରିକ, ଜଳନ୍ଧର ନିଆଲ, ଜିତେନ୍ଦ୍ର ମେହେର, କ୍ଷୀର ସିନ୍ଧୁ ବାରିକ ଓ କଣ୍ଠଶିଳ୍ପୀ ଜ୍ୟୋତିକା ବିଶି ଥିଲେ। ମଞ୍ଚସଜ୍ଜା ଅମୁଲ୍ୟ ବାରିକ ଓ ପୁଣ୍ୟତୋଷ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ଏହି ନାଟକ ସହର ସେଦିନ ଅନ୍ଧାର ଥିଲା ଆସନ୍ତା ଜୁନ ୧୨ରେ ଖଡ଼ିଆଳ ଅଗ୍ରସେନ ଭବନରେ ପ୍ରଦର୍ଶିତ ହେବ ବୋଲି ଅନୁଷ୍ଠିତ ପକ୍ଷରୁ କୁହାଯାଇଛି।

# ଭଡ଼ାଘରେ ଚାଲିଥିଲା ଗଞ୍ଜେଇ କାରବାର

ବଲାଙ୍ଗୀର ଅଫିସ,୧୬।୫

**୧କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ**

ବଲାଙ୍ଗୀର ସହର ଭିତରେ ଚାଲିଥିଲା ବଡଧରଣର ଗଞ୍ଜେଇ କାରବାର। ଖବର ପାଇ ପ୍ୟାଲେସଲାଇନ ପଡାର ଏକ ଭଡା ଘରେ ମଙ୍ଗଳବାର ଟାଉନ ଥାନା ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢାଉ କରିଥିଲା। ଭଡା ଘରୁ ପ୍ରାୟ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ୩ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ସଞ୍ଜୀବ ପଣ୍ଡା, ପ୍ରମୋଦ ନାଗ ଓ ଅଭିଳାସ ବେହେରା। ବିଭିନ୍ନ ଜାଗାରୁ ଗଞ୍ଜେଇ ଆଣି ଭଡା ଘରେ ରଖାଯାଉଥିଲା। ସେଠାରୁ ପ୍ୟାକେଟ କରି ବିଭିନ୍ନ ଜାଗାକୁ ଚାଲାଣ କରାଯାଉଥିଲା। ଫେରାର ମୁଖ୍ୟ ଗଞ୍ଜେଇ ବେପାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୭ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପୋଲିସ ଚଢାଉ ପରେ ସେଠାରେ ଗଞ୍ଜେଇ କାରବାର ଚାଲିଥିବା କଥା ସେ ଜାଣିପାରିଲେ ବୋଲି ଘର ମାଲିକ କହିଛନ୍ତି।

# ଆମ୍ବଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା,୧୬।୫(ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କୁଚିଣ୍ଡା ଏନଏସିର ୱାର୍ଡ ନଂ୮ ଘୋଷାର ଜଣେ ଯୁବକ ଆମ୍ବ ତୋଳୁଥିବା ସମୟରେ ଗଛରୁ ପଡିଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଘୋଷା ଗ୍ରାମର ଯୁଗଳ କିଷାନ (୪୨)। ସୋମବାର ସେ ଆମ୍ବ ତୋଳିବାକୁ ଗଛରେ ଚଢିଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


**PARADIP PORT AUTHORITY**
**MARINE DEPARTMENT**
No.MD/ACCTS/WK-R-3/2023/601
Dated, the 09th May, 2023
**e-TENDER CALL NOTICE**
Name of the Work : "Supply of 01 no Pilot Launch on Hire for Three shifts operation per day along with operational crew for a period of five (05) years". Estimated Cost : Rs.8,54,98,433/- excluding fuel cost & GST. With reference to the above e-tender, last date & time of submission of tender through on-line bidding is till 1500 hours on Dt.31/05/2023. Technical Bids sahll be opened at 16:30 hours on Dt.01/06/2023. For further details, please log on to the Website :https://eprocure.gov.in/eprocure/app .
Dy. Conservator,
Paradip Port Authority
PPA/PR/12/2023-24, Dt.16.05.2023

ई – प्रोक्योरमेन्ट सेल मुख्य अभियंता का कार्यालय, कम्बाईन्ड ऑफिस बिल्डिंग भवन निर्माण विभाग, झारखण्ड, रांची।
ई–प्रोक्योरमेन्ट नोटिस
टेन्डर रेफरेन्स नं0–BCD/CE/20/Latehar/2023-24दिनांक–16-05-2023

| Sl.No | कार्य का नाम | प्राक्कलित राषि (रू0) | कार्य पूर्ण करने की अवधि |
|---|---|---|---|
| 1 | Construction of 150 Bedded Hostel in schedule Tribe Residential School Mahuadanr,Latehar | Rs. 3,90,79,816.00 | 11 माह |

| | | |
|---|---|---|
| 2 | वेबसाइट पर निविदा प्रकाषन की तिथि | 22-05-2023 |
| 3 | वेबसाइट पर बिड प्राप्ति के लिए अन्तिम तिथि/समय | 12-06-2023 up to 11:00 A.M |
| 4 | निविदा प्रकाषित करने वाले कार्यालय का नाम एवं पता | ई – प्रोक्योरमेन्ट सेल मुख्य अभियंता का कार्यालय, कम्बाईन्ड ऑफिस बिल्डिंग, भवन निर्माण विभाग, लाईन टैंक रोड, रांची। |
| 5 | प्रोक्योरमेंट पदाधिकारी का सम्पर्क संख्या | 9631476651 |
| 6 | ई–प्रोक्योरमेंट सेल का हेल्पलाईन संख्या | 9835316593 |

किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
•अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
Note: UCAN Registration is mandatory for the Bidders
नोडल पदाधिकारी ई – प्रोक्योरमेन्ट सेल, मुख्य अभियंता का कार्यालय, कम्बाईन्ड ऑफिस बिल्डिंग, भवन निर्माण विभाग, लाईन टैंक रोड, रांची।
PR 297534 Building(23-24)D

**झारखण्ड सरकार**
**ग्रामीण कार्य विभाग मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

ई–अल्पकालीन पुनर्निविदा आमंत्रण सूचना
ई–अल्पकालीन पुनर्निविदा संख्या:- 321/RI/2023-24/RWD/SIMDEGA दिनांक :- 16.05.2023
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/SIMDEGA/11/SRPKG-01/2022-23 | (i) कुरडेग पी0डब्लू0डी0 मुख्य पथ महुआ टोली से कोचेडेगा रामरेखा पथ बड़ा टुंगरी तक पथ का विशेष मरम्मति कार्य (लं– 3.100 कि0मी0)<br>(ii) सिकरियाटांड़ भंजपाथर से सोगड़ा होते हुए करजिटांड़ ठाईटांगर पाकड़टांड़ तक पथ का विशेष मरम्मति कार्य (लं– 9.950 कि0मी0)<br>(iii) कोनपाला जामटांड़ से ठेठईटांगर बोलबा पथ भाया जपलंगा तक पथ का विशेष मरम्मति कार्य (लं– 13.000 कि0मी0)<br>(iv) बेन्दोजोर आर0ई0ओ0 पथ से पी0डब्लू0डी0 पथ भाया तुरतुरपानी का विशेष मरम्मति कार्य (लं– 5.300 कि0मी0)<br>(v) आर0ई0ओ0 पथ बानाबीरा से कुल्लुकेरा भाया टैंसेरा तक पथ का विशेष मरम्मति कार्य (लं– 1.100 कि0मी0) | 13,66,74,904.00 | तेरह करोड़ छियासठ लाख चौहत्तर हजार नौ सौ चार रू0 मात्र | 09 माह | द्वितीय |

2. वेबसाईट में निविदा प्रकाशन की तिथिः– 22.05.2023
3. ई–निविदा प्राप्ति की अंतिम तिथि एवं समयः– 01.06.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, सिमडेगा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– 02.06.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (02.06.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः– 05.06.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, सिमडेगा के पक्ष में एवं सिमडेगा में भुगतेय जमा करना होगा जो लौटाया नहीं जायेगा।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR297521 (Rural Work Department)23-24*D

On the Occasion of Sabitri Brata
**SPECIAL HANDLOOM EXPO - 2023**
ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ
**ସତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩**
Ekamra Haat, Unit -III, Bhubaneswar
Upto 21-05-2023 at 11.00 AM to 9.00 PM
AVAIL SPECIAL GOVT. DISCOUNT
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by
Handlooms, Textiles & Handicrafts Department
Government of Odisha

**ଭାରତ ସରକାର**
**ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ**
**କୃଷି ଏବଂ କୃଷକ କଲ୍ୟାଣ ବିଭାଗ**
**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ**
ୱେବ୍‌ସାଇଟ୍: "www.plantauthority.gov.in"
PPVFRA

**ଉଦ୍ଭିଦ ଜିନୋମ୍ ଉଦ୍ଧାରକ ପୁରସ୍କାର ୨୦୨୨-୨୩**
ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ର ଧାରା ୩୯(୧) (iii) ସହିତ ପଠନପୂର୍ବକ ପିପିଭିଏଫ୍‌ଆର୍ (ଜିନ୍ ପାଣ୍ଠି ତରଫରୁ ସ୍ୱୀକୃତି ଏବଂ ପୁରସ୍କାର) ନିୟମାବଳୀ, ୨୦୧୨ ଏବଂ ପିପିଭିଏଫ୍‌ଆର୍ (ଜିନ୍ ପାଣ୍ଠି ତରଫରୁ ସମୁଦାୟ ପୁରସ୍କାର) ନିୟମାବଳୀ, ୨୦୧୮ ଅଧୀନରେ
**କୃଷକ(ଗଣ) ଏବଂ କୃଷି ସମୁଦାୟ ପାଇଁ ଭାରତର ସର୍ବୋଚ୍ଚ ପୁରସ୍କାର/ସମ୍ମାନ/ସ୍ୱୀକୃତି**
ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ରେ କୃଷକଙ୍କ ଅଧିକାରର ଏକ ନିଆରା ଦିଗ ଯାହା ଭୂ–କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକ ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କ୍ଷେତ୍ରରେ ସଂଶ୍ଳିଷ୍ଟ କୃଷକମାନଙ୍କୁ ପୁରସ୍କାର, ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ କରିବାର ସୁବିଧା ଯୋଗାଉଥାଏ।
**୧. ଉଦ୍ଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର**
**ପୁରସ୍କାର:** ବର୍ଷରେ ସର୍ବାଧିକ ୫ଟି ପୁରସ୍କାର, ଯେଉଁଥିରେ ପ୍ରତ୍ୟେକ ଟ.୧୦,୦୦,୦୦୦/– (ଦଶ ଲକ୍ଷ ଟଙ୍କା ମାତ୍ର), ଏକ ମାନପତ୍ର ଏବଂ ଏକ ସ୍ମୃତିଚିହ୍ନ ରହିଥାଏ।
**କେଉଁମାନେ ଆବେଦନ କରିପାରିବେ:** ଭୂ–କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକର ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କରିବାରେ ସଂଶ୍ଳିଷ୍ଟ ଓ ଏପରି ଭାବେ ଚୟନିତ ଏବଂ ସଂରକ୍ଷିତ ସାମଗ୍ରୀକୁ କିସମର ଉନ୍ନତୀକରଣ ପାଇଁ ଅନ୍ୟମାନଙ୍କ ସହ ଭାଗ କରିଥିବା କୃଷକମାନଙ୍କର ଏକ ସମୁଦାୟ।
**୨. ଉଦ୍ଭିଦ ଜିନୋମ୍ ଉଦ୍ଧାରକ କୃଷକ ସମ୍ମାନ/ସ୍ୱୀକୃତି**
**ସମ୍ମାନ:** ସର୍ବାଧିକ ୧୦ଟି ପୁରସ୍କାର, ଯେଉଁଥିରେ ମାନପତ୍ର, ସ୍ମୃତିଚିହ୍ନ ଏବଂ ଟ.୧,୫୦,୦୦୦ (ଏକଲକ୍ଷ ପଚାଶ ହଜାର ଟଙ୍କା ମାତ୍ର)ର ନଗଦ ରାଶି ରହିଥାଏ।
**ସ୍ୱୀକୃତି:** ସର୍ବାଧିକ ୨୦ଟି ସ୍ୱୀକୃତି, ଯେଉଁଥିରେ ମାନପତ୍ର, ସ୍ମୃତିଚିହ୍ନ ଏବଂ ଟ.୧,୦୦,୦୦୦ (ଏକଲକ୍ଷ ଟଙ୍କା ମାତ୍ର)ର ନଗଦ ରାଶି ରହିଥାଏ।
**କେଉଁମାନେ ଆବେଦନ କରିପାରିବେ:** ଭୂ–କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକର ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କରିବା ଓ ଏପରି ଭାବେ ଚୟନିତ ଏବଂ ସଂରକ୍ଷିତ ହୋଇଥିବା ସାମଗ୍ରୀକୁ ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ ଅଧୀନରେ ପଞ୍ଜୀକରଣଯୋଗ୍ୟ କିସମରେ ବ୍ୟବହାର ପାଇଁ ଜିନ୍‌ର ଦାତା ରୂପେ ସଂଶ୍ଳିଷ୍ଟ କୃଷକ (ବିନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅଭିପ୍ରେରଣ କରାଯିବ ଏବଂ ସମ୍ପୃକ୍ତ ଅନୁଷ୍ଠାନର ପ୍ରମାଣପତ୍ର ସଂଲଗ୍ନ କରାଯିବ)।
**କିପରି ଆବେଦନ କରିବେ:** ଦରଖାସ୍ତ ଫର୍ମ ଏବଂ ସବିଶେଷ ମାର୍ଗଦର୍ଶିକା ପ୍ରାଧିକରଣର ୱେବ୍‌ସାଇଟ୍ https://www.plantauthority.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ କିମ୍ବା ପିପିଭିଏଫ୍‌ଆର୍ ପ୍ରାଧିକରଣ, ନୂଆଦିଲ୍ଲୀ କାର୍ଯ୍ୟାଳୟ ଅଥବା ରାଞ୍ଚି, ଗୁଆହାଟୀ, ପାଲମପୁର, ପୁଣେ ଏବଂ ଶିବମୋଗା ସ୍ଥିତ ଏହାର କାର୍ଯ୍ୟାଳୟ (ଦୟାକରି ଠିକଣା ୱେବ୍‌ସାଇଟ୍‌ରେ ଦେଖନ୍ତୁ)ରୁ ଯେକୌଣସି କାର୍ଯ୍ୟଦିବସରେ ପୂର୍ବାହ୍ନ ୯.୦୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ହାସଲ କରାଯାଇପାରିବ। ଦରଖାସ୍ତଗୁଡ଼ିକୁ ହିନ୍ଦୀ କିମ୍ବା ଇଂରାଜୀରେ ଦାଖଲ କରାଯାଇପାରିବ। କୌଣସି ଦରଖାସ୍ତ ଦେୟ ନାହିଁ। କେବଳ ପୂରଣ ହୋଇଥିବା ଫର୍ମ ଏବଂ ତାହା ସପକ୍ଷରେ କାଗଜପତ୍ର(ଗୁଡ଼ିକ) ଦାଖଲ କରାଯିବା ଆବଶ୍ୟକ।
**ଦରଖାସ୍ତଗୁଡ଼ିକୁ ଅଭିପ୍ରେରଣ କରିବାର ମାଧ୍ୟମ:** ସମ୍ପୃକ୍ତ ପଞ୍ଚାୟତର ଅଧ୍ୟକ୍ଷ/ସଚିବ, ଜୈବବିବିଧତା ପରିଚାଳନା କମିଟି କିମ୍ବା ସମ୍ପୃକ୍ତ ଜିଲ୍ଲା କୃଷି ଅଧିକାରୀ କିମ୍ବା ସମ୍ପୃକ୍ତ କେନ୍ଦ୍ର/ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟର ଗବେଷଣା ନିର୍ଦ୍ଦେଶକ କିମ୍ବା ସମ୍ପୃକ୍ତ ଜିଲ୍ଲା ଆଦିବାସୀ ବିକାଶ କାର୍ଯ୍ୟାଳୟ। ହେଲେ, ଉଦ୍ଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର ନିମନ୍ତେ ଦରଖାସ୍ତ କ୍ଷେତ୍ରରେ, ତାହାକୁ ସମ୍ପୃକ୍ତ କ୍ଷେତ୍ରୀୟ ପ୍ରକଳ୍ପ ନିର୍ଦ୍ଦେଶକ, ଭାରତୀୟ କୃଷି ଗବେଷଣା ପରିଷଦ (ବର୍ତ୍ତମାନ ନିର୍ଦ୍ଦେଶକ – କୃଷି ପ୍ରଯୁକ୍ତି ପ୍ରୟୋଗ ଗବେଷଣା ଅନୁଷ୍ଠାନ (ଏଟିଏଆର୍‌ଆଇ) – ଆଇସିଏଆର୍‌ଙ୍କ ମାଧ୍ୟମରେ ଆନୁଷ୍ଠାନିକ ମୋହର ସହିତ ମଧ୍ୟ ଅଭିପ୍ରେରଣ କରାଯାଇପାରିବ।
**ଦରଖାସ୍ତ ଦାଖଲର ଶେଷ ତାରିଖ:** ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ତାହା ସପକ୍ଷରେ ସୂଚନା, ପ୍ରମାଣ/କାଗଜପତ୍ର/ବିବରଣୀ/କରାଯାଇଥିବା ଦାବିର ପ୍ରମାଣ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩ (ତିନି) ମାସ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଶେଷ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ।
**ଉମାକାନ୍ତ ଦୁବେ, ଉପନିବନ୍ଧକ, ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ଏସ୍-୨ 'ଏ' ବ୍ଲକ୍, ଏନ୍‌ଏଏସ୍‌ସି କମ୍ପ୍ଲେକ୍ସ, ଡିପିଏସ୍ ମାର୍ଗ, ତୋଡ଼ାପୁର ଗ୍ରାମ ସମ୍ମୁଖ, ନୂଆଦିଲ୍ଲୀ -୧୧୦୦୧୨।**
ଟେଲି: ୦୧୧-୨୫୮୪୨୮୪୬, ଇ-ମେଲ୍- uk.dubey@gmail.com
CBC 01146/11/0001/2324

**STATE BANK OF INDIA**
Regional Business Office : II, Cuttack
Link Road, Madhupatna Square,
Cuttack - 753010,Ph : 9437918319,
e-mail - cmcscm2.bhu1@sbi.co.in
**PREMISES REQUIRED ON LEASE BASIS**
State Bank of India, RBO - II, Link Road, Madhupatna Square, Cuttack invites sealed offers from the PSUs / Government / Promoters / Private Parties having ownership of R.C.C. Building, ready for immediate occupation for its under noted branch, preferablty at Ground Floor, with good communication facility for establishment of Branch of SBI at same locality. The intending parties collect tender document from RBO - II, SBI, Link Road, Madhupatna Square, Cuttack and also from the concerned branch from 17.05.2023 to 31.05.2023.

| Branch | Carpet Area | Electrical | Parking |
|---|---|---|---|
| Gopalpur Cuttack | 2000 sq.ft to 2500 sq.ft | 25 KW | (200-300 sqft) |

The premises shall be required to be altered / modified as per Bank's requirement and specifications. Interested parties who can legally offer the premises should submit their offer in two separate sealed covers, super-scribed "Technical Bid" and "Price Bid" with name of the branch at following address on or before 31.05.2023 16.00 hrs.
Regional Manager
SBI, RBO - II, Madhupatna Square, Cuttack

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**R.W.S&S DIVISION, BHADRAK**
Email:rwssdivisionbhadrak@gmail.com
**"e" Procurement Notice**
**Bid Identification No.RWSS (BDK):-02/2023-24**
**No.O-140:**1. Name of the Work: Execution of 02 Nos. Balance work of RPWS Schemes and 03 Nos. Replacement & Relaying pipe lines works under Bonth, B. Pokhari & Basudevpur Block. 2. Total Number of Work: 05 (Five) Nos. Schemes. 3. Estimated Cost: Rs.8.09 to 63.02 Lakhs. 4. Class of Contractor : B, C & D Class. 5. Period of Completion: 02 to 09 Months.

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To |
|---|---|---|---|
| Executive Engineer, RWSS Division, Bhadrak | RWSS (BDK):-02/2023-24 | 20.05.2023 (From 10.00 A.M.) | 02.06.2023 upto 17.00 PM |

Further details can be seen from the e-procurement portal "www.tendersodisha.gov.in". Subsequent corrigendum, if required shall be appeared in the website only.
Sd./- Executive Engineer
RWS&S Division, Bhadrak
OIPR-25020/11/0004/2324

## ସଂକ୍ଷେପରେ

### ହରିଶଙ୍କର ମନ୍ଦିର ଦାନହୁଣ୍ଡିରୁ ମିଳିଲା ୯୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା



**ଖପ୍ରାଖୋଲ,୧୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ଦାନହୁଣ୍ଡିକୁ ପ୍ରଶାସନ ତରଫରୁ ମଙ୍ଗଳବାର ଖୋଲାଯାଇଥିଲା। ହୁଣ୍ଡିରୁ ୯୪ ହଜାର ୭୮୨ ଟଙ୍କା ମିଳିଛି। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ ସହକାରୀ ଜିଲାପାଳ ପଦ୍ମନାଭ ମହାରଣା, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ହୁଣ୍ଡି ସାତ ମାସ ପରେ ଖୋଲାଯାଇଛି।

### ଓଇଏସ୍ ପରୀକ୍ଷାରେ ୮୮ନଂ. ର୍‍ୟାଙ୍କରେ ଆନନ୍ଦ

**ଦେଓଗାଁ,୧୬।୫(ଡି.ଏନ.ଏ):** ଓଡିଶା ପବ୍ଲିକ ସର୍ଭିସ କମିଶନ ମାଧମରେ ହେଉଥିବା ଓଡିଶା



ଶିକ୍ଷା ସେବା (ଓଇଏସ) ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ଏଥିରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ଆନନ୍ଦ ବେହେରା ରାଜ୍ୟରେ ୮୮ ନଂ ର୍‍ୟାଙ୍କ ରଖି କୃତିତ୍ୱ ଅର୍ଜନ କରିଛନ୍ତି । ଶିକ୍ଷକ ବିଭୂତି ଭୂଷଣ ବେହେରା ଓ ଡୋଲେଶ୍ୱରୀ ବେହେରାଙ୍କ ଜ୍ୟେଷ୍ଠପୁତ୍ର ଆନନ୍ଦ ଦେଓଗାଁ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବରଗଡ ବିକାଶ ଜୁନିୟର କଲେଜରେ ଯୁକ୍ତ ୨ ବିଜ୍ଞାନ, ଟିଟିଲାଗଡ ଡିଏଭି କଲେଜରୁ ବିଏସସି, ବଲାଙ୍ଗୀର ସିଟିଇରୁ ବିଏଡ ଡିଗ୍ରୀ ଓ ଏସଓୟୁରୁ ପିଜି ଡିଗ୍ରୀ ଲାଭ କରିଛନ୍ତି । ତାଙ୍କ ଏହି ସଫଳତାରେ ମାତାପିତା ଓ ଗୁରୁଜନଙ୍କୁ ଶ୍ରେୟ ଦେଇଛନ୍ତି।

### ଆଜିଠୁ ନବମ ଭୀମପାହାଡ଼ ମହୋତ୍ସବ

**ଯୋଗଦେବେ ୧୯ଟି ସାଂସ୍କୃତିକ ଦଳ**

**ଦେଓଗାଁ,୧୬।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହଡ ପାଦଦେଶରେ ବୁଧବାରଠାରୁ ୪ଦିନ ଧରି ନବମ ଭୀମପାହାଡ ମହୋତ୍ସବ ଆୟୋଜିତ ହେବ। ଏଥିରେ ଜିଲା ତଥା ରାଜ୍ୟ ବାହାରୁ ୧୯ଟି ସାଂସ୍କୃତିକ ଦଳ ଯୋଗଦେବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ସକାଳ ୮ଟାରୁ ଜରାସିଂହା ପାଟଖଣ୍ଡା ମନ୍ଦିର, କୁମୁରିଆ ଶୁଲିଆ ପୀଠ, ଆଟଗାଁ ପୁଡାପାଠ ମନ୍ଦିରରୁ ଏକାସାଙ୍ଗରେ ମଶାଲ ସାଂସ୍କୃତିକ ମଞ୍ଚରେ ପହଞ୍ଚିବ। ସେଠାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି ଯୋଗଦେଇ ମଶାଲ ଗ୍ରହଣ କରିବାପାଇଁ ସ୍ଥିରିକୃତ ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ ସଭା ଓ ରାବଣ ଦରବାର ଆରମ୍ଭ ହେବ। ରାବଣ ଭୂମିକାରେ ରବିନ୍ଦ୍ର ସାହୁ ଅବତୀର୍ଣ୍ଣ ହେବେ। ୧୯ଟି ସାଂସ୍କୃତିକ ଦଳ ମହୋତ୍ସବରେ ଯୋଗଦେବାପାଇଁ ସ୍ଥିରୀକୃତ ହୋଇଥିବା ଉତ୍ସବ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ବହିଦାର ତଥା ଆବାହକ ଲକ୍ଷ୍ମଣ କୁମାର ମେହେର ସୂଚନା ଦେଇଛନ୍ତି । ଏ ଅବସରରେ ୧୯ ତାରିଖରେ ଭୀମପାହାଡର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ଯାଞ୍ଚ କଲେ ଖାଦ୍ୟ ନିରୀକ୍ଷକ

**କଣ୍ଟାବାଞ୍ଜି, ୧୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଥିବା ବିଭିନ୍ନ ବିଶୁଦ୍ଧ ପାଣି ଓ ମୃଦୁ ପାନୀୟ ତିଆରି କମ୍ପାନୀରେ ଖାଦ୍ୟ ନିରୀକ୍ଷକ ଟିଟିଲାଗଡ ଓ ସ୍ଥାନୀୟ ପୋଲିସ ପକ୍ଷରୁ ମଙ୍ଗଳବାର ଯାଞ୍ଚ କରାଯାଇଥିଲା। ବିଭିନ୍ନ କମ୍ପାନୀର ନାମ ଦେଇ ମୃଦୁ ପାନୀୟ, ପାଣି ପ୍ୟାକେଟ, ପାଣି ବୋତଲ ଏବଂ ସୋଡା ତିଆରି କରୁଥିବା ମାଲିକଙ୍କୁ ଥାନାକୁ ଡକାଇ କାଗଜ ପତ୍ର ଅଧିକାରୀମାନେ ଯାଞ୍ଚ କରିଥିଲେ। ତିଆରି ହୋଇଥିବା ତାରିଖ, ଅବଧି ଅଛି ନା ନାହିଁ ,ଏଫଏସଏସଆଇ ଦ୍ୱାରା ପଞ୍ଜୀକୃତ ହୋଇଛି କି ନାହିଁ, ଜିଏସ୍‌ଟି କାଗଜାତ ଯାଞ୍ଚ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ଧାର୍ଯ୍ୟ ସମୟରେ ଦାଖଲ ନ କଲେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ପାଳି କରି ଯୋଗାଣ ହେଉଛି ପାଣି

**ଲୋଇସିଂହା,୧୬।୫(ଡି.ଏନ.ଏ)**

■ ଗୋଟିଏ ପ୍ରକଳ୍ପରେ ହେଉନି ଆବଶ୍ୟକ ପାଣି, ଅନ୍ୟଟିରେ ଗ୍ରୀଷ୍ମରେ ପାଣି ହେଉନି

■ ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁରେ ଏବେ ଉକ୍‌ଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗାଁରେ ନିର୍ମିତ ଜଳ ପ୍ରକଳ୍ପ ଫେଲ ମାରିବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି। ୬ୱାର୍ଡ ବିଶିଷ୍ଟ ନଅଗାଁ(ଖ) ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ନିରନ୍ତର ଜଳଯୋଗାଣ ପାଇଁ ଗାଁରେ ଏକ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଗ୍ରାମର ନୂଆକଟାଁ ପରିସରରେ ଏକ କୂପ ଖୋଳାଯାଇ ଷ୍ଟାଣ୍ଡପୋଷ୍ଟ ଜରିଆରେ ଜଳଯୋଗାଣ ହେଉଛି । ହେଲେ ଖରାଦିନେ କଟା ଶୁଖି ଯାଇଥାଏ । ଫଳରେ ଏହି ଦିନରେ ପ୍ରକଳ୍ପ ପାଣି ନିଅଣ୍ଟିଆ ହୋଇଥାଏ । ନିତିଦିନ ପାଣି ଯୋଗାଣ ସମ୍ଭବ ହୋଇ ନ ଥାଏ। ଗ୍ରାମରେ ନିୟମିତ ପାଣି ଯୋଗାଣ ପାଇଁ ରୁଗୁଡିଖାଲ ରାସ୍ତାରେ ଗ୍ରାମରୁ ୧ ଶହ ମିଟର ଦୂରରେ ଥିବା ଜୁନାନୀ ଜୋରରେ ୨୦୨୧ମସିହାରେ ଏକ ନୂତନ ଜଳ ପ୍ରକଳ୍ପ ଖୋଳାଯାଇଛି। ବର୍ଷାଦିନରେ କେବଳ ଏହି ଜୋରରେ ପାଣି ଆସିଥାଏ। ବର୍ଷର ଅନ୍ୟ ସମୟରେ ଜୋର ଶୁଖିଲା ପଡିଥାଏ । ତେଣୁ ଆରମ୍ଭରୁ ଗ୍ରାମବାସୀ ବିରୋଧ କରି ସେଠାରେ କୂଅ ଖୋଳିବାକୁ ମନା କରିଥିଲେ । ବିକଳ୍ପ ସ୍ଥାନ ନେଇ କହିଥିଲେ। ହେଲେ ବିଭାଗୀୟ ଅଧିକାରୀ ଏବଂ କାମ କରୁଥିବା ଠିକାସଂସ୍ଥା ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ଜୁନାନୀ ଜୋରରେ ଜଳ ପ୍ରକଳ୍ପ ପାଇଁ କୂଅ ଖୋଳା ଯାଇଥିଲା। ୨୦୨୨ ମସିହାରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ବର୍ଷାଋତୁରେ ଉକ୍ତ ପ୍ରକଳ୍ପ ଚାଲିଥିଲା। ଏବେ ଗ୍ରୀଷ୍ମ ହେବାରୁ ଜୋର ଶୁଖିଲା ପଡିଥିବାରୁ ପ୍ରକଳ୍ପରେ ପାଣି ହେଉନାହିଁ। ଫଳରେ ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ ରହିଛି। ପୁରୁଣା ପ୍ରକଳ୍ପରୁ ଗାଁକୁ ଜଳଯୋଗାଣ ହେଉଛି। ହେଲେ ସେଠାରେ ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ପାଳି କରି ଯୋଗାଣ କରାଯାଉଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଜୁନାନୀ ଯୋରରେ ନିର୍ମିତ ପ୍ରକଳ୍ପ।

# ମ୍ୟାଲେରିଆ ପ୍ରତିରୋଧ ପାଇଁ ଗୋଷ୍ଠୀ ସେଚତନତା

**ଲାଞ୍ଜିଗଡ଼,୧୬।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଦ୍ୱାରା ବିଶ୍ୱ ମ୍ୟାଲେରିଆ ଦିବସରେ ମ୍ୟାଲେରିଆ ପ୍ରତିରୋଧ ପାଇଁ ଗୋଷ୍ଠୀ ସେଚତନତା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଲାଞ୍ଜିଗଡ଼ ବେଦାନ୍ତ ହସ୍ପିଟାଲର ମେଡିକାଲ ବିଶେଷଜ୍ଞଙ୍କ ନେତୃତ୍ୱରେ ସେଚତନତା ଅଭିଯାନ ଆରମ୍ଭ କରିଥିଲା। କାର୍ଯ୍ୟକ୍ରମରେ ମଶାରିକୁ କିପରି ଠିକ ଭାବେ ବ୍ୟବହାର କରାଯିବ ସେ ସମ୍ପର୍କରେ ଏକ ପ୍ରଦର୍ଶନି ଓ ମଶା ପ୍ରଜନନର ସାଧାରଣ ସ୍ଥାନ ବିଷୟରେ ଲୋକମାନଙ୍କୁ ସୂଚନା ଦିଆଯାଇଥିଲା। ଆଖପାଖ ପରିଷ୍କାର ରଖିବା ଓ ଅଟକି ରହିଥିବା ଜଳ ଓ ବର୍ଜ୍ୟବସ୍ତୁକୁ ମୁକ୍ତ ରଖିବା ଉପରେ ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା। ମ୍ୟାଲେରିଆ ଦୂରୀକରଣ ଲକ୍ଷ୍ୟ ବିଷୟରେ ବେଦାନ୍ତ ଡେପୁଟି ସିଇଓ ଜି.ଜି. ପାଲ କହିଛନ୍ତି ଯେ ଲାଞ୍ଜିଗଡ଼ର ବେଦାନ୍ତ ପାଇଁ ଗୋଷ୍ଠୀର ସ୍ୱାସ୍ଥ୍ୟ ସର୍ବଦା ପ୍ରମୁଖ ବିଷୟ ହୋଇ ରହିଛି। ଦୀର୍ଘସ୍ଥାୟୀ ଉନ୍ନତି ଓ ବ୍ୟାପକ ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମର ଲକ୍ଷ୍ୟ। ଗୋଷ୍ଠୀ ଉପେର ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ମତ ଦେଇ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାଏକ କହିଛନ୍ତି ଯେ ପୂର୍ବରୁ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିଲା। ବେଦାନ୍ତ ଦ୍ୱାରା ଲାଞ୍ଜିଗଡର ହସ୍ପିଟାଲ ପ୍ରତିଷ୍ଠା ହେବା ଦ୍ୱାରା ଏଠାରେ ସବୁ ପ୍ରକାର ଚିକିତ୍ସା ସୁବିଧା ମିଳିପାରୁଛି। ବେଦାନ୍ତ ହସ୍ପିଟାଲ ଲାଞ୍ଜିଗଡ଼ରେ ୨୦ ଶଯ୍ୟା ବିଶିଷ୍ଟ ସେବା ସୁବିଧା ମାଗଣାରେ ଉପଲବ୍ଧ ହୋଇଥାଏ। ୬୦ କିମି ମଧ୍ୟରେ ଥିବା ଲୋକମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ଆମର ଶିକ୍ଷା, ଜୀବିକା, ତୃଣମୂଳସ୍ତରୀୟ କ୍ରୀଡ଼ା ବିକାଶ, କଳା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ ପ୍ରୋତ୍ସାହନ ମୂଳକ କାର୍ଯ୍ୟପନ୍ଥାମାନ ରହିଛି।

# ପାନୀୟ ଜଳ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ

**କୋକସରା,୧୬।୫(ଡି.ଏନ.ଏ.)**

**ଧନସରା ୯ ନମ୍ବର ୱାର୍ଡ଼ର ମହିଳା**

ଅସହ୍ୟ ଖରାତାତି ସହ ପ୍ରବଳ ଗୁଳୁଗୁଳି (ହିଟ୍‌ୱେଭ୍) ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ପଶ୍ଚିମ ଓଡ଼ିଶାରେ ସ୍ଥିତି ସବୁଠୁ ବିଗିଡି ଯାଇଛି। ଏପରି ସ୍ଥିତିରେ ମଙ୍ଗଳବାର ପାନୀୟ ଜଳ ସମସ୍ୟା ନେଇ କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଧନସରା ଗ୍ରାମର ୯ ନମ୍ବର ୱାର୍ଡର ମହିଳାମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଧନସରା ଗ୍ରାମର ୯ ନମ୍ବର ୱାର୍ଡ ଯଜ୍ଞ ମଣ୍ଡପ ପଡାର ଗ୍ରାମବାସୀଙ୍କୁ ଘାରିଛି ପାନୀୟ ଜଳ ଚିନ୍ତା। ଗ୍ରାମର ୯ ନମ୍ବର ୱାର୍ଡରେ ପାନୀୟ ଜଳ ପାଇଁ କୌଣସି ନଳକୂପ ନ ଥିବା ବେଳେ ପାନୀୟ ଜଳ ପାଇଁ ପଡାବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ମଧ୍ୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ପାନୀୟ ଜଳ ପାଇଁ ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ମଙ୍ଗଳବାର ପଡାର ମହିଳାମାନେ ଖରାକୁ ଖାତିର ନ କରି କୋକସରା ବ୍ଲକରେ ପହଞ୍ଚି କୋକସରା ଅଧ୍ୟକ୍ଷା ରିତା ଅଗ୍ରୱାଲ ଓ ବିଡିଓ ଉତ୍ତମ ବାଗଙ୍କ ଜରିଆରେ ପାନୀୟ ଜଳ ଯୋଗାଣ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଅନୁପସ୍ଥିତ ରହିଥିବା ବେଳେ ବିଡିଓଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାଙ୍କ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେଇ ପାନୀୟ ଜଳ ଯୋଗାଣ କରାଯିବା ପାଇଁ ବିଡିଓ ପଞ୍ଚାୟତ ସରପଞ୍ଚ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ଧନସାରା ଗ୍ରାମର ସଞ୍ଜଳା ଦୁର୍ଗା, ଅଷ୍ଟମୀ ତାଣ୍ଡି, ବନିତା ନିଆଲ, ସଂତୋଷି ସତନାମୀ, ଲତା ତାଣ୍ଡି, ବଳିରାମ ବେହେରା, ବସନ୍ତ ଜାଲ ପ୍ରମୁଖ ଉପସ୍ଥିତ ରହିଥିଲେ।



ପାନୀୟ ଜଳ ପାଇଁ ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଗଲା ଶୁଭ



ସାଧାରଣ ସୁବିଧାକେନ୍ଦ୍ର ନିର୍ମାଣର ଶୁଭାରମ୍ଭ କରାଯାଉଛି।

**ଦେଓଗାଁ,୧୬।୫(ଡି.ଏନ.ଏ)**

**ବଡବନ୍ଧରେ ଓଭରହେଡ ଟାଙ୍କିର ଶୁଭାରମ୍ଭକୁ ସରପଞ୍ଚଙ୍କ ବିରୋଧ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମଙ୍ଗଳବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ମମତା କୁମୁରା ଯୋଗଦେଇ ବଡବନ୍ଧଠାରେ ନିର୍ମାଣ ହେବାକୁ ଥିବା ଓଭରହେଡ ଟାଙ୍କି, ବନ୍ଧପଡାରେ ସାଧାରଣ ସୁବିଧାକେନ୍ଦ୍ର ଗୃହ ଓ ଫାଣ୍ଡି ସମ୍ମୁଖରେ ଅମୃତଧାରା ପ୍ରକଳ୍ପ ଏବଂ ସିଂହାମୁଣ୍ଡା ପଞ୍ଚାୟତ ପରିସରରେ ଅମୃତଧାରା ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ, ପ୍ରଦୀପ ବରଗିର୍ତ୍ତି, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବନ୍ଧପଡାର ବରିଷ୍ଠ କଂଗ୍ରେସ କର୍ମୀ ରମାକାନ୍ତ ନାଏକ ବିଜେଡିରେ ଯୋଗଦେଇଥିଲେ ।

ତେବେ ବଡବନ୍ଧଠାରେ ନିର୍ମାଣ ହେବାକୁ ଥିବା ଓଭରହେଡ ଟାଙ୍କିର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର ଅସନ୍ତୋଷ ବ୍ୟକ୍ତ କରିବା ସହ ଶୁଭାରମ୍ଭ ସ୍ଥଳରେ ପ୍ରତିବାଦ କରିଥିଲେ। ଏହି ପ୍ରକଳ୍ପ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରସ୍ତାବ ଦ୍ୱାରା ଅନୁମୋଦିତ ହୋଇଥିବାରୁ ବିଧାୟକ ଓ ଏମ୍‌ପିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯିବା କଥା ବୋଲି ଉପସ୍ଥିତ ଅତିଥିଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ନିର୍ବାଚନ ପାଖେଇ ଆସୁଥିବାରୁ ନଡିଆ ଭଙ୍ଗା ପ୍ରତିଯୋଗୀତା ଆରମ୍ଭ ହେଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

### ୨ ମାଓବାଦୀଙ୍କ ଅନ୍ତିମ ସଂସ୍କାର କଲା ପୋଲିସ

**ଜଣଙ୍କର ମୃତଦେହ ନେଲେ ପରିବାରବର୍ଗ**

**ଭବାନୀପାଟଣା,୧୬।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଅନ୍ତର୍ଗତ ଟାପରାଙ୍ଗ ଗ୍ରାମରେ ଗତ ୯ ତାରିଖରେ ମାଓବାଦୀ ଓ ପୋଲିସଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖାଯାଇଥିଲା। ୭ ଦିନ ପରେ ବି ୨ମୃତ ମାଓବାଦୀଙ୍କ ପରିବାରବର୍ଗ ସେମାନଙ୍କ ମୃତଦେହକୁ ନେବା ପାଇଁ ଆସି ନ ଥିଲେ। ଫଳରେ ମଙ୍ଗଳବାର ଭବାନୀପାଟଣା ସଦର ଥାନା ସମ୍ମୁଖରେ ମୃତ ୨ ମାଓବାଦୀଙ୍କ ଅନ୍ତିମ ସଂସ୍କାର କରିଛି ପୋଲିସ। ଅନ୍ୟ ଜଣେ ମାଓବାଦୀଙ୍କ ମୃତଦେହ ତାଙ୍କ ପରିବାରବର୍ଗ ନେଇଥିବା ଜଣାପଡିଛି। ଅନ୍ତିମ ସଂସ୍କାର ବେଳେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଦିଲୀପ କୁମାର ପାତ୍ରଙ୍କ ସମେତ ଡିଏସପି ଅଜୟ ଦାଶ, ଏସ୍‌ଆଇ ଶ୍ରୀରାଜ ପାଢି, ପୋଲିସ ସଦଳବଳ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କୁଚିଣ୍ଡା,୧୬।୫(ଡି.ଏନ.ଏ.)**

ବାମରା ବ୍ଲକ ଅନ୍ତର୍ଗତ ରବଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରବଗା ସରପଞ୍ଚ ଭବାନୀ ରାଉତିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ଗଡ଼ପୋଷ, ପିଣ୍ଡାପଥର, ରବଗା, କିନାବଗା ଓ ସଗରା ପଞ୍ଚାୟତ ଅଞ୍ଚଳରୁ ମୋଟ ୧୨ ଗୋଟି ଅଭିଯୋଗ ଆସିଥିଲା। ଏଥିରେ ବାମରା ବ୍ଲକ ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ମିନତୀ ମିଶ୍ର, ଯୋଗାଣ ଅଧିକାରିଣୀ ସୁମିତ୍ରା ଓରାମ ପ୍ରମୁଖ ଯୋଗ ଦେଇଥିଲେ।

# ତହସିଲଦାରଙ୍କୁ ଭେଟିଲା ଗ୍ରାମ୍ୟ ଉନ୍ନୟନ କମିଟି



ଗ୍ରାମ୍ୟ ଉନ୍ନୟନ କମିଟି କର୍ମକର୍ତ୍ତା ତହସିଲଦାରଙ୍କ ଆଲୋଚନା କରୁଛନ୍ତି।

**ଦେଓଗାଁ,୧୬।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି କର୍ମକର୍ତ୍ତା ସୋମବାର ସ୍ଥାନୀୟ ତହସିଲଦାରଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । କିଛିଦିନ ତଳେ ଦେଓଗାଁ ମୋନରୋଡରେ ହୋଇଥିବା ଉଚ୍ଛେଦ ଯୋଗୁ ବେସାହାରା ହୋଇଥିବା ପରିବାରକୁ ଥଇଥାନ ଓ କ୍ଷତିପୂରଣ ଯୋଗାଇଦେବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ସେହିଭଳି ବଙ୍ଗଳା ଛକ ଉଚ୍ଛେଦ କାର୍ଯ୍ୟକୁ ମଧ ତ୍ୱରାନ୍ୱିତ କରିବା ପାଇଁ ଦାବି କରାଯାଇଥିଲା । ଦେଓଗାଁରେ ଉନ୍ନୟନ କାମ ପାଇଁ ବ୍ଲକକୁ ଅନେକ ପାଣ୍ଠି ଆସୁଥିବା ବେଳେ ସରକାରୀ ଜମି ନଥିବା ଦର୍ଶାଇ କାମ ଅନ୍ୟତ୍ର କରାଯାଉଛି। ଏଣୁ ଦେଓଗାଁ ଅଞ୍ଚଳରେ ଥିବା ସରକାରୀ ଜମିକୁ ଚିହ୍ନଟ କରିବା ପାଇଁ କମିଟି ସଦସ୍ୟମାନେ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। ଏହାସହ ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ସକାଶେ ଆବଶ୍ୟକ ତଥ୍ୟ ପାଇଁ ୨୦୧୮ମସିହାରେ ହୋଇଥିବା ପତ୍ର ଉପରେ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଗ୍ରାମ୍ୟ କମିଟି ସଭାପତି ବିଶ୍ୱଜିତ ପାତ୍ର, ଉପସଭାପତି କଲ୍ୟାଣ ସାହୁ, ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସହସମ୍ପାଦକ ବଦ୍ରୀନାଥ ହୋତା, କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୀତଳ ଷଷ୍ଠୀ ପ୍ରସ୍ତୁତି: ସଙ୍କଳ୍ପ ନେଲେ କନ୍ୟାବର ମାତାପିତା

**ଟିଟିଲାଗଡ଼, ୧୬।୫(ଡି.ଏନ.ଏ )**

ଟିଟିଲାଗଡ଼ ହାଟପଦାପଡ଼ା ଭାଗବତ ମନ୍ଦିର ବିବାହ ମଣ୍ଡପରେ ୨୩ତମ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଏହି ମହୋତ୍ସବ କିପରି ଧୁମ୍‌ଧାମରେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଶୀତଳଷଷ୍ଠୀ ମହୋତ୍ସବରେ କନ୍ୟା ମାତାପିତାଭାବେ ହାଟପଦାପଡ଼ାର ନିରାକାର ସରାଫ ଓ ତାଙ୍କ ସ୍ତ୍ରୀ ରଶ୍ମିତା ସରାଫ ଏବଂ ବରମାତାପିତା ଭାବେ ସିରଭଟାପଡ଼ାର ସତ୍ୟନାରାୟଣ ବାଗ ତାଙ୍କ ସ୍ତ୍ରୀ ମାଳତୀ ବାଗ ସଂକଳ୍ପ ନେଇଥିଲେ। ଏହି ବୈଠକରେ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, କମିଟି ବରିଷ୍ଠ ସଦସ୍ୟ ଲିଙ୍ଗରାଜ ସାହୁ, କୃଷ୍ଣଚନ୍ଦ୍ର ସରାଫ, ଗୌରୀ ପଟ୍ଟନାୟକ, ପ୍ରଫୁଲ୍ଲ ବୁଡ଼େକ, ବିଶିକେଶନ ବେହେରା ଓ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଶୀତଳ ଷଷ୍ଠୀ କମିଟି ସଦସ୍ୟ ଓ କର୍ମକର୍ତ୍ତା।

# ଉତ୍ସର୍ଗୀକୃତ ମନୋଭାବ ନେଇ ସେବା କର

**ଲୋଇସିଂହା, ୧୬।୫(ଡି.ଏନ.ଏ)**




ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥି।

**ଝାରମୁଣ୍ଡା ଆଥଲେଟିକ ଆସୋସିଏସନର ପ୍ରତିଷ୍ଠା ଉତ୍ସବ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନର ୩୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠାନ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅନୁଷ୍ଠାନ ସଭାପତି ଶ୍ୟାମସୁନ୍ଦର ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ମୁଖ୍ୟ ଅତିଥି, କୋଶଳପ୍ରବାହ ସମ୍ପାଦକ ଆନନ୍ଦଚନ୍ଦ୍ର ସାହୁ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଶି ତାଙ୍କ ବକ୍ତବ୍ୟରେ ଆଥଲେଟିକ ଆସୋସିଏଶନର ସେବା ମନୋବୃତ୍ତିକୁ ପ୍ରଶଂସା କରିଥିଲେ । ଏହି ଅନୁଷ୍ଠାନ ବହୁ କ୍ରୀଡାବିତ ସୃଷ୍ଟି କରିଥିବା କହିଥିଲେ। ମୁଖ୍ୟବକ୍ତା ସାହୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସାୟୀକରଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋଟିଏ ଅନୁଷ୍ଠାନର ଏକତା ବଳରେ କିପରି ମହତ୍ କାର୍ଯ୍ୟ ସମ୍ପାଦନ ହୋଇଥାଏ ତାହା ଝାରମୁଣ୍ଡା ଆଥଲେଟିକ ଆଶୋସିଏନ ଅନୁଷ୍ଠାନରୁ ଶିକ୍ଷା ଲାଭ କରିବାକୁ ପଡିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସବୁବେଳେ ଅନ୍ୟର ଭାଲ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ବାଦିମୁଣ୍ଡା ସରପଞ୍ଚ କିରନ ସାହୁ, ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା, ଆଇନଜୀବୀ ପ୍ରତିରଞ୍ଜନ ସାହୁ, ପ୍ରଦୀପ କୁମାର ସାହୁ, ବ୍ଲକ ସାମ୍ବାଦିକ ସଂଘ ସଦସ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଚଳିତ ବର୍ଷର ଅନୁଷ୍ଠାନର ସକ୍ରୀୟ ସଭ୍ୟଭାବେ ମନୋଜ ଧରୁଆଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ସଚିଦାନନ୍ଦ ସାହୁ ବିବରଣୀ ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଅନୁଷ୍ଠାନ ପରିସରରେ ନବନିର୍ମିତ ଖୋଲା ସଭାଗୃହକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ମେଳା ଆୟୋଜିତ ହୋଇଥିଲା ।

## ସଂକ୍ଷେପରେ

### ଟ୍ରାଫିକ ସମସ୍ୟା ନେଇ ଏସ୍‌ପିଙ୍କ ସହ ଓକିଲ ସଂଘର ଆଲୋଚନା

ସୋନପୁର,୧୬।୫(ନି.ପ୍ର.): ସୁବର୍ଣ୍ଣପୁର ସହରରେ ଟ୍ରାଫିକ୍ ସମସ୍ୟା ମୁଣ୍ଡବ୍ୟଥାର କାରଣ ପାଲଟିଛି । ବୁଢାରାଜା ଛକ, କଚେରି ଛକରେ ଟ୍ରାଫିକ୍ ପୋଷ୍ଟ ନଥିବାରୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଛି। ଏହାର ସମାଧାନ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଓ ଉପସଭାପତି ଦେବେନ୍ଦ୍ର ପର୍ଡିଆ ମଙ୍ଗଳବାର ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ସହିତ ତାଙ୍କ ପ୍ରକୋଷ୍ଠରେ ଆଲୋଚନା କରିଥିଲେ। ସେହିପରି ଜିଲା ସଦର ମହକୁମାରେ ମହିଳା ଥାନା ଓ ଟ୍ରାଫିକ୍ ଥାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ଓକିଲ ସଂଘର ସମ୍ପାଦକ ସାହୁ ଓ ଉପସଭାପତି ପର୍ଡିଆ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

### ବେଦବ୍ୟାସ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଆୟ

ରାଉରକେଲା ଅଫିସ,୧୬।୫: ରାଉରକେଲା ବେଦବ୍ୟାସ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ମନ୍ଦିରରେ ଥିବା ୭ଟି ହୁଣ୍ଡିର ଦାନଅର୍ଥ ମଙ୍ଗଳବାର ଦେବୋତ୍ତର ବିଭାଗ ଇନ୍ସପେକ୍ଟର ତ୍ରିଲୋଚନ ନାୟକଙ୍କ ଉପସ୍ଥିତରେ ଗଣତି କରାଯାଇଥିଲା। ହୁଣ୍ଡିଗୁଡିକରୁ ସମୁଦାୟ ୧ଲକ୍ଷ ୧୨ହଜାର ୧୬୨ ଟଙ୍କା ବାହାରିଥିଲା। ଏହି ସମୟରେ ରାଉରକେଲା ପୋଲିସ ପ୍ରଶାସନ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବେଦବ୍ୟାସ ତ୍ରିବେଣୀ ସଙ୍ଗମ ଏକ ପ୍ରମୁଖ ତୀର୍ଥସ୍ଥାନ ହୋଇଥିବାବେଳେ ଏଠାରେ ଚନ୍ଦ୍ରଶେଖର ଓ ବାଲୁକେଶ୍ୱର ମନ୍ଦିର, ବ୍ୟାସଗୁମ୍ଫା ଭଳି ଜାଗାରେ ହୁଣ୍ଡି ଲଗାଯାଇଛି।

### ନୂତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଦାବି

ସୋନପୁର,୧୬।୫(ନି.ପ୍ର.): ରାଜ୍ୟ ସରକାର ନିକଟରେ ୧୪ଟି ଜିଲାର ୫୫ବ୍ଲକରେ ନୂତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଶୁଭାରମ୍ଭ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଜନଜାତି କଳା, ଐତିହ୍ୟ, ସଂସ୍କୃତି ଓ ସାହିତ୍ୟର ସଂରକ୍ଷଣ ପାଇଁ ଏହି ପରିଷଦ ଗଠନ ହୋଇଛି। ଚଳିତ ବର୍ଷ ୨୨୩ କୋଟି ଖର୍ଚ୍ଚ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ସୁବର୍ଣ୍ଣପୁର ଜିଲାର କୌଣସି ବ୍ଲକକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରା ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ଜନଜାତି ବର୍ଗର ଜନସାଧାରଣଙ୍କ ପ୍ରତି ଏହା ଅନ୍ୟାୟ ସଦୃଶ। ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସୋନପୁର ଉପଖଣ୍ଡକୁ ସୁବର୍ଣ୍ଣପୁର ଜିଲା କରିଥିଲେ। ଅଞ୍ଚଳବାସୀ ବିକାଶର ସ୍ୱପ୍ନ ଦେଖିଥିଲେ। ତେବେ ବର୍ତ୍ତମାନର ରାଜ୍ୟ ସରକାର ଏହି ଜିଲା ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଅଭିଯୋଗ କରିଛନ୍ତି। ସୁବର୍ଣ୍ଣପୁରରେ କୃଷି ବିଶ୍ୱବିଦ୍ୟାଳୟ ଓ କୋସଲ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ରାଜ୍ୟସରକାରଙ୍କ ଶୀତଳ ଭଣ୍ଡାରରେ ପଡି ରହିଛି । ରାଜ୍ୟର ଅଧିକାଂଶ ଜିଲା ଏବେ ରାଜ୍ୟ ସରକାରଙ୍କଠାରୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପାଇ ସାରିଲେଣି। କିନ୍ତୁ ସୁବର୍ଣ୍ଣପୁର ଜିଲା ପ୍ରତି ସରକାରଙ୍କ ଦୃଷ୍ଟି ନାହିଁ। ତେଣୁ ନୂତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ଜିଲାକୁ ସାମିଲ କରିବା ପାଇଁ ସାହୁ ଦାବି କରିଛନ୍ତି ।

# ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

**ବୌଦ୍ଧ ରଥଯାତ୍ରା ପ୍ରସ୍ତୁତି ବୈଠକ**

■ ଘୋଷଯାତ୍ରା ପୂର୍ବରୁ ଆନୁଷଙ୍ଗିକ କାମ ସାରିବାକୁ ନିର୍ଦ୍ଦେଶ

ବୌଦ୍ଧ, ୧୬।୫(ସ୍ୱ.ପ୍ର.)


ରଥଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବୌଦ୍ଧ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସାହୁ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ପାଳନ କରାଯିବା ନେଇ ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ରବିନ୍ଦ୍ରନାଥ କହଁର ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ରବିନ୍ଦ୍ର କୁମାର ରାଉତ ବୈଠକରେ ଯୋଗଦେଇ ଜିଲା ପୋଲିସ ପକ୍ଷରୁ ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରଥ ମରାମତି ତଦାରଖ ପାଇଁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ପୂର୍ତ୍ତ ବିଭାଗ ଅଧିକାରୀ ଓ ମହାରଣାଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ପୁରୁଣା ରଥର ସ୍ଥିତି, ରଥ ନିର୍ମାଣ ପାଇଁ ଗଚ୍ଛିତ ରଥକାଠ, ମାଉସୀ ମା' ମନ୍ଦିର ପରିସର ବୁଲି ଅନୁଧ୍ୟାନ କରିବା ପରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଡଦାଣ୍ଡର ସ୍ଥିତି ଅନୁଧ୍ୟାନ କରାଯିବା ସହିତ ଆବଶ୍ୟକ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ମାଉସୀ ମା' ମନ୍ଦିରରେ ଠାକୁରମାନଙ୍କ ରୋଷଶାଳା ଓ ପ୍ରସାଦ ସେବନ ମଣ୍ଡପ ନିର୍ମାଣ କାମ ତୁରନ୍ତ କରାଯିବା, ରଥଯାତ୍ରା ସମୟରେ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ବଡଦାଣ୍ଡ ଆଲୋକୀକରଣ, ବିଦ୍ୟୁତ୍ କାଟ୍ ନ କରିବା, ପାନୀୟଜଳ ବ୍ୟବସ୍ଥା ଆଦି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ଧାରା ବିବରଣୀ ପ୍ରଦାନ କରାଯିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ପାଦକ ଦେବାଶିଷ ପୁରୋହିତ ଦେବସ୍ନାନ ପୂର୍ଣ୍ଣିମାଠାରୁ ନିଳାଦ୍ରି ବିଜେ ଯାଏ ଠାକୁରମାନଙ୍କ ନୀତିକାନ୍ତି ପାଳନ ନେଇ ଲଗ୍ନ ପ୍ରଦାନ କରିଥିଲେ। ଠିକ୍ ସମୟରେ ଠାକୁରମାନଙ୍କ ନୀତିକାନ୍ତି ପାଳନ କରାଯିବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଶ୍ରୀଜୀଉଙ୍କ ପହଣ୍ଡିରେ ବିଳମ୍ବ ହେଉଥିବାରୁ ଠିକ୍ ସମୟରେ ଟାହିଆ ଓ ସଂକୀର୍ତ୍ତନ ମଣ୍ଡଳୀ ପହଞ୍ଚିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦାରିଦ୍ରଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସ, ଏନଏସି ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା, ଏଡିଏମଓ ମେଡିକାଲ ଡା. ସଂଘମିତ୍ରା ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ ଇଂ.ନିରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଶଙ୍କର ପ୍ରସାଦ ପୁରୋହିତ ଓ ରଥଯାତ୍ରା ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### ବହିରା-ତେନ୍ତୁଲିପାଲି ରାସ୍ତା ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ବାଉଁଶୁଣୀ,୧୬।୫(ଡି.ଏନ.ଏ.)

୫୭ ନଂ ଜାତୀୟ ରାଜପଥର ବହିରା ଛକ ଠାରୁ ତେନ୍ତୁଳିପାଲି ମହାନଦୀ ଘାଟକୁ ଯାଇଥିବା ରାସ୍ତାର ଉନ୍ନତୀକରଣ ପାଇଁ ମଙ୍ଗଳବାର ପୁରୁଣା ବହିରା ଓ ତେନ୍ତୁଳିପାଲି ଗ୍ରାମବାସୀ ବୌଦ୍ଧ ଆସି ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇ ପଡୁଥିବା ବେଳେ ବର୍ଷାଦିନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଉଥିବା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସୁଥିଲେ ମଧ୍ୟ ଗୋଟିଏ ପରିବାର ସବୁବେଳେ ବିଭିନ୍ନ ମିଥ୍ୟା ଅଭିଯୋଗ କରି କାମକୁ ବନ୍ଦ କରାଉଥିବା ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲାପାଳ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ୟସ୍ତ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା ଗ୍ରାମବାସୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ବୌଦ୍ଧ ବିଡିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ରାସ୍ତାକାମ ବର୍ଷା ଦିନ ପୂର୍ବରୁ ଉନ୍ନତୀକରଣ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୬ ଛାତ୍ରଙ୍କୁ ପଦକ

**ଆର୍ଟସ ଟେମ୍ପୁଲ କରାଟେ ସ୍କୁଲର ସଫଳତା**

ସୋନପୁର,୧୬।୫(ନି.ପ୍ର.)


ପଦକ ପାଇଥିବା କୃତି ଛାତ୍ର ।

ରାଜ୍ୟସ୍ତରୀୟ ମୁଏଥାଇ(ଥାଇବକ୍ସିଂ) ପ୍ରତିଯୋଗିତାରେ ସୋନପୁର ଆର୍ଟସ ଟେମ୍ପୁଲ କରାଟେ ସ୍କୁଲକୁ ସଫଳତା ମିଳିଛି। ମେ ୧୩ ଓ ୧୪ ତାରିଖରେ ରାୟଗଡା ଜିସିଡି ହାଇସ୍କୁଲଠାରେ ୧୧ତମ ରାଜ୍ୟ ମୁଏଥାଇ ବକ୍ସିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋନପୁର ଆର୍ଟସ ଟେମ୍ପୁଲ କରାଟେ ସ୍କୁଲର ଶିକ୍ଷକ ସୁରଜ ପୂଝାରୀଙ୍କ ନେତୃତ୍ୱରେ ଖେଳାଳି ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୬ଜଣ ଖେଳାଳି ବିଭିନ୍ନ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ନିଳାନ୍ଦ୍ରୀ ଚନ୍ଦ୍ର ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମିଳନ କୁମାର ଦାଶ, ରାଜା ସାହୁ, ଶାଶ୍ୱତ ଡାଙ୍ଗ ରୌପ୍ୟ ପଦକ କରିଛନ୍ତି। ସେହିପରି ଅଜିତ ଗିରି ଓ ସଙ୍ଗମ ମେହେର ବ୍ରୋଞ୍ଜ ପଦକ ହାସଲ କରିଥିବା ଜଣାପଡିଛି। ଆର୍ଟସ ଟେମ୍ପୁଲ କରାଟେ ସ୍କୁଲର ସଭାପତି ସୁକାନ୍ତ କୁମାର ସାହୁ ଓ କର୍ମକର୍ତ୍ତା ବୃନ୍ଦ ଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମଙ୍ଗଳବାର ସକାଳେ ସୁବର୍ଣ୍ଣପୁର ଫରେଷ୍ଟ ପାର୍କରେ ୬ ଜଣ କୃତି ଛାତ୍ରଙ୍କୁ ଜିଲା ରକ୍ତଦାତା ସଂଘର ମନୋଜ ପଣ୍ଡା, ସ୍ୱଚ୍ଛ ଭାରତ ସଂଗଠନର ମନୋରଞ୍ଜନ ତ୍ରିପାଠୀ, ବ୍ୟବସାୟୀ ସଂଘର ଉପଦେଷ୍ଟା ଧୀରେନ୍ଦ୍ର ପଟ୍ଟନାୟକ, ସାମାଜିକକର୍ମୀ ଶ୍ରୀବନ୍ତ ମିଶ୍ର, ଇଂ ତିରୁପତି ପାତ୍ର, ଉମେଶ କୁମାର ସାହୁ ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗକୁ ଜାତୀୟସ୍ତର ପ୍ରତିଯୋଗିତାରେ ସଫଳତା ପାଇବା ପାଇଁ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ମାସ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇର ନୀଳାରଥ ପେଟ୍ଟାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରର ପ୍ରତିଯୋଗିତାରେ ସୋନପୁର କରାଟେ ସ୍କୁଲର ୨ ଜଣ ଖେଳାଳି ପ୍ରତିନିଧିତ୍ୱ କରିବା ପାଇଁ ମନୋନିତ ହୋଇଥିବା ଜଣାପଡିଛି ।

### ଶିବିରରେ ୮୭ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

ଖଡ଼ିଆଳ,୧୬।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୭ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିର ପ୍ରତ୍ୟେକ ମାସ ତୃତୀୟ ମଙ୍ଗଳବାର ଖଡ଼ିଆଳଠାରେ ଅନୁଷ୍ଠିତ ହୋଇ ଆସୁଛି। ଅନଲାଇନରେ ନାମ ପଞ୍ଜୀକୃତ କରିଥିବା ଭିନ୍ନକ୍ଷମମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ସମସ୍ତଙ୍କୁ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରିବାକୁ ବିଭାଗ ପକ୍ଷରୁ ସୁଯୋଗ ପ୍ରଦାନ କରାଯାଉଛି। ନୂଆପଡାଠାରେ ନିର୍ଦ୍ଧାରିତ ମାସର ଗୋଟିଏ ଦିନରେ ଶିବିର ଅନୁଷ୍ଠିତ ହେଉଥିବା ବେଳେ ଖଡ଼ିଆଳ, ବୋଡ଼େନ ଏବଂ ସିନାପାଲିର ପାଇଁ ଖଡ଼ିଆଳଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି। ଏହି ତିନି ବ୍ଲକ ଭିନ୍ନକ୍ଷମ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପ୍ରକାଶ କରିଛନ୍ତି।

### ମିଶନ ଶକ୍ତି ଫିଟ୍‌ନେସ୍, ହାପିନେସ୍ କ୍ଲବ ଉଦ୍‌ଘାଟିତ


କ୍ଲବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଓ ଅନ୍ୟମାନେ।

ବୌଦ୍ଧ, ୧୬।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଫିଟ୍‌ନେସ୍ ଓ ହାପିନେସ୍ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତରାଜ, ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ କ୍ଲବକୁ ଉଦ୍‌ଘାଟନ କରିଥିଲେ । ଜିଲାପାଳ ସତ୍ୟରଞ୍ଜନ ସାହୁ, ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ନୂତନ ଗାଡି ସୁପର୍ କ୍ୟାରୀ ବଜାର ପ୍ରବେଶ


ମଙ୍ଗଳବାର ବରଗଡ ସହରସ୍ଥିତ କମ୍ପାନୀ ଶୋରୁମଠାରେ ଅତିଥିମାନେ ଏହି ଯାନର ବଜାର ପ୍ରବେଶ କରାଉଛନ୍ତି ।

ସମ୍ବଲପୁର,୧୬।୫(ବ୍ୟୁରୋ)

ମାରୁତି ସୁଜୁକି କମର୍ସିଆଲ ଡିଭିଜନର ନୂତନ ଯାନ ନ୍ୟୁ ସୁପର୍ କ୍ୟାରୀର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଓଡିଶୀ ମୋଟର ଆନୁକୂଲ୍ୟରେ ନୂତନ ଗାଡି ସୁପର କ୍ୟାରିର ମଙ୍ଗଳବାର ବଜାର ପ୍ରବେଶ କରାଯାଇଛି। ବରଗଡ ସହରସ୍ଥିତ କମ୍ପାନୀର ଶୋରୁମଠାରେ ଅତିଥିମାନେ ଏହି ଗାଡିର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇଥିଲେ । ବରଗଡ ମ୍ୟୁନିସିପାଲିଟି ଅଧ୍ୟକ୍ଷା କଳ୍ପନା ମାଝି ମୁଖ୍ୟଅତିଥି, ବାଣିଜ୍ୟ ସଂଘ ସଭାପତି ଦିଲୀପ ସାୱାଡିଆ, ଆଇଡିଏଫ୍‌ସି ପ୍ରଥମ ବ୍ୟାଙ୍କ ପରିଚାଳକ ଅଭିରାମ ମିଶ୍ର, ଏବିଏସ ପରାମର୍ଶଦାତା ଅମିତ ସାହୁ, ମାରୁତି ସୁଜୁକି ଜିଏମ ଉଦୟ ଶଙ୍କର ତିୱାରୀ, ଏରିନା ଏସଏମ ବେଣୁଧର ବେହେରା ଏବଂ ବାଣିଜ୍ୟିକ ଆଉଟଲେଟ ମୁଖ୍ୟ ଶକ୍ତି କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ସୁପର କ୍ୟାରି ନୂତନ ଗାଡି ୧୧୯୭ ସିସି ସହ ଅତ୍ୟାଧୁନିକ ଡୁଆଲ୍ ଜେଟ, ଡୁଆଲ୍ ଭିଭିଟି ଇଞ୍ଜିନ, ୫ଟି ସ୍ପିଡ ଗିୟର, ଉନ୍ନତ ମାଇଲେଜ୍ ଏବଂ ବଡ ଡେକ୍ ଏରିଆ ରହିଛି ।

# ଘରୋଇ ସଂସ୍ଥା ନେଲେନି, କ୍ଷୀର ଧରି ଘରକୁ ଫେରିଲେ ଚାଷୀ

ବାଉଁଶୁଣୀ,୧୬।୫(ଡି.ଏନ.ଏ.)

ରାଜ୍ୟ ସରକାର କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ଚାଷୀଙ୍କୁ ରିହାତି ଦରରେ ଗାଈ, ଦାନା, ଘାସ ମଞ୍ଜି ଏବଂ ରହିବା ପାଇଁ ଗୁହାଳ ଯୋଗାଇ ଦେଉଛନ୍ତି। କିନ୍ତୁ ଉତ୍ପାଦିତ କ୍ଷୀରର ବିକ୍ରି ବ୍ୟବସ୍ଥା ନ କରିବାରୁ ଦୁଗ୍ଧ ଚାଷୀ ସବୁବେଳେ ଅଭାବୀ ବିକ୍ରୀର ଶିକାର ହେଉଛନ୍ତି। ଏପରି ଏକ ସାଙ୍ଘାତିକ ଅଭିଯୋଗ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କରେ ଥିବା ଚାରିଶମ୍ଭୁ ଦୁଗ୍ଧ ସମବାୟ ସମିତି ପକ୍ଷରୁ ଆସିଛି। ମଙ୍ଗଳବାର ବୌଦ୍ଧ ଜିଲା ଜହ୍ନାପଙ୍କଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘରୋଇ ସଂସ୍ଥା କ୍ଷୀର ନ ନେବାରୁ ଦୁଗ୍ଧ ଚାଷୀ କ୍ଷୀର ଧରି ଘରକୁ ଫେରିଥିବା ଜଣାପଡିଛି । ୧୯୯୨ ମସିହାରୁ ଜହ୍ନାପଙ୍କଠାରେ ସ୍ୱର୍ଗତ ଅଖିଳ ପ୍ରସାଦ ମିଶ୍ରଙ୍କ ପ୍ରଚେଷ୍ଟାରେ ଚାରିଶମ୍ଭୁ ଦୁଗ୍ଧ ସେବା ସମବାୟ ସମିତି ଆରମ୍ଭ ହୋଇଥିଲା। କିଛି ବର୍ଷ ବନ୍ଦ ହେବା ପରେ ୨୦୧୬ ମସିହାରେ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ପ୍ରଚେଷ୍ଟାରେ ପୁନଃ କାର୍ଯ୍ୟକ୍ଷମ ହେଲା। ତେବେ ଲକ୍‌ଡାଉନ ପରବର୍ତ୍ତୀ ସମୟରୁ ସମିତି ପକ୍ଷରୁ ଚାରିଛକର ଏକ ଘରୋଇ ସଂସ୍ଥାକୁ କ୍ଷୀର ଦିଆ ଯାଉଥିଲା। ଦିନକୁ ଦିନ କ୍ଷୀର ପରିମାଣ ବୃଦ୍ଧି ପାଉଥିବା ବେଳେ ଏହି ଘରୋଇ ସଂସ୍ଥା ଏକ ନିର୍ଦ୍ଦିଷ୍ଟ ପରିମାଣର କ୍ଷୀର ନେଉଥିବାରୁ ସମିତିର ସଭ୍ୟମାନେ ୨୦୨୨ ଏପ୍ରିଲ ମାସରେ ତତ୍କାଳୀନ ବୌଦ୍ଧ ଜିଲାପାଳ, ସିଡିଭିଓ ଓ ସ୍ଥାନୀୟ ବିଧାୟକଙ୍କୁ ଭେଟି ଓମଫେଡକୁ କ୍ଷୀର ଦେବା ପାଇଁ କହିଥିଲେ । ୧୫ ଦିନ ମଧ୍ୟରେ ଓମଫେଡ କ୍ଷୀର ନେବାର ବ୍ୟବସ୍ଥା କରୁଛୁ ବୋଲି ପ୍ରତିଶ୍ରୁତି ମିଳିଥିଲା। ଆଜି ପର୍ଯ୍ୟନ୍ତ କୌଣସି ସୁବିଧା ନ କରିବାରୁ ଏକ ଘରୋଇ ସଂସ୍ଥାକୁ କ୍ଷୀର ଦିଆଯାଉଥିଲା। ଏହି ଘରୋଇ ସଂସ୍ଥା ଦୈନିକ ୨୫୦ ଲିଟର କ୍ଷୀର ନେଉଥିବା ବେଳେ ଆଜି ଅଧିକ କ୍ଷୀର ହେବାରୁ ଉକ୍ତ ଘରୋଇ ସଂସ୍ଥା ଚାଷୀଙ୍କ କ୍ଷୀର ନେବାକୁ ମନା କରିବାରୁ ଘରୋଇ ସଂସ୍ଥାକୁ କ୍ଷୀର ନ ଦେବାକୁ ସମିତିର ସଭାପତି ପ୍ରଦୀପ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଘରୋଇ ସଂସ୍ଥା ଅଧିକ କ୍ଷୀର ନ ନେବା ପର୍ଯ୍ୟନ୍ତ ଦେବୁ ନାହିଁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହେଲା। ଅଧିକ କ୍ଷୀର ହେଉଥିବାରୁ ଓମଫେଡ କିପରି କ୍ଷୀର ନେବ ଏକ ପ୍ରତିନିଧି ଦଳ ବୌଦ୍ଧ ଉପ ଜିଲାପାଳ ରବୀନ୍ଦ୍ରନାଥ କହଁରଙ୍କୁ ଭେଟିଥିଲେ। କହଁର ସିଡିଭିଓଙ୍କ ସହିତ ଯୋଗାଯୋଗ କରି ଏହାର ବ୍ୟବସ୍ଥା କରାହେବ ବୋଲି କହିଥିଲେ। ତେବେ ଆଗାମୀ ଦିନରେ ଜିଲା ପ୍ରଶାସନ ଏହାର ସମାଧାନ ନ କଲେ ୪୦ଟି ଗ୍ରାମର ଶତାଧିକ ଦୁଗ୍ଧ ଚାଷୀ ଜାତୀୟ ରାଜପଥ ୫୭କୁ ଜହ୍ନାପଙ୍କ ଛକ ଠାରେ କ୍ଷୀର ଢାଳିବା ସହ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ତେବେ କ୍ଷୀର ବିକ୍ରୀ କରିବାକୁ ଆସିଥିବା ସମସ୍ତ ଦୁଗ୍ଧ ଚାଷୀ ପ୍ରାୟ ୩୫୦ ଲିଟର କ୍ଷୀର ନେଇ ଘରକୁ ଫେରିଥିଲେ ।

# ରାସ୍ତାରେ ଦଣ୍ଡ ମାରି ରାଜସ୍ଥାନରୁ ପୁରୀ

**ଶ୍ରୀଜଗନ୍ନାଥ ଦର୍ଶନ ଯାତ୍ରା**

ବାଉଁଶୁଣୀ,୧୬।୫(ଡି.ଏନ.ଏ.)


ପୁରୀ ଅଭିମୁଖେ ଯାତ୍ରା କରୁଥିବା ବିଜୟଙ୍କୁ ସ୍ୱାଗତ କରାଯାଉଛି ।

ପୂର୍ବରୁ ମୁନି, ଋଷି ଭଗବାନଙ୍କ ଦର୍ଶନ, ବରପ୍ରାପ୍ତି ପାଇଁ ବିଭିନ୍ନ ଢଙ୍ଗରେ ତପସ୍ୟା କରୁଥିବା ଆମେ ପୁରାଣରୁ ଜାଣିବାକୁ ପାଇଛୁ। ବର୍ତ୍ତମାନ ସମୟରେ ମଧ୍ୟ ଅନେକ ବ୍ୟକ୍ତି ନିଜ ମାନସିକ ପୂରଣ ପାଇଁ ଅନେକ ବ୍ରତ, ଉପବାସ, ଜପ କରୁଥିବା ବେଳେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରୁଥିବା ଦେଖିବାକୁ ମିଳିଥାଏ। ସେହିଭଳି ଜଣେ ବ୍ୟକ୍ତି ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଅଭିନବ ଢଙ୍ଗରେ ରାଜସ୍ଥାନରୁ ପୁରୀ ଅଭିମୁଖେ ଯାତ୍ରା କରିବା ଦେଖିବାକୁ ମିଳିଛି । ସେ ରାସ୍ତାରେ ଦଣ୍ଡ ମାରି ମାରି (ଶୋଇବା ମୁଦ୍ରାରେ) ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ଜାଣିବାକୁ ମିଳିଛି। ବ୍ୟକ୍ତି ଜଣକ ହେଲେ ରାଜସ୍ଥାନ ରାଜ୍ୟ ସବାଇମଧୁପୁର ଜିଲା ରେଣ୍ଡିଆଲଗୁଜାର ଗ୍ରାମର ବିଜୟ । ସେ ଗତ ୭ ଡିସେମ୍ବର ୨୦୨୨ରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ସେ ହାତରେ ଏକ ଜରି ବସ୍ତା ଆସନ ଧରି ରାସ୍ତା ସାରା ଦଣ୍ଡ ମାରି ଯାତ୍ରା କରୁଛନ୍ତି। ରାଜସ୍ଥାନରୁ ମନମୁଣ୍ଡା ପହଞ୍ଚିବା ପାଇଁ ତାଙ୍କୁ ୫ ମାସ ୯ ଦିନ ଲାଗିଥିବା ସେ କହିଛନ୍ତି । ଆଗାମୀ ୩୫ ଦିନ ମଧ୍ୟରେ ସେ ପୁରୀରେ ପହଞ୍ଚିବାର ଲକ୍ଷ୍ୟ ରଖିଥିବା କହିଛନ୍ତି। ସେ ପ୍ରତ୍ୟେକ ଦିନ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଏହିପରି ଯାତ୍ରା କରୁଥିବା ବେଳେ ଯେଉଁଠି ସନ୍ଧ୍ୟା ୬ ହେଉଛି ସେଇଠି ବିଶ୍ରାମ ନେଉଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ବାଉଁଶୁଣୀଠାରେ ପହଞ୍ଚିଥିଲେ। ବାଉଁଶୁଣୀ ଅଞ୍ଚଳର ବ୍ୟବସାୟୀ ବଣ୍ଟି ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରିଙ୍କୁ ସାହୁଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ରାମ ପାଇଁ ରଖିଥିଲେ। ଓଡିଶାରେ ପ୍ରବେଶ କଲା ପରଠାରୁ ରାସ୍ତାରେ ଲୋକମାନେ ବହୁତ ଆଦର, ସ୍ନେହ ଓ ଭଲପାଇବା ଦେଇଥିବା ସେ କହିଛନ୍ତି।

# ଦୁର୍ଘଟଣା ଛଡ଼ାଇନେଲା ପରିବାରର ଖୁସି

**୫୩ଦିନ ହେଲା କୋମାରେ ପ୍ରଶାନ୍ତ**

■ ବିଏସ୍‌କେୱାଇ କାର୍ଡ ଅର୍ଥ ସରିଗଲା ପରେ ଚିକିତ୍ସାରେ ସମସ୍ୟା

■ ଭାଇର ଆରୋଗ୍ୟ ପାଇଁ ଭିକ୍ଷାବୃତ୍ତି କରୁଛନ୍ତି ବଡଭାଇ

ତରଭା,୧୬।୫(ଡି.ଏନ୍.ଏ)



୨୦୨୩ ଫେବୃୟାରୀ ୨୮ତାରିଖରେ ହୋଇଥିଲା ବିବାହ। ହସଖୁସିରେ ଘର ଲୋକେ ଆହ୍ଲାଦିତ ହୋଇଥିଲେ। ବରକନ୍ୟା ଆରମ୍ଭ କରିଥିଲେ ସୁଖଦ ଦାମ୍ପତ୍ୟ ଜୀବନ। ବିବାହର ୨୬ ଦିନ ଅର୍ଥାତ୍ ମାର୍ଚ୍ଚ ୨୬ତାରିଖରେ ଘଟିଥିବା ସଡକ ଦୁର୍ଘଟଣା ସବୁ କିଛି ଓଲଟପାଲଟ କରିଦେଲା। ବାଇକରେ ସୋନପୁରରୁ ନିଜ ଘର ତରଭା ବ୍ଲକ ନୂଆଁପାଲି ଗ୍ରାମକୁ ଫେରୁଥିବା ପ୍ରଶାନ୍ତ ସେଠୀ(୨୮)ଙ୍କୁ ଏକ କାର୍ ଧକ୍କା ଦେଲା। ଦୁର୍ଘଟଣାର ଶିକାର ପ୍ରଶାନ୍ତ ସେହିଦିନୁ କୋମାରେ ଅଛନ୍ତି। ଘରେ ନବ ବିବାହିତା ସ୍ତ୍ରୀ ଏବେ ସ୍ୱାମୀଙ୍କ ପାଇଁ ଲୁହ ଗଡାଉଛନ୍ତି ସିନା କିଛି କରି ପାରୁନାହାନ୍ତି। ଅଭାବୀ ତାଙ୍କ ମା'ବାପା ଓ ଭାଇ ଧାରକରଜ କରି ଏପରିକି ଜମିବାଡି ବିକି ଭଲ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ବି ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନାହିଁ। ପରିବାର ଲୋକେ ତାଙ୍କ ଚିକିତ୍ସା ପାଇଁ ସହାୟତାର ଭିକ୍ଷା କରିଛନ୍ତି। ଏପରିକି ପ୍ରଶାନ୍ତଙ୍କ ବଡଭାଇ ଭାଗିରଥୀ ଚିକିତ୍ସା ପାଇଁ ଭିକ୍ଷାବୃତ୍ତି କରିବାକୁ ପଛାଇ ନାହାନ୍ତି।

ବଡ଼ଭଇଁରୋ ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମର ପବି ସେଠୀଙ୍କ ପୁଅ ପ୍ରଶାନ୍ତ କୌଣସି କାମରେ ସୋନପୁର ଯାଇ ବାଇକରେ ଫେରୁଥିବା ବେଳେ ବଲାଙ୍ଗୀର ପଟୁ ଆସୁଥିବା ଏକ କାର୍ ପିପିଲିପାଲି ଛକରେ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଓ ବରଗଡ଼ ବିକାଶ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନାରେ ମିଳିଥିବା କାର୍ଡ(ବିଏସ୍‌କେୱାଇ) ଚିକିତ୍ସା କରାଯାଇଥିଲା। ସହାୟତା ରାଶି ଶେଷ ହୋଇଗଲା ସିନା, ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିଲାନି। ଶେଷରେ ସମ୍ପୃକ୍ତ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ଭାଗିରଥୀ ଧାରଉଧାର ଏପରକି ଜମି ବିକ୍ରି କରି ପ୍ରଶାନ୍ତଙ୍କୁ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ସମ୍ପ୍ରତି ତମଣା ଛକସ୍ଥିତ ହପିସ ହୋମରେ ପ୍ରଶାନ୍ତଙ୍କ ଚିକିତ୍ସା କରାଯାଉଛି । ଦୁର୍ଘଟଣା ଘଟିବା ଇତିମଧ୍ୟରେ ୫୩ଦିନ ବିତିଗଲାଣି, ହେଲେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁନି। ଚିକିତ୍ସା ପାଇଁ ଟଙ୍କାଟିଏ ନାହିଁ। ବାଧ୍ୟ ହୋଇ ବଡ଼ଭାଇ ଭଗରଥୀ ଭାଇର ଚିକିତ୍ସା ଓ ବଞ୍ଚିବା ପାଇଁ ଭୁବନେଶ୍ୱର ମୁଖ୍ୟରାସ୍ତାରେ ଭିକ୍ଷା ବୃତ୍ତି କରୁଛନ୍ତି। ଏହି ଖବର ଜଣା ପଡ଼ିବା ପରେ ସାମାଜିକ କର୍ମୀ ମନୋଜ ମନହିରା ନିଜସ୍ୱ ଉଦ୍ୟମରେ ସହଯୋଗ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ଚାଷୀ ପରିବାରରେ ଜନ୍ମ ପ୍ରଶାନ୍ତ ଧାନ ଓ ପରିବା ଚାଷ କରୁଥିଲେ। ଏବେ ପୋଷଣାହାରୀ ପୁଅର ସ୍ୱାସ୍ଥ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡିଛନ୍ତି। ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇଦେବା ପାଇଁ ଭାଗରଥୀ ଓ ବାପା ପବି ସେଠୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଡ. ଦ୍ୱାରିକାନାଥ ନାୟକଙ୍କୁ ସମ୍ବର୍ଦ୍ଧନା

#### ଅନ୍ୟା ସାହିତ୍ୟ ଆସର

**ସମ୍ବଲପୁର,୧୬।୫(ବ୍ୟୁରୋ):** ସମ୍ବଲପୁର ସାମ୍ବାଦିକ ଭବନଠାରେ ଅନ୍ୟା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ସାହିତ୍ୟକ ଡ. ଦ୍ୱାରିକାନାଥ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କବି ସଚ୍ଚି ରାଉତରାୟଙ୍କ ଜୟନ୍ତୀ ପାଳନ ହୋଇଥିଲା । ଏହି ଅବସରରେ ଏକ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ସାହିତ୍ୟକ ଡ. ପ୍ରଦୀପ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସଭାରେ ଡ. ମୀନକେତନ ପାଠୀ, ଡ. ଶ୍ୟାମସୁନ୍ଦର ଧର ଅତିଥି ଭାବରେ ଯୋଗ ଦେଇଥିଲେ । ଡ. ଗୌରୀ ଦାସ ପ୍ରଧାନ ସଂଯୋଜନା କରିଥିଲେ । ପ୍ରଫେସର ଗିରିଜା ଶଙ୍କର ଶର୍ମା, ଦୁର୍ଗାପ୍ରସାଦ ପଣ୍ଡା, ସାବିତ୍ରୀ ପୁରୋହିତ, ପ୍ରୀତିନନ୍ଦା ପାଣିଗ୍ରାହୀ, ପଙ୍କଜିନୀ ନାୟକ, ମୋହିନୀ ହୋତା, ଡ.ଗୋବିନ୍ଦ ମହାରଣା, ରମେଶଚନ୍ଦ୍ର ମିର୍ଦ୍ଧା, ବୃନ୍ଦାବନ ମିଶ୍ର, ଡ.ସତ୍ୟ ନାରାୟଣ ଠାକୁର, ଦେବାର୍ଚ୍ଚନ ଠାକୁର, ତଫଜୁଲ୍ ହୁସେନ, କମଳ ଲୋଚନ ପଣ୍ଡା ପ୍ରମୁଖ କବୟିତ୍ରୀ କବିମାନେ କବିତା ପାଠ କରିଥିଲେ । ସାହିତ୍ୟିକ ନାୟକ ସମ୍ବର୍ଦ୍ଧନାର ଉତ୍ତରରେ ନିଜକୁ ଜଣେ ନାଟୁଆ ଭାବରେ ଅଭିହିତ କରି ସାହିତ୍ୟ ପ୍ରତି ଭାବନା, ସାହିତ୍ୟ ସୃଷ୍ଟିଗୁଡିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲୋ । ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଅନ୍ଧାରପାଟ ଟେନିସ ବଲ୍ କ୍ରିକେଟ ପ୍ରତିଯୋଗିତା

**ସମ୍ବଲପୁର,୧୬।୫(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ଅନ୍ଧାରପାଟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଲରପଙ୍କ ଅନ୍ଧାରପାଟ ଆଥଲେଟିକ ଆସୋସିଏଶନ ଆୟୋଜନରେ ପ୍ରତିଯୋଗିତା ହୋଇଥିଲା। ଅନ୍ଧାରପାଟ ଖେଳପଡିଆଠାରେ ତ୍ରିଦିବସୀୟ ଅଣ୍ଡର - ୨୦ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବୁର୍ଲାର ସମଲେଶ୍ୱରୀ କ୍ରିକେଟ ଦଳ ଏବଂ ଧନୁପାଲି କ୍ରିକେଟ ଦଳ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଧନୁପାଲି କ୍ରିକେଟ ଦଳ ୨୩ ରନରେ ବିଜୟୀ ହୋଇଥିଲା। ଧନୁପାଲି ଦଳର କିରଣ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ସମଲେଶ୍ୱରୀ ଦଳର ଭୁବନ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଅନ୍ଧାରପାଟ ଆଥଲେଟିକ ଆସୋସିଏଶନ ଲରପଙ୍କର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ଗୌଡଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଆସୋସିଏଶନର ସଭ୍ୟମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ହିଣ୍ଡାଲକୋ ସିଏସଆର ସୁକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ହିଣ୍ଡାଲକୋ ସିଏସଆର ଆନନ୍ଦ ଚକ୍ରବର୍ତ୍ତୀ, ଅନ୍ଧାରପାଟ ଆଥଲେଟିକ ଆସୋସିଏଶନର ସଭାପତି ଭୀମସେନ ଆଇନ, ଉପସଭାପତି ଜଗନ୍ନାଥ ଓରାମ, ସଂପାଦକ ମୁକେଶ ଚୌହାନ, କୋଷାଧକ୍ଷ ସୁଧୀର ତରିଆ, ଖଗେଶ୍ୱର ନାଏକ, ପ୍ରୀତମ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

### ହରଜେନ୍ଦ୍ର ସିଂଙ୍କ ବିୟୋଗରେ ବିଜେଡିର ଶୋକସଭା

**ସୁନ୍ଦରଗଡ଼,୧୬।୫(ଡି.ଏନ୍.ଏ.):** ପୂର୍ବତନ ଉପନଗରପାଳ ତଥା ବିଜେଡିର ବରିଷ୍ଠ ନେତା ହରଜେନ୍ଦ୍ର ସିଂଙ୍କ ବିୟୋଗରେ ଦଳ ପକ୍ଷରୁ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ଅଧକ୍ଷତାରେ ସ୍ଥାନୀୟ ସାର୍କିଟ ହାଉସରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ସିଂହଙ୍କ ସ୍ମୃତି ଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାରେ ତଳସରାର ପୂର୍ବତନ ବିଧାୟକ ଡ.ପ୍ରଫୁଲ୍ଲ ମାଝି, ପୂର୍ବତନ ଏସଡିଏ ଅଧକ୍ଷ ସନ୍ତୋଷ ଅମାତ, ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଉପନଗରପାଳ ଲଲାଟେନ୍ଦୁ ପରିଡା, ବରିଷ୍ଠ ନେତା ଗୋପ ମହାନ୍ତି, ସୁମନ୍ତ ପଣ୍ଡା, ବୈକୁଣ୍ଠ ନାୟକ, ଲାଲନ ଦେଓ, ଶିବାଜୀ ନାୟକ, ରଞ୍ଜନା ପଣ୍ଡା,ସୁମନ୍ତ ସାହୁ,ବିସ୍ମୟ ପଟ୍ଟନାୟକ, ଏମଡି କଲିମ, ଜଟିଆ ମୁଣ୍ଡା, ବିରେନ୍ଦ୍ର ପଟେଲ, ଅନିଲ ମହାପାତ୍ର, ସୁନିଲ ମହାପାତ୍ର, ହେମନ୍ତ ପାଢୀଙ୍କ ସହ ଦଳୀୟ ନେତୃବୃନ୍ଦ ଓ କାଉନସିଲର ଯୋଗ ଦେଇଥିଲେ।

# ମାଲିକ, ସାକ୍ଷୀ ସବୁ ନକଲି, କେବଳ ମଧ୍ୟସ୍ଥ ଅସଲି

**ସମ୍ବଲପୁର,୧୬।୫(ବ୍ୟୁରୋ)**

- ଜମି ହଡ଼ପ ଘଟଣାର ଖୋଲୁଛି ଗୁମର
- ରେଜିଷ୍ଟ୍ରେଶନ ବାତିଲ ହେବ
- ଠକମାନଙ୍କୁ ଖୋଜୁଛି ପୋଲିସ




ଆଦିବାସୀ, ନିରୀହ ଓ ଗରିବ ଲୋକଙ୍କ ଜମିକୁ ଦଲାଲମାନେ କଳେ ବଳେ କୌଶଳେ ହାତେଇ ବିକ୍ରି କରି ଦେଉଛନ୍ତି। ବାରମ୍ବାର ଏଭଳି ଅଭିଯୋଗ ହେବା ସତ୍ତ୍ୱେ ସରକାରୀ ସ୍ତରରେ ଏମାନଙ୍କ ଜମିର ସ୍ଥାୟୀ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ତେଣୁ ଦିନକୁ ଦିନ ଦଲାଲମାନେ ଠକି ଚାଲିଛନ୍ତି। ଯୁଯୁମୁରା ତହସିଲ ଅଧୀନ ଜରାସିହାଂ ମୌଜାର ପ୍ରଫୁଲ ରଣା ନାମକ ଜଣେ ବ୍ୟକ୍ତିଙ୍କ ୪ ଏକର ୫୩ ଡିସିମିଲ ଜମିକୁ ଚଞ୍ଚକତା କରି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଯୁଯୁମୁରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏପଟେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା ବେଳେ ରେଜିଷ୍ଟ୍ରେଶନ ରଦ୍ଦ ପାଇଁ ମଧ ପ୍ରକ୍ରିୟା ଆରମ୍ଭ ହୋଇଛି।

ସମ୍ବଲପୁର ରେଜେଷ୍ଟ୍ରି ଅଫିସରୁ ଏହି ଘଟଣାର ସମସ୍ତ କାଗଜପତ୍ର ଯାଞ୍ଚ କରାଯିବା ପରେ ଜାଲ୍ ଥିବା ନେଇ ଜଣାପଡିଛି। ଅନ୍ୟପଟେ ଯୁଯୁମୁରା ତହସିଲ ପକ୍ଷରୁ ଏକ ରିପୋର୍ଟ ରେଜିଷ୍ଟ୍ରି ଅଫିସକୁ ଦିଆଯାଇଛି। ଯୁଯୁମୁରା ପୋଲିସ ତହସିଲକୁ ସମସ୍ତ ଦସ୍ତାବିଜ୍‌ର ଏକ କପି ଦେବାକୁ ଚିଠି କରିଛି। ଏହାଭିତରେ ପ୍ରାୟ ଏକ ମାସ ବିତି ଯାଇଛି। ଠକେଇର ଶିକାର ହୋଇଥିବା ଜମି ମାଲିକ ରଣା ଜମି ଫେରି ପାଇନାହାନ୍ତି। ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ହାତ ଖାଲି ରହିଛି। ହେଲେ ଜମି ମାଲିକ ନ ଥାଇ କିଭଳି ଭାବେ ଜମି ରେଜିଷ୍ଟ୍ରି ହୋଇଗଲା ତାହା ଏବେ ସନ୍ଦେହ ଘେରକୁ ଆସିଛି। ରେଜିଷ୍ଟ୍ରି ଅଫିସରେ ଜମି କିଣାବିକା ଆଗରୁ ଅନେକ ତଥ୍ୟ ଯାଞ୍ଚ କରିବାକୁ ପଡିଥାଏ। ତାପରେ ମାଲିକ ଓ ସାକ୍ଷୀମାନଙ୍କ ପରିଚୟପତ୍ର ଯାଞ୍ଚ ହେବା ପରେ ପଞ୍ଜୀକୃତ ହୋଇଥାଏ। ଏହି ଘଟଣାକୁ ଦେଖିଲେ ଜମି କିଣାବିକା ସମୟରେ କଡା ଯାଞ୍ଚ ହେଉ ନ ଥିବା ପରିଲକ୍ଷିତ ହେଉଛି । ନ ହେଲେ ସବୁ ଜାଣିଶୁଣି କରାଯାଇଥିବା ଅଭିଯୋଗ ହେଉଛି।

ଜମି ବିକ୍ରି ହେବା ପରେ ମୂଳ ମାଲିକ ପ୍ରଫୁଲଙ୍କ ନାମ କଟିଯାଇ କ୍ରେତାଙ୍କ ନାମରେ ହୋଇଯାଇଛି। ଏ ନେଇ ତହସିଲ ପକ୍ଷରୁ ମଧ ଠିକ ଭାବେ ଯାଞ୍ଚ କରାଯାଇ ନ ଥିବା ଅଭିଯୋଗ ହେଉଛି । ୨୦୨୨ ନଭେମ୍ବର ୨୨ ତାରିଖରେ ଏହି ଜମି ୨୫ ହଜାର ଟଙ୍କା ଷ୍ଟାମ ପେପରରେ ରେଜିଷ୍ଟ୍ରି ହୋଇଛି। କୟାକୁଦ ପଞ୍ଚାୟତ ଜରାସିହାଂ ମୌଜାର ୪ ଏକର ୫୩ ଡିସିମିଲ ଜମି ବିକ୍ରି ହୋଇଛି। ହେଲେ ରେଜିଷ୍ଟ୍ରି ଷ୍ଟାମ୍ପ ପେପରରେ ଜମି ମାଲିକ ପ୍ରଫୁଲଙ୍କ ସ୍ଥାନରେ ଅନ୍ୟ ଜଣଙ୍କ ଫଟୋ ଦିଆଯାଇଛି। ଜମି କ୍ରେତା ଜଗଦୀଶ ପଣ୍ଡାଙ୍କ ମଧ ଫଟୋ ରହିଛ। ଏହାସହ କରୁଣା ରଣା, ମନସୁର ଅଲ୍ଲୀ ଖାନ ଦୁଇଜଣ ସାକ୍ଷୀଙ୍କ ନାମ ରହିଛି। ତାହା ନକଲି କି ଅସଲି ତଦନ୍ତ କରିବାକୁ ଦାବି ହେଉଛି। ଦେଖିବାକୁ ଗଲେ ଯଦି ଅସଲି ମାଲିକ ପ୍ରଫୁଲ୍ଲ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ଯାଇ ନ ଥାନ୍ତେ ତାହେଲେ ଜମି ହଡପ ଘଟଣା ଜାଣି ପାରି ନ ଥାନ୍ତେ ଓ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇ ନ ଥାନ୍ତା ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳ କହିଛନ୍ତି, ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ ହୋଇଛି । ଏହି ଜମି କିଣାବିକାରେ ଜଣେ ମଧ୍ୟସ୍ଥିଙ୍କ ସଂପୃକ୍ତି ରହିଛି । ତାଙ୍କୁ ଗିରଫ କରାଗଲେ ସମସ୍ତ ଘଟଣାର ପର୍ଦ୍ଦାଫାଶ ହୋଇଯିବ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି ସେ କହିଥିଲେ।

# ପ୍ରସ୍ତାବିତ ଆଶ୍ ପଣ୍ଡ ସର୍ଭେକୁ ଗ୍ରାମବାସୀଙ୍କ ବିରୋଧ

**ସମ୍ବଲପୁର/ରେଙ୍ଗାଲି, ୧୬।୫(ବ୍ୟୁରୋ/ଡି.ଏନ.ଏ.)**

#### ଜିଲା ପ୍ରଶାସନ ନିକଟରେ ଅଭିଯୋଗ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ଅନେକ ଗୁଡିଏ ଛୋଟ ବଡ଼ କଳ କାରଖାନା ରହିଛି। କଳ କାରଖାନାରୁ ନିର୍ଗତ ହେଉଥିବା ଧୂଆଁ, କୋଇଲା ଗୁଣ୍ଡ ବାୟୁ ପ୍ରଦୂଷଣ କରୁଥିବା ବେଳେ ପାଉଁଶ ପକାଇବା ପାଇଁ ବିଭିନ୍ନ ଗ୍ରାମରେ ଆଶ୍ ପଣ୍ଡ କରାଯାଉଛି। ଏବେ ଠେଲକୋଲୋଇ ଗ୍ରାମ ନିକଟରେ ଏକ କମ୍ପାନୀର ପାଉଁଶ ପକାଇବା ପାଇଁ ପ୍ରସ୍ତାବ ରହିଛି। ଯାହାକୁ ନେଇ ଜିଲା ପ୍ରଶାସନ ପାଖରେ ଠେଲକୋଲୋଇବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ କାରଖାନା ପାଇଁ ଠେଲକୋଲୋଇବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କାରଖାନା ପାଇଁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏବେ ପୁଣି ଗୋଟିଏ ପାଉଁଶ ପୋଖରୀ ପାଇଁ ସର୍ଭେ କରାଯାଉଛି । ବିପଦ ଆହୁରି ବଢିଯିବ। ଠେଲକୋଲୋଇ ଗ୍ରାମର ଅଧିକାଂଶ ଜମି ବିଭିନ୍ନ କମ୍ପାନୀ ଦ୍ୱାରା ଅଧିକୃତ ହୋଇଛି। ଗ୍ରାମ ସମ୍ପୂର୍ଣ୍ଣ ରୂପେ ପ୍ରଦୂଷଣ ବଳୟରେ ରହିଛି। ଗ୍ରାମର ଭେଡେନ ନଦୀ କୂଳରେ ଏକ ପାଉଁଶ ପୋଖରୀ ରହିଛି । ଗତ ୧୩ ତାରିଖ ଦିନ ହଠାତ୍ ଇଡକୋ ପକ୍ଷରୁ ପାଉଁଶ ପୋଖରୀ ନିମନ୍ତେ ଏକ ସର୍ଭେ ଦଳ ପୋଲିସ ଫୋର୍ସ ଧରି ସର୍ଭେ କରୁଥିଲେ। ଗ୍ରାମବାସୀଙ୍କୁ ସନ୍ଦେହ ହେବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀ ଅନ୍ୟ ଏକ କାରଖାନା ଯୋଗୁ ଥରେ ବିସ୍ଥାପିତ ହୋଇଛନ୍ତି। ଗ୍ରାମବାସୀ ଗ୍ରାମରେ ଆଉ କୌଣସି କାରଖାନା, ପାଉଁଶ ପୋଖରୀ, କୋଇଲା ସ୍ଲାଡ଼ିଂ କରିଦେବୁ ନାହିଁ ବୋଲି ଅଡି ବସିଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢା ପ୍ରଭାବିତ ହେଉଛି। ନଳକୂପର ଜଳସ୍ତର ହ୍ରାସ ପାଉଛି । ଏ ସମ୍ପର୍କରେ ଗ୍ରାମବାସୀ ୨୦୧୦ ମସିହାରୁ ଜାତୀୟ ମାନବାଧିକାର କମିଶନ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ନିବେଦନ କରିଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏବେ ପୁଣି ପାଉଁଶ ପୋଖରୀ ପାଇଁ ସର୍ଭେ କରୁଥିବାରୁ ସରକାର ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ଅପେକ୍ଷା କଳ କାରଖାନା ନିର୍ମାଣକୁ ଅଧିକ ଗୁରୁତ୍ୱ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସଚେତନ ହେଲେ ରୋଗକୁ ରୋକାଯାଇପାରିବ



ଡେଙ୍ଗୁ ରୋଗ ନିରାକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

**ସମ୍ବଲପୁର,୧୬।୫(ବ୍ୟୁରୋ)**

#### ଜାତୀୟ ଡେଙ୍ଗୁ ଦିବସ ପାଳିତ

ସମ୍ବଲପୁର ଜିଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଆରଟିଆରସି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡେଙ୍ଗୁ ରୋଗର ଭୟାବହତା ଓ ନିରାକରଣ ଉପରେ ସଚେତନ କରାଇଥିଲେ । ଏହି ରୋଗକୁ ହରାଇବାକୁ ହେଲେ ମଶାରି ବ୍ୟବହାର କରିବା ନିହାତି ଜରୁରୀ। ଜ୍ୱର ସହିତ ଗୋଡ଼ ହାତ ବିନ୍ଧା, ଆଖି କୋରଡ଼, ବ୍ୟଥା ଏବଂ ଦେହ ହାତରେ ନାଲି ଦାଗ ପଡିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଡେଙ୍ଗୁ ପରୀକ୍ଷା କରାଇ ନେବା ଉଚିତ । ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲା ଡାକ୍ତରଖାନାରେ ନିଃଶୁଳ୍କ ପରୀକ୍ଷା କରାଯାଇଥାଏ । ଡେଙ୍ଗୁ ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ଲକ୍ଷଣକୁ ଦେଖିଲା ପରେ ସାଧାରଣ ଜ୍ୱର ରୋଗ ଚିକିତ୍ସା କରାଯାଏ । ଜଟିଳତା ଦେଖାଗଲେ ଡାକ୍ତରଖାନାରେ ଚିକିତ୍ସା ନ କଲେ ରୋଗ ସାଙ୍ଘାତିକ ହୋଇପାରେ ଓ ରୋଗୀ ମୃତ୍ୟୁମୁଖରେ ପଡିପାରେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ଅଶୋକ ଦାସ ରୋଗର ନିୟନ୍ତ୍ରଣ କିପରି କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଘର ଚାରିପାଖେ ପାଣି ଜମିବାକୁ ନ ଦେବା, ପ୍ରତି ୭ ଦିନରେ ଥରେ ପାଣି ଜମୁଥିବା ଜାଗାଗୁଡିକୁ ସଫାକରି ଶୁଖିଲା ରଖିବା, ପାଣି ପାତ୍ର ଓ ଛାତ ଉପର ପାଣି ଟାଙ୍କିର ଘୋଡଣିକୁ ଭଲ ଭାବରେ ନିବୁଜ ରଖିବା, ରୁମ କୁଲରରୁ ନିୟମିତ ପାଣି ନିଷ୍କାସନ କରି ସଫା ରଖିବା, ରାତି ଓ ଦିନରେ ମଧ ମଶାରି ଟାଙ୍ଗୀ ଶୋଇବା ଓ ଗୋଡ଼ହାତ ଲୁଚୁଥିବା ପୋଷାକ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ଜାତୀୟ ଡେଙ୍ଗୁ ଦିବସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ହେଲଥ ଅଫିସର ଡ଼. ମହେନ୍ଦ୍ର ନନ୍ଦ, ଏଡିପିଏଚଓ ଡ଼ ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଡିପିଏମ ଏନଏଚଏମ ଡ଼. ମୌସୁମୀ ମିଶ୍ର, ଏଡିପିଏଚଓ ପରମେଶ୍ୱର ବିଶ୍ୱାଳ, ଡିଭିବିଡି କନସାଲଟେଣ୍ଟ ଯଶୋବନ୍ତ ହୋତାଙ୍କ ସମେତ ଏନଏଚଏମସିର ଛାତ୍ରୀମାନେ ଉପସ୍ଥିତ ଥିଲେ । ଡାକ୍ତର ସୁଶୀଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କୁଚିଣ୍ଡା,୧୬।୫(ଡି.ଏନ.ଏ.)**

ବାମରା ବ୍ଲକ ଅନ୍ତର୍ଗତ ରବଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରବଗା ସରପଞ୍ଚ ଭବାନୀ ରାଉତ୍ରିଆଙ୍କ ଅଧକ୍ଷତାରେ ହୋଇଥିବା ଏହି ଶିବିରରେ ଗଡ଼ପୋଷ, ପିଣ୍ଡାପଥର, ରବଗା, କିନାବଗା ଓ ସଗରା ପଞ୍ଚାୟତ ଅଞ୍ଚଳରୁ ମୋଟ ୧୨ ଗୋଟି ଅଭିଯୋଗ ଆସିଥିଲା । ଏଥିରେ ବାମରା ବ୍ଲକ ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ମିନତୀ ମିଶ୍ର, ଯୋଗାଣ ଅଧିକାରିଣୀ ସୁମିତ୍ରା ଓରାମ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମୁଣ୍ଡା, ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜକ ସଞ୍ଜୟ ରାଉତ, ବିପିସି ଯୋଗେଶ ସାମଲ, ଗଡ଼ପୋଷ ଫରେଷ୍ଟର ଡୁଲାରାମ ବରିହା ଓ ଫରେଷ୍ଟ ଗାର୍ଡ ଜୀବନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଯୋଗାଣ ସହାୟକ ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଗାଡ଼ି ସୁପର କ୍ୟାରୀର ବଜାର ପ୍ରବେଶ



ମଙ୍ଗଳବାର ବରଗଡ ସହରସ୍ଥିତ କମ୍ପାନୀ ଶୋରୁମଠାରେ ଅତିଥିମାନେ ଏହି ଯାନର ବଜାର ପ୍ରବେଶ କରାଉଛନ୍ତି ।

**ସମ୍ବଲପୁର,୧୬।୫(ବ୍ୟୁରୋ)**

ମାରୁତି ସୁଜୁକି କମର୍ସିଆଲ ଡିଭିଜନର ନୂତନ ଯାନ ନ୍ୟୁ ସୁପର କ୍ୟାରୀର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଓଡିଶୀ ମୋଟର ଆନୁକୂଲ୍ୟରେ ନୂତନ ଗାଡି ସୁପର କ୍ୟାରିର ମଙ୍ଗଳବାର ବଜାର ପ୍ରବେଶ କରାଯାଇଛି। ବରଗଡ ସହରସ୍ଥିତ କମ୍ପାନୀର ଶୋରୁମଠାରେ ଅତିଥିମାନେ ଏହି ଗାଡିର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇଥିଲେ । ବରଗଡ ମ୍ୟୁନିସିପାଲିଟି ଅଧକ୍ଷା କଳ୍ପନା ମାଝି ମୁଖ୍ୟଅତିଥି, ବାଣିଜ୍ୟ ସଂଘ ସଭାପତି ଦିଲୀପ ସାୱାଡିଆ, ଆଇଡିଏଫ୍‌ସି ପ୍ରଥମ ବ୍ୟାଙ୍କ ପରିଚାଳକ ଅଭିରାମ ମିଶ୍ର, ଏବିଏସ ପରାମର୍ଶଦାତା ଅମିତ ସାହୁ, ମାରୁତି ସୁଜୁକି ଜିଏମ ଉଦୟ ଶଙ୍କର ତିୱାରୀ, ଏରିନା ଏସଏମ ବେଣୁଧର ବେହେରା ଏବଂ ବାଣିଜ୍ୟିକ ଆଉଟଲେଟ ମୁଖ୍ୟ ଶକ୍ତି କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚାନାଯୋଗ୍ୟ ଯେ, ସୁପର କ୍ୟାରି ନୂତନ ଗାଡି ୧୧୯୭ ସିସି ସହ ଅତ୍ୟାଧୁନିକ ଡୁଆଲ୍ ଜେଟ, ଡୁଆଲ୍ ଭିଭିଟି ଇଞ୍ଜିନ, ୫ଟି ସ୍ପିଡ ଗିୟର, ଉନ୍ନତ ମାଇଲେଜ୍ ଏବଂ ବଡ ଡେକ୍ ଏରିଆ ରହିଛି ।

# ସନ୍ଦେହ ଘେରରେ ସଲମନଙ୍କ ସାଙ୍ଗ

**ସମ୍ବଲପୁର,୧୬।୫(ବ୍ୟୁରୋ)**

#### ବନ୍ଦ ଘରୁ ୩ ମୃତଦେହ ଜବତ ଘଟଣା

- ଭବାନୀପାଟଣା ଶେଷ ଲୋକେସନ୍

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡାରେ ଏକ ବନ୍ଦ ଘରୁ ୩ ମୃତଦେହ ଜବତ ହେବା ଘଟଣାର ୪ ଦିନ ବିତି ଯାଇଥିଲେ ହେଁ ପୋଲିସ ହାତ ଖାଲି ରହିଛି। ଏବେ ବି ଏହି ଘଟଣା ରହସ୍ୟ ଘେରରେ ରହିଛି। ଗତ ଶନିବାର ରାତିରେ ସୁନାପାଲି ଗଅନ୍ତିଆପଡାରେ ଏକ ଘରୁ ମାଆ ସାଜିଆ ପରବିନ ( ୩୫), ପୁଅ ଅବଦୁଲ ରହମାନ(୮) ଓ ଝିଅ ହୁମେୟା ତୟାଇନ (୬)ଙ୍କ ମୃତଦେହ ଠାବ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇଥିଲେ ହେଁ ଅପରାଧୀଙ୍କୁ ଧରାଯାଇ ପାରିନାହିଁ। ଅପରପକ୍ଷରେ ପରବିନଙ୍କ ଘରେ ଭଡାରେ ରହୁଥିବା ସଲମନ ଅହମ୍ମଦ ଓ କେତେଜଣ ଶ୍ରମିକ ସନ୍ଦେହ ଘେରକୁ ଆସିଛନ୍ତି। ଘଟଣା ପରଠାରୁ ସଲମନ ଫେରାର ଥିବା ବେଳେ ଏବେ ତାଙ୍କର ଆଉ ଜଣେ ସାଙ୍ଗକୁ ପୋଲିସ ପିଛା କରୁଛି । ସାଙ୍ଗ ଜରିଆରେ ସଲମନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛି। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ଦୁଇଟି ଟିମ୍ ରାଜ୍ୟ ବାହାରକୁ ଯାଇଛନ୍ତି ।

ସଦର ଥାନା ସିନ୍ଦୂରପଙ୍କ ଅଞ୍ଚଳରେ ରହୁଥିବା ଗୁରୁଦୀପ ସିଂ ଓ ସୁନାପାଲିର ପରବିନଙ୍କ ଘରେ ଭଡାରେ ରହୁଥିବା ସଲମନ ଅହମ୍ମଦ ଜଣେ ଯୁବକ ବୋଲି ଆଲୋଚନା ହେଉଛି। ଯଦି ଉଭୟ ବ୍ୟକ୍ତି ଜଣେ ତାହେଲେ ଅଭିଯୁକ୍ତଙ୍କୁ ପୋଲିସ ଧରିବା କଷ୍ଟକର। ରାତିଅଧିଆ ହତ୍ୟାକାଣ୍ଡ ଘଟିଥିଲା। ତେଣୁ ଏହା ଯୋଜନାବଦ୍ଧ ଭାବେ ହୋଇଥିବା ସନ୍ଦେହ କରାଯାଉଛି। ସନ୍ଦେହରେ ଥିବା ସଲମନ ଓ ତାଙ୍କ ଘନିଷ୍ଠ ବନ୍ଧୁଙ୍କ ଶେଷ ମୋବାଇଲ ଲୋକେସନ ଭବାନୀପାଟଣା ବୋଲି ଜଣାପଡିଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଅଭିଯୁକ୍ତ ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବା ପାଇଁ ରାଜ୍ୟ ବାହାରକୁ ଦୁଇଟି ପୋଲିସ ଟିମ୍ ଯାଇଛନ୍ତି। ଶୀଘ୍ର ହତ୍ୟାକାଣ୍ଡର ଖୁଲାସା ହୋଇଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ପରବିନ ତାଙ୍କ ଦୁଇ ପିଲା ଓ ସ୍ୱାମୀ ଅବଦୁଲ ମଲିକଙ୍କ ସହ ରହୁଥିଲେ। ଅବଦୁଲ ଗତ ୨ ବର୍ଷ ତଳେ କୋଭିଡରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ପରେ ଜଣେ ଯୁବକଙ୍କୁ ଭଡାରେ ଘର ଦେଇଥିଲେ। ସେ ସିଲିଂ କାମ କରୁଥିଲେ । ତାଙ୍କ ସହିତ ପରବିନଙ୍କର ପ୍ରାୟ ସମୟରେ ଝଗଡା ହେଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି । ଘଟଣା ଜଣାପଡିବା ପୂର୍ବରୁ ପରବିନଙ୍କ ଘର ଗେଟରେ ତାଲା ପଡିଥିଲା। ତାଙ୍କ ପରିବାର ଲୋକେ ଫୋନରେ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ହେଁ କେହି ଫୋନ ରିସିଭ କରି ନ ଥିଲେ । ଏହା ପରେ ପରିବାରବର୍ଗ ସମ୍ବଲପୁର ଆସି ପୋଲିସକୁ ଖବର ଦେବା ପରେ ସୁନାପାଲିରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତିନି ଜଣଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା।

# ଏମଜିଏନଆରଇଜିଏସ୍ କାମର ତଦାରଖ କଲେ ବିଡିଓ

**ସମ୍ବଲପୁର,୧୬।୫(ବ୍ୟୁରୋ)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଦାଦନ ଶ୍ରମିକ ରୋକିବା ସହ ରୋଜଗାର ସୃଷ୍ଟି କରୁଛି। ଏଣୁ ଏହି ଯୋଜନାରେ ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ଲକ ପ୍ରଶାସନକୁ ବାରମ୍ବାର ତାଗିଦ କରାଯାଉଛି । ଏପରି କି ଅଧାପନ୍ତରିଆ ପ୍ରକଳ୍ପଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କିଛି ଦିନ ପୂର୍ବରୁ ଜିଲା ପରିଷଦ ବୈଠକରେ ତାଗିଦ କରାଯାଇଥିଲା ।

ମଙ୍ଗଳବାର ଯୁଯୁମୁରା ବ୍ଲକ ମେଘପାଲ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ କାମ ବୁଲି ଦେଖିଛନ୍ତି ବିଡିଓ ନିଲାମ୍ବର ମହାନନ୍ଦ । ମେଘପାଲ ପଞ୍ଚାୟତରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଟା କାମର ସମୀକ୍ଷା କରିଥିଲେ । ଏହି ଅବସରରେ ବିଡିଓ ସ୍ଥାନୀୟ ଜିଆରଏସ, ମେଟ ଓ ଶ୍ରମିକ ମାନଙ୍କ ସହିତ ଆଲୋଚନା କରିଥିଲେ। ଶ୍ରମିକମାନଙ୍କୁ କାମ କରିବା ସମୟରେ ସମସ୍ତ ସରକାରୀ ସୁବିଧା ଦିଆଯିବା, ଛାଇ ବ୍ୟବସ୍ଥା କରିବା, କାମର ସମୟ ଓ ମଜୁରି ମିଳୁଥିବା ନେଇ ପ୍ରଶ୍ନ କରି ଆଲୋଚନା କରିଥିଲେ । ଅଧିକ ସଂଖ୍ୟାରେ ଶ୍ରମ ଦିବସ ସୃଷ୍ଟି କରିବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏପିଓ ବିଶ୍ୱଜିତ ପ୍ରଧାନ ଉପସ୍ଥିତ ରହିଥିଲେ ।

ସୂଚନାଯୋଗ୍ୟ, ଏମଜିଏନଆରଇଜିଏସ ଯୋଜନାରେ ଯୁଯୁମୁରା ବ୍ଲକର ମୋଟ ୧୮ ଗୋଟି ପଞ୍ଚାୟତରେ ୧୭୫ ଗୋଟି ପ୍ରକଳ୍ପ କାମ ଚାଲିଛି । ୪ ହଜାର ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିବା ବେଳେ ସେମାନଙ୍କ ମାଷ୍ଟରରୋଲ ମଧ ପ୍ରସ୍ତୁତ କରାଯାଇଛି । ପ୍ରତିଦିନ ୩୩ ଶହରୁ ୩୫ ଶହ ଶ୍ରମିକ କାମ କରୁଛନ୍ତି । ଗତ ଏପ୍ରିଲ ୧୫ ତାରିଖ ଠାରୁ ମେ ୧୫ ତାରିଖ ଭିତରେ ମୋଟ ୪୫ ହଜାର ୪୫୦ ଶ୍ରମ ଦିବସ ସୃଷ୍ଟି ହୋଇଛି । ୯୨ ହଜାର ୫୮୦ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରହିଛି । ହେଲେ ଏପର୍ଯ୍ୟନ୍ତ ୪୩. ୭୯ ପ୍ରତିଶତ ହୋଇଛି । ଶତ ପ୍ରତିଶତ କରାଯିବାର ଲକ୍ଷ୍ୟ ରହିଛି ବୋଲି ବିଡିଓ ମହାନନ୍ଦ କହିଛନ୍ତି । ସେ ଆହୁରି କହିଛନ୍ତି, ବ୍ଲକକୁ ମିଳିଥିବା ଲକ୍ଷ୍ୟ ପୂରଣ କରିବାକୁ ବାରମ୍ବାର ବୈଠକ କରାଯାଉଛି। ପଞ୍ଚାୟତଗୁଡିକରେ ଚାଲିଥିବା କାମଗୁଡିକର ନିୟମିତ ସମୀକ୍ଷା କରାଯାଇ ଜିଆରଏସମାନଙ୍କୁ ତାଗିଦ କରାଯାଉଛି । ଶ୍ରମିକମାନଙ୍କୁ ନିୟୋଜିତ କରି ରୋଜଗାର ସୃଷ୍ଟି କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପ୍ରକଳ୍ପ ମଧ୍ୟରେ ଅଧିକାଂଶ କଟା, ପୋଖରି ଖନନ ଭଳି ମାଟି କାମଗୁଡିକ ରହିଛି। ଶ୍ରମିକମାନଙ୍କ ମଜୁରୀ ମିଳିଯାଉଛି, ତେଣୁ କେବଳ ଶ୍ରମିକମାନଙ୍କ ଦ୍ୱାରା କାମ ହେଉଛି। ହେଲେ ସାମଗ୍ରୀ ବାବଦକୁ ଟଙ୍କା ମିଳିବାରେ ବିଳମ୍ବ ହେବାରୁ ବଡ ପ୍ରକଳ୍ପ ଓ ଦୀର୍ଘସ୍ଥାୟୀ ପ୍ରକଳ୍ପଗୁଡିକ କରାଯାଇ ପାରୁ ନ ଥିବା ଆଲୋଚନା ହେଉଛି ।



ବିଡିଓ ମେଘପାଲ ପଞ୍ଚାୟତରେ ପ୍ରକଳ୍ପ କାମର ତଦାରଖ କରୁଛନ୍ତି ।

- ୧୭୫ ପ୍ରକଳ୍ପରେ ୪୫,୪୫୦ ଶ୍ରମ ଦିବସ ସୃଷ୍ଟି
- ସାମଗ୍ରୀ ବାବଦ ଟଙ୍କା ମିଳିବାରେ ବିଳମ୍ବ, ଆଗେଇ ପାରୁନାହିଁ ପ୍ରକଳ୍ପ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଗୁରୁତର



କୋକସରା,୧୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମୁଡ଼ାମୁଣ୍ଡା ଗାଁ ଶିବ ମନ୍ଦିର ନିକଟ ଖୁଣ୍ଟରେ ଚଢି ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ ଉଚ୍ଚସମ୍ପନ୍ନ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବାଙ୍ଗିବାହାଲ ଗାଁର ଭବାନୀଶଙ୍କର ମାଝି (୪୮)। ପରିବାର ଲୋକ ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏ ନେଇ ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ବ୍ରଜମୋହନ ଦଳେଇଙ୍କ ପ୍ରତିକ୍ରିୟା ନେବାରୁ ଆମ ପାଖରେ କିଛି ଖବର ନାହିଁ ବୋଲି କହିଛନ୍ତି।

### ଓଇଏସ ପାଇଲେ ଜବାହର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ

କୋକସରା,୧୬।୫(ଡି.ଏନ.ଏ.): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା



ଏଜୁକେଶନ ସର୍ଭିସ (ଓଇଏସ୍) ପରୀକ୍ଷାଫଳ ପ୍ରକାଶ ପାଇଛି। ଏ ନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ କୃତକାର୍ଯ୍ୟ ହୋଇଛନ୍ତି। ଜୁନାଗଡ଼ ବ୍ଲକ ମହିଚଲା ପଞ୍ଚାୟତ ଚକୁଳି ଗ୍ରାମର ସ୍ୱର୍ଗତ ଅନାମ ନାଏକଙ୍କ ଝିଅ ହେଉଛନ୍ତି ମଧୁସ୍ମିତା। ଓଇଏସରେ କୃତକାର୍ଯ୍ୟ ଖବର ମିଳିବା ପରେ ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସହଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନେ ନିଜ ଶିକ୍ଷୟତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୫-ଟି ସ୍କୁଲ ନିର୍ମାଣର ୨ୟ ପର୍ଯ୍ୟାୟ ବକେୟା ଅର୍ଥ ଦିଆଯାଉ

**୧୫ଦିନ ମଧ୍ୟରେ ନ ଦେଲେ ବ୍ଲକ ଘେରାଉ, ଗଣଧାରଣା**



କେସିଙ୍ଗା,୧୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୧୧ଟି ୫-ଟି ସ୍କୁଲର ରୂପାନ୍ତରିତ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଠିକ ଭାବେ କାର୍ଯ୍ୟ ସମ୍ପାଦନା କରାଯାଇଛି। ଯାହାକି ରାଜ୍ୟ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ୫-ଟି ସ୍କୁଲ ରୂପାନ୍ତରିତ କାର୍ଯ୍ୟ କରି ୨ ବର୍ଷ ବିତିଯାଇଥିଲେ ମଧ ବକେୟା ଅର୍ଥ ଦିଆଯାଇ ନାହିଁ। ଦୋକାନଠାରୁ ସିମେଣ୍ଟ, ରଡ଼, ରଙ୍ଗ, ମାର୍ବଲ ଇତ୍ୟାଦି ସାମଗ୍ରୀ ଉଧାରୀ ଆଣି ୫-ଟି ସ୍କୁଲରେ ଲଗାଯାଇଛି। ଦୋକାନୀମାନେ ୨ବର୍ଷ ହେଲା ଉଧାର ଦେଇଛନ୍ତି। ଏହା ପୂର୍ବରୁ ମଧ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଆସନ୍ତା ୧୫ ଦିନ ମଧରେ ୧୧ଟି ସ୍କୁଲ ୧ କୋଟି ଟଙ୍କା ଦିଆ ନ ଗଲେ ବ୍ଲକ ଅଫିସ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ୫-ଟିର ଠିକାଦାରମାନେ ଜିଲାପାଳଙ୍କ ଅଭିଯୋଗ ଶିବିରରେ ଚେତାବନୀ ଦେଇଛନ୍ତି। ବ୍ଲକ ଘେରାଉରେ ଯଦି କୌଣସି ଅପ୍ରୀତିକର ଘଟଣା ଘଟିଲେ ପ୍ରଶାସନ ଦାୟି ରହିବ ବୋଲି ଠିକାଦାରମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ପିଆଜ ଚାଷୀ ଅଭାବୀ ବିକ୍ରିର ଶିକାର

**ଗୋଲାମୁଣ୍ଡା ବ୍ଲକ**
- ସଂରକ୍ଷଣ ବ୍ୟବସ୍ଥା ନାହିଁ
- କମ ଦରରେ କିଣୁଛନ୍ତି ବେପାରି
- ଦଲାଲ, କଳାବଜାରୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଦାବି

ଗୋଲାମୁଣ୍ଡା,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ପିଆଜ ସଂରକ୍ଷଣ ପାଇଁ କୌଣସି ସୁବିଧା ନାହିଁ। ଫଳରେ ପିଆଜ ଚାଷ ପ୍ରତିମନ ବଳାଇ ଥିବା ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଗୋଲାମୁଣ୍ଡା ବ୍ଲକର ଚାଷୀ କ୍ରମାଗତ ଧାନ ଚାଷରେ ମରୁଡ଼ିର ଶିକାର ହେଉଥିବା ବେଳେ ବର୍ତ୍ତମାନ ପିଆଜ ଚାଷ କରି ପିଆଜ ଅମଳ ଜୋରଦାର କରୁଛନ୍ତି। ହେଲେ କମ ପଇସାରେ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ମୂଲ୍ୟ ନିର୍ଦ୍ଧାରଣରେ ଅବହେଳା, ସରକାରୀସ୍ତରରେ ପିଆଜ ସଂଗ୍ରହ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ତଥା ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଉ ନ ଥିବାରୁ ପ୍ରତିବର୍ଷ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ବାଧ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକର ଖଲିଆପାଲି, ବଡଯୋର, କାଲିପୁର, ମାନଝରୀ, ମକ୍ରାଗୁଡା, ମହୁଲପଡା, ଚହକା, ଫରଙ୍ଗ, କୁମ୍ଭାରୀ, ଟେମରି, ସିନାପାଲି, ଲାଞ୍ଜି, କୁହୁରା, ସାନଚେରଗାଁ, ଦଶପୁର, ଧାମନପୁର, ବଡଚେରଗାଁ, ସୁକୁନିମୁଣ୍ଡା,



ପିଆଜକୁ ସଂଗ୍ରହ କରି ରଖାଯାଉଛି।

ଗଣ୍ଡାମେର, ଚଞ୍ଚରାମୁଣ୍ଡା ଆଦି ଅଞ୍ଚଳରେ ପିଆଜ ସର୍ବାଧିକ ଅମଳ ହୋଇଥାଏ। ବର୍ତ୍ତମାନ ପିଆଜ ଅମଳ ଆରମ୍ଭ ହୋଇଥିବାରୁ ଚାଷୀମାନେ ଖୋଳି ଚାଷ ଜମିରେ ଗଦା କରିବାରେ ଲାଗିଲେଣି। କିନ୍ତୁ ଅମଳ ପିଆଜକୁ ଗୋଦାମ ଗୃହ ବା ସଂରକ୍ଷଣ ପାଇଁ କୌଣସି ସୁବିଧା ନ ଥିବାରୁ ନିଜ ଜମିରେ ଶୁଖାଇବାକୁ ବାଧ ହେଉଛନ୍ତି। ଜମିରେ ହିଁ ପିଆଜ ଗଦା କରି ରଖୁଛନ୍ତି। ଜମିରେ ଶୁଖାଇବା ବେଳେ ଅଦିନିଆ ବର୍ଷାରେ ଭିଜି ପିଆଜ ସଢି ଯାଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଚଳିତବର୍ଷ ଏପ୍ରିଲରୁ ଅଦିନିଆ ବର୍ଷା ବାରାମ୍ବାର ହେଉଥିବାରୁ ପିଆଜ ପ୍ରାୟ ପଚିସଢ଼ି ଯାଉଥିବା ଦେଖିବାକୁ ମିଳୁଛି। ଉକ୍ତ ବ୍ଲକରେ ଶୀତଳ ଭଣ୍ଡାର ନ ଥିବାରୁ ପିଆଜ ସଂରକ୍ଷଣରେ ଅସମର୍ଥ ଚାଷୀ ଅନିଚ୍ଛା ସତ୍ତ୍ୱେ କମ ଦରରେ ବିକ୍ରି କରୁଛନ୍ତି। ଏହାର ସୁଯୋଗ ନେଇ ଅନ୍ୟ ଜିଲା ଓ ପଡୋଶୀ ଛତିଶଗଡର କିଛି ବେପାରି ଡେରା ପକାଇ ୫୦ କି.ଗ୍ରା. ବସ୍ତାକୁ ୩୫୦ ରୁ ୪୦୦ ଟଙ୍କା ଦେଇ କିଣି ନେଉଥିବା ଅଭିଯୋଗ ହେଉଛି। ପିଆଜ ସଂଗ୍ରହ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ତଥା ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇ ନ ଥିବା ପ୍ରଶାସନର ଦଲାଲ ଓ କଳାବଜାରୀଙ୍କ ଉପରେ ଅଙ୍କୁଶ ନ ଥିବାରୁ ଚାଷୀମାନେ ତଳିତଳାନ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଅମଳ ଶେଷ ହେବାକୁ ଥିବା ବେଳେ ପ୍ରଶାସନ ଦଲାଲ ଓ କଳାବଜାରୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଦାବି ହେଉଛି। ପିଆଜର ଉପଯୁକ୍ତ ମୂଲ୍ୟ ଧାର୍ଯ୍ୟ କରି ଓ ପିଆଜର ସଂରକ୍ଷଣ ବ୍ୟବସ୍ଥା କଲେ ଉକ୍ତ ବ୍ଲକର ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

# ଗୋଚର ଜମି ଜବରଦଖଲ ଉଚ୍ଛେଦ, କିସମ ପରିବର୍ତ୍ତନ ଦାବି



ସରପଞ୍ଚ ସୁବୋଧ ରଣା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରୁଛନ୍ତି।

**ଫଟକାମାଲ ପଞ୍ଚାୟତ**
- ଜମି ଉନ୍ନୟନ କାମ ପାଇଁ ହସ୍ତାନ୍ତର କରିବାକୁ ଦାବିପତ୍ର

କେସିଙ୍ଗା,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଫଟକାମାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ସୁବୋଧ ରଣା ଗୋଚର ଜମି ଜବରଦଖଲ ଉଚ୍ଛେଦ ଓ କିସମ ପରିବର୍ତ୍ତନ କରି ଫଟକାମାଲ ପଞ୍ଚାୟତକୁ ଉନ୍ନୟନ କାମ ପାଇଁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ ରାଜସ୍ୱ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେସିଙ୍ଗା ବ୍ଲକ ଫଟକାମାଲ ଗ୍ରାମ ପଞ୍ଚାୟତରେ ୨୫୦ ଏକରରୁ ଊର୍ଦ୍ଧ୍ୱ ଗୋଚର ଜମି ଅଛି। ଗ୍ରାମବାସୀ ଗୋଚର ଜମିକୁ ଜବରଦଖଲ କରି ଚାଷ କରି ଆସୁଛନ୍ତି। ଜାଗା ନ ଥିବାରୁ ଏହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା କଲ୍ୟାଣ ମଣ୍ଡପ, ବିଶ୍ରାମ ଗୃହ, ନୂତନ ସ୍କୁଲ, ବୈଠକ ଗୃହ, ଆଶ୍ରୟସ୍ଥଳୀ, ମାର୍କେଟ କମ୍ପ୍ଲେକ୍ସ ଇତ୍ୟାଦି ଆବଶ୍ୟକ ଗୃହ ନିର୍ମାଣ କରି ହେଉ ନାହିଁ। ଏହି ପଞ୍ଚାୟତ ଯେତିକି ଗୋଚର ଜମିକୁ ଜବର ଦଖଲ କରାଯାଇଛି, ସେହି ଜମିକୁ ଉଚ୍ଛେଦ କରି ଫଟକାମାଲ ପଞ୍ଚାୟତକୁ ହସ୍ତାନ୍ତର କରାଯାଉ ବୋଲି ସରପଞ୍ଚ ଦାବି କରିଛନ୍ତି। ଉକ୍ତ ପଞ୍ଚାୟତରେ ଆବଶ୍ୟକ ଗୃହ ନିର୍ମାଣ କରି ବେକାରୀ ଯୁବକ ଯୁବତୀଙ୍କୁ ଦୋକାନ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଭଡା ସୂତ୍ରରେ ଦେଇ ଆୟ କରି ପାରିବାର ଏକ ରୋଜଗାର ପନ୍ଥା ହେଇ ପାଇବ। ତେଣୁ ବିଡିଓଙ୍କୁ ମଧ ଅଭିଯୋଗ କରାଯାଇଛି। ରାଜ୍ୟ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ଏହି ଅଭିଯୋଗକୁ ଦୃଷ୍ଟି ଦେଇ ୨୫୦ ଏକର ଗୋଚର ଜମିକୁ କିସମ ପରିବର୍ତ୍ତନ କରି ଫଟକାମାଲ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଗଲେ ଉକ୍ତ ପଞ୍ଚାୟତର ଆୟ ବୃଦ୍ଧି ହେବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହୃତ ହୋଇପାଇବ ବୋଲି ଫଟକାମାଲ ପଞ୍ଚାୟତ ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ ରାଜସ୍ୱ ବିଭାଗଠାରେ ଅଭିଯୋଗ କରିଛନ୍ତି।

# ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

- ‘ଶିଶୁଙ୍କ ପାଇଁ ଦିନଟିଏ’
- ‘ବାଲ୍ୟ ବିବାହ, ବେଟି ବଚାଓ ବେଟି ପଢ଼ାଓ’

ଭବାନୀପାଟଣା,୧୬।୫(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ଗୃହରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ଅଧକ୍ଷ ଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ବାଲ୍ୟ ବିବାହ ପ୍ରତିରୋଧ ଓ ଏହା ବିରୋଧରେ ଏକ ଜନସଚେତନତା ଅଭିଯାନ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ବିବରଣୀ ଦେଇଥିଲେ। ଏହାସହ ୨୦୨୩-୨୪ ଆର୍ଥିକ ବର୍ଷରେ ‘ବେଟି ବଚାଓ ବେଟି ପଢାଓ’ ଏବଂ ‘ବାଲ୍ୟ ବିବାହ ପ୍ରତିରୋଧ’ ନିମନ୍ତେ ଜିଲା କାର୍ଯ୍ୟାନୁଷ୍ଠାନ ଯୋଜନା ଓ ଅନୁମୋଦିତ ଅର୍ଥ ପାଠ କରିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଡିସିପିଓ, ଡିଇଓ, ଡିଏଲଓ, ସିଡିଏମଓ, ଡିଏସ୍‌ଡବ୍ଲୁ ଓ ତଥା ଟାସ୍କ ଫୋର୍ସ ସଭ୍ୟ ଅଧିକାରୀ, ଏନ୍‌ଜିଓ କର୍ମକର୍ତ୍ତାଙ୍କୁ ବାଲ୍ୟ ବିବାହ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଜନସଚେତନତା ସୃଷ୍ଟି, ବିଦ୍ୟାଳୟ/ସ୍ୱାସ୍ଥ୍ୟକେନ୍ଦ୍ରରେ ‘ବାଲ୍ୟ ବିବାହକୁ ନା କହିବା’ ବାର୍ତ୍ତା, ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ସନ୍ତାନଙ୍କ ତାଲିକା, ପୋଷ୍ଟର, ହୋର୍ଡିଂ, ୱାଲ୍ ପେଣ୍ଟିଂରେ ସଚେତନତା ବାର୍ତ୍ତା, ଭ୍ରାମ୍ୟମାଣ ଗାଡ଼ିରେ ପ୍ରଚାର, ସିଡିପିଓଙ୍କ ଦ୍ୱାରା ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ସଭାର ଅଧକ୍ଷ ସଚିନ ପାୱାର କହିଥିଲେ। ପଞ୍ଚାୟତ ଓ ବ୍ଲକସ୍ତରରୁ




ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକରେ ଉପସ୍ଥିତ ଅଧିକାରୀ।

ସମସ୍ତ କିଶୋରୀଙ୍କୁ ତାଙ୍କର ଅଧିକାର, ଭବିଷ୍ୟତ, ବିବାହର ଉପଯୁକ୍ତ ବୟସ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦେବା ସଙ୍ଗେ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଲେ କି ପ୍ରକାର ଆଇନଗତ ଅସୁବିଧା ଭୋଗ କରିବାକୁ ପଡିବ ତାହା ଉପରେ କହିବାକୁ ସିଡିପିଓ, ଅଙ୍ଗନୱାଡ଼ି କର୍ମୀମାନେ ଗ୍ରାମ ସଭା ଦ୍ୱାରା ପଦକ୍ଷେପ ନେବାକୁ କୁହାଗଲା। ଜିଲାରେ ୨୦୨୨-୨୩ରେ ୧୩ଟି ବାଲ୍ୟ ବିବାହକୁ ରୋକାଯାଇ ନାବାଳିକା ଉଦ୍ଧାର କରାଯାଇଛି। ସଭାରେ ଧର୍ମଗଡ ଉପଜିଲାପାଳ ବେଦ ଭୂଷଣଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଏନଜିଓ ସଭ୍ୟ ଉପସ୍ଥିତ ଥିଲେ।

# ଶିବିରରେ ୮୭ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

ଖଡ଼ିଆଳ,୧୬।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୭ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିର ପ୍ରତ୍ୟେକ ମାସ ତୃତୀୟ ମଙ୍ଗଳବାର ଖଡ଼ିଆଳଠାରେ ଅନୁଷ୍ଠିତ ହୋଇ ଆସୁଛି। ଅନଲାଇନରେ ନାମ ପଞ୍ଜୀକୃତ କରିଥିବା ଭିନ୍ନକ୍ଷମମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ସମସ୍ତଙ୍କୁ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରିବାକୁ ବିଭାଗ ପକ୍ଷରୁ ସୁଯୋଗ ପ୍ରଦାନ କରାଯାଉଛି। ନୂଆପଡାଠାରେ ନିର୍ଦ୍ଧାରିତ ମାସର ଗୋଟିଏ ଦିନରେ ଶିବିର ଅନୁଷ୍ଠିତ ହେଉଥିବା ବେଳେ ଖଡ଼ିଆଳ, ବୋଡ଼େନ ଏବଂ ସିନାପାଲିର ପାଇଁ ଖଡ଼ିଆଳଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି। ଏହି ତିନି ବ୍ଲକ ଭିନ୍ନକ୍ଷମ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପ୍ରକାଶ କରିଛନ୍ତି। ଶିବିରରେ ସମସ୍ତ ବିଭାଗ ବିଶେଷଜ୍ଞ ଡାକ୍ତର ଯୋଗଦେଇ ଆବେଦନ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଆବଶ୍ୟକ ପ୍ରମାଣପତ୍ର ଯୋଗାଇ ଦେଇଥିଲେ। ଜିଲା ଭିନ୍ନକ୍ଷମ ସଂଘ ସମ୍ପାଦକ ଦିଲିପ ଶାଢଙ୍ଗୀ, କୋଷାଧକ୍ଷ ଲୋକେଶ ବେହେରା, ସଦସ୍ୟ ହୃଦାନନ୍ଦ ଜଗତ, ଚିତ୍ତରଞ୍ଜନ ଦାସ, ରାଜୁ ପାଣ୍ଡେଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲଠାରେ ମଙ୍ଗଳବାର ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଗୋଲାମୁଣ୍ଡା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ପ୍ରାଥମିକ କୃଷି ସମବାୟ ସମିତି ଗୋଲାମୁଣ୍ଡା ସମବାୟ ସମିତି ଅଧୀନରେ ଗଣ୍ଡାମେର ଓ ବୃନ୍ଦାବାହାଲ ପଞ୍ଚାୟତ ରହିଥିଲା। ୨ଟି ପଞ୍ଚାୟତର ଚାଷୀଙ୍କ ପାଇଁ ବର୍ତ୍ତମାନ ନୂତନ ଭାବେ ବୃନ୍ଦାବାହାଲଠାରେ ପ୍ରାଥମିକ କୃଷି ସମବାୟ ସମିତି ସ୍ୱତନ୍ତ୍ର ମାନ୍ୟତା ପାଇ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗିରିଷ ଚନ୍ଦ୍ର ବେହେରା, ପରିଚାଳନା ପରିଷଦ ସଦସ୍ୟା ପ୍ରମୋଦିନୀ ରାଉତ, ସମବାୟ ସମିତି ସହକାରୀ ନିବନ୍ଧକ ମିତ୍ରଭାନୁ ବିଶ୍ୱାଳ, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ବୃନ୍ଦାବାହାଲ ସରପଞ୍ଚ ଦିନେଶ କୁମାର ରାଉତ, ସମିତି ସଭ୍ୟ ଗୋରେଖ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କେତେକ ଚାଷୀ ଏହି ପ୍ରାଥମିକ କୃଷି ସମବାୟ ସମିତି ଗଠନ ସମୟରେ ସମସ୍ତ ଚାଷୀଙ୍କ ଅବଗତ କରାଯାଇ ନ ଥିବା ଦର୍ଶାଇ ପୂର୍ବରୁ ଧର୍ମଗଡ଼ ଉପଜିଲାପାଳ ବେଦଭୂଷଣଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ଚାଷୀ ସମୂହ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ର ସଦସ୍ୟ, ସଦସ୍ୟା ଓ ସଭାପତି, ସଙ୍ଗଠକ ପଦବୀ ଚୟନରେ ଅନିୟମିତତା ଅଭିଯୋଗ ନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ସିନାପାଲି,୧୬।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ନିଲଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ସିନାପାଲି ଅନ୍ତର୍ଗତ ୧୬ଟି କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଦୁଇ ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। କର୍ମଶାଳାରେ ‘ଲୋ କଷ୍ଟ, ନୋ କଷ୍ଟ’ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରି ଉଭୟ ଭାଷା ଓ




ଗଣିତରେ କିପରି ବ୍ୟବହାର କରାଯିବ ସେ ନେଇ ଆଲୋଚନା କରିଥିଲେ। କର୍ମଶାଳା ପରେଶ ନାଥ ପାଣିଗ୍ରାହୀ ଓ ନିକୁଞ୍ଜ ବିହାରୀ ସାହୁ ପରିଚାଳନା କରିଥିବା ବେଳେ ଏଆଇଏଫ ଏକାଡେମୀକ ଟ୍ରେନର ଭୀମସେନ ମାଳି ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ରେଶ୍ୱର ମେହେର, ସ୍ଥାନୀୟ ପ୍ରଧାନ ଶିକ୍ଷକ ସେବକରାମ ପାତ୍ର ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ରାକେଶ ମିଶ୍ର, ଅତୁଳ ସୁପକାର, ଦିବ୍ୟରଞ୍ଜନ ପାଢ଼ୀ, ଶେଖର ବାଗ, ଈଶ୍ୱର ବଘେଲ, ମହେଶ୍ୱର ଗୁଆଲ, ଖଗେଶ୍ୱର ନିଆଲ, ସୁଧୀର ଠାକୁର, ସୁଶୀଲ ଯୋଶୀ, ଜୟକୃଷ୍ଣ ଯୋଶୀ, ସୁନ୍ଦର୍ ଭୋଇ, ଶୋଭରାମ ଜଗତ, ଦେବାନନ୍ଦ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଖୋଲିଲା ନୂତନ ପ୍ରାଥମିକ କୃଷି ସମବାୟ ସମିତି

କୋକସରା,,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ପ୍ରାଥମିକ କୃଷି ସମବାୟ ସମିତିର ନୂତନ ସମବାୟ ସମିତି ଗୋଟୋମୁଣ୍ଡା ପାକ୍ସ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଟେମରା ସମବାୟ ସମିତି ଅଧୀନରେ ଥିବା ବେଳେ ଏବେ ନୂତନ ଭାବେ ଗୋଟୋମୁଣ୍ଡା ସମବାୟ ସମିତି ନୂତନ ପାକ୍ସର ମାନ୍ୟତା ପାଇଛି। ଏବେ ଏହି ସମବାୟ ଅଧୀନର ଚାଷୀ ଗୋଟୋମୁଣ୍ଡା ସମବାୟରେ କୃଷି ଋଣ ପରାମର୍ଶ ସମ୍ପର୍କିତ ସମସ୍ତ କାରବାର କରିପାରିବେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଯୋଗଦେଇ କୃଷକଙ୍କ ମେରୁଦଣ୍ଡ ହେଉଛି ସମବାୟ ସମିତି, ରାଜ୍ୟ ସରକାର ଚାଷୀଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛନ୍ତି କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଧର୍ମଗଡ଼ ବ୍ଲକ ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ସରପଞ୍ଚ ପଦ୍ମିନୀ ପୂଝାରୀ, ସମିତି ସଭ୍ୟା ଶାମୁକା ନାଏକ, ଟେମରା ପାକ୍ସ ସଭାପତି ନବୀନ ପୂଝାରୀ, ସାନ ପୋଡ଼ାଗୁଡା ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରି, ଟେମରା ପାକ୍ସ ସମ୍ପାଦକ ରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ଗୋଟୋମୁଣ୍ଡା ସମବାୟ ଅଧୀନ ଅନେକ ଚାଷୀ ଓ ଜନସାଧାରଣ ଯୋଗଦେଇଥିଲେ।

# ମାଓବାଦୀ ଭୟରେ ଖାଁ ଖାଁ ଟାପରାଙ୍ଗ ଗାଁ

**୧୩ ବ୍ଲକରୁ ୧୧ରେ ମାଓବାଦୀଙ୍କ ପ୍ରାଦୁର୍ଭାବ**

ଭବାନୀପାଟଣା,୧୬।୫(ସ୍ୱ.ପ୍ର.)

୨୦୧୧୦ରୁ କଳାହାଣ୍ଡି ଜିଲାର ମାଓବାଦୀଙ୍କ ଗଡ଼ ଭାବେ ପରିଚିତ। ଜିଲାର ୧୩ଟି ବ୍ଲକ ମଧ୍ୟରୁ ୧୧ଟିରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଜାରି ରହିଛି। ଏଥିପାଇଁ ଏହାକୁ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଭାବେ ସରକାର ଘୋଷଣା କରିଥିଲେ। ବିଭିନ୍ନ ସମୟରେ ମାଓବାଦୀ ପୋଷ୍ଟର ମାରିବା ସହ ଗାଡ଼ି ପୋଡାଜଳା କରି ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରୁଛନ୍ତି ମାଓବାଦୀ। ଗତ ୯ ତାରିଖ ସକାଳେ ଜିଲାର ମଦନପୁର ରାମପୁର ଥାନା ଅନ୍ତର୍ଗତ ଟାପରାଙ୍ଗ ଗାଁ ଦାଣ୍ଡରେ ସୁରକ୍ଷା କର୍ମୀ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯେଉଁଥିରେ ୩ଜଣ ମାଓବାଦୀ ନିହତ ହୋଇଥିବା ବେଳେ ଏସଆଇ ତନ୍ତୁ ଡିଏସପି ଅତୁଲ ଦାସ ଗୁରୁତର ହୋଇଥିଲେ। ଏହି ଘଟଣାକୁ ୭



ଖାଁ ଖାଁ ଟାପରାଙ୍ଗ ଗାଁ।

ଦିନ ବିତିଯାଇଛି। କିନ୍ତୁ ଲୋକଙ୍କ ମନରୁ ମାଓବାଦୀଙ୍କ ଭୟ ଯାଇନି। ମାଓବାଦୀଙ୍କ ଭୟରେ ଜନଶୂନ୍ୟ ହୋଇ ପଡିଛି ଗାଁ ଦାଣ୍ଡ। ଭୟରେ କେହି ଘରୁ ବାହାରକୁ ବାହାରୁ ନ ଥିବା ବେଳେ କବାଟ ବନ୍ଦ କରି ଲୋକେ ଘର ଭିତରେ ରହୁଛନ୍ତି। ଏମିତିକି ନିଜର ଦୈନନ୍ଦିନ କାମ ପାଇଁ ମଧ ଲୋକେ ଘର ବାହାରୁ ଆସୁ ନ ଥିବା ଦେଖିବାକୁ ମିଳିଛି। ଦେଖିଲେ ଲାଗୁଛି ଯେ ସତେ ଗାଁରେ ସତେ ଯେମିତି କର୍ଫ୍ୟୁ ଜାରି ହୋଇଛି। ଦିନ ବେଳା ପୋଲିସର ଭୟ ଓ ରାତି ହେଲେ ମାଓବାଦୀଙ୍କ ଭୟରେ ଲୋକଙ୍କ ଘରେ ଚୁଲି ମଧ ଜଳୁନି। ସେପଟେ ଗାଁର ଆଶା କର୍ମୀ ଲୁଚନା ପାତ୍ରଙ୍କ ଘର ସମ୍ମୁଖରେ ଏହି ଗୁଳି ବିନିମୟ ହୋଇଥିବା ବେଳେ ଘଟଣା ଦିନ ହିଁ ପୋଲିସ ଆଶା କର୍ମୀ, ତାଙ୍କ ସ୍ୱାମୀ ଓ ଝିଅକୁ ଉଠାଇ ନେଇଥିଲା। ବର୍ତ୍ତମାନ ସୁଦ୍ଧା ଆଶା କର୍ମୀଙ୍କ ଶ୍ୱଶୁରଙ୍କୁ ଏ ନେଇ ପୋଲିସ କୌଣସି ସୂଚନା ଦେଇ ନାହାନ୍ତି। ଗତ ଶୁକ୍ରବାର କଳାହାଣ୍ଡି ଜିଲା ଗସ୍ତ ସମୟରେ ଆଇଜି ଅପରେଶନ ଅମିତାଭ ଠାକୁର କହିଛନ୍ତି ଯେ, "ଲୋକେ ଭୟଭୀତ ହେବାର ଆବଶ୍ୟକ ନାହିଁ, ପୋଲିସ ସେମାନଙ୍କ ସହ ରହିଛି।

## ସଂକ୍ଷେପରେ

### ଓଇଏସ୍ ପାଇଲେ ଓଏଭି ଶିକ୍ଷୟିତ୍ରୀ ରଶ୍ମିତା ନେତାମ

**ପଦ୍ମପୁର,୧୬।୫(ଡି.ଏନ.ଏ.):** ଓଡିଶା ଶିକ୍ଷା ସେବା(ଓଇଏସ୍) ପରୀକ୍ଷାରେ ରାଜବୋଡାସମ୍ବର ବ୍ଲକ ବାନ୍ଦୁପାଲି



ସ୍ଥିତ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ନେତାମ ରାଜ୍ୟସ୍ତରରେ ୧୩୯ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ରୁଦ୍ରନାରାୟଣ ଭୋଇ, ଅଶ୍ୱିନୀ କୁମାର ଧରୁଆ, ମାନସ ଶତପଥି, ଜଗଦୀଶ ସେଟ, ରମେଶ ନାୟକଙ୍କ ସମେତ ବିଦ୍ୟାଳୟର ସହକର୍ମୀ, ଛାତ୍ରୀଛାତ୍ର ଓ ଅଭିଭାବକ ଅଭିନନ୍ଦନ ଜଣାଇଛନ୍ତି। ପଦ୍ମପୁର ଉପଖଣ୍ଡ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କର୍ମଚାରୀ ବିକାଶ ମଞ୍ଚ ତରଫରୁ ରଶ୍ମିତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଅଞ୍ଚଳ କଲେଜରେ ଖୋଲିଲା କମ୍ପ୍ୟୁଟର ସାଇନ୍ସ ଅନର୍ସ

**ପଦ୍ମପୁର,୧୬।୫(ଡି.ଏନ.ଏ.):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀରେ କମ୍ପ୍ୟୁଟର ସାଇନ୍ସ ଅନର୍ସରେ ନାମ ଲେଖାଇବାକୁ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଫଳରେ ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବର୍ଷର ୩୨ଜଣ ଛାତ୍ରୀଛାତ୍ର ଏହି ବିଷୟରେ ନାମ ଲେଖାଇ ପାରିବେ ବୋଲି ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ଜଣାଇଛନ୍ତି। କମ୍ପ୍ୟୁଟର ବିଷୟରେ ଅନର୍ସ ଖୋଲିଥିବାରୁ ଛାତ୍ରୀଛାତ୍ର, ଅଭିଭାବକମାନଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି।

### ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର

**ପୁରୁଣାକଟକ,୧୬।୫(ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ରାଉତ, ଉପ ଜିଲାପାଳ ରବୀନ୍ଦ୍ରନାଥ କହଁର, ପିଡି ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ହରଭଙ୍ଗା ବିଡ଼ିଓ ଏସ. ନାୟକ, ତହସିଲଦାର ବିଜୟ ପ୍ରଧାନ, ପୁରୁଣାକଟକ ଥାନା ଅଧିକାରୀ ଜେ.କାଉଁରୀ, ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଯିବା ସହ ସମସ୍ୟାର ସମାଧାନ କରାଯାଇଥିଲା। ଏହି ଶିବିରରେ ସର୍ବମୋଟ ୨୦୫ଟି ଅଭିଯୋଗ ହୋଇଥିବା ବେଳେ ସେଥିରୁ ୨୦୦ଟି ବ୍ୟକ୍ତିଗତ, ୭ଟି ଗ୍ରାମ୍ୟ ସାମୁହିକ ଅଭିଯୋଗ ଆସିଥିଲା । ୧୯ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧ଲକ୍ଷ ୩୬ହଜାର, ୨୫ଜଣଙ୍କୁ ଜିଲା ରେଡକ୍ରସରୁ ୧ ଲକ୍ଷ ୩୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ୧୪୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୩ ଜଣଙ୍କୁ ବିଧବା ଭତ୍ତା, ଜଣଙ୍କୁ ବିକଳାଙ୍ଗ ଭତ୍ତା, ୮୦ବର୍ଷରୁ ଉର୍ଦ୍ଧ୍ୱ ଜଣଙ୍କୁ ମାସିକ ୭୦୦ ଟଙ୍କା, ଗୋଟିଏ ଟ୍ରାଏ ସାଇକେଲ, ୩ଟି ହୁଇଲ ଚେୟାର ଓ ଜଣକୁ ଆଶାବାଡି ପ୍ରଦାନ କରାଯାଇଥିଲା ।

# ଅଖାବସ୍ତା ନାହିଁ, ଧାନବିକ୍ରିରେ ଅଚଳାବସ୍ଥା

**ସରଣ୍ଡା,୧୬।୫(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଧାନ ସଂଗ୍ରହ ଆରମ୍ଭରୁ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନରେ ତ୍ରୁଟି ଏବଂ ଅଖାବସ୍ତା ଯୋଗାଇବାରେ ପ୍ରଶାସନର ବିଫଳତା ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି।

ରାଜ୍ୟ ସରକାର ଧାନବିକ୍ରିରେ ଟୋକନକୁ ବାଧ୍ୟତାମୂଳକ କରିଛନ୍ତି। ତେବେ ଏଥିରେ ତ୍ରୁଟି ଯୋଗୁ ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ରବି ଧାନ ବିକ୍ରି ସମୟରେ ଚାଷୀଙ୍କୁ ଅଖା ବସ୍ତା ଯୋଗାଇ ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ଚାଷୀ ଧାନ ଅମଳ କରି ମଣ୍ଡିକୁ ବାରମ୍ବାର ଯାଉଥିଲେ ମଧ୍ୟ ଅଖା ବସ୍ତା ମିଳୁନାହିଁ। ଏହାର ପ୍ରତିବାଦରେ ଜୟ କିଷାନ ଆନ୍ଦୋଳନ ଚାଷୀ ସଙ୍ଗଠନ ମଙ୍ଗଳବାର ଅତାବିରା ତହସିଲଦାରଙ୍କ ନିକଟର ଅଭିଯୋଗ କରିଛି। ଏହାସହ ଶୀଘ୍ର ଚାଷୀଙ୍କୁ ଖାଲି ଅଖା ବସ୍ତା ଅଗ୍ରୀମ ଯୋଗାଇ ଦେବା ଓ ପ୍ରତ୍ୟେକ ଧାନ କ୍ରୟ କେନ୍ଦ୍ରରେ ମାନ ନିର୍ଣ୍ଣୟ କରି ଓଜନ ମାପ ମଧ୍ୟ ମଣ୍ଡିରେ କରାଯିବା ଆଦି ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତାବିରା ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ଦାଶଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ସଙ୍ଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ଏବଂ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଙ୍ଗଠନର ଜିଲା ସଭାପତି ଶୁଶିଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆ, ସ୍ଥାନୀୟ ସଭାପତି ଭଞ୍ଜନ ବାରିକ, କରୁଣାକର ସାହୁ, ବିରଞ୍ଚି ମହାକୁର, ନିମେଇ ମହାପାତ୍ର, ଶିବନାଥ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



ଅତିରିକ୍ତ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଆନ୍ଦୋଳନ ଚେତାବନୀ ଦେଲା ଚାଷୀ ସଙ୍ଗଠନ**

### ଭାରତ ବିକାଶ ପରିଷଦର ସ୍ୱାସ୍ଥ୍ୟ ଶିବିର

**ପଦ୍ମପୁର ୧୬।୫ (ଡି.ଏନ.ଏ.)**

ଭାରତ ବିକାଶ ପରିଷଦ ପଦ୍ମପୁର ଶାଖା ପକ୍ଷରୁ ସିଂହନପୁର ଟାଙ୍ଗରପଡାଠାରେ ମଙ୍ଗଳବାର ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଡାକ୍ତର ଜୟକୃଷ୍ଣ ପଟେଲ ଓ ଡାକ୍ତର ଡୋଲାମଣି ପୁରୋହିତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ ଓ ନିଦାନ ପାଇଁ ପରାମର୍ଶ ଦେଇଥିଲେ। ୬୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟର ଟେକ୍ନିସିଆନ ରକ୍ତ ପରୀକ୍ଷା କରିଥିଲେ। ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ। ପରିଷଦର ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ବାଞ୍ଛାନିଧି ପଣ୍ଡା, ପଦ୍ମନାଭ ଯୋଷୀ, ମନୋଜ ପ୍ରଧାନ, ଶାନ୍ତନୁ ପାଣିଗ୍ରାହୀ, ଚନ୍ଦ୍ରଶେଖର ପୁରୋହିତ, ଜୟନାରାୟଣ ତ୍ରିପାଠୀ ଓ ସଦାନନ୍ଦ ପୁରୋହିତ ସହଯୋଗ କରିଥିଲେ।

# ପିଲାଙ୍କୁ ପାଠ ପଢ଼ାଇଲେ ମା'

**ବରଗଡ଼ ଅଫିସ, ୧୬।୫**

ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରମାନେ ରହୁଥିବା ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ଚନ୍ଦନ ନଗରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଆସ ଆମେ ପଢିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ମହିଳା ଶିକ୍ଷାବିତ୍ ଏକାଠି ହୋଇ ଉକ୍ତ ବସ୍ତିରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିଲେ। ଏହାସହ ବିଭିନ୍ନ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ବିଭିନ୍ନ ବିଷୟରେ ରହିଥିବା ସନ୍ଦେହ ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖିକା ଜିତେଶ୍ୱରୀ ଦାଶଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ହିନ୍ଦୀ ଶିକ୍ଷୟିତ୍ରୀ ମିନା ପଣ୍ଡା, ରାଧାରାଣୀ ପଟ୍ଟନାୟକ, ସୁପ୍ରଭା ସାମଲ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ଶିକ୍ଷୟିତ୍ରୀ ସୁନିତା ମିଶ୍ର, ସବିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପାଠ୍ୟଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚେତନା ସଂସ୍ଥାର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ ମୁଖ୍ୟ ଅତିଥି ଓ ପ୍ରୀତମ ସିଂ, ଅର୍ଜୁନ ସେଠ ଓ ପ୍ରଦୀପ୍ତଭାନୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥି ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଦୁଃଖୀସେବକ ସାହୁ, ଚନ୍ଦ୍ରକାନ୍ତ ସାହୁ, ଡ଼ଃ ଡୋଲାମଣି ଶତପଥୀ ପ୍ରମୁଖ ଯୋଗଦେଇ ମାତୃଶକ୍ତିଙ୍କ ଏଭଳି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ବଳରାମ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ମା'ମାନେ।

# ମାର୍କେଟ ୟାର୍ଡ ଲୋକାର୍ପିତ



କୁରୁଆଁ ଗ୍ରାମରେ ମାର୍କେଟ ୟାର୍ଡର ଲୋକାର୍ପଣ କାର୍ଯ୍ୟକ୍ରମ।

**ବରଗଡ଼ ଅଫିସ,୧୬।୫**

ବରଗଡ଼ ବ୍ଲକ କୁରୁଆଁଠାରେ କୃଷି ଓ କୃଷକଙ୍କ ମଣ୍ଡି ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମାର୍କେଟ ୟାର୍ଡ ମଙ୍ଗଳବାର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ସମାରୋହରେ ବିଧାୟକ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟ ସରକାର ରାଜ୍ୟରେ କୃଷି ଓ କୃଷକଙ୍କ ବିକାଶକୁ ଗୁରୁତ୍ୱ ଦେଉଥିବା ବେଳେ ମଣ୍ଡି ବ୍ୟବସ୍ଥାର ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବ୍ୟବସ୍ଥା କରିଥିବା ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି କଲତା, ବରଗଡ଼ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ, ଉପାଧ୍ୟକ୍ଷ ଉମେଶ ପଣ୍ଡା, ଆଡ଼ଗାଁ ପ୍ୟାକ୍ସ ଅଧ୍ୟକ୍ଷ ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ ସାହୁ, ରମେଶ ରାଓ, ଜଗବନ୍ଧୁ କଲତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

# ଗୋଡ଼ଭଗା ପାକ୍ସ ଗଠନ ପରେ ପ୍ରଥମ ବାର୍ଷିକ ସାଧାରଣ ସଭା

**ସରଣ୍ଡା,୧୬।୫(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପ୍ରାଥମିକ କୃଷି ସମବାୟ ସମିତି ଲିଃର ପ୍ରଥମ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସରୋଜ ମେହେର ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଗୋଡ଼ଭଗା ଶାଖା ଶାଖା ପରିଚାଳକ ସୁରେନ୍ଦ୍ର ଛତର, ଲହଣ୍ଡା ଓ ଲରମ୍ବା ପ୍ୟାକ୍ସ ସମ୍ପାଦକ ଜିତେନ୍ଦ୍ର ଭୋଇ ଓ ତୋଫାନ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଦାଶ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ନବଗଠିତ ସମବାୟ ସମିତିର ସଭ୍ୟ ସଂଗ୍ରହ, ଅଫିସ ଓ ଗୋଦାମ ଗୃହ ପାଇଁ ଜମି ଅଧିଗ୍ରହଣ, ପୁରୁଣା ସମିତି ମାନଙ୍କରୁ ଦେୟ ପ୍ରାପ୍ୟ, ସମ୍ପତ୍ତି ଓ ମାନବ ସମ୍ବଳର ହସ୍ତାନ୍ତରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସମ୍ପାଦକ ସତୀଶ କୁମାର ଦାଶ ସଭା ପରିଚାଳନା କରିଥିଲେ। ସଭାରେ ଆର୍‌ଏମ୍‌ସି ପରିଚାଳନା ପରିଷଦ ସଦସ୍ୟ କୁଳମଣି ପ୍ରଧାନ, ଦେବବ୍ରତ ରଥଙ୍କ ସମେତ ସମିତିର ସମସ୍ତ ସଭ୍ୟାସଭ୍ୟ, ଲହଣ୍ଡା ଓ ଲରମ୍ବା ସମବାୟ ସମିତି ଲିଃର ସଭ୍ୟ ଉପସ୍ଥିତ ଥିଲେ। ଲରମ୍ବା ପ୍ୟାକ୍ସର ପୂର୍ବତନ ସଭାପତି ଅଶ୍ୱିନୀ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ସମବାୟ ସମିତିମାନଙ୍କର ପୁନର୍ଗଠନ ନିୟମ ଅନୁସାରେ ଲହଣ୍ଡା ପ୍ୟାକ୍ସରୁ ୪ଟି ମୌଜା ଗୋଡଭଗା, କେନ୍ଦୁପାଲି, ଗଡତିଆପାଲି ଓ ଭୋଇଟିକ୍ରା ଓ ଲରମ୍ବା ପ୍ୟାକ୍ସରୁ କୁଜାପାଲି ମୌଜା ଭାଗ ହୋଇ ସମ୍ପୂର୍ଣ୍ଣ ଗୋଡଭଗା ଗ୍ରାମପଞ୍ଚାୟତକୁ ନେଇ ଗୋଡଭଗା ପ୍ରାଥମିକ କୃଷି ସମବାୟ ସମିତି ଗଠିତ ହୋଇଛି। ଏହି ପ୍ୟାକ୍ସ ବରଗଡ଼ ସହକାରୀ ନିବନ୍ଧକଙ୍କ ନିକଟରେ ପଞ୍ଜୀକରଣ ହୋଇସାରିବା ପରେ ମଙ୍ଗଳବାର ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।



ବୈଠକରେ ଉପସ୍ଥିତ ସମିତି ସଦସ୍ୟଗଣ।

### ନ୍ୟାୟ ପାଇଁ ପୀଡିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୧୬।୫(ସ୍ୱ.ପ୍ର.)**

ବୌଦ୍ଧ ଥାନା ତଥା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମର ଜଣେ ମହିଳା ଜଣେ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତା ହୋଇଥିବା ନେଇ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଫେବୃୟାରୀ ମାସରେ ଶିକ୍ଷକ ଜଣଙ୍କ ମହିଳାଙ୍କ ଘରକୁ ଆସି ଜୋର ଜବରଦସ୍ତ କଟକ ନେଇଯାଇଥିଲେ । ସେଠାରେ ଶିକ୍ଷକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ସେ ତାଙ୍କୁ ଛାଡି ଫେରାର ହୋଇଯାଇଥିଲେ । ଏନେଇ ପୀଡିତା ଗତ ୯ ତାରିଖରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୀଡିତା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜ ପରିଚାଳନା କମିଟି ବୈଠକ



ବୈଠକରେ ଉପସ୍ଥିତ କମିଟି ସଦସ୍ୟଗଣ।

**ପାଇକମାଳ,୧୬।୫(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସାମଗ୍ରିକ ଉନ୍ନତି ନିମନ୍ତେ ଆଲୋଚନ ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଛାତ୍ର ସମାଜ କିଭଳି ଶୃଙ୍ଖଳିତ ହେବା ସହ ଅଧ୍ୟୟନରେ ମନ ଦେବେ ସେ ନେଇ ସଭାପତି ସ୍ୱାଇଁ ପରାମର୍ଶ ଦେଇଥିଲେ। ସଦସ୍ୟ ଡା. ସୁଜାତା ମହାନ୍ତି, ସସ୍ମିତା ବାରିକ, ସହଦେବ ଧରୁଆ, ରିଜୱାନ ମେମନ୍, ଜଗଦୀଶ ଉଣ୍ଡସନା ଏବଂ ଶିକ୍ଷକ ଓ ଅଣ ଶିକ୍ଷକ ପ୍ରତିନିଧି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୧୧ ବ୍ୟାଚ୍ ସ୍ନାତକ ଶିକ୍ଷକଙ୍କୁ ଅଣଦେଖା ଅଭିଯୋଗ

**ବରଗଡ଼ ଅଫିସ୍,୧୬।୫**

ବରଗଡ଼ ସହରସ୍ଥିତ ଖଜୁରଟିକ୍ରା ସରକାରୀ ଉଚ୍ଚପ୍ରାଥମିକ ସ୍କୁଲରେ ମଙ୍ଗଳବାର ୨୦୧୧ ବ୍ୟାଚ୍ ସ୍ନାତକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶୁତୋଷ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାବୁଲୁ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ ସ୍ନାତକ ଶିକ୍ଷକଙ୍କ ପ୍ରତି ହେଉଥିବା ସରକାରୀ ଅବହେଳା ପ୍ରତିବାଦରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଏହି ବୈଠକରେ ଯୋଗ ଦେଇଥିଲେ। ସରକାରୀ ନିଷ୍ପତ୍ତିର ପୁନର୍ବିଚାର କରି ୨୦୧୦ ମସିହା ବିଜ୍ଞପ୍ତି ଅନୁସାରେ ୨୦୧୧ ମସିହାରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସ୍ନାତକ ଶିକ୍ଷକ ପଦବୀ ଅନୁଯାୟୀ ଦରମା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା ।

ସୂଚନାଯୋଗ୍ୟ, ୨୦୧୧ରେ ସରକାରୀ ନିଷ୍ପତ୍ତି ଅନୁଯାୟୀ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଷ୍ଟମ ଶ୍ରେଣୀ ଖୋଲିଥିବା ବିଦ୍ୟାଳୟ ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ବିଜ୍ଞାନ ଶିକ୍ଷକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଉଚ୍ଚ ବେତନପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସ୍ନାତକ ଶିକ୍ଷକ ପଦବୀ ପାଇଁ ଶିକ୍ଷା ସହାୟକ ଭାବେ ଯୋଗ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସରକାର ସେମାନଙ୍କୁ ମ୍ୟାଟ୍ରିକ ସିଟି ପଦବୀର ଦରମା ପ୍ରଦାନ କରି ଚରମ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ୨୦୧୧ ବ୍ୟାଚର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ, ମିଥୁନ ସାହୁ, ଦିବସ କୁମାର ସାହୁ, କ୍ଷେତ୍ର ମେହେର, ପ୍ରେମାନନ୍ଦ ସାହୁ, ବୁଲୁ ଶତପଥୀ, ସ୍ୱରାଜ ସରାଫ, ରାଜନାରାୟଣ ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ।

# ବରଗଡ଼ ଚିନିକଲ ବନ୍ଦ କରା ନ ଯାଉ

**ବରଗଡ଼ ଅଫିସ୍,୧୬।୫**

ଶିଳ୍ପାୟନରେ ବରଗଡ଼ର ପରିଚୟ ସୃଷ୍ଟି କରିଥିବା ସମବାୟ ଚିନିକଲକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଚିନିକଲ ଦ୍ୱାରା ଅଞ୍ଚଳର ବହୁ ଚାଷୀ ଉପକୃତ ହେଉଥିବାବେଳେ ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ମିଳୁଥିଲା। କିନ୍ତୁ ଦୀର୍ଘବର୍ଷ ଧରି ଚିନିକଲ କାର୍ଯ୍ୟକ୍ଷମ ନ ଥିବାବେଳେ କର୍ମଚାରୀଙ୍କୁ ଦରମା ମଧ୍ୟ ମିଳୁନାହିଁ। ଫଳରେ ଉଭୟ ଚାଷୀ ଏବଂ ଚିନିକଲ କର୍ମଚାରୀଙ୍କୁ କ୍ଷତି ସହିବାକୁ ପଡୁଛି। ଏଭଳି ସ୍ଥଳେ ବରଗଡ଼ ଚିନିକଲକୁ ୩ଶହ କୋଟି ଟଙ୍କାରେ ଶାଗମାଛ ଦରରେ ବିକ୍ରି କରି ବନ୍ଦ କରା ନ ଯାଉ ବୋଲି ଆମ ଆଦମୀ ପାର୍ଟି (ଏଏପି) ଦାବି କରିଛି। ଅନ୍ୟପକ୍ଷେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଚିନିକଲ ବନ୍ଦ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ବରଗଡ଼ ବିରୋଧୀ ବୋଲି ଦଳ ଅଭିଯୋଗ କରିଛି।

ଖବରଦାତା ସମ୍ମିଳନୀରେ ଏଏପି ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଥିଲେ, ଚିନିକଲ ବରଗଡ଼ର ମାନ, ସ୍ୱାଭିମାନ ହୋଇଥିବା ବେଳେ ରାଜ୍ୟ ମାନଚିତ୍ରରେ ଶିଳ୍ପନଗରୀର ପରିଚୟ ଦେଇ ବରଗଡ଼ବାସୀଙ୍କୁ ଗୌରାନ୍ୱିତ କରିଆସିଛି। ୧୯୬୯ରୁ ଦୀର୍ଘ ୫୪ବର୍ଷ ଧରି ଜନଜୀବନ ସହ ଚିନିକଲ ଏକ ନିବିଡ଼ ସମ୍ପର୍କ ରଖି ଆସିଛି। କୃଷିଭିତ୍ତିକ ଏହି ଶିଳ୍ପ ଏକଦା ଲାଭରେ ଚାଲିଆସୁଥିଲା। ୧୯୯୧ ମସିହାରେ ପୋନ୍ନି ସୁଗାର ସମୟରେ ଚିନି ଉତ୍ପାଦନ ବଢ଼ି ରେକର୍ଡ ସୃଷ୍ଟି କରିଥିଲା। କିନ୍ତୁ ସମୟାନୁକ୍ରମେ ପ୍ରଶାସନିକ ଉଦାସୀନତା, ପୁରୁଣା ଟେକ୍ନୋଲୋଜି ବ୍ୟବହାର, ନୂଆ ଆସ୍ୱିଲିଆରୀ ପ୍ଲାଣ୍ଟ ନ ଯୋଡିବା ଓ ଭ୍ରଷ୍ଟାଚାର ଯୋଗୁ ଏହି ସଂସ୍ଥା ଆଜି ବିକ୍ରି ହେବାକୁ ବସିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋହେଲା ଇଛାପାଲିରେ ଚିନିକଲ ପାଇଁ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କିନ୍ତୁ ଟଙ୍କାଟିଏ ମଧ୍ୟ ସହାୟତା ନ ଦେଇ ବରଗଡବାସୀଙ୍କୁ ଠକି ଦେଇଥିଲେ ବୋଲି ସାହୁ ଅଭିଯୋଗ କରିଛନ୍ତି । ୨୩ ବର୍ଷର ବିଜେଡି ସରକାର ସମୟରେ ଯଦି ଏକ ଲାଭକାରୀ ସଂସ୍ଥାକୁ ବନ୍ଦ କରି ବିକ୍ରି କରିବାକୁ ପଡୁଛି, ତେବେ ରାଜ୍ୟରେ ଶିଳ୍ପାୟନ ଓ ବିକାଶ କିପରି ଚାଲୁଛି, ତାହା ବାରି ହୋଇ ପଡୁଛି ବୋଲି ସେ କହିଛନ୍ତି। ସେହିପରି ବରଗଡ଼ ବିଧାୟକ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ବୋଲି ସାହୁ ପ୍ରକାଶ କରିଛନ୍ତି। ବରଗଡ଼ରେ ଆଖୁ ଚାଷ ବନ୍ଦ ହୋଇଯିବାରୁ ଚିନିକଲ ବନ୍ଦ ହୋଇପଡିଛି ବୋଲି କୁଆଡ଼େ ବରଗଡ଼ ବିଧାୟକ ମନ୍ତବ୍ୟ ଦେଇଛନ୍ତି ବୋଲି ସାହୁ ଅଭିଯୋଗ କରିଛନ୍ତି। ଚାଷୀ ଆଖୁ ଚାଷ ପାଇଁ ଆଗ୍ରହୀ କିନ୍ତୁ ସରକାର ଚିନିକଲ ଖୋଲିବାକୁ ଚାହୁଁନାହାନ୍ତି । ସରକାରଙ୍କ ନିଷ୍ପତ୍ତିକୁ ବିଧାୟକ ସ୍ୱାଗତ କରିଛନ୍ତି ଯାହାକି ବିରୋଧାଭାସ ଅଟେ ବୋଲି ସାହୁ କହିଛନ୍ତି। ତେବେ ସେଭଳି ମନ୍ତବ୍ୟ ସେ କେଉଁଠି ଦେଇନାହାନ୍ତି। ବରଗଡ଼ରେ ଆଖୁଚାଷ ହ୍ରାସ ପାଇଛି ବୋଲି କହିଥିବା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବରଗଡ଼ ସମବାୟ ଚିନିକଲ ହେବା ଦିନଠାରୁ ରାଜ୍ୟ ସରକାର ୧୦୦ କୋଟିରୁ ଅଧିକ ଅନୁଦାନ ଦେଇସାରିଛନ୍ତି। ସେ ବିଧାୟକ ହେବା ଦିନଠାରୁ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବାରୁ ଚିନିକଲ ପାଇଁ ଅନୁଦାନ ମଧ୍ୟ ଆସିଥିଲା ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅମିତାଭ ପାତ୍ର, ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଏଏପି କାର୍ଯ୍ୟକର୍ତ୍ତା।

## ସଂକ୍ଷେପରେ

### ସୁନୀଲ କାୟଲ ଆର୍‌ସିସିଆଇର ନୂଆ ଅଧ୍ୟକ୍ଷ



**ରାଉରକେଲା ଅଫିସ,୧୬।୫:** ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଆର୍‌ସିସିଆଇ)। ନୂତନ ଅଧ୍ୟକ୍ଷ ଭାବେ ପୂର୍ବତନ ସମ୍ପାଦକ ସୁନୀଲ କାୟଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ ଓ ପ୍ରତ୍ୟାହାରର ଅନ୍ତିମ ସମୟ ମଙ୍ଗଳବାର ଅପରାହ୍ନ ୨ଟା ରହିଥିଲା। ତେବେ ଶେଷ ଦିବସ ସୁଦ୍ଧା କେହି ପ୍ରତିଦ୍ୱନ୍ଦ୍ୱୀ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ଫଳରେ ଏକମାତ୍ର ପ୍ରାର୍ଥୀ ଭାବେ କାୟଲଙ୍କୁ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ଘୋଷଣା କରାଯାଇଥିଲା। ଏହି ଅବସରରେ ରାଉରକେଲା ସହର ସମେତ ଅନ୍ୟ ଅଞ୍ଚଳର ବ୍ୟବସାୟୀମାନେ କାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାପୂର୍ବରୁ ସୁବ୍ରତ ପଟ୍ଟନାୟକ ଅଧକ୍ଷ ଭାବେ କାର୍ଯ୍ୟ କରୁଥିଲେ।

### ଟ୍ରେନ୍ ଲାଇନ୍‌ରୁ ମୃତଦେହ ଜବତ

**ରାଉରକେଲା ଅଫିସ,୧୬।୫:** ରାଉରକେଲା ଜିଆର୍‌ପି ପୋଲିସ ମଙ୍ଗଳବାର ସକାଳେ କଳୁଙ୍ଗା ଓ ପାନପୋଷ ରେଲୱେ ଲାଇନରୁ ଜଣଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ଦକ୍ଷିଣ ରାଉରକେଲା ନବକୃଷ୍ଣ ନଗରର ସଂଗ୍ରାମ କିଶୋର ମହାପାତ୍ର। ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୭।୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ମୋ ବସ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା, ବରିଷ୍ଠ ନାଗରିକଙ୍କୁ ୫୦ ପ୍ରତିଶତ ଛାଡ଼



ବଡ଼ଗାଁ,୧୬।୫(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ବଡ଼ଗାଁରୁ ରାଉରକେଲା ପର୍ଯ୍ୟନ୍ତ ମୋ ବସ୍ ସେବା ଗତ ୨ ସପ୍ତାହ ହେଲା ଆରମ୍ଭ ହୋଇଛି। ପ୍ରଥମ କରି ୩ ଟି ବସ୍ ଚଳାଚଳ କରୁଛି। ଏଥିରେ ୨ଟି ଏୟାର କଣ୍ଡିସନ ଓ ଗୋଟିଏ ସାଧାରଣ ବସ ରହିଛି। ବସ୍‌ରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ମାଗଣା ଯାତ୍ରା ସୁବିଧା ରହିଛି। ଏଥିସହ ଦିବ୍ୟାଙ୍ଗଙ୍କ ସହଯୋଗ ପାଇଁ ତାଙ୍କ ସହ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ଭଡ଼ା ୫୦ ପ୍ରତିଶତ ଛାଡ଼ କରାଯାଇଛି। ସେହିପରି ବରିଷ୍ଠ ନାଗରିକଙ୍କ ପାଇଁ ୫୦ ପ୍ରତିଶତ ଛାଡ଼ କରାଯାଇଛି। ବଡ଼ଗାଁରୁ ରାଉରକେଲା ପାଇଁ ଏସି ବସରେ ଭଡ଼ା ୭୫ ଟଙ୍କା ଏବଂ ନନ୍ ଏସିରେ ୬୫ ଟଙ୍କା ଭଡ଼ା ରଖାଯାଇଛି। ବଡ଼ଗାଁରୁ ପ୍ରଥମ ବସ ସକାଳ ୯ ଟା ୫ ରେ ଛାଡୁଥିବାବେଳେ ଦ୍ୱିତୀୟ ବସ୍ ୧୦ଟା ୧୫ ମିନିଟ ଓ ତୃତୀୟ ବସ୍ ୧୧ଟା ୧୦ରେ ଛାଡୁଛି। ଆସନ୍ତା ସପ୍ତାହରୁ ମୋ ବସ୍ ସୁନ୍ଦରଗଡ଼ରୁ ରାଉରକେଲା ପର୍ଯ୍ୟନ୍ତ ଗଡ଼ିବ।

# ବିଶେଷଜ୍ଞ ଡାକ୍ତର ନାହାନ୍ତି, ସ୍ୱାସ୍ଥ୍ୟସେବା ମିଳୁନି

**ପାନପୋଷ ସହରାଞ୍ଚଳ ଡାକ୍ତରଖାନା**

ରାଉରକେଲା ଅଫିସ,୧୬।୫

ରାଉରକେଲା ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସେବା ଉପଲବ୍ଧ ହେଉନାହିଁ। ଫଳରେ ରୋଗୀମାନେ ଘରୋଇ ଭାବେ ଚିକିତ୍ସିତ ହୋଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ମେଡିଶିନ, ପେଡିଆଟ୍ରିକ, ସର୍ଜରୀ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ରୋଗୀ ସରକାରୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଜଣ ଡାକ୍ତର ରହିବା କଥା। ମାତ୍ର ୪ଜଣରେ ଏହି ଡାକ୍ତରଖାନା ଚାଲିଛି। ଏହାସହ ପାନପୋଷ ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବହୃତ କପଡ଼ା ଓ ପଲିଥିନ ନଷ୍ଟ କରାଯାଉନାହିଁ। ଫଳରେ ସେଗୁଡିକ ପବନରେ ଆଖପାଖ ଅଞ୍ଚଳକୁ ପବନରେ ଉଡ଼ି ପରିବେଶ ପ୍ରଦୂଷିତ କରୁଛି। ଏ ନେଇ ରାଉରକେଲା ସହରାଞ୍ଚଳ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ପୁଷ୍ପମିତ୍ରା ମିଶ୍ରଙ୍କୁ ପଚାରିବାରୁ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ଅଛି। ଏହାର ସ୍ଥାୟୀ ସମାଧାନ ଦରକାର ବୋଲି ସେ କହିଥିଲେ। ତେବେ ଏ ସମ୍ପର୍କରେ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସର୍ଜିତ ସିଂଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।




ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

# ସରକାରୀ ନିର୍ଦ୍ଦେଶକୁ ଅମାନ୍ୟ

**ବେଦବ୍ୟାସ ଶୌଚାଳୟରେ ଟଙ୍କା ଆଦାୟ**

ରାଉରକେଲା ଅଫିସ,୧୬।୫

ରାଜ୍ୟ ସରକାର ଗତ ମାର୍ଚ୍ଚ ୧ତାରିଖରୁ ସର୍ବସାଧାରଣ ଶୌଚାଳୟକୁ ବିନା ଦେୟରେ ବ୍ୟବହାର କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ରାଉରକେଲା ମହାନଗରର ନିଗମରେ ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ରାଉରକେଲା ସହରରେ ମୋଟ ୧୧୫ଟି ଶୌଚାଳୟ ରହିଥିବା ବେଳେ ୬୫ଟି କମ୍ୟୁନିଟି ଓ ୫୦ଟି ସାଧାରଣ ଶୌଚାଳୟ ରହିଛି। ସବୁ ଶୌଚାଳୟରେ ସେବା ଦେୟ କୋହଳ ହୋଇସାରିଛି। ଏହାସତ୍ତ୍ୱେ ବେଦବ୍ୟାସ ମୁଖ୍ୟ ଛକରେ ଥିବା ଶୌଚାଳୟରେ ଲୋକଙ୍କଠାରୁ ସ୍ନାନ ଶୌଚ ପାଇଁ ଟଙ୍କା ଆଦାୟ କରାଯାଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସ୍ୱରୂପ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମାର୍ଚ୍ଚ ୧ରୁ ସହରର ୧୧୫ ଶୌଚାଳୟକୁ ଦେୟମୁକ୍ତ କରାଯାଇଛି। ଏଥିସହ ସମସ୍ତ ସ୍ଥାନରେ ଜନସଚେତନତା ପାଇଁ ଆବଶ୍ୟକ ବିଜ୍ଞାପନ ହୋର୍ଡିଂ ମଧ୍ୟ ଲଗାଯାଇଛି। ଏହାସତ୍ତ୍ୱେ ଯଦି କୌଣସି ଶୌଚାଳୟରେ ଲୋକଙ୍କ ପାଖରୁ ଦେୟ ଅସୁଲ ହେଉଛି, ତେବେ ଏ ନେଇ ଆର୍‌ଡିଏକୁ ଅବଗତ କରାଯିବା ସହ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଥିଲେ।




ଆର୍‌ଏମ୍‌ସି ଅଧୀନ ବେଦବ୍ୟାସ ଶୌଚାଳୟ।

# ରେଳ ଲାଇନରେ ଅଣ୍ଡରପାସକୁ ଗ୍ରାମବାସୀଙ୍କ ବିରୋଧ



ଅଣ୍ଡରପାସ୍ ନିର୍ମାଣକୁ ବିରୋଧ କରିବାକୁ ଆସିଥିବା ଗ୍ରାମବାସୀ।

ରାଜଗାଙ୍ଗପୁର,୧୬।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଡେଲୁଆ ପଞ୍ଚାୟତର ବଡ଼ନୂଆଗାଁ ଗୋସେଇଁପଡ଼ା ନିକଟରେ ବମ୍ବେ ହାୱାଡା ରେଳଲାଇନ ଯାଇଛି। ଏଠାରେ ରେଳବାଇ ପକ୍ଷରୁ ଏକ ରେଳ ଅଣ୍ଡରପାସ ନିର୍ମାଣ ହେବାପାଇଁ ସ୍ଥିରୀକୃତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମଙ୍ଗଳବାର ଉକ୍ତ ଅଞ୍ଚଳର ଗ୍ରାମବାସୀ କାର୍ଯ୍ୟ ସ୍ଥଳରେ ପହଞ୍ଚି ଅଣ୍ଡରପାସ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଘଟଣା ସ୍ଥଳରେ ରାଜଗାଙ୍ଗପୁର ତହସିଲଦାର ଇଜିଜୁସ ବିନୟ କୁଲୁ, କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଓ ରେଳବାଇ ଅଧିକାରୀମାନେ ପହଞ୍ଚିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ଗ୍ରାମବାସୀଙ୍କ କହିବା କଥା ଯେ, ଏହି ରେଳ ଅଣ୍ଡରପାସ ଏକ ନିଛାଟିଆ ସ୍ଥଳରେ ନିର୍ମିତ ହେଉଛି। ଏହା ଝିଅ ବୋହୂଙ୍କ ପାଇଁ ସୁରକ୍ଷିତ ନୁହେଁ। ଏହି ଅଣ୍ଡରପାସ ଗାଁ କୁ ଲାଗିଥିବା ରେଳ ଧାରଣା ପାଖରେ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ ।

### ବେଦବ୍ୟାସ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଆୟ

ରାଉରକେଲା ଅଫିସ,୧୬।୫

ରାଉରକେଲା ବେଦବ୍ୟାସ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ମନ୍ଦିରରେ ଥିବା ୭ଟି ହୁଣ୍ଡିର ଦାନଅର୍ଥ ମଙ୍ଗଳବାର ଦେବୋତ୍ତର ବିଭାଗ ଇନ୍ସପେକ୍ଟର ତ୍ରିଲୋଚନ ନାୟକଙ୍କ ଉପସ୍ଥିତରେ ଗଣତି କରାଯାଇଥିଲା। ହୁଣ୍ଡିଗୁଡିକରୁ ସମୁଦାୟ ୧ଲକ୍ଷ ୧୨ହଜାର ୧୬୨ ଟଙ୍କା ବାହାରିଥିଲା। ଏହି ସମୟରେ ରାଉରକେଲା ପୋଲିସ ପ୍ରଶାସନ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବେଦବ୍ୟାସ ତ୍ରିବେଣୀ ସଙ୍ଗମ ଏକ ପ୍ରମୁଖ ତୀର୍ଥସ୍ଥାନ ହୋଇଥିବାବେଳେ ଏଠାରେ ଚନ୍ଦ୍ରଶେଖର ଓ ବାଲୁକେଶ୍ୱର ମନ୍ଦିର, ବ୍ୟାସଗୁମ୍ଫା ଭଳି ଜାଗାରେ ହୁଣ୍ଡି ଲଗାଯାଇଛି। ହୁଣ୍ଡିରୁ ବାହାରିଥିବା ସମସ୍ତ ଅର୍ଥକୁ ମନ୍ଦିର ଉନ୍ନତି କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

### ଜିଲାପାଳଙ୍କୁ ଭେଟିଲେ ଉଠାଦୋକାନୀ

ସୁନ୍ଦରଗଡ଼,୧୬।୫(ଡି.ଏନ୍.ଏ)

ହସ୍ପିଟାଲ ପାଚେରୀକୁ ଲାଗି ଦୀର୍ଘ ଦିନ ହେଲା ଚା ଓ ଅନ୍ୟାନ୍ୟ ଦୋକାନ ଦେଇ ପରିବାର ପ୍ରତି ପୋଷଣ କରି ଆସୁଥିବା ଦୋକାନୀଙ୍କୁ ସେଠାରୁ ପୌରପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏବେ ସେସାନେ ପୋଷ୍ଟ ଅଫିସ ନିକଟରେ ଅସ୍ଥାୟୀ ଦୋକାନ କରି ବ୍ୟବସାୟ କରୁଛନ୍ତି। ତେଣୁ ସେମାନଙ୍କୁ ସ୍ଥାୟୀ ଥଇଥାନ କରାଯିବା ନେଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ମଙ୍ଗଳବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାୟୀ ଥଇଥାନ କରାନ ଗଲେ ପରିବାର ଚଳାଇବା କଷ୍ଟକର ହେବ ବୋଲି ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି।

# ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ,୧୬।୫( ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଖେଳ ପଡ଼ିଆରେ ରାତ୍ରୀକାଳୀନ ଏସ୍‌ଡିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ସୋନାଲି ହେମ ଏବଂ ସମ୍ମାନିତ ଅତିଥିଭାବେ ସାହାଜବାହାଲ ସରପଞ୍ଚ ସୁକ୍ରିତା ବିଶ୍ୱାଳ, ବିଜେଡି ବରିଷ୍ଠ ନେତା ବସନ୍ତ ସାହୁ, ନାଏବ ସରପଞ୍ଚ ଅଶୋକ ପଟେଲ, ସରୋଜ ସାହୁ, ରବୀନ୍ଦ୍ର ସାହୁ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବଡ଼ଗାଁ ବ୍ଲକ ଡ୍ରାଇଭର ମହାସଂଘ ଓ ସାହାଜବାହାଲ ଟାଇଗର ଇଲେଭେନ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଡ୍ରାଇଭର ମହାସଂଘ ୫ ଓଇକେଟରେ ବିଜୟୀ ହୋଇଥିଲା। ଡ୍ରାଇଭର ମହାସଂଘ ଟିମ୍‌ର ପୂର୍ଣ୍ଣ ରାଉତ ସର୍ବାଧିକ ୩୫ ରନ କରିଥିବା ବେଳେ ସାହାଜବାହାଲ ଟାଇଗର ଇଲେଭେନର ସୁନିଲ ସାହୁ ସର୍ବାଧିକ ୨୫ ରନ କରିଥିଲେ। ଦ୍ୱୀତୟ ମ୍ୟାଚ୍ ଝାଡ଼ଖଣ୍ଡ ରାଜ୍ୟର ସିମଡେଗା ଓ ସୁନ୍ଦରଗଡ଼ ପତ୍ରାପାଲି ମଧ୍ୟରେ ହୋଇଥିଲା । ସିମଡେଗାକୁ ହରାଇ ପତ୍ରାପାଲି ବିଜୟୀ ହୋଇଥିଲାବେଳେ ତୃତୀୟ ମ୍ୟାଚ୍‌ରେ ବଡ଼ଗାଁ ବ୍ଲକର ଟିକିଲିପଡ଼ାକୁ ହରାଇ ରାଜଗାଙ୍ଗପୁର ନିକଟ କୁମାରକେଲା ବିଜୟୀ ହୋଇଥିଲା। ସୁନିଲ ବାଗ ଓ ବିପୁଳ ସାହୁ ଖେଳ ପରିଚାଳନା କରୁଥିବାବେଳେ ଜଗା ବେହେରା, ସୁନିଲ ସାହୁ, ସ୍ୱର୍ଣ୍ଣ ମାକର, ବିକାଶ ସାହୁ, ସିପୁନ କମାର, ନବୀନ ପ୍ରଧାନ, ବିବେକ ବନଛୁର ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ଟୁର୍ନାମେଣ୍ଟ ଆସନ୍ତା ୧୯ରେ ଉଦ୍‌ଯାପିତ ହେବ। ଚମ୍ପିୟାନ ଟିମ୍‌କୁ ଟ୍ରଫି ସହିତ ୩୦ ହଜାର ଟଙ୍କା ଏବଂ ଉପ ବିଜେତା ଟିମ୍‌କୁ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯିବ।

# ଦିଲ୍ଲୀ ପଦଯାତ୍ରାରେ ବାହାରିଲେ ମୁକ୍ତିକାନ୍ତ

**ଶହୀଦଙ୍କୁ ରାଷ୍ଟ୍ରୀୟ ସମ୍ମାନ ଓ ବିଜୁବାବୁଙ୍କୁ ଭାରତରତ୍ନ ଦାବି**

ରାଉରକେଲା ଅଫିସ,୧୬।୫

ଉପେକ୍ଷିତ ଶହୀଦମାନଙ୍କୁ ଉଚିତ ରାଷ୍ଟ୍ରୀୟ ସମ୍ମାନ ଓ ମହାନ୍ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ କରିବା ଦାବିରେ ରାଉରକେଲାର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଦିଲ୍ଲୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି। ସେ ମଙ୍ଗଳବାର ସକାଳ ସାଢେ ୭ଟାରେ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରୁ ଏକ ସୁସଜ୍ଜିତ ଠେଲାଗାଡ଼ିରେ ଶହୀଦ ଭଗତ ସିଂ, ଜୟୀ ରାଜଗୁରୁ, ଶୁକଦେବ, ଚନ୍ଦ୍ରଶେଖର ଆଜାଦ, ଆସପାକଉଲ୍ଲା ଖାନ, ବାଜି ରାଉତ, ଖୁଦିରାମ ବୋଷଙ୍କ ସମେତ ଓଡିଶାର ବରପୁତ୍ର ବିଜୁବାବୁଙ୍କ ଫଟୋଚିତ୍ର ଫଟୋଚିତ୍ର ରଖି ପଦଯାତ୍ରାରେ ବାହାରିଛନ୍ତି। ସେ ରାଉରକେଲାରୁ ବୀରମିତ୍ରପୁର, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ହରିୟାଣା ଦେଇ ଶେଷରେ ଦିଲ୍ଲୀରେ ପହଞ୍ଚିବେ। ତାଙ୍କର ୧୫ଶହ କି.ମି. ବିଶିଷ୍ଟ ଏହି ପଦଯାତ୍ରା ୩ ମାସ ଧରି ଚାଲିବ।



ମୁକ୍ତିକାନ୍ତ ବିଶ୍ୱାଳ ଦିଲ୍ଲୀ ଅଭିମୁଖେ ପଦଯାତ୍ରାରେ ଯାଉଛନ୍ତି।

କେନ୍ଦ୍ର ସରକାର ଉକ୍ତ ଶହୀଦମାନଙ୍କୁ ରାଷ୍ଟ୍ର ନାୟକ ଭାବେ ଘୋଷଣା କରିବା, ବିଜୁ ବାବୁଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା, ଆମ୍‌କୋ-ସିମ୍‌କୋକୁ ଜାତୀୟ ଶହୀଦ ସ୍ମୃତିପୀଠ ଘୋଷଣା ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବା ଦାବି ନେଇ ଏହି ଯାତ୍ରା କରୁଥିବା ମୁକ୍ତିକାନ୍ତ କହିଛନ୍ତି। ପଦଯାତ୍ରାର ସଫଳତା କାମନା କରି ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁକ୍ତିକାନ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ମୁକ୍ତିକାନ୍ତ ରାଉରକେଲାର ବିଭିନ୍ନ ସମସ୍ୟା ନେଇ ୨ଥର ଦିଲ୍ଲୀ ପଦଯାତ୍ରା କରିଥିବାବେଳେ ଥରେ ସାଇକେଲ ଯାତ୍ରା କରିଛନ୍ତି। ସେହିପରି ସୀମା ବିବାଦକୁ କେନ୍ଦ୍ର କରି ଥରେ ଆନ୍ଧ୍ରପ୍ରଦେଶ ଓ ୨ଥର ଭୁବନେଶ୍ୱର ପଦଯାତ୍ରା କରିଛନ୍ତି।

### ଅଲଟ୍ରା ରନର ସୁମିତ ସିଂଙ୍କୁ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧୬।୫

ଗିନିଜ ରେକର୍ଡ କରିବା ଲକ୍ଷରେ ରାଉରକେଲାର ଅଲଟ୍ରା ରନର ସୁମିତ ସିଂ ୩୦ ଦିନ ପର୍ଯ୍ୟନ୍ତ ସମୁଦାୟ ୩୩ ଥର ୪୨.୨ କିମି ଲେଖାଏଁ ଦୌଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଏହି କାର୍ଯ୍ୟ ଏପ୍ରିଲ ୨୪ରୁ ଅଦ୍ୟାବଧି କ୍ରମାଗତ ଭାବେ ଜାରି ରଖିଛନ୍ତି। ଏହି ଅବସରରେ ତାଙ୍କୁ ଉଦିତନଗର ସ୍ଥିତ ମିନି ଷ୍ଟାଡ଼ିୟମରେ ସମ୍ବର୍ଦ୍ଧିତ କରାଯାଇଛି। ବଣାଇର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଭୀମସେନ ଚୌଧୁରୀ, ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ଜେସୱାଲ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ପାଳନ




ସ୍ୱଚ୍ଛତା ପକ୍ଷ ପାଳନରେ ଯୋଗଦେଇଥିବା ସଦସ୍ୟ।

ରାଜଗାଙ୍ଗପୁର,୧୬।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛତା ପକ୍ଷ ପାଳନ ହୋଇଛି। ଡାକ୍ତରଖାନାର କର୍ମୀବୃନ୍ଦ, ବେସରକାରୀ ସଂଗଠନ, ଜନସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ମହିଳା ଆରୋଗ୍ୟ ସମିତି ସଦସ୍ୟ ଯୋଗ ଦେଇଥିଲେ। ଏହି ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଶପଥ ପାଠ, ସ୍ୱଚ୍ଛତା ଶୋଭାଯାତ୍ରା, ଡାକ୍ତରଖାନାରେ ସଫେଇ, ପଲିଥିନ ମୁକ୍ତ ପରିବେଶ, ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ଓ ଜଳ ସଂରକ୍ଷଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ରୋଗୀ ଓ ତାଙ୍କ ସହାୟକଙ୍କୁ ସ୍ୱଚ୍ଛତା ପତ୍ର ବଣ୍ଟନ କରାଯାଇଥିଲା। ନିକଟସ୍ଥ ବସ୍ତିରେ ପାଇଖାନା ବ୍ୟବହାର ଓ ଶକ୍ତି ସଂରକ୍ଷଣ ଉପରେ ସଚେତନତା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କିତ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା. ଜଗଦୀଶ ଟପ୍ପୋ ବ୍ୟକ୍ତିଗତ ଓ ସାମାଜିକ ଯୋଗଦାନରେ ଡାକ୍ତରଖାନାର ପରିଚ୍ଛନ୍ନତା କିପରି ବୃଦ୍ଧି ପାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଡାକ୍ତର ମହେନ୍ଦ୍ର ତନ୍ତି ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପିରେ ଅବସର ପରବର୍ତ୍ତୀ ସଶକ୍ତୀକରଣ କର୍ମଶାଳା

ରାଉରକେଲା ଅଫିସ,୧୬।୫

ଆର୍‌ଏସ୍‌ପିରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନୀ' ଗତ ୧୦ ତାରିଖରେ ଏଚ୍‌ଆରଡି ସେଣ୍ଟରଠାରେ ଆୟୋଜିତ ହୋଇଯାଇଛି। କର୍ମଶାଳାରେ କାର୍ମିକ ଏବଂ ପ୍ରଶାସନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ରବିନ୍ଦ୍ର କୁଲ୍ଲୁ ଅଧକ୍ଷତା କରିଥିଲେ। ମେ' ମାସରେ ଅବସର ଗ୍ରହଣ କରୁଥିବା ସମୁଦାୟ ୬୨ ଜଣ କର୍ମଚାରୀ ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୁଗମ ଏବଂ ଚାପମୁକ୍ତ କରିବାରେ ସହଯୋଗ ପାଇଁ ଆଲୋଚିତ ପ୍ରସଙ୍ଗ ମଧ୍ୟରେ ଫାଇନାଲ ସେଟଲମେଣ୍ଟ ପ୍ରାପ୍ୟ ଓ ବିତ୍ତୀୟ ସୁରକ୍ଷା ଯୋଜନା, ସେଲ ମେଡିକ୍ଲେମ ଯୋଜନା, ଅବସର ପରବର୍ତ୍ତୀ ଜୀବନ ନୂତନ ପର୍ଯ୍ୟାୟକୁ ପ୍ରବେଶ ପାଇଁ ମନଯୋଗ, ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା, ସ୍ୱଚ୍ଛତା ବଜାୟ ରଖିବା, ଆଇଟିର ନିରାପଦ ବ୍ୟବହାର ଆଦି ରହିଥିଲା। କାର୍ମିକ ବିଭାଗର ଜିଏମ୍ ଜି. ଆର. ଦାସ, ଏସପି-୨ ବିଭାଗ ଡିଜିଏମ୍ ଭି. ଏସ୍. ଦହୋଟା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସହକାରୀ ସିଏମ୍‌ଓ ଡାକ୍ତର ସିଭଲକର, ବିତ୍ତ ଓ ଲେଖା ବିଭାଗ ଏଜିଏମ୍ ପପୁ କୁମାର, ସି ଏଣ୍ଡ ଆଇଟି ବିଭାଗ ଏଜିଏମ୍ ଭି. ପି. ଆର୍ଯ୍ୟା, ସହରସେବା ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍. କେ. ସାହୁ ଏବଂ ବିତ୍ତ ଓ ଲେଖା ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଡି. କେ. ଦାସ ଭିନ୍ନ ଭିନ୍ନ ଅଧିବେଶନରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜି. ଆର. ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ମିକ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା ଧନ୍ୟବାଦ ଦେଇଥିଲେ। ଶ୍ରମ ନିରୀକ୍ଷକ ଖଗେଶ୍ୱର ପଣ୍ଡା ଏବଂ କଲ୍ୟାଣ ବିଭାଗ କର୍ମଚାରୀମାନେ କର୍ମଶାଳା ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ପଛୁଆବର୍ଗଙ୍କ ଜୀବିକା ସୁଦୃଢ଼ୀକରଣ ଜରୁରୀ

**ସେବକର ୨୯ତମ ପ୍ରତିଷ୍ଠା ଦିବସ**

ସୁନ୍ଦରଗଡ଼,୧୬।୫(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୨୯ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ତ୍ତୁଆଲ ମୋଡରେ ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ସମାଜର ପଛୁଆବର୍ଗ, ଅବହେଳିତ, ନିଷ୍ପେଷିତ, ଗରିବ ଆଦିବାସୀଙ୍କ ବିକାଶ ନିମନ୍ତେ ସେବକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟର ମୁଖ୍ୟ ସମସ୍ୟା ଜଳବାୟୁ ପରିବର୍ତ୍ତନ। ତେଣୁ ବିଶ୍ୱ ତପନକୁ ମୁକାବିଲା କରିବା ନିମନ୍ତେ ଏକଜୁଟ ହେବା ସହିତ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ସ୍ୱତନ୍ତ୍ର ବକ୍ତାଭାବେ ସେବକ ଉପଦେଷ୍ଟା ଜ୍ଞାନରଞ୍ଜନ ଷଡଙ୍ଗୀ ଯୋଗଦେଇ ସମ୍ପ୍ରତି ପ୍ରଦୂଷଣ ସମସ୍ୟାରେ ରାଜ୍ୟର ସ୍ଥିତି ଉଦ୍‌ବେଗଜନକ ରହିଥିବାରୁ ଅଧିକରୁ ଅଧିକ ବରଗଛ ଲଗାଇବା ତଥା ଜଙ୍ଗଲ ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ରାଜ୍ୟର ତଥା ଜିଲାର ଜୀବନ ରେଖାଭାବେ ପରିଚିତ ବିଭିନ୍ନ ନଦୀ ଓ ଉପନଦୀ ଅବବାହିକାର ଉନ୍ନତି ନିମନ୍ତେ ଆଗାମୀ ଦିନରେ ସେବକ କାର୍ଯ୍ୟ କରିବ ବୋଲି ଷଡଙ୍ଗୀ ଆଶା ପ୍ରକାଶ କରିଥିଲେ। ଦିଲ୍ଲୀ ଏମ୍ସରୁ ସେବକର ଅନ୍ୟତମ ଉପଦେଷ୍ଟା ବିଜୟାନନ୍ଦ ନାୟକ, ରଙ୍ଗିଆମୁଣ୍ଡା ଉପଦେଷ୍ଟା ଫୁଲେଶ୍ୱର ନାୟକ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିବା ସହ ସେବକର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକ ଅଧକ୍ଷ ଅମୀୟକାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅନୁଷ୍ଠାନର ସଂଘର୍ଷ, ମୂଲ୍ୟବୋଧ, ଅନୁଭୂତି ତଥା ଭବିଷ୍ୟତ ଯୋଜନା ଉପରେ କହିଥିଲେ। ପରେ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ ପାୱାର ପଏଣ୍ଟ ମାଧ୍ୟମରେ ସେବକର ୨୦୨୨-୨୩ ଆର୍ଥିକ ବର୍ଷର ଜୀବନ ଜୀବିକା, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ବଳର ସୁପରିଚାଳନା ଓ ଦକ୍ଷତାବୃଦ୍ଧି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକଳ୍ପର ଉଲ୍ଲେଖନୀୟ ସଫଳତା ତଥା ସଫଳ କାହାଣୀ ଉପରେ କହିଥିଲେ। ଏହାପରେ ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୁ ପଟେଲ ସ୍ୱାସ୍ଥ୍ୟର ଉନ୍ନତି ଉପରେ ସେବକ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପର କହିଥିଲେ। ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ନେହଲତା ନାୟକ ଧନ୍ୟବାଦ ଦେଇଥିଲେ।




ସେବକର ୨୯ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

# କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ ନେଇ ସସ୍ପେନ୍ସ ଜାରି





କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ତାଙ୍କୁ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଓ ବରିଷ୍ଠ ନେତା ସିଦ୍ଧାରାମାୟା ଭେଟୁଛନ୍ତି।

ନୂଆଦିଲ୍ଲୀ, ୧୬।୫

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ୩ ଦିନ ବିତିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ କଂଗ୍ରେସରେ ଉତ୍ସୁକତା ଜାରି ରହିଛି। ଦୁଇ ମୁଖ୍ୟମନ୍ତ୍ରୀ ଦାବିଦାର ଡି.କେ. ଶିବକୁମାର ଏବଂ ସିଦ୍ଧାରାମାୟା ମଙ୍ଗଳବାର ସନ୍ଧ୍ୟାରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅଲଗା ଅଲଗା ଭେଟି ଆଲୋଚନା କରିଛନ୍ତି। ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ସନ୍ତୁଳନ ରକ୍ଷା କରିବାକୁ ଖାର୍ଗେ ଉଦ୍ୟମ ଚଳାଇଛନ୍ତି। ବୁଧବାର ପୁଣିଥରେ ବୈଠକ ଅନୁଷ୍ଠିତ ହେବ।

କେନ୍ଦ୍ରୀୟ ନେତୃତ୍ୱଙ୍କ ଡାକରା ସତ୍ତ୍ୱେ ଶିବକୁମାର ସୋମବାର ଦିଲ୍ଲୀ ନ ଯାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସିଦ୍ଧାରାମାୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିର୍ବାଚନରେ ସମସ୍ତ ୧୩୫ ବିଧାୟକଙ୍କୁ ଜିତାଇବାର ଶ୍ରେୟ ତାଙ୍କର ବୋଲି ଶିବକୁମାର ଦାବି କରିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ନ ମିଳିଲେ ଜଣେ ସାଧାରଣ ବିଧାୟକ ଭାବେ କାର୍ଯ୍ୟ କରିବାକୁ ସେ ପ୍ରସ୍ତୁତ ବୋଲି ମଙ୍ଗଳବାର ଖାର୍ଗେଙ୍କୁ କହିଥିବା ଜଣାପଡ଼ିଛି। ସେ ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ଖାର୍ଗେଙ୍କ ତୁଙ୍ଗ ନେତୃତ୍ୱ ଓ ପଦବୀ ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇ ନ ଥିବା କହିଥିଲେ। ସୋମବାରଠାରୁ ଦିଲ୍ଲୀରେ ରହି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ଚଳାଇଥିବା ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ଅଧିକ ବୋଲି କୁହାଯାଉଛି। କେବେ ମୁଖ୍ୟମନ୍ତ୍ରୀ ଘୋଷଣା ହେବ ବୋଲି ପ୍ରଶ୍ନ ହେବାରୁ ଅପେକ୍ଷା କର ବୋଲି ସେ ଖବରଦାତାମାନଙ୍କୁ କହିଥିଲେ।

ନବନିର୍ବାଚିତ କଂଗ୍ରେସ ବିଧାୟକମାନଙ୍କ ମତାମତ ଉପରେ ପର୍ଯ୍ୟବେକ୍ଷକମାନେ ଦେଇଥିବା ରିପୋର୍ଟକୁ ନେଇ ସୋମବାର ଦଳୀୟ ନେତୃତ୍ୱ ଆଲୋଚନା କରିଥିଲେ। ମଙ୍ଗଳବାର ଖାର୍ଗେଙ୍କ ସହ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ କେ.ସି. ବେଣୁଗୋପାଳ ମଧ୍ୟ ଆଲୋଚନା କରିଥିଲେ। ସେଠାରେ ଦଳର ସାଧାରଣ ସମ୍ପାଦକ ତଥା କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସୁର୍ଜେୱାଲା ଉପସ୍ଥିତ ଥିଲେ। ଦେଢ଼ଘଣ୍ଟା ଧରି ରୁଦ୍ଧଦ୍ୱାର ବୈଠକ ଚାଲିଥିଲା। ଏହା ପରେ ବେଣୁଗୋପାଳ ଅଲଗା ରାହୁଲଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସୋନିଆ ଗାନ୍ଧୀଙ୍କ ସହ ଆଲୋଚନା ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କିଏ ମୁଖ୍ୟମନ୍ତ୍ରୀ ହେବେ ଦିନେ କି ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି କଂଗ୍ରେସ ମୁଖପାତ୍ର ପୱନ ଖେରା ହାଇଦ୍ରାବାଦରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ବିଳମ୍ବ ହେଉଥିବାବେଳେ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲିଙ୍ଗାୟତ ସମ୍ପ୍ରଦାୟ ସେମାନଙ୍କ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଦଳ ଅଧ୍ୟକ୍ଷ ଖାର୍ଗେଙ୍କୁ ଚିଠି ଲେଖିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜି. ପରମେଶ୍ୱରଙ୍କ ସମର୍ଥକମାନେ ଜଣେ ଦଳିତ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ଦାବି ଉଠାଇଛନ୍ତି।

## ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ ରହିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୫(ବ୍ୟୁରୋ)



ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ତଥ୍ୟାନୁସାରେ ଓଡ଼ିଶାର ଗର୍ଭବତୀ ମାଆ, ନବଜାତ ଶିଶୁ, କିଶୋର କିଶୋରୀଙ୍କ ଅବସ୍ଥା ଚିନ୍ତାଜନକ । ଓଡ଼ିଶାରେ ଗଭର୍ନାନ୍ସର ଅଭାବ କାରଣରୁ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଦୈନିକ ଖବରକାଗଜରେ ପ୍ରକାଶିତ 'ଓଡ଼ିଶା ମୁଣ୍ଡରେ ଅପପୁଷ୍ଟିର କଳଙ୍କ' ଆଲେଖ୍ୟ ଆଧାରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ଅପପୁଷ୍ଟି, ଶିଶୁ ମୃତ୍ୟୁ ହାର, ମହିଳାମାନଙ୍କ ରକ୍ତହୀନତା ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ । ବୟସ ଓ ଉଚ୍ଚତା ଅନୁସାରେ ନବଜାତ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ହେଉନାହିଁ । ଜନଜାତି ପିଲା ଓ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ । ଏହା କେବଳ ବିରୋଧୀ ଦଳର ଅଭିଯୋଗ ନୁହେଁ, ବରଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସର୍ଭେର ରିପୋର୍ଟ କହୁଛି । ଆଜି ଜନ୍ମ ନେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରିବ ।ପ୍ରାୟ ୧୩ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଅର୍ଥାତ୍ ଆଜିର ୧୦ ବର୍ଷର ପିଲା ସେ ସମୟରେ ୨୩ ବର୍ଷର ଯୁବକ ହେବ । ସେହି ପିଲାର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ଼ ଭରସା ହେବ । ମାତ୍ର ବର୍ତ୍ତମାନରୁ ସେମାନଙ୍କର ସ୍ୱାସ୍ଥ୍ୟ ଓ ଶରୀରର ଯତ୍ନନେବାକୁ ହେବ । ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ବର୍ଷ ଧରି ଅନୁରୋଧ କରାଯିବା ପରେ ମଧ୍ୟ ସେ ଏ ଦିଗ ପ୍ରତି ଧ୍ୟାନ ନ ଦେବା ଦୁଃଖର ବିଷୟ । ଓଡ଼ିଶାରେ ଗଭର୍ନାନ୍ସର ଅଭାବ ରହିଛି । ମୋତେ କାଉଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେତେ ଗାଳିମନ୍ଦ କଲେ ଚଳିବ, କିନ୍ତୁ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଧ୍ୟାନ ଦିଆଯାଉ । ଗଭର୍ନାନ୍ସ ଅଭାବକୁ ସେ ପୂରଣ କରନ୍ତୁ । ଡବଲ ଇଞ୍ଜିନ ସରକାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇପାରିବ ନାହିଁ । ଏଠି ଫାଳେ ଇଞ୍ଜିନ ଅଛି । ଶ୍ରୀଜଗନ୍ନାଥଙ୍କ ଭୂମିରେ ଇଞ୍ଜିନ କାହାକୁ ଦିଆଯିବ ତାହା ମହାପ୍ରଭୁ ନିଷ୍ପତ୍ତି ନେବେ । ହରିୟାଣାରେ ଡବଲ ଇଞ୍ଜିନ ସରକାର ପରେ ସେଠାରେ ବାଳିକାଙ୍କ ଜନ୍ମ ସଂଖ୍ୟା ବୃଦ୍ଧି ପାଇଛି । ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଳ ପ୍ରସଙ୍ଗ ଏବଂ ତଥ୍ୟ ଆଧାରରେ ଏହାର ବିତର୍କ ହେବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଉମେଶ ନିଲମ୍ବିତ, ହୁସେନଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

**ଚେୟାର ପାଇଁ କଂଗ୍ରେସ ନେତା ହାତାହାତି ଘଟଣା**

ବିଶୃଙ୍ଖଳିତ ଆଚରଣ ପାଇଁ ରାଉରକେଲା ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଉମେଶ ଶରଣଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ମଙ୍ଗଳବାର କଂଗ୍ରେସ ଭବନଠାରେ କିଶୋର ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ୧୩ ତାରିଖରେ ରାଉରକେଲା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଦୁଇ ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରେ ଚୌକି ପାଇଁ ହୋଇଥିବା ହାତାହାତି ଘଟଣା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶୃଙ୍ଖଳା କମିଟିର ସୁପାରିସ କ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ରାଉରକେଲା ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଉମେଶ ଶରଣଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରିଛନ୍ତି। ସେହିପରି ରାଉରକେଲା ଜିଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପୂର୍ବତନ ଅଧ୍ୟକ୍ଷ ସେକ୍ ସବିର ହୁସେନଙ୍କ ବିରୋଧରେ କାହିଁକି ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ସମ୍ପର୍କରେ ପିସିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନେକ ସମୟରେ କେତେକ କଂଗ୍ରେସ ନେତା ଓ କର୍ମୀ ଫେସ୍‌ବୁକ୍ କିମ୍ବା ଅନ୍ୟ ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳର ଶୀର୍ଷ ନେତା ଓ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାଭଳି ମନ୍ତବ୍ୟ, ଟିପ୍ପଣୀ ଓ ମତ ରଖୁଛନ୍ତି । ଏହାଦ୍ୱାରା ଦଳ ନିନ୍ଦିତ ହେଉଛି। ଏଭଳି କାର୍ଯ୍ୟରୁ ବିରତ ରହିବାକୁ ଶୃଙ୍ଖଳା କମିଟି ବୈଠକରେ ନେତା ଓ କର୍ମୀମାନଙ୍କୁ ଚେତାବନୀ ଦିଆଯାଇଛି। ଆଗକୁ ଯଦି ଏଭଳି ଘଟଣାର ପୁନରାବୃତ୍ତି ହେବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆ ।ଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

## କପିଳେଶ୍ୱର ମନ୍ଦିର ପ୍ରସଙ୍ଗରେ ଭୁଲ ଧରାପଡ଼ିବା ପରେ ଧର୍ମେନ୍ଦ୍ର କ୍ରୋଧିତ: ବିଜେଡି

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

କପିଳେଶ୍ୱର ମନ୍ଦିରର ଏଏସ୍‌ଆଇ ବିଜ୍ଞପ୍ତି ବିଷୟରେ ଆପଣଙ୍କର ଭୁଲ ଜଣାଇବା ପରେ ଆପଣ କ୍ରୋଧିତ ହୋଇଥିବା ଦେଖିବାକୁ ମିଳୁଛି। ଆପଣ ନିଜର ଭୁଲକୁ ସ୍ୱୀକାର କରି ଆଗକୁ ଯାଇପାରିଥାନ୍ତେ ବୋଲି ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ।

ମଙ୍ଗଳବାର ଏଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ମହାନ୍ତି କହିଛନ୍ତି, ଆପଣ ଆଜି ମହିଳାମାନଙ୍କୁ ସମ୍ମାନ ଦେବା ବିଷୟରେ କହିଲେ । ତଥାପି ଆପଣ ଏବଂ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବର୍ଷା ସିଂ ବରିହା ଏବଂ ଦୀପାଳି ଦାସଙ୍କ ଭଳି ମହିଳାଙ୍କୁ ବଦନାମ ତଥା ଅପମାନିତ କରିଥିଲେ, ଯେଉଁମାନେ ନିଜ ପିତାଙ୍କୁ ହରାଇଥିଲେ ଏବଂ ସାଧାରଣ ଜୀବନକୁ ଆସିବାକୁ ଚାହୁଁଥିଲେ। ଆପଣ ପଦ୍ମପୁର ଉପନିର୍ବାଚନ ସମୟରେ ବର୍ଷା ସିଂ ବରିହାଙ୍କ ସହିତ ଏଭଳି ବ୍ୟବହାର କରି ପରାଜୟର ସମ୍ମୁଖୀନ ହୋଇଥିଲେ । ପୁନର୍ବାର ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ଦାସଙ୍କ ସହିତ ଅନୁରୂପ ବ୍ୟବହାର କରିଛନ୍ତି ଏବଂ ଲୋକମାନେ ଆପଣଙ୍କୁ ଏକ ବୃହତ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଆପଣ କାହିଁକି ସର୍ବଦା ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କୁ ଅପମାନିତ ଏବଂ ବଦନାମ କରୁଛନ୍ତି । ସେମାନଙ୍କୁ ଅପରାଧୀଙ୍କ ପରି କାହିଁକି ବ୍ୟବହାର କରୁଛନ୍ତି । ସେମାନେ ମଧ୍ୟ ମା' ଓ ଭଉଣୀ, ସମ୍ମାନ ଏବଂ ସଶକ୍ତୀକରଣ ସହିତ ସେମାନେ ନିଜ ଗୋଡ଼ରେ ଛିଡା ହେବାକୁ ଚେଷ୍ଟା କରୁଛନ୍ତି। ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କୁ ଅପମାନିତ କରିବା ବନ୍ଦ କରନ୍ତୁ । ଏସବୁ ସତ୍ତ୍ୱେ ଆପଣ ଏବଂ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓଡ଼ିଆ ଝିଅମାନଙ୍କୁ ବଦନାମ କରିବା ଏବଂ ଅପମାନ କରିବା ବନ୍ଦ କରୁନାହାନ୍ତି। ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ମହିଳା ବିରୋଧୀ ବିବୃତି ଯୋଗୁ ଓଡ଼ିଶାର ମହିଳା ଏବଂ ଓଡ଼ିଶାର ଲୋକମାନେ କ୍ରୋଧିତ ହୋଇଥିଲେ। ୨୦୨୨ରେ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଆପଣଙ୍କର ବୃହତ୍ ପରାଜୟ ନିଶ୍ଚିତ କରି ଉପଯୁକ୍ତ ଉତ୍ତର ଦେଇଥିଲେ । କିନ୍ତୁ ଆପଣ ଏ ପର୍ଯ୍ୟନ୍ତ ଏଥିରୁ କିଛି ଶିକ୍ଷାଲାଭ କଲେ ନାହିଁ ବୋଲି ଲେନିନ କହିଛନ୍ତି ।

**ରାଜ୍ୟଖବର**

## ତଣ୍ଟିରେ କୋଳି ଲାଗି ଶିଶୁର ଜୀବନ ଗଲା

ଆନନ୍ଦପୁର, ୧୬।୫(ସ୍ୱ.ପ୍ର.)

କୋଳି ଖାଉଥିବା ବେଳେ ତଣ୍ଟିରେ ଲାଖିଯିବାରୁ ଜଣେ ଅଙ୍ଗନୱାଡି ଶିଶୁଙ୍କ ମୃତ୍ୟୁ ହେବା ଘଟଣା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ତିଗିରିଆ ଗ୍ରାମରେ ଆଲୋଡନ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ସୌମ୍ୟରଞ୍ଜନ ଜେନାଙ୍କ ପୁଅ ପାଠ ପଢିବାକୁ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିଲେ। ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ଏକ ଅଁଳା ଗଛରୁ ତଳେ ପଡିଥିବା ଏକ କୋଳି ଖାଇଥିଲେ। କିଛି ସମୟ ପରେ କୋଳି ଶିଶୁଟିର ତଣ୍ଟିରେ ଲାଖିଯାଇଥିଲା। ଶିଶୁଟି ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡିଥିଲେ। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

## ବଜ୍ରକାପ୍ତା ଜବତ, ଚାଲାଣକାରୀ ଗିରଫ

କେନ୍ଦୁଝର, ୧୬।୫(ସ୍ୱ.ପ୍ର./ଡି.ଏନ୍.ଏ.)



ଜବତ ବଜ୍ରକାପ୍ତା।

କେନ୍ଦୁଝର ବନଖଣ୍ଡ ଭୂୟାଁ-ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ କାଞ୍ଜିପାଣି ସେକ୍ସନ ଟାଙ୍ଗରପଡ଼ା ଗ୍ରାମରେ ଜଣେ ବ୍ୟକ୍ତି ଏକ ବଜ୍ରକାପ୍ତା ରଖି ବିକ୍ରି ଯୋଜନା କରୁଥିବାବେଳେ ବନ ବିଭାଗ କର୍ମଚାରୀ ଗ୍ରାହକ ବେଶରେ ଯାଇ ତାଙ୍କୁ ଧରିଛନ୍ତି। ତାଙ୍କଠାରୁ ୩ବର୍ଷ ବୟସ୍କା ଏକ ମାଈ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ତାର ଓଜନ ୧୦କେଜି ଏବଂ ଲମ୍ବ ଅଢ଼େଇ ଫୁଟ ହେବ ବୋଲି ଜଣାପଡ଼ିଛି। ବଜ୍ରକାପ୍ତାକୁ ଭୂୟାଁ-ଜୁଆଙ୍ଗ ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ଯାଦବ ଚିକିତ୍ସା କରୁଛନ୍ତି।

ସୂଚନା ଅନୁଯାୟୀ, ତେଲକୋଇ ରେଞ୍ଜ ସିଙ୍କୁଳାବାହାଳ ଜଙ୍ଗଲ ରେଣ୍ଡା ପର୍ବତରୁ ଟାଙ୍ଗରପଡ଼ା ଗ୍ରାମର ଜଣେ ବ୍ୟକ୍ତି ବଜ୍ରକାପ୍ତା ଆଣି କାଞ୍ଜିପାଣି ଥାନା ଅନ୍ତର୍ଗତ ଟାଙ୍ଗରପଡା ଗ୍ରାମର ବାବୁଲି ପ୍ରଧାନଙ୍କୁ ବିକ୍ରି ପାଇଁ ଦେଇଥିଲେ। ସେ ବଜ୍ରକାପ୍ତାକୁ ଅଖାରେ ପୂରାଇ ରଖିଥିଲେ। ସୋମବାର ଅପରାହ୍ନରେ କୌଣସି ସୂତ୍ରରୁ ଖବର ପାଇ ତେଲକୋଇ ଫରେଷ୍ଟର ପ୍ରଦୀପ କୁମାର ସାହୁ ଗ୍ରାହକ ବେଶରେ ଯାଇ ମୂଲଚାଲ କରିଥିଲେ। ବାବୁଲି ୫୦ହଜାର ଟଙ୍କାରେ ବିକ୍ରି କରିବାକୁ ରାଜି ହୋଇଥିଲେ। ପୂର୍ବରୁ ନିକଟରେ ଜଗି ରହିଥିବା ଭୂୟାଁ-ଜୁଆଙ୍ଗ ପୀଢ ରେଞ୍ଜର ମାନସ କୁମାର ମୁର୍ମୁ, କାଞ୍ଜିପାଣି ଫରେଷ୍ଟର ସନ୍ତୋଷ କୁମାର ପହି, ଶୁଆକାଟୀ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ,ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା ଏବଂ ଅନ୍ୟ ବନ କର୍ମଚାରୀମାନେ ବାବୁଲି ପ୍ରଧାନଙ୍କୁ ଧରିଥିଲେ। ଘଟଣାସ୍ଥଳରୁ ଅନ୍ୟ ଜଣେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ମଙ୍ଗଳବାର ବାବୁଲିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସିଏଫ୍ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି।

## ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଗଞ୍ଜାମ ଶ୍ରେଷ୍ଠ ଜିଲା ଘୋଷିତ

ଛତ୍ରପୁର, ୧୬।୫(ଡି.ଏନ୍.ଏ.)

ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ପାଇବା ନିମନ୍ତେ ଘୋଷଣା କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଏକ ପତ୍ର ମାଧ୍ୟମରେ ଅଭିନନ୍ଦନ ଜଣାଇ ଏହି ପୁରସ୍କାର ପାଇବା ସମ୍ପର୍କରେ ଅବଗତ କରାଯାଇଛି। ଗଞ୍ଜାମ ଜିଲାକୁ ପ୍ରଥମ ର୍‍ୟାଙ୍କ ଶ୍ରେଷ୍ଠ ଜିଲା କାଟେଗୋରିରେ 'ଜାତୀୟ ଜଳ ପୁରସ୍କାର-୨୦୨୨' ପାଇବା ନିମନ୍ତେ ମନ୍ତ୍ରଣାଳୟ ସଚିବ ପଙ୍କଜ କୁମାର ଏକ ପତ୍ର ମାଧ୍ୟମରେ ଜିଲାପାଳ ପରିଡ଼ାଙ୍କୁ ଅବଗତ କରାଇ ବଧେଇ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପୁରସ୍କାର ପ୍ରଦାନ ତାରିଖ ଜଣାଇ ଦିଆଗଲେ ସେହିଦିନ ପୁରସ୍କାର ଗ୍ରହଣ କରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି।

## ନିଯୁକ୍ତ ହେଲେ ପ୍ରଧାନ ଶିକ୍ଷକ

**ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା ଘଟଣା**

ମୋରଡ଼ା, ୧୬।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଟିକିଟାମାଟିଆ ଆଞ୍ଚଳିକ ଭୋକେଶନାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ଉକ୍ତ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତଙ୍କୁ ଜିଲା ଶିକ୍ଷା ଅଧିକାରୀ ଚିଠି ନଂ. ୭୦୭୧ରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୩୦ରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ରନାଥ ଗିରି ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ ପୂର୍ବରୁ ସେ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚାହିଁବାରୁ ବିଦ୍ୟାଳୟର କୌଣସି ଶିକ୍ଷକ ଦାୟିତ୍ୱ ନେବାକୁ ଅମଙ୍ଗ ହୋଇଥିଲେ। ପରେ ପ୍ରଧାନ ଶିକ୍ଷକ ଗିରି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ସମରାୟ ମାରାଣ୍ଡିଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେବା ସହ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ରାଜଭବନରେ ସିକ୍କିମ ଦିବସ ପାଳିତ



ସିକ୍କିମ ଦିବସ ପାଳନ ଅବସରରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୫ (ବ୍ୟୁରୋ)

ରାଜଭବନଠାରେ ମଙ୍ଗଳବାର ସିକ୍କିମ ଦିବସ ପାଳିତ ହୋଇଯାଇଛି। ଅଭିଷେକ ହଲ୍‌ରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାରେ ରହୁଥିବା ସିକ୍କିମର ନିମନ୍ତ୍ରିତ ବ୍ୟକ୍ତିଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି, ବେଦବନ୍ଧୁ ମିଶ୍ର, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଉପସ୍ଥିତିରେ ଆନ୍ଧ୍ରର କୋଟିଆରେ ଅନୁପ୍ରବେଶ

ପଟ୍ଟାଙ୍ଗି, ୧୬।୫(ଡି.ଏନ୍.ଏ.)





କୁନେଟି ଲାଛମିଙ୍କୁ ତାଙ୍କ ଗ୍ରାମ ତଳସେମ୍ବିକୁ ଛାଡିବାକୁ ଆସିଥିବା ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକକୁ ସୋମବାର ଜିଲାପାଳ ଅବଦାଲ ଏମ୍.ଅଖତାର ଗସ୍ତରେ ଆସିଥିଲେ। ଜିଲାପାଳ ଏଠାରେ ଥିବା ବେଳେ ଆନ୍ଧ୍ର ଅନୁପ୍ରବେଶ କରିଥିବା ପରି ଘଟଣା ଦେଖିବାକୁ ମିଳିଛି। ଜିଲାପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଜାରି ରଖିଥିବା ବେଳେ ପଡୋଶୀ ଆନ୍ଧ୍ରର ସ୍ୱାସ୍ଥ୍ୟ ବିଭାଗରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଜଣେ ମହିଳାଙ୍କୁ କର୍ମଚାରୀମାନେ କୋଟିଆର ତଳସେମ୍ବି ଗ୍ରାମରେ ଛାଡି ଚାଲିଯାଇଛନ୍ତି।

ଖବରରୁ ଜଣାପଡିଛି, ତଳସେମ୍ବି ଗ୍ରାମର କୁନେଟି ଲାଛମି ଗର୍ଭବତୀ ଥିଲେ। ତାଙ୍କର ରବିବାର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ତାଙ୍କୁ କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ଆନ୍ଧ୍ରର ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରିଥିଲେ। ସେହି ରବିବାର ରାତିରେ ହିଁ ଲାଛମି ସେଠାରେ ଏକ ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କୁ ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କର୍ମଚାରୀମାନେ ସୋମବାର ଆମ୍ବୁଲାନ୍ସ ଯୋଗେ ଆଣି ତଳସେମ୍ବି ଗ୍ରାମରେ ତାଙ୍କ ଘରେ ଛାଡି ଦେଇଯାଇଥିଲେ। ଏହି ସମୟରେ ଜିଲାପାଳ ଅଖତାର ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଥିଲେ। ସୂଚନାଯୋଗ୍ୟ, ସୀମାନ୍ତ କୋଟିଆ ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ଓଡ଼ିଶା ସରକାର ଜିଲା ଓ ବ୍ଲକ ପ୍ରଶାସନ ମାଧ୍ୟମରେ କିଛି ନା କିଛି ପ୍ୟାକେଜ ପ୍ରସ୍ତୁତ କରି ଉନ୍ନୟନମୂଳକ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ସୀମାନ୍ତବାସୀଙ୍କ ଉପରେ ନ ପଡିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ଚିଲିକାରେ ବୁଡ଼ିଲା ଡଙ୍ଗା

ଖୋର୍ଦ୍ଧା ଅଫିସ, ୧୬।୫

**କାଳବୈଶାଖୀ ପ୍ରଭାବ**

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ଚିଲିକା ଅଶାନ୍ତ ରହିଥିଲା। ଫଳରେ ଚିଲିକାକୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯାଇଥିବା ବେଳେ କେତୋଟି ଡଙ୍ଗା ବୁଡ଼ିଯିବା ସହ ଜାଲ ନଷ୍ଟ ହୋଇଯାଇଛି। ତେବେ ଡଙ୍ଗାରେ ଥିବା ୧୫ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଅଘଟଣ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ବାଲିପାଟପୁର ପଞ୍ଚାୟତର ସରସ୍ୱତୀ ନଗର ଜେଟି ନିକଟରେ ଘଟିଛି। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ବନମାଳି ବେହେରା, ମିଥୁନ, ଗୁଣନିଧି, ଅନାମ, ଧର୍ମରାଜ, ଲକ୍ଷ୍ମଣ, ଅରୁଣ ବେହେରାଙ୍କ ସମେତ ଅନ୍ୟମାନେ ଡଙ୍ଗାରେ ଚିଲିକାକୁ ମାଛ ମାରିବାକୁ ଯାଇଥିଲେ। ଅପରାହ୍ନ ୫ଟା ୩୦ରେ କାଳବୈଶାଖୀ ପ୍ରଭାବରେ ହଠାତ୍ ଝଡତୋଫାନ ସହ ବର୍ଷା ହୋଇଥିଲା। ପବନ ଜୋରରେ ହେଉଥିବାରୁ ଡଙ୍ଗାଗୁଡିକୁ ଦୋହଲାଇ ଦେଇଥିଲା। ଫଳରେ କିଛି ଡଙ୍ଗା ବୁଡି ଯାଇଥିବା ବେଳେ ଜାଲ ନଷ୍ଟ ହୋଇଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ମତ୍ସଜୀବୀମାନେ ଡଙ୍ଗାରୁ ପାଣିକୁ ଡେଇଁ ପଡିଥିଲେ। ନିକଟରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଏହା ଦେଖି ସେମାନଙ୍କ ନିକଟକୁ ଯାଇ ଉଦ୍ଧାର କରିବା ସହ କୂଳକୁ ଆଣିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୬।୫



ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲିମିଟେଡ୍ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା କଳାହାଣ୍ଡି ଓ ରାୟଗଡ଼ା ଜିଲାରେ ମ୍ୟାଲେରିଆ ପ୍ରତିରୋଧ ପାଇଁ ଗୋଷ୍ଠୀ ସଚେତନତା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କମ୍ପାନୀର ଲାଞ୍ଜିଗଡ଼ ବେଦାନ୍ତ ହସ୍ପିଟାଲର ମେଡିକାଲ ବିଶେଷଜ୍ଞଙ୍କ ନେତୃତ୍ୱରେ ନିକଟବର୍ତ୍ତୀ ୧୩ଟି ଗ୍ରାମରେ ଏକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ଉକ୍ତ ଅଭିଯାନରେ ବିଶେଷଜ୍ଞ ଦଳ ମଶାରି କିପରି ଠିକ୍ ଭାବେ ବ୍ୟବହାର କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇବା ସହ ଏକ ପ୍ରଦର୍ଶନୀ ଓ ମଶା ପ୍ରଜନନର ସାଧାରଣ ସ୍ଥାନ ବିଷୟରେ ମଧ୍ୟ ଲୋକମାନଙ୍କୁ ସୂଚନା ଦିଆଯାଇଥିଲା। ଏପରିକି ଜନବସତିର ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା ଓ ଅଟକି ରହିଥିବା ଜଳ ଓ ବର୍ଜ୍ୟବସ୍ତୁକୁ ମୁକ୍ତ କରିବା ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଥିଲା। ପରିଶେଷରେ ସ୍ଥାନୀୟ ଗୋଷ୍ଠୀର ଲୋକମାନଙ୍କୁ ମଶାରି ବଣ୍ଟନ କରାଯାଇଥିଲା।

ସେହିଭଳି ୨୦୧୦ରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରୁ ମ୍ୟାଲେରିଆ ଦୂର ପାଇଁ ବେଦାନ୍ତ ଲାଞ୍ଜିଗଡ଼ର ମିଶନ ଆରମ୍ଭ ହୋଇଥିଲା, ଯେତେବେଳେ ଉକ୍ତ ଅଞ୍ଚଳରେ ମ୍ୟାଲେରିଆ କେସ୍ ଅତ୍ୟଧିକ ମାତ୍ରାରେ ରହିଥିଲା ଓ ଲୋକମାନଙ୍କ ମୃତ୍ୟୁହାର ଅଧିକ ରହିଥିଲା। ଏପରିକି ଗୁଣାତ୍ମକ ଚିକିତ୍ସା ପାଇଁ ତତ୍ପରତାକୁ ସ୍ୱୀକାରକରି କମ୍ପାନୀ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଶିବିର ଓ ଗୋଷ୍ଠୀ ମଧ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶେଷକରି ଦୂର ଅଞ୍ଚଳଗୁଡ଼ିକ ପାଇଁ ଏମ୍ଏଚ୍ୟୁ ନିୟୋଜିତ ସହ ଲାଞ୍ଜିଗଡ଼ଠାରେ ଏକ ଡାକ୍ତରଖାନା ପ୍ରତିଷ୍ଠିତ ହୋଇଥିଲା, ଯାହା ଆଜି ଏ ଅଞ୍ଚଳର ଲୋକମାନଙ୍କୁ ବ୍ୟାପକ ଚିକିତ୍ସା ସେବା ଯୋଗାଉଛି ଓ ପ୍ରତି ବର୍ଷ ୬୦,୦୦୦ ଲୋକ ଚିକିତ୍ସା ସେବା ଉପଲବ୍ଧ କରୁଛନ୍ତି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନା ବିଜ୍‌ନେସ୍ ଡେପୁଟି ସିଇଓ ଜି. ଜି. ପାଲ କହିଛନ୍ତି, ବେଦାନ୍ତ ଲିମିଟେଡ୍ ପାଇଁ ଲାଞ୍ଜିଗଡ଼ର ଗୋଷ୍ଠୀ ସ୍ୱାସ୍ଥ୍ୟ ସର୍ବଦା ପ୍ରମୁଖ ବିଷୟ ହୋଇରହିଛି। ଏପରିକି ଦୀର୍ଘସ୍ଥାୟୀ ଉନ୍ନତି ଓ ବ୍ୟାପକ ସ୍ୱାସ୍ଥ୍ୟସେବା ପ୍ରଦାନ ଆମର ମୂଳଲକ୍ଷ୍ୟ ରହିଛି। ସେହିଭଳି ଆମର ଡାକ୍ତରୀ ଦଳ, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଏସ୍ଏଚ୍‌ଜି ସହଭାଗୀମାନେ ସର୍ବଦା ସେଥିପ୍ରତି ଧ୍ୟାନ ପ୍ରଦାନ କରୁଛନ୍ତି। ଏପରିକି ସମ୍ପୃକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ମ୍ୟାଲେରିଆମୁକ୍ତ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛୁ। ସେହିଭଳି ଲାଞ୍ଜିଗଡ଼ ବ୍ଲକର ଉପାଧ୍ୟକ୍ଷ ସଞ୍ଜୀବ ନାଏକ କହିଛନ୍ତି, ପୂର୍ବରୁ ଆମର ଦୂରବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ମିଳୁ ନ ଥିଲା। ବର୍ତ୍ତମାନ ବେଦାନ୍ତ ଦ୍ୱାରା ଲାଞ୍ଜିଗଡ଼ଠାରେ ହସ୍ପିଟାଲ ପ୍ରତିଷ୍ଠା ହେବା ଫଳରେ ଚିକିତ୍ସା ସୁବିଧା ମିଳିପାରୁଛି। ଏପରିକି ମୋବାଇଲ ହେଲ୍‌ଥ ୟୁନିଟ୍‌ଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି।

# ଟିଭିଏସ୍ ଆଇକ୍ୟୁବ୍‌ର ମେଗା ଡେଲିଭରି

**ଭୁବନେଶ୍ୱର,୧୬।୫:** ଦେଶର ପ୍ରମୁଖ ଦୁଇ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇଲେକ୍ଟ୍ରିକ୍ ସ୍କୁଟର 'ଟିଭିଏସ୍ ଆଇକ୍ୟୁବ୍'ର ମେଗା ଡେଲିଭରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ବଜାରରେ ଏକ ସ୍ୱତନ୍ତ୍ର ଡେଲିଭରି କାର୍ଯ୍ୟକ୍ରମ ଜରିଆରେ ୧୦୦ରୁ ଅଧିକ ଟିଭିଏସ୍ ଆଇକ୍ୟୁବ୍ ସ୍କୁଟର ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି।

# ଖିମ୍‌ଜୀ ଜୁଏଲର୍ସର 'ହ୍ୱାଏ ନଟ୍ ଡାଇମଣ୍ଡ' ଅଭିଯାନ

ଭୁବନେଶ୍ୱର,୧୬।୫



ରାଜ୍ୟର ପ୍ରମୁଖ ତଥା ସର୍ବ ପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ନୂତନ ସ୍ୱତନ୍ତ୍ର ହୀରା ଗହଣା 'ହ୍ୱାଏ ନଟ୍ ଡାଇମଣ୍ଡ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଉକ୍ତ ଅଭିଯାନ ଜରିଆରେ ଖିମ୍‌ଜୀ ପ୍ରତ୍ୟେକ ଗ୍ରାହକଙ୍କ ବ୍ୟକ୍ତିତ୍ୱକୁ ପାଳନ କରିବ ଏବଂ ବ୍ରାଣ୍ଡର ଆକର୍ଷଣୀୟ ଅଳଙ୍କାର ସଂଗ୍ରହ ଗ୍ରାହକମାନଙ୍କର ଅନନ୍ୟ ଷ୍ଟାଇଲକୁ ମଧ୍ୟ ତାହା ଦର୍ଶାଇବ ବୋଲି ଖିମ୍‌ଜୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଗ୍ରାହକମାନଙ୍କ ମଧ୍ୟରେ ଖିମ୍‌ଜୀ ହୀରା ଅଳଙ୍କାରର ଚାହିଦା ବେଶ୍ ଅଧିକ ରହିଛି। ଏପରିକି ହୀରା ଅଳଙ୍କାର ମହଙ୍ଗା ବୋଲି ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାକୁ ବଦଳାଇବା ପାଇଁ ଆମେ ହୀରା ଅଳଙ୍କାର ଉପରେ ସ୍ୱତନ୍ତ୍ର ଅଫର ନେଇ ଆସିଛୁ। ବିଶେଷକରି ଗ୍ରାହକଙ୍କ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଖିମ୍‌ଜୀ ସର୍ବଶ୍ରେଷ୍ଠ ମୂଲ୍ୟରେ ଆକର୍ଷଣୀୟ ଅଳଙ୍କାର ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଭଳି ସମସ୍ତ ସୁବିଧା ଯୋଗାଇ ଦେଉଛୁ। ଏପରିକି ଗ୍ରାହକମାନେ ୨୦୨୩ ମେ ୧୩ ରୁ ୩୦ ପର୍ଯ୍ୟନ୍ତ ଖିମ୍‌ଜୀ ଜୁଏଲର୍ସର ଷ୍ଟୋରକୁ ଆସି ଏହି ସ୍ୱତନ୍ତ୍ର ଅଫରଗୁଡ଼ିକର ଲାଭ ଉଠାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଖିମ୍‌ଜୀ ସର୍ବଶ୍ରେଷ୍ଠ ମୂଲ୍ୟରେ ସୂକ୍ଷ୍ମ କାରିଗରି ସହ ପ୍ରତ୍ୟେକ ହୀରା ଖଣ୍ଡକୁ ଆକର୍ଷଣୀୟ ଭାବେ ନିର୍ମିତ କରାଯାଇଛି।

# ଓପୋ ଏଫ୍୨୩ ୫ଜି ଉନ୍ମୋଚିତ

ନୂଆଦିଲ୍ଲୀ,୧୬।୫

ଗ୍ଲୋବାଲ ସ୍ମାର୍ଟ ଡିଭାଇସ୍ ବ୍ରାଣ୍ଡ ଓପୋର ନୂଆ ସ୍ମାର୍ଟଫୋନ୍ ଓପୋ ଏଫ୍୨୩ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ହ୍ୟାଣ୍ଡସେଟ୍‌ରେ ଓପୋର ମାଲିକାନାଯୁକ୍ତ ୬୭ ୱାଟ୍ ସୁପର ଭିଓଓସି ଫ୍ଲାଶ୍ ଚାର୍ଜ ରହିଛି, ଯାହା ଡିଭାଇସ୍‌କୁ କେବଳ ୧୮ମିନିଟ୍‌ରେ ୫୦% ଚାର୍ଜ କରୁଥିବା ବେଳେ ୫ ମିନିଟ୍‌ର ଚାର୍ଜ ୬ ଘଣ୍ଟା ପର୍ଯ୍ୟନ୍ତ ଫୋନ୍ କଲ୍ କିମ୍ବା ୨.୫ ଘଣ୍ଟାର ୟୁଟ୍ୟୁବ୍ ଭିଡିଓ ଦେଖିବା ସୁବିଧା ପ୍ରଦାନ କରିଥାଏ। ଏପରିକି ଏହା ସମ୍ପୂର୍ଣ୍ଣ ଚାର୍ଜ ହେଲେ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ୩୯ ଘଣ୍ଟା ପର୍ଯ୍ୟନ୍ତ ଫୋନ୍ କଲ୍ ଓ ୧୬ ଘଣ୍ଟାର ୟୁଟ୍ୟୁବ୍ ଭିଡିଓ ଦେଖିବା ସୁବିଧା ଦେଇଥାଏ। ଏ ସମ୍ପର୍କରେ ଓପୋର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଦମୟନ୍ତ ଖନୋରିଆ କହିଛନ୍ତି, ଓପୋ ଏଫ୍୨୩ ୫ଜି ସହିତ ଆମେ ବ୍ୟାଟେରି ହେଲ୍‌ଥ ଇଞ୍ଜିନ ଓ ସୁପର ଭିଓଓସି ଫାଷ୍ଟ ଚାର୍ଜ ଭଳି ଅଭିନବ ଟେକ୍ନୋଲୋଜି ପ୍ରଦାନକରି ଗର୍ବିତ ମନେକରୁଛୁ। ଫଳରେ ଏହା ଏକ ବାଧାହୀନ ଅନୁଭୂତି ପାଇଁ ନିର୍ଭରଯୋଗ୍ୟ ଓ ସୁବିଧାଜନକ ବ୍ୟାଟେରି କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି।

# ଓଡ଼ିଶା ବଜାରରେ ଜିଓ ଫାଇବାର ୧ ନମ୍ବର

ଭୁବନେଶ୍ୱର,୧୬।୫

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଜିଓ ଫାଇବର ଓଡ଼ିଶାରେ କ୍ରମାଗତ ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏପରିକି ରାଜ୍ୟର ୨ ଲକ୍ଷରୁ ଅଧିକ ଘରକୁ ହାଇସ୍ପିଡ୍ ଓ୍ୟାରଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଉଛି ବୋଲି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଓ୍ୟାରଲାଇନ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୩ ଫେବୃୟାରୀ ୨୮ ସୁଦ୍ଧା ୨.୦୨ ଲକ୍ଷ ଜିଓ ଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କ ସହ ରାଜ୍ୟର ଏକ ନମ୍ବର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଜିଓ ତା'ର ସ୍ଥିତିକୁ ଆହୁରି ମଜଭୁତ କରିଛି। ସେହିଭଳି ରିଲାଏନ୍ସ ଜିଓ ଏକମାତ୍ର ଟେଲିକମ୍ ସେବା ପ୍ରଦାନକାରୀ ଭାବେ ୨୦୨୩ ଫେବୃୟାରୀରେ ଓ୍ୟାରଲାଇନ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏପରିକି ୨୦୨୩ ଫେବୃୟାରୀ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ଓ୍ୟାରଲାଇନ ଗ୍ରାହକ ସଂଖ୍ୟା ୩.୮୮ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଜାତୀୟ ସ୍ତରରେ ମଧ୍ୟ ଜିଓ ୨୦୨୩ ଫେବୃୟାରୀରେ ୧.୮୮ ଲକ୍ଷରୁ ଅଧିକ ନୂଆ ଓ୍ୟାରଲାଇନ ଗ୍ରାହକ ଯୋଡ଼ି ଦେଶର ୧ ନମ୍ବର ଓ୍ୟାରଲାଇନ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ଜିଓ ଫାଇବର ବର୍ତ୍ତମାନ ରାଜ୍ୟର ୩୯ରୁ ଅଧିକ ସହର ଓ ନଗରରେ ଉପଲବ୍ଧ। ଏପରିକି ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ନଗରକୁ ଜିଓ ଫାଇବାରର ସେବା ଦ୍ରୁତଗତିରେ ସମ୍ପ୍ରସାରଣ ହେଉଛି।


**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.
BBSR/ELECT-II/E-114/22-23 1492, Dt.11.05.23

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**No.CAD-569:** Name of the Work: Construction of 11/0.4 KV, 500 KVA Substation alongwith 11KV line towards Power Supply to Sports Complex at Burla, Sambalpur.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/ e-04/23-24 | 18.05.2023 at 12.00 Hrs. | 26.05.2023 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO Website.

Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0046/2324



## OFFICE OF THE COLLECTOR & DISTRICT MAGISTRATE, BALASORE

**TENDER CALL NOTICE**

TENDER CALL NOTICE FOR PROVIDING OUTSOURCING SERVICES OF GROUP-D PERSONNEL UNDER THE ADMINISTRATIVE CONTROL OF COLLECTOR, BALASORE THROUGH MANPOWER SERVICE PROVIDER AGENCY

**Notice No. IVA-03/2023/5057/Estt.** **Dt. 10.05.2023**

No. F-53: Sealed tenders are invited in the precribed froamt from Outsourcing Service Provider Agencies for providing outsourcing services of 89 (Eighty Nine) numbers of different Group-D personnel under the Administrative Control (Under Revenue Hierarchy) of Collector, Balasore for a period of one year from the date of commencing of the contract.

The detail of tender paper along with Terms and Conditions is available in hte officila website of Balasore district: **https://baleswar.nic.in**. The tender documents complete in all respect should reach to office of the Collector, Balasore latest by 24.05.2023 through Speed/Registered Post only.

**Sd./- Collector & Distirct Magistrate, Balasore**
OIPR-24242/11/0002/2324



## OFFICE OF THE MUNICIPALITY, NABARANGPUR

No. 1830 Dt. 12.05.23

**E-Procurement Notice**

**Bid Identification No. MUN-NAB-SAN NO. 002/2023-24**

**No.C-320:-** Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting, Bed level desilting from Ward No. 6, 7, 8, 12, 13, 14, 15 & 16 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - **Rs. 1,17,44,000/-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **15.05.2023 to 26.05.2023** for online bidding.
4. Bid identification No.**01/NAB-MUN/2023-24.**
5. Last date & time of receipt of Bid through online: **26.05.2023**.
6. Deposit original financial documents offline : **26.05.2023**.
7. Opening of Bid on **29.05.2023 at 11:00 Hrs**.
8. The bidder has to participate in online bidding only. For further detail information any one can visit the procurement portal of the Govt. of Odisha i.e. http://www.tendersodisha.gov.in/www.nabarangpur.nic.in/nawarangpuram.in

Sd./- Executive Officer,
Nabarangpur Municipality
OIPR-13230/11/0008/2324



## LEVEL-II TRANSPORT CONTRACTOR 2023-25

NOTICE INVITING TENDER

### Office of the District Manager, Odisha State Civil Supplies Corporation Ltd., Nayagarh

**Phone No.:- 06753-253942,**
**District Website:- www.nayagarh.nic.in**
**Tender No.1954,1955,1956,1957,1958,1959,1960 & 1961/Dt. 12.05.2023**

**No.CAD-573:** District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the work below.

| | | |
|---|---|---|
| 1 | Name of the Work | Selection and appointment of Transport Contractor Level-II for transportation of foodgrains from (RRC-cum-DSCs) to F.P.S/ Retailer Point in the district Nayagarh of the State of Odisha. |
| 2 | Availability of bid document in the portal | From 15.05.2023 |
| 3 | Last Date/Time for receipt of bids in the portal | 05.06.2023 upto 5.00 PM |
| 4 | Date/Time of Opening of Technical Bid | 06.06.2023 at 11.00 AM onwards |
| 5 | Name and address of the Officer inviting Tender | CSO-cum-District Manager, O.S.C.S.C Ltd., Nayagarh |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tenderodisha.gov.in along with district website.Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**
OIPR-07057/11/0003/2324



## OFFICE OF THE SUPERINTENDING ENGINEER LOWER INDRA CANAL DIVISION, KHARIAR, DIST.: NUAPADA

**Email: eelicd.khr@gmail.com**

**TENDER CALL NOTICE No. SELICD-01/2023-24 Dated: 12.05.2023**

No. A-137: Sealed Bids in conformity with terms and conditions in the prescribed form are invited from reputed and experienced manpower service provider for providing Outsourcing Personnel in Dam site, Tikhali under office of the Superintending Engineer, Lower Indra Canal Division, Khariar.

The details of the Tender Call Notice and Document are available in the website **https://nuapada.nic.in & https://dowrodisha.gov.in**. The date & time of sale of Bid document is from 16.05.2023 (10.00 A.M.) to 25.05.2023 (01.00 P.M.). The last date & time of receipt of Bid at Office of the Superintending Engineer, Lower Indra Canal Division, Khariar is 29.05.2023 upto 01.00 P.M. and will be opened on 30.05.2023 at 11.00 A.M.

**Sd./- Superintending Engineer**
OIPR-32206/11/0002/2324



## GOVERNMENT OF ODISHA

**"e" PROCUREMENT NOTICE**

## Rajgangpur Municipality

**Bid Identification No. - EO/RGP/01 of 2023-24**
**e-mail ID- rajgangpurmunicipality@gmail.com**
No.C-315:- **No. 1546, Dated 15.05.2023**

| | | | |
|---|---|---|---|
| 1) | Total Number of Work | : | 67 (Sixty Seven) Nos. Imp. of B.T. Road, Paver Block Road, Drain with Cover slab & C.C. Road etc. |
| 2) | Approximate Estimated Cost | : | 3.00 Lakhs to 19.90 Lakhs |
| 3) | Period of Completion | : | 120 Days |
| 4) | Date & time of availability of the bid documents in the portal | : | 17.05.2023 at 11.00 A.M. to 28.05.2023 up to 5.00 P.M. |
| 5) | Last date of receipt of Bids in the portal | | 28.05.2023 up to 5.00 P.M. (On line) |
| 6) | Bids Receipt online shall be opened on | | 29.05.2023 at 10.00 A.M. (On Line) |
| 7) | Name & address of the Officer Inviting Bid | | Executive Officer, Rajgangpur Municipality |
| 8) | The Bidders have to participate in ONLINE bidding only; further details can be seen from the e-procurement portal. http://tendersodisha.gov.in | | |

**Sd./- Gobinda Dansena**
**Executive Officer, Rajgangpur Municipality**
OIPR-13094/11/0003/2324



## OFFICE OF THE GENERAL MANAGER, WATCO PROJECT DIVISION SAMBALPUR, ODISHA-768005

**No.C-313:**
**E-mail:gmprojectsbp@gmail.com**

**NATIONAL COMPETITIVE BIDDING THROUGH e-Procurement**
**Invitation for Bids (IFB)**
**Bid Identification No.03/Project/WATCO/SBP/2023-24, Dated 11.05.2023**

| Sl. No. | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Class of the Contractor |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH- 3978 to MH-4011 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 39.10 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C &B |
| 2 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4011 to MH 4030 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.45 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C & B |
| 3 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4030 to MH 4088 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.70 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C & B |

Further details can be seen from the e-Procurement portal "https://www.tendersodisha.gov.in"
Name and address of Officer Inviting Bid: The General Manager, O/o The General Manager, WATCO Project Division,Sambalpur,768005, Tel-0663-2411921

**Sd/- General Manager**
**WATCO Project Division, Sambalpur**
OIPR-13236/11/0003/2324



## OFFICE OF THE PRINCIPAL SADHU CHARANA GOVERNMENT UPGRADED HIGHER SECONDARY SCHOOL, BIRANARASINGHPUR

**At/Post: Biranarasinghpur, Block: Harabhanga, District: Boudh, PIN - 762024**
**Email: schighschoolbeeranarasinghpur@gmail.com**
**Contact No.: 9437412715 & 9937844449**

**WALK-IN-INTERVIEW FOR ENGAGEMENT OF GUEST FACULTIES**

**Advt. No. 01** **Dt.13.05.2023**

No. n -45: A Walk-in-Interview for engagement and empanelment of Guest Faculties for Higher Secondary Classes (+2) in Subjects (English, Odia, Political Science, History, Economics, Sociology) will be held in the School premises for the Session 2023-24. or till the vacancies are filled up whichever is earlier Retired Govt./Non-Govt. Aided teachers below 65 years of age/fresh candidates who have secured minimum 50% marks in PG in respective subject may attend the interview between 7.00 A.M. to 1.00 P.M. as per the schedule given below with their complete Bio-data, two passport size photographs and all certificates and mark sheets from HSC to PG in original along with one set of self attested photo copies. The candidate must report before 7.00 A.M. on the scheduled date.

No TA/DA is admissible for attending the interview. The candidates having B.Ed. Degree (Except in Logic/Philosophy, Sociology subjects) and PGDCA will be given weightage. The remuneration is @ Rs.400 per class subejct to a maximum of 50 classes in a month. The Principal reserves right to cancel part or whole of the above Walk-in-Interview without assigning any reason thereof.

| Date | Timing | Subjects |
|---|---|---|
| 29.05.2023 (Monday) | 7 A.M. to 10 A.M. | Odia |
| | 10 A.M. to 1.00 P.M. | Economics |
| 30.05.2023 (Tuesday) | 7 A.M. to 10 A.M. | English |
| | 10 A.M. to 1.00 P.M. | Political Science |
| 31.05.2023 (Wednesday) | 7 A.M. to 10 A.M. | History |
| | 10 A.M. to 1.00 P.M. | Sociology |

**N.B.:** Candidates may send their C.V. for registration in Mail ID: **schighschoolbeeranarasinghpur@gmail.com**.

**Sd./- Principal**
**Sadhu Charana Government Upgraded Higher Secondary School, Biranarasinghpur**
OIPR-11079/11/0001/2324



## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR

E-mail id-sidsambalpur@gmail.com

**e-Procurement Notice No. SESID-01/2023-24,**
**Bid Identification No.SESID-01 (01-13)/ 2023-24**

**No.1708** **Date:10.05.23**

**No.A-143:** Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of works | : | 13 Nos |
| 3. | Bid Identification No. | : | SESID-01(01-13)/2023-24 |
| 4. | Estimated Cost | : | 5.04 - 9.97 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the Portal | : | Dt. 17.05.2023 at 11.00 AM to Dt: 30.05.2023 up to 17.00PM |
| 9. | Last Date / Time for receipt of Bids in the Portal | : | Dt: 30.05.2023 up to 17.00 PM. |
| 10. | Date of Bid Opening | : | Dt: 31.05.2023 at 11.00 AM. |
| 11. | Clarification seeking date | : | Dt: 17.05.2023 at 11.00 AM to Dt 30.05.2023 upto 17.00 PM |
| 12. | Date of Lottery (if required) | : | Dt: 03.06.2023 at 11.00 hours in the O/o Superintending Engineer, Sambalpur Irrigation Division, Sambalpur |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/Po- Khetrajpur - 768003, Dist-Sambalpur, Email id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

**Sd./- Superintending Engineer**
**Sambalpur Irrigation Division, Sambalpur**
OIPR-32129/11/0003/2324



## OFFICE OF THE EXECUTIVE ENGINEER (AGRIL.), KANDHAMAL DIVISION, PHULBANI

**PHONE NO. 06842-53857, Email Id: aaekandhamal.dag@nic.in**

**INVITATIONS FOR BIDS THROUGH e-Procurement**

**No- 536** **Date-12/05/2023**

**Bid Identification No/e-Procurement Notice No. -E.E (A)-KANDHAMAL Division -01/2023-24**

**No.L-29:** 1. The Executive Engineer (Agril.), Kandhamal Division, Phulbani, Odisha on behalf of Governor of Odisha invites Percentage Rate Bids in Single cover system for the works as detailed in table below.

| SL. No. | Name of the Work | Approximate Estimated Cost put to tender (Excluding G.S.T.) (Rs.) | Cost of Bid Documents (in Rs.) | Cost of EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Extension of first floor of FIAC building, Kantamal | 20,83,690/- | 6.000/- | 20,900/- | C&D | 150 Days |
| 2 | Extension of first floor of FIAC building, Boudh | 20,83,620/- | 6.000/- | 20,900/- | C&D | 150 Days |
| 3 | Extension of FIAC building Harabhanga | 18,08,860/- | 6.000/- | 18,100/- | C&D | 150 Days |

The bidders have to participate in ONLINE bidding only. The web-site for **"ONLINE BIDDING"** is http://tendersorissa.gov.in. Bid documents will be available in above Website from Dt 15.05.2023 at 10.30 AM up to 5.30 PM of Dt.26.05.2023 for "ONLINE BIDDING". Date of original bid documents submission Dt 16.05.2023 at 07.30 AM to Dt 30.05.2023 upto 1.00 PM (Except Holidays) through Government Speed Post/ Registered Post only. Personal submission/ Private Courier service is not allowed.Online bids shall be opened at 10.00 AM & onwards on Dt. 31.05.2023. If more than one bid quoted at 14.99% (Decimal up to two numbers will be taken for all practical purposes) less than the estimated cost, the tender accepting authority will finalize the tender through a transparent lottery system on dated 05.06.2023 at 11.00 AM in presence all bidders/ their authorized representatives in the office of the undersigned, if the office happens to be closed on the scheduled date of lottery, then the lottery shall be conducted on the next working day at the same time and venue. No further correspondence shall be made in this regard. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement website www.tendersorissa.gov.in.

N.B: Subsequent corrigendum / addendum if required shall be available in the website as indicated above.

**Sd./- Er. Rabindra Sahoo**
**Executive Engineer (Agril.), Kandhamal Division, Phulbani**
OIPR-01468/11/0003/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଇଲେଣ୍ଟ କିଲର 'ଉଚ୍ଚ ରକ୍ତଚାପ'

ପ୍ରତିବର୍ଷ ମେ ୧୭ରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଇଥାଏ। ଏହି ଦିବସ ୱାର୍ଲ୍ଡ ହାଇପରଟେନଶନ ଲିଗ ଦ୍ୱାରା ଗଠନ ଏବଂ ଆରମ୍ଭ ହୋଇଥିଲା। ଏହି ଲିଗ୍‌ରେ ୮୫ଟି ଜାତୀୟ ଉଚ୍ଚ ରକ୍ତଚାପ ସୋସାଇଟି ଏବଂ ସଂଗଠନ ରହିଛନ୍ତି। ଉଚ୍ଚ ରକ୍ତଚାପ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଏହି ଦିବସ ଆରମ୍ଭ କରାଯାଇଥିଲା। ଉଚ୍ଚ ରକ୍ତଚାପ ରୋଗୀଙ୍କ ମଧ୍ୟରେ ଉପଯୁକ୍ତ ଜ୍ଞାନର ଅଭାବକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ୱାର୍ଲ୍ଡ ହାଇପରଟେନଶନ ଲିଗ୍ ଏହାର ପ୍ରଥମ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସକୁ ୧୪ ମେ ୨୦୦୫ରେ ଶୁଭାରମ୍ଭ କରିଥିଲା। ୨୦୦୬ ପରଠାରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପ୍ରତିବର୍ଷ ମେ ୧୭ରେ ପାଳିତ ହୋଇଆସୁଛି। ୨୦୦୫ରେ ଶୁଭାରମ୍ଭ ପ୍ରୟାସ ଭାବରେ ଏହାର



## ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଥିମ୍ 'ଉଚ୍ଚ ରକ୍ତଚାପ ବିଷୟରେ ସଚେତନତା' ଥିଲା। ସାଧାରଣତଃ କୌଣସି ଜଟିଳତା ବିନା ଉଚ୍ଚ ରକ୍ତଚାପ ୧୪୦/୯୦ ଏମ୍ଏମ୍ଏଚ୍‌ଜି ସ୍ଥିରୀକୃତ ହୋଇଥିବାବେଳେ ମଧୁମେହ ସମସ୍ୟା କିମ୍ବା କ୍ରନିକ ବୃକକ୍ ସମସ୍ୟା କ୍ଷେତ୍ରରେ ଏହା ୧୩୦/୮୦ ଏମ୍ଏମ୍ଏଚ୍‌ଜିରୁ କମ୍ ସ୍ଥିରୀକୃତ ହୋଇଥାଏ। ଆନ୍ତର୍ଜାତିକ ଏବଂ କାନାଡିଆନ ନିର୍ଦ୍ଦେଶାବଳୀ ଦ୍ୱାରା ଏହି କଟ ଅଫ ମୂଲ୍ୟଗୁଡ଼ିକ ସୁପାରିସ କରାଯାଇଛି।

ଉଚ୍ଚ ରକ୍ତଚାପ କୌଣସି ଲକ୍ଷଣ ପ୍ରକାଶ ନ କରି ଶରୀରର ବହୁ କ୍ଷତି କରିଥାଏ। ତେଣୁ ଏହାକୁ ସାଇଲେଣ୍ଟ କୁହାଯାଇଥାଏ।

ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥିବାବେଳେ ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ୍ ହେଉଛି "ତୁମର ରକ୍ତଚାପକୁ ଠିକ ଭାବରେ ମାପ, ଏହାକୁ ନିୟନ୍ତ୍ରଣ କର, ଦୀର୍ଘଦିନ ବଞ୍ଚ"(ମେଜର ୟୋର ବ୍ଲଡ ପ୍ରେସର ଆକ୍ୟୁରେଟଲି, କଣ୍ଟ୍ରୋଲ ଇଟ, ଲିଭ ଲଙ୍ଗର)। ଏହି ଦିବସ ଉଚ୍ଚ ରକ୍ତଚାପ ସମ୍ପର୍କରେ ସାରା ବିଶ୍ୱରେ ନିମ୍ନ ସଚେତନତା ହାରର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

# ପୃଥିବୀକୁ ଛୋଟ କରିଛି ଟେଲି ଯୋଗାଯୋଗ

## ବିଶ୍ୱ ଟେଲି ଯୋଗାଯୋଗ ଦିବସ



ପ୍ରତିବର୍ଷ ମେ ୧୭ରେ ବିଶ୍ୱ ଟେଲି ଯୋଗାଯୋଗ ଦିବସ ପାଳନ କରାଯାଇଥାଏ। ୨୦୦୬ରେ ତୁର୍କୀର ଆଣ୍ଟାଲିଆରେ ଚାଲିଥିବା ଅନ୍ତର୍ଜାତୀୟ ଟେଲି କମ୍ୟୁନିକେଶନ ୟୁନିୟନର ବିଶ୍ୱସ୍ତରୀୟ ସମ୍ମିଳନୀ ଦ୍ୱାରା ପ୍ରତିବର୍ଷ ଏହି ଦିବସ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଏହି ଦିବସ ୧୭ ମେ ୧୮୬୫ରେ ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ୟୁନିୟନର ପ୍ରତିଷ୍ଠାକୁ ସ୍ମରଣ କରିବା ପାଇଁ ପାଳନ କରାଯାଇଥାଏ। ସାମାଜିକ ପରିବର୍ତ୍ତନ ଆଣିବାରେ ଟେକ୍ନୋଲୋଜିର ଅବଦାନକୁ ଆଲୋକିତ କରିବା ପାଇଁ ୧୯୬୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଟେଲି ଯୋଗାଯୋଗ ଦିବସ ପାଳନ ଲାଗି ପ୍ରସ୍ତାବ ଅଣାଯାଇଥିଲା। ୧୯୭୩ ରେ ମାଲାଗା-ଟୋରେମୋଲିନୋସରେ ସର୍ବଦଳୀୟ ସମ୍ମିଳନୀ ଦ୍ୱାରା ଏନେଇ ପ୍ରସ୍ତାବ ଆଗତ ହୋଇଥିଲା। ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଇଣ୍ଟରନେଟ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସାମାଜିକ ପରିବର୍ତ୍ତନ ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବା। ଏହା ମଧ୍ୟ ଡିଜିଟାଲ ବିଭାଜନକୁ ହ୍ରାସ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଥାଏ।ଇଣ୍ଟରନେଟ ତଥା ଅନ୍ୟାନ୍ୟ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି)ର ବ୍ୟବହାର ସମାଜ ତଥା ଅର୍ଥନୀତିରେ ବିକାଶ ଆଣିବା ସହିତ ଡିଜିଟାଲ ବିଭେଦ ଦୂର କରିବାର ଉପାୟ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରୋତ୍ସାହିତ କରିଥାଏ। ୧୭ ମେ'ରେ ପ୍ରଥମ ଅନ୍ତର୍ଜାତୀୟ ଟେଲିଗ୍ରାଫ ସମ୍ମିଳନୀ ସ୍ୱାକ୍ଷର ଏବଂ ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ୟୁନିୟନ (ଆଇଟିୟୁ)ର ବାର୍ଷିକୀ ପାଳନକୁ ଏହି ଦିବସ ମଧ୍ୟ ସ୍ମରଣ କରିଥାଏ। ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଶ୍ୱ ଟେଲି ଯୋଗାଯୋଗ ଦିବସ ଗତ କିଛି ଦଶନ୍ଧିର ବୈଷୟିକ ସଫଳତାକୁ ବିକଶିତ କରିଛି।

ପ୍ରତିବର୍ଷ ଏହି ଦିବସ ଏକ ନୂତନ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବିଷୟବସ୍ତୁ ହେଉଛି ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସର୍ବନିମ୍ନ ବିକଶିତ ଦେଶକୁ ସଶକ୍ତ କରିବା(ଏମ୍ପାୱାରିଂ ଦି ଲିଷ୍ଟ ଡେଭଲପଡ୍ କଣ୍ଟ୍ରିଜ୍ ଥ୍ରୁ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜିସ୍)। ଏହି ଦିବସ ପାଳନ ଅବସରରେ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ କମ୍ପାନୀ ଏବଂ ଲୋକଙ୍କୁ ବିଶ୍ୱସ୍ତରୀୟ ସଂଯୋଗ ଏବଂ ଡିଜିଟାଲ ରୂପାନ୍ତରଣକୁ ପ୍ରୋତ୍ସାହିତ କରିଥାଏ।

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ କ୍ଷୁଦ୍ର ଚର୍ମ କର୍କଟ

**ୱାଶିଂଟନ୍:** ପୋର୍ଟଲ୍ୟାଣ୍ଡର ଓରିଗନ ହେଲ୍‌ଥ ଅଫ୍ ସାଇନ୍ସ ୟୁନିଭର୍ସିଟିର ଡାକ୍ତର ଆଲେକ୍‌ଜାଣ୍ଡର ୱିଟ୍‌କୋକସ୍କି ଏବଂ ତାଙ୍କର କିଛି ସହଯୋଗୀ ନିକଟରେ ଏକ କ୍ଷୁଦ୍ର ଚର୍ମ କର୍କଟ ରୋଗୀ ଚିହ୍ନଟ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହାର ବ୍ୟାସ ହେଉଛି ୦.୬୫ ମିମି ବା ୦.୦୨୫ ଇଞ୍ଚ। ଏହି ମେଲାନୋମା ନାମକ ଚର୍ମ କର୍କଟ ଅତ୍ୟନ୍ତ ମାରାତ୍ମକ, ଯାହାକୁ ଅତ୍ୟାଧୁନିକ ଅଣଆକ୍ରମଣକାରୀ ଇମେଜିଂ ଟେକ୍ନୋଲୋଜି ବ୍ୟବହାର କରି ଦଳଗତ ଭାବେ ଏହାକୁ ଆବିଷ୍କାର କରି ମେ' ପହିଲାରେ ଏହି ରେକର୍ଡ କରିଛନ୍ତି। କିଛି ଦିନ ତଳେ ଖ୍ରୀଷ୍ଟି ଷ୍ଟାଟ୍‌ସ ନାମ୍ନୀ ଜଣେ ମହିଳା ତାଙ୍କ ମୁହଁରେ ହୋଇଥିବା ନାଲି ଦାଗ ଦେଖାଇବାକୁ ସ୍କିନ ସ୍ପେଶାଲିଷ୍ଟଙ୍କ ପାଖକୁ ଆସିଥିଲେ। ଡାକ୍ତର ତାଙ୍କର ପରୀକ୍ଷା କରାଇବାବେଳେ ଡାହାଣ ପଟ ଗାଲରେ ଅନ୍ୟ ଏକ ଦାଗ ଦେଖିବାକୁ ପାଇଥିଲେ, ଯାହା ମଣିଷଙ୍କ ଆଖିକୁ ସହଜରେ ଦେଖାଯାଇ ନ ଥାଏ। ଏହା ଏକ ମେଲାନୋମା ବୋଲି ଜଣାପଡିଥିଲା। ଚର୍ମର ପିଗ୍‌ମେଣ୍ଟ ଉତ୍ପାଦନକାରୀ କୋଷଗୁଡ଼ିକରେ ମେଲୋନୋମା ବିକଶିତ ହୋଇଥାଏ। ଚର୍ମ କର୍କଟର ଏହା ଏକ ମାରାତ୍ମକ ରୂପ। ଏପରି ଚର୍ମ କର୍କଟ ଥିବା ରୋଗୀଙ୍କ ସଂଖ୍ୟା ବହୁତ କମ୍ ବୋଲି ଡାକ୍ତର କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଏହି ମେଲାନୋମା କର୍କଟର ମାତ୍ରା ବୃଦ୍ଧି ପାଇଛି, ଯାହାକି ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣି ରଶ୍ମି ପ୍ରଭାବରେ ହେଉଛି ବୋଲି ଜଣାପଡିଛି।



# ସ୍ୱାମୀଙ୍କ ନାମରେ ମିଛ କହି ଧରାପଡ଼ିଲେ ପ୍ରିୟଙ୍କା



ମୁମ୍ବାଇ

ମୋଷ୍ଟ ପପୁଲାର ଅଭିନେତ୍ରୀ ଭାବେ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ସେ ବଲିଉଡ୍ ପରେ ଏବେ ହଲିଉଡ୍‌ରେ କାମ କରୁଛନ୍ତି। ସେ ଏବେ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହ ଫିଲ୍ମ 'ଲଭ୍ ଏଗେନ୍'ରେ ନଜରକୁ ଆସିଥିଲେ। ନିକ୍ ଜଣେ ଅଦ୍ଭୁତ ଅଭିନେତା ବୋଲି ମିଛ କହି ଲାଏ ଡିଟେକ୍ଟରରେ ସେ ଧରାପଡିଛନ୍ତି। ପ୍ରିୟଙ୍କା ନିକଟରେ ଏକ ସାକ୍ଷାତ୍‌କାର ଦେଉଥିଲେ। ସେଥିରେ ତାଙ୍କୁ ତାଙ୍କ ସ୍ୱାମୀ କେମିତି ଅଭିନେତା ବୋଲି ପଚରା ଯାଇଥିଲା। ନିକ୍ ଜଣେ ଅଦ୍ଭୁତ ଅଭିନେତା ବୋଲି ପ୍ରିୟଙ୍କା କହିଥିଲେ। କିନ୍ତୁ ସେ ଏପରି କହି ଲାଏ ଡିଟେକ୍ଟର ମେଶିନ ଜରିଆରେ ଧରାପଡିଥିଲେ। ତେବେ ନିକ୍ ଏବଂ ପ୍ରିୟଙ୍କା ୨୦୧୮ରେ ସ୍ୱାମୀ-ସ୍ତ୍ରୀ ହୋଇଥିଲେ। ସେମାନଙ୍କର ଏକ ଝିଅ ରହିଛି। ପ୍ରିୟଙ୍କା ବର୍ତ୍ତମାନ ଭଉଣୀ ପରିଣୀତି ଚୋପ୍ରାଙ୍କ ଏନ୍‌ଗେଜମେଣ୍ଟରେ ଯୋଗ ଦେବାକୁ ଆସି ଭାରତରେ ଅଛନ୍ତି। ଆଗକୁ ପ୍ରିୟଙ୍କାଙ୍କ ଏକ ଇଂଲିଶ ଫିଲ୍ମ 'ହେଡ୍‌ସ ଅଫ୍ ଷ୍ଟେଟ' ଆସିବାକୁ ଯାଉଛି।

# ମା'ଙ୍କୁ ଗିଫ୍ଟ କଲେ ନିଜ ଚୁଟିରେ ପ୍ରସ୍ତୁତ ୱିଗ୍

**ୱାଶିଂଟନ୍:** ମାତୃ ଦିବସରେ ଅନେକେ ତାଙ୍କ ମା'ଙ୍କୁ ଖୁସି କରାଇବା ପାଇଁ ବିଭିନ୍ନ ପ୍ରକାରର ଗିଫ୍ଟ ଦେଇଥା'ନ୍ତି। ହେଲେ ନିକଟରେ ଜଣେ ବ୍ୟକ୍ତି ମାତୃଦିବସରେ ତାଙ୍କ ମା'ଙ୍କୁ ଏପରି ଏକ ଗିଫ୍ଟ ଦେଇଛନ୍ତି, ଯେଉଁଥିପାଇଁ ସେ ଏବେ ଚର୍ଚ୍ଚାରେ। ଆମେରିକାର ଏରିଜୋନାର ବାସିନ୍ଦା ୬୧ ବର୍ଷୀୟା ମେଲାନୀ ଶାହାଙ୍କ ପିଟ୍ୟୁଟାରୀ ଗ୍ଲାଣ୍ଡରେ ଟ୍ୟୁମର ହୋଇଥିବା ଡାକ୍ତର କହିଥିଲେ। ଡାକ୍ତର ତାଙ୍କର ଏହି ଟ୍ୟୁମରର ଚିକିତ୍ସା କରିଥିଲେ ମଧ୍ୟ କିଛି ମାସ ପରେ ତାହା ପୁଣି ଥରେ ଦେଖିବାକୁ ମିଳିଥିଲା। ଡାକ୍ତର ପୁଣି ତାଙ୍କ ଚିକିତ୍ସା କରିଥିଲେ। ଏହି ଚିକିତ୍ସାରେ ମେଲାନୀଙ୍କ ମନୋବଳ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡର ସମସ୍ତ ଚୁଟି ମଧ୍ୟ ଉପୁଡ଼ିଗଲା। ସେ କେବେ ବି ନିଜକୁ ରୋଗିଣା ଦେଖାଯିବାକୁ ଚାହୁଁ ନ ଥିଲେ। ମେଲାନୀଙ୍କ ୨୭ ବର୍ଷୀୟ ପୁଅ ମେଟ ଶାହାଙ୍କୁ ତାଙ୍କ ମା'ଙ୍କ ଏପରି ଅବସ୍ଥା ଦେଖି ବହୁତ କଷ୍ଟ ହେଉଥିଲା। ସେଥିପାଇଁ ସେ ଏକ ଉପାୟ ଚିନ୍ତା କଲେ। ସେ ୨ ବର୍ଷ ଧରି ନିଜ ଚୁଟି ନ କାଟି ତାକୁ ବଢ଼ାଇଲେ। ଏହି ୨ ବର୍ଷ ମଧ୍ୟରେ ତାଙ୍କ ଚୁଟି ୧୨ ଇଞ୍ଚ ବଢ଼ିଯାଇଥିଲା। ପରେ ସେ ତାଙ୍କ ଚୁଟିକୁ କାଟି ଏକ ଶୋ'ରୁମ୍‌କୁ ୱିଗ୍ ତିଆରି କରିବାକୁ ଦେଲେ। ସେହି ୱିଗ୍‌ର ମୂଲ୍ୟ ୨୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ ଲକ୍ଷ ୬୪ ହଜାର ଟଙ୍କା ହେବ। ଉକ୍ତ ୱିଗ୍‌କୁ ମେଟ୍ ତାଙ୍କ ମା'ଙ୍କୁ ଗିଫ୍ଟ ଆକାରରେ ଦେଇଥିଲେ, ଯାହା ତାଙ୍କ ମା' ମେଲାନୀଙ୍କୁ ବେଶ ପସନ୍ଦ ଆସିଥିବା ସେ କହିଥିଲେ।




CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
GST 5%
For Booking Contact
0674-2580385
8637280816,
7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

# Classified Everyday
0674-2580101, 2549949


MATRIMONIAL

BRIDE WANTED

51 ବୟସ୍କ ନିଃସନ୍ତାନ Central Govt. ଚାକିରିଆ ଏକାକୀ ରହୁଥିବା Cuttack ବାସିନ୍ଦା ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0349


REAL ESTATE

SALE

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862




Dubai Family Group Tour package from Bhubaneswar. Duration- 5 nights/ 6days, on 20th September 2023. TourIn Travels. com, Ravi Talkies, Bhubaneswar. Contact No.- 8637265524, 9861484950. D-74705




All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Relax, Refresh your body, Mind at Saikrupa Spa with best therapies. 8984068077. D-0282

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Full body massage in homely atmosphere in all therapy. Mob: 8114881641. D-73430

All types of professional body massage by professional therapy. Contact: 9556924059, 7077933109. D-0332

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Newly open SPA Positively health benefit with expert. Contact: 7749976301. D-74543

Newly open health benefits SPA special offer @ 799 Jaydev Vihar. 8018429809. D-75106

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

I, Basanti Kumari Satapathy, W/o Gupta Prasad Satapathy resident of Flat No. 508, Block E, Falcon Residency, KIIT Square, Patia, Bhubaneswar-751024 declare by this affidavit No.- CF-98, dated 15.05.23, that now onwards, I shall be known as Basanti Satapathy for all future purposes. D-0371

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଆଦିତ୍ୟ ନାରାୟଣ ମହାପାତ୍ର
(୧୫୬୪/୧୬୦୧, ଲେନ୍ ୯, ଏରୋଡ୍ରୋମ ଏରିଆ, ଭୁବନେଶ୍ୱର (ex SBI)
ଏକାଦଶାହ: ୧୮।୦୫।୨୦୨୩ ଗୁରୁବାର
ଆବିର୍ଭାବ: ୦୧।୦୮।୧୯୫୩
ତିରୋଧାନ: ୦୮।୦୫।୨୦୨୩
ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିପ୍ରା, ସନ୍ଦୀପ, ଅଧୀପ ଓ ଅନ୍ୟ ଶୋକାକୁଳ ପରିବାରବର୍ଗ ।
ଧ-୦୩୬୯


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଡାଲୁଅ ଧାନରେ ପୋକ ଦମନ



**ଡା**ଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଲାଭଜନକ ପନିପରିବା

**ଖ**ରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ। ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ ହୋଇଯାଇଥାଏ। ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୁଜ ପାଚିଲା ପରେ ତୋଳନ୍ତୁ। ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।



## କିପରି କାଟିବେ ଆଖୁ ଗଛ

**ଆ**ଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଭଲ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଧାଡ଼ି ମଧରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ମିଲେଟ୍ ଚାଷ





ପ୍ର. ସୁବୋଧ କୁମାର ସାହୁ

**କ୍ଷୁ**ଦ୍ର ମଞ୍ଜି ଥିବା ମିଲେଟ୍ ଏକ ଶସ୍ୟଜାତୀୟ ଫସଲ। ଏହା ଚାଉଳ ଓ ଗହମ ପରି ଆମର ମୁଖ୍ୟ ଖାଦ୍ୟ ନ ହେଲେ ବି ମିଲେଟ୍‌ର ଖାଦ୍ୟ ଉପଯୋଗିତା ଯଥେଷ୍ଟ ଅଛି। ଚାଉଳ ଓ ଗହମରେ ପୁଷ୍ଟିସାର ଏବଂ ଚିନି ଜାତୀୟ ପଦାର୍ଥ କିଛି ମାତ୍ରାରେ ଅଧିକ ଥିବାବେଳେ ମିଲେଟ୍‌ରେ ପୁଷ୍ଟିସାର, ଜୀବସାର, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଲୌହ ଏବଂ ଅନ୍ୟାନ୍ୟ ଧାତବ ଲବଣ ଭରପୂର ଥାଏ। ମିଲେଟ୍‌ରେ ଶ୍ୱେତସାର ଏବଂ ସ୍ନେହସାର ଜାତୀୟ ଖାଦ୍ୟ କମ୍ ପରିମାଣରେ ଥାଏ। ତେଣୁ ଏଥିରୁ ପ୍ରସ୍ତୁତ ଖାଦ୍ୟ ମଧୁମେହ, ରକ୍ତହୀନତା ଏବଂ ହୃଦ୍‌ରୋଗୀଙ୍କ ପାଇଁ ବିଶେଷ ଉପଯୋଗୀ। ମିଲେଟ୍ ମଞ୍ଜିରୁ ପ୍ରସ୍ତୁତ ଛତୁଆରୁ ଚକୁଳି, ରୁଟି, ଜାଉ, ଖିରି, ବିସ୍କୁଟ୍ ଆଦି ଉପାଦେୟ ଖାଦ୍ୟ ପ୍ରସ୍ତୁତ ହୋଇପାରେ। ପୂର୍ବରୁ ମିଲେଟ୍ ଆଦିବାସୀଙ୍କର ମୁଖ୍ୟ ଖାଦ୍ୟ ଥିଲା। ତେଣୁ ଏହାର ଚାଷ କେବଳ ଆଦିବାସୀଙ୍କ ମଧ୍ୟରେ ସୀମିତ ଥିଲା। ପ୍ରାୟ ୬ ହଜାର ବର୍ଷ ପୂର୍ବେ ଆଫ୍ରିକା ମହାଦେଶରେ ମିଲେଟ୍ ଚାଷ ହେଉଥିବାର ସୂଚନା ମିଳେ। ବର୍ତ୍ତମାନ ମିଲେଟ୍ ଭାରତ ସମେତ ଏସିଆ ମହାଦେଶର ଅନ୍ୟାନ୍ୟ ଦେଶ ଯଥା ଚାଇନା, ଜାପାନ, କୋରିଆ, ମାଲେସିଆ, ଇଣ୍ଡୋନେସିଆ ଏବଂ କାମ୍ବୋଡିଆରେ ବହୁଳ ଭାବେ ଚାଷ କରାଯାଉଛି। ବିଶ୍ୱ ଖାଦ୍ୟ ସଂସ୍ଥା ମିଲେଟ୍‌ର ଗୁରୁତ୍ୱ ବୁଝି ଚଳିତ ବର୍ଷକୁ 'ଅନ୍ତର୍ଜାତୀୟ ମିଲେଟ୍ ବର୍ଷ' ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମିଲେଟ୍ ଫସଲ ଢିପ,ପାହାଡ଼ିଆ, ଗଡ଼ାଣି କିସମ ଜମିର ଅନୁର୍ବର ମାଟିରେ ମଧ୍ୟ ବଢ଼ିପାରେ। ଅନ୍ୟ ଶସ୍ୟଜାତୀୟ ଫସଲ ଅଧିକ ଯତ୍ନଶୀଳ ଏବଂ ବ୍ୟୟବହୁଳ ହୋଇଥିବା ବେଳେ ମିଲେଟ୍ କମ୍ ଯତ୍ନ ଏବଂ ସ୍ୱଳ୍ପ ବ୍ୟୟରେ ଚାଷ ହୋଇପାରେ। ଏହା ମରୁଡ଼ି ଏବଂ ଉତ୍ତାପ ସହନୀୟ ଫସଲ। ମିଲେଟ୍ ଚାଷ ପାଇଁ ଜଳର ଆବଶ୍ୟକତା ଯଥେଷ୍ଟ କମ୍। ମାଟିର କୌଶିକ ଜଳରେ ଏହି ଫସଲ ବଢ଼ିପାରେ। ଉକ୍ତ ଫସଲ ଠିଆ ପାଣି ଆବଶ୍ୟକ କରେ ନାହିଁ। ଝାଉଁଳା ସୂଚକ ଜଳ ଥିବା ମାଟିରେ ଉକ୍ତ ଫସଲ ଏକ ସପ୍ତାହ ପର୍ଯ୍ୟନ୍ତ ସତେଜ ହୋଇ

> "ମିଲେଟ୍ ଫସଲ ଢିପ,ପାହାଡ଼ିଆ, ଗଡ଼ାଣି କିସମ ଜମିର ଅନୁର୍ବର ମାଟିରେ ମଧ୍ୟ ବଢ଼ିପାରେ। ଅନ୍ୟ ଶସ୍ୟଜାତୀୟ ଫସଲ ଅଧିକ ଯତ୍ନଶୀଳ ଏବଂ ବ୍ୟୟବହୁଳ ହୋଇଥିବା ବେଳେ ମିଲେଟ୍ କମ୍ ଯତ୍ନ ଏବଂ ସ୍ୱଳ୍ପ ବ୍ୟୟରେ ଚାଷ ହୋଇପାରେ। ଏହା ମରୁଡ଼ି ଏବଂ ଉତ୍ତାପ ସହନୀୟ ଫସଲ। ମିଲେଟ୍ ଚାଷ ପାଇଁ ଜଳର ଆବଶ୍ୟକତା ଯଥେଷ୍ଟ କମ୍। ମାଟିର କୌଶିକ ଜଳରେ ଏହି ଫସଲ ବଢ଼ିପାରେ। ଉକ୍ତ ଫସଲ ଠିଆ ପାଣି ଆବଶ୍ୟକ କରେନାହିଁ। ଝାଉଁଳା ସୂଚକ ଜଳ ଥିବା ମାଟିରେ ଉକ୍ତ ଫସଲ ଏକ ସପ୍ତାହ ପର୍ଯ୍ୟନ୍ତ ସତେଜ ହୋଇ ବଞ୍ଚିପାରେ।"

ବଞ୍ଚିପାରେ। ମାଟିର ଜୈବ ଅଙ୍ଗାର ସ୍ୱଳ୍ପରୁ ମଧ୍ୟମ ରହିଲେ ସୁଦ୍ଧା ଅମଳରେ ବାଧା ଆସେ ନାହିଁ। ଉକ୍ତ ଫସଲର ଚେର ସୂକ୍ଷ୍ମରୁ ସୂକ୍ଷ୍ମତର ଏବଂ ସ୍ୱଳ୍ପ ଗୋଛାଳିଆ। ତେଣୁ ମାଟିର କର୍ଦ୍ଦମରେ ଥିବା ସୂକ୍ଷ୍ମ ଛିଦ୍ର ମଧ୍ୟସ୍ଥ ଜଳ ଅଣୁକୁ ସହଜରେ ଶୋଷିପାରେ। ଅମ୍ଳ କିସମ ମାଟିରେ ଥିବା ଅଦ୍ରବଣୀୟ ଫସ୍‌ଫରସ୍‌କୁ ସୂକ୍ଷ୍ମ ଚେର ଦ୍ୱାରା ଗ୍ରହଣ କରିପାରେ। କାରଣ ଚେରରୁ ସୃଷ୍ଟି ଜୈବ ଅମ୍ଳ ମାଟିରେ ବାନ୍ଧି ହୋଇଥିବା ଫସ୍‌ଫରସ୍‌କୁ ଦ୍ରବୀଭୂତକରି ଫସଲର ଆବଶ୍ୟକତା ମେଣ୍ଟାଏ। ମିଲେଟ୍ ଫସଲ ପାଇଁ ପୋଟାସିୟମର ଆବଶ୍ୟକତା କମ୍। କେବଳ ମିଲେଟ୍‌ର ସରୁ କାଣ୍ଡକୁ ସିଧା ଧରି ରଖିବା ପାଇଁ ଯେଉଁ ପଟାସିୟମ ଦରକାର ତାହା ଚେରର ଆୟନ ବିନିମୟ ଦ୍ୱାରା ମାଟିରୁ ସଂଗ୍ରହ କରିଥାଏ। ତେଣୁ ମିଲେଟ୍ ଫସଲ ସ୍ୱଳ୍ପ ପରିମାଣର ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସିୟମ ଖାଦ୍ୟ ଆବଶ୍ୟକ କରିଥାଏ।

ମିଲେଟ୍‌ର ଏକ ବିଶେଷତ୍ୱ ହେଉଛି ଯେ ଉକ୍ତ ଫସଲରେ ଅନ୍ୟ ଫସଲ ପରି ରୋଗ ଓ ପୋକ ଆକ୍ରମଣର ପ୍ରାଦୁର୍ଭାବ ନାହିଁ। ତେଣୁ ରୋଗ ପୋକ ନିରୋଧକ କୌଣସି ରାସାୟନିକ ଦ୍ରବ୍ୟ ପ୍ରୟୋଗର ଆବଶ୍ୟକ ହୁଏ ନାହିଁ। କେବଳ ଅନାବନା ଘାସ ମିଲେଟ୍ ଫସଲର ପ୍ରଧାନ ଶତ୍ରୁ। ଘାସ, ମାଟିରେ ଥିବା ଜଳ ଏବଂ ଖାଦ୍ୟ ପାଇଁ ପ୍ରତିଯୋଗିତା କରି ଫସଲର ଅମଳ କମାଇଦିଏ। ତେଣୁ ଅନାବନା ଘାସକୁ ନିୟନ୍ତ୍ରଣ ପାଇଁ ରାସାୟନିକ ଦ୍ରବ୍ୟ ପ୍ରୟୋଗ ନ କରି ଯାନ୍ତ୍ରିକ କିମ୍ବା ନିଜ ଶ୍ରମ ଦ୍ୱାରା ନିୟନ୍ତ୍ରଣ କରିହେବ। ସବୁ ଦୃଷ୍ଟିରୁ ମିଲେଟ୍ ଏକ ପ୍ରଦୂଷଣବିହୀନ ଶସ୍ୟ।

ମିଲେଟ୍‌ର ଅନ୍ୟ ଏକ ବିଶେଷତ୍ୱ ଏହି ଯେ, ଉକ୍ତ ଫସଲ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ ପ୍ରଚୁର ସୂର୍ଯ୍ୟାଲୋକ ଏବଂ ଅଙ୍ଗାରକାମ୍ଳ ବାଷ୍ପ ଆବଶ୍ୟକ କରେ। ସୂର୍ଯ୍ୟାଲୋକ ପାଇ ମିଲେଟ୍‌ର ପତ୍ରରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପକୁ ମିଲେଟ୍ ବାୟୁମଣ୍ଡଳକୁ ନ ଛାଡ଼ି ପତ୍ରରେ ଶୋଷି ହୋଇ ରହି ଶେତ୍‌ସାର ଖାଦ୍ୟ ପ୍ରସ୍ତୁତ କରେ। ତେଣୁ ମିଲେଟ୍ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ଅଧିକ ସକ୍ରିୟ। ସେଥିପାଇଁ ମିଲେଟ୍‌କୁ ଇଂରାଜୀରେ 'C-4' ଉଦ୍ଭିଦ କୁହାଯାଏ। ମିଲେଟ୍ ୨ ପ୍ରକାର। ପ୍ରଥମଟିକୁ ଗୁରୁ ବା ମୁଖ୍ୟ ମିଲେଟ୍ କୁହାଯାଏ। ମାଣ୍ଡିଆ, ବାଜରା ଏବଂ ଜୁଆର ମୁଖ୍ୟ ମିଲେଟ୍। କାରଣ ଏହାର ଦାନାଗୁଡିକ ସ୍ୱଳ୍ପ ବଡ଼ ଅର୍ଥାତ୍ ଏକ ହଜାର ଦାନାର ଓଜନ ପ୍ରାୟ ୩ ରୁ ୫ ଗ୍ରାମ ଏବଂ ଏହା ୯୦ ରୁ ୧୦୦ ଦିନରେ ଅମଳ ହୋଇ ଏକର ପ୍ରତି ୫ରୁ ୬ କୁଇଣ୍ଟାଲ ମିଳେ। ଦ୍ୱିତୀୟ ପ୍ରକାର ମିଲେଟ୍‌କୁ ଲଘୁ ବା କ୍ଷୁଦ୍ର ମିଲେଟ୍ କୁହାଯାଏ। ସୁଆଁ, ଗୁଲଜି, କୋଦ, କାଙ୍ଗୁ ଏବଂ ଚିନା ଆଦି କ୍ଷୁଦ୍ର ମିଲେଟ୍। ଏକ ହଜାର କ୍ଷୁଦ୍ର ମିଲେଟ୍‌ର ଓଜନ ପ୍ରାୟ ୧ ରୁ ୨ ଗ୍ରାମ। କ୍ଷୁଦ୍ର ମିଲେଟ୍ ୮୦ ରୁ ୯୦ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇ ଏକରକୁ ୨ ରୁ ୩ କୁଇଣ୍ଟାଲ ମଞ୍ଜି ମିଳେ।

ବର୍ତ୍ତମାନ ମିଲେଟ୍ ଉପରେ ଗବେଷଣାକରି କୃଷି ବୈଜ୍ଞାନିକମାନେ କେତେକ ଉନ୍ନତ ତଥା ଅଧିକ ଅମଳକ୍ଷମ ବିହନ କିସମ ନିର୍ଣ୍ଣୟ କରିଛନ୍ତି। ଉକ୍ତ ମିଲେଟ୍ ସ୍ଥାନୀୟ କିସମ ଠାରୁ ଅଧିକ ଖାଦ୍ୟସାର ଆବଶ୍ୟକ କରି ଅଧିକ ଅମଳ ଦିଅନ୍ତି। ଉନ୍ନତ କିସମ ମିଲେଟ୍ ରାସାୟନିକ ସାର ପ୍ରୟୋଗ ଦ୍ୱାରା ସ୍ଥାନୀୟ କିସମଠାରୁ ଦେଢ଼ରୁ ୨ ଗୁଣ ଅମଳ ଦିଅନ୍ତି। ଏକର ପ୍ରତି ମୁଖ୍ୟ ମିଲେଟ୍ ୪ ରୁ ୫ କି.ଗ୍ରା. ବିହନ ଆବଶ୍ୟକ ହେଉଥିବା ବେଳେ କ୍ଷୁଦ୍ର ମିଲେଟ୍ ଏକର ପ୍ରତି ୨ ରୁ ୩ କି.ଗ୍ରା. ବିହନ ଆବଶ୍ୟକ ହୁଏ। ମୁଖ୍ୟ ମିଲେଟ୍ ଏକର ପ୍ରତି ୬ ରୁ ୮ କିଲୋ ଯବକ୍ଷାରଯାନ ସହ ଫସ୍‌ଫେଟ୍ ଓ ଏବଂ ପଟାସ୍ ପ୍ରତ୍ୟେକରୁ ୩ ରୁ ୪ କି.ଗ୍ରା. ଆବଶ୍ୟକ। ଉନ୍ନତ କିସମ କ୍ଷୁଦ୍ର ମିଲେଟ୍ ଏକର ପ୍ରତି ୪ କିଲୋ ଯବକ୍ଷାରଯାନ ସହିତ ଫସ୍‌ଫେଟ୍ ଓ ପଟାସ୍ ପ୍ରତ୍ୟେକରୁ ୨ କିଲୋ ଆବଶ୍ୟକ କରନ୍ତି। ରାସାୟନିକ ସାର ସହ ଏକରକୁ ୨ ଟନ୍ ଗୋବର ଖତ ପ୍ରୟୋଗକଲେ ମିଲେଟ୍ ଅମଳ ବଢ଼ିବା ସହ ମାଟିର ଉର୍ବରତା ଅକ୍ଷୁଣ୍ଣ ରହେ। ମିଲେଟ୍ ଏକ ଉପାଦେୟ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ। ଉକ୍ତ ଫସଲ ଚାଷର ଅଧିକ ପ୍ରଚାର ଏବଂ ପ୍ରସାର ପାଇଁ କୃଷି ବିଭାଗ ସଚେତନ ହେବା ଆବଶ୍ୟକ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୨୦୮୫

# ଖରାଦିନେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)



**ଗୋ-ଖାଦ୍ୟର ବିକଳ୍ପ ବ୍ୟବସ୍ଥା :** ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ। ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା - ସୁବାବୁଲ ପତ୍ର, ଅଶ୍ୱତ୍ଥ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଗୋରୁଙ୍କୁ ଖୁଆଇବା ଦରକାର। ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି। ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ। ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି। ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ। ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲସିୟମ୍ ସହ ମିଶି କ୍ୟାଲ୍‌ସିୟମ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। ଫଳରେ ଗୋରୁଙ୍କ ହାଡ଼ ଦୁର୍ବଳ ହୋଇ ହାଡୁଆ ପରି ଦିଶେ। ତେଣୁ ଏହି ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକ ମାନ ବଢ଼ାଇବା ପାଇଁ ୨ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ।

**ପ୍ରଥମ ପ୍ରଣାଳୀ :** ନଡ଼ାକୁ ୩-୫ ସେ.ମି. ଲମ୍ବର ଚାଫ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖିବା ତା'ପରେ ଏହି ନଡ଼ାଖଣ୍ଡକୁ ପାଣିରୁ ଛାଣି ୨ ଘଣ୍ଟା ଶୁଖାଇବା ପରେ ମକାଗୁଣ୍ଡ, ମିନେରାଲ୍ ମିକ୍ସ କରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ନଡ଼ା ଧୋଇ ଖାଇବାକୁ ଦେବା ଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ ନଡ଼ାରୁ ମଇଳା ବାହାରିଯାଇଥାଏ ଏବଂ ଅଧିକ ନଷ୍ଟ ହୋଇ ନ ଥାଏ।

**ଦ୍ୱିତୀୟ ପ୍ରଣାଳୀ :** ୟୁରିଆ ମିଶ୍ରିତ ନଡ଼ା ଉପଚାର। ଏଥିଲାଗି ଆବଶ୍ୟକ ଉପାଦାନଗୁଡିକ ହେଲା-ୟୁରିଆ ସାର ୪କି.ଗ୍ରା., ପରିଷ୍କାର ପାଣି ୫୦ଲିଟର, ନଡ଼ା କଟାଖଣ୍ଡ ୪-୫ସେ.ମି.ଲମ୍ବ ୧୦୦କେ.ଜି.।

**ପ୍ରସ୍ତୁତି :** ପ୍ରଥମେ ଏକ ପାତ୍ରରେ ୪କି.ଗ୍ରା. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରନ୍ତୁ। ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ। ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ। ଗୋଡ଼ ଦ୍ୱାରା ନଡ଼ା ଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ। ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନ ଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧକରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ରଖାଯାଇଥାଏ।

**ସାବଧାନତା :** ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ। ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ। ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପି ରଖନ୍ତୁ। ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନ ଦ୍ୱାରା ନିବୁଜ ରଖନ୍ତୁ।

ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକ୍ରିୟା ଘଟିବା ପରେ ନଡ଼ାର ଗୁଣାତ୍ମକମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ। ପ୍ରକୃତରେ ଖାଲି ନଡ଼ାରେ ସୁପଚ୍ୟ ପୁଷ୍ଟିସାର ୦% ଏବଂ ସମୁଦାୟ ସୁପଚ୍ୟ ଶ୍ୱେତସାର ୩୮-୪୦% ଥାଏ। କିନ୍ତୁ ୟୁରିଆ ଉପଚାର ନଡ଼ାରେ ଏହା ବୃଦ୍ଧି ପାଇଁ ସୁପଚ୍ୟ ପୁଷ୍ଟିସାର ୪-୫% ଏବଂ ସମୁଦାୟ ଶ୍ୱେତସାର ୫୦% ହୋଇଥାଏ ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲ୍‌ବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି। ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଜରୁରୀ। ତେଣୁ ବାଛୁରୀକୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।

**-ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଅଦା-ହଳଦୀ ଚାଷ



**ବ**ର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ। ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା। ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମ ଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର। ୧ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ। ଅତିକମ୍‌ରେ ଲଗାଇବାର ୧ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରା ପଡ଼ିବାକୁ ଦିଆଯିବା ଉଚିତ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ।

## ଭେଣ୍ଡି ମଞ୍ଜି ଲଗାଇବା ପରେ...



**ଭେଣ୍ଡି** ମଞ୍ଜି (ବିହନ) ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ଦୁଇ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି, ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଥଣ୍ଡା ଲାଗି ଭେଣ୍ଡି ଗଛ ଛୋଟ ହୋଇଥାଏ। ଆଉ ଫଳ ମଧ ଛୋଟ ହୋଇଥାଏ। ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧରେ ଦୂରତା ୬୦ ସେ.ମି.X ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୧୭/୨୦୨୩ Bhubaneswar, Wednesday, May 17/ 2023

# ଶ୍ରାବଣୀ, ଅମିୟ ଦ୍ରୁତତମ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୨୬ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଓ ଅମିୟ ମଲିକ ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ବିବେଚିତ ହୋଇଛନ୍ତି। ଅଲିମ୍ପିଆନ୍ ତଥା ତାରକା ଆଥଲେଟ୍ ଶ୍ରାବଣୀ ମଙ୍ଗଳବାର ଅନୁଷ୍ଠିତ ମହିଳା ୧୦୦

**ଫେଡେରେଶନ କପ୍ ଆଥଲେଟିକ୍ସ ମିଟ୍**

ମିଟର ଇଭେଣ୍ଟରେ ୧୧.୫୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ (୧୧.୬୬) ରୌପ୍ୟ ଓ କର୍ଣ୍ଣାଟକର ଧନେଶ୍ୱରୀ ଏ.ଟି. (୧୧.୬୯) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରକୁ ତାରକା ଆଥଲେଟ୍ ଅମିୟ ୧୦.୩୧ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାମିଲନାଡୁର ଇଲାକ୍କିୟାଡସନ କେ. ୧୦.୩୭ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିବାବେଳେ ଓଡ଼ିଶାର ଡି.ଏମ୍. ଜୟରାମ ୧୦.୪୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ହାଇଜମ୍ପର ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୨.୧୧ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଅନିଲ କୁଶାରେ (୨.୨୨) ସ୍ୱର୍ଣ୍ଣ ଏବଂ କର୍ଣ୍ଣାଟକର ଜେସେ ସନ୍ଦେଶ (୨.୧୮ ମିଟର) ରୌପ୍ୟ ପଦକ ପାଇଛନ୍ତି। ୪ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୧୮ ତାରିଖରେ ଶେଷ ହେବ। ଏହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଟ୍ରାଏଲ୍‌ଭାବେ ବିବେଚିତ ହେଉଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚଳିତବର୍ଷ ଜୁଲାଇ ୧୨ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।


ଅମିୟ ମଲିକ


ଶ୍ରାବଣୀ ନନ୍ଦ


କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ପୂର୍ବରୁ ମଙ୍ଗଳବାର ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସଠାରେ ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ ଟେଷ୍ଟ।

## ଓଡ଼ିଶାରୁ ଭାଗନେବେ ୪

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମାନାମାଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୪ ଖେଳାଳି ଅଂଶଗ୍ରହଣ କରିବେ। ସେମାନେ ହେଲେ ପ୍ରମୋଦ ଭଗତ, ଦୀପ୍ ରଞ୍ଜନ ବିଷୋୟୀ, ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା। ଏହି ଖେଳାଳିଙ୍କ ସହ ସହ କୋଚ୍‌ଭାବେ ଶିବ ପ୍ରସାଦ ଦାସ ବାହାରନ ଯାତ୍ରା କରିଛନ୍ତି।

## ଅର୍ଜୁନ୍ ତେନ୍ଦୁଲକରଙ୍କୁ କୁକୁର କାମୁଡ଼ିଲା

**ଲକ୍ଷ୍ନୌ, ୧୬।୫:** ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ଅର୍ଜୁନ ତେନ୍ଦୁଲକରଙ୍କୁ କାମୁଡିଛି ବୁଲା କୁକୁର। ୨୩ ବର୍ଷୀୟ ଅର୍ଜୁନଙ୍କ ବାମ ହାତକୁ କୁକୁର କାମୁଡିଥିବା ଜଣା ପଡିଛି। ମଙ୍ଗଳବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚର ଗୋଟିଏ ଦିନ ପୂର୍ବରୁ ଏହି ଘଟଣା ଘଟିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ଦିଆ ନ ଥିବା ବେଳେ ଲକ୍ଷ୍ନୌ ପକ୍ଷରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଉଭୟ ଦଳର ଖେଳାଳି ଅଭ୍ୟାସ କରୁଥିବା ବେଳେ ଯୁଧବୀର ସିଂ ଚରକ ଆସି ଅର୍ଜୁନଙ୍କୁ ଆଲିଙ୍ଗନ କରିଥିଲେ। କେମିତି ଅଛନ୍ତି ବୋଲି ପଚାରିବାରୁ ହାତକୁ କୁକୁର କାମୁଡିଥିବା ଅର୍ଜୁନ୍ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସଚିନ୍ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଚଳିତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରଥମ ଥର ଖେଳିଥିଲେ।

# ବିଜୟ ସହ ତୃତୀୟ ସ୍ଥାନରେ ଲକ୍ଷ୍ନୌ

**ଲକ୍ଷ୍ନୌ, ୧୬।୫**

ଆଇପିଏଲ୍‌ର ୬୩ ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନରେ ପରାସ୍ତ କରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୩ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନ୍ କରିଥିଲା।

ମଙ୍ଗଳବାର କାଇଲ ମେୟର୍ସଙ୍କ ସ୍ଥାନରେ ଦୀପକ ହୁଡା ଇନିଂସ ଓପନ କରିଥିଲେ। ଖରାପ ଫର୍ମ ଜାରି ରଖି ହୁଡା ମାତ୍ର ୫ ରନ୍ କରିଥିଲେ। ୩୫ ରନ୍‌ରେ ୩ ଉଇକେଟ ପତନ ପରେ ଅଧିନାୟକ କୃନାଲ ପାଣ୍ଡ୍ୟାଙ୍କ ସହିତ ମୋର୍ଚ୍ଚା ସମ୍ଭାଳିଥିଲେ ମାର୍କସ୍ ଷ୍ଟୋଇନିସ୍। ଉଭୟ ଖେଳାଳି ୮୨ ରନ୍ ଯୋଡି ଦଳକୁ ସଙ୍କଟରୁ ବାହାର କରିଥିଲେ। କୃନାଲ ୪୨ ବଲ୍ ଖେଳି ୪୯ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଶେଷ ଯାଏ ଅପରାଜିତ ଥିବା ଷ୍ଟୋଇନିସ୍ ୮୯ ରନ୍ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୮ ଛକା ସାମିଲ ଥିଲା। ନିକୋଲାସ୍ ପୁରନ୍(୮)ଙ୍କ ସହିତ ସେ ଅନ୍ତିମ ୩ ଓଭରରୁ ୫୪ ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇ ପକ୍ଷରୁ ଜାସନ୍ ବେହେରେଣ୍ଡ୍ରଫ୍ ୨ ଓ ପୀୟୁଷ ଚାୱଲା ୧ ଉଇକେଟ ନେଇଥିଲେ। ୧୭୭ ରନ୍ ଲକ୍ଷ୍ୟର ପିଛା କରି ମୁମ୍ବାଇ ପ୍ରଥମ ଉଇକେଟରେ ୯୦ ରନ୍ ଯୋଡିଥିଲା। ଇଶାନ୍ କିଶନ ୫୯ ଓ ରୋହିତ ଶର୍ମା ୩୭ ରନ୍ କରିଥିଲେ। ଉଭୟ ଖେଳାଳିଙ୍କୁ ରବି ବିଷ୍ଣୋଇ ଆଉଟ କରିଥିଲେ। ପରବର୍ତ୍ତୀ ବ୍ୟାଟର ସୂର୍ଯ୍ୟକୁମାର ଯାଦବ(୭), ନେହାଲ ୱଧେରା(୧୬) ଓ ବିଷ୍ଣୁ ବିନୋଦ(୨) ଶସ୍ତାରେ ନିଜ ଉଇକେଟ ହରାଇଥିଲେ। ଶେଷ ଆଡକୁ ଟିମ୍ ଡେଭିଡ୍ ୧୯ ବଲ୍‌ରୁ ୩୨ ରନ୍ କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ୍ ଆବଶ୍ୟକ ଥିବା ବେଳେ ମୋହସିନ ଖାନ୍ ମାତ୍ର ୫ ରନ୍ ବ୍ୟୟ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ଓ ଯଶ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୭/୩ ( ମାର୍କସ୍ ଷ୍ଟୋଇନିସ-୮୯*, କୃନାଲ ପାଣ୍ଡ୍ୟା-୪୯(ରିଟାୟର୍ଡ), କ୍ୱିଣ୍ଟନ୍ ଡି କକ୍-୧୬, ଜାସନ୍ ବେହେରେଣ୍ଡ୍ରଫ୍-୨/୩୦, ପୀୟୁଷ ଚାୱଲା-୧/୨୬)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୨/୫ (ଇଶାନ କିଶନ୍-୫୯, ରୋହିତ ଶର୍ମା-୩୭, ଟିମ ଡେଭିଡ୍-୩୨*, ରବି ବିଷ୍ଣୋଇ-୨/୨୬, ଯଶ ଠାକୁର-୨/୪୦, ମୋହସିନ୍‌ଖାନ୍-୧/୨୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
**ପଞ୍ଜାବ ବନାମ ଦିଲ୍ଲୀ**
ସ୍ଥାନ: ଧର୍ମଶାଳା,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଶଟ୍ ଖେଳିବା ଅବସରରେ ମାର୍କସ ଷ୍ଟୋଇନିସ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

## ଆନ୍ତଃ ଏନ୍‌ସିଏ ଟୁର୍ନାମେଣ୍ଟ ପାଇଁ ଓଡ଼ିଶାରୁ ୨ ମନୋନୀତ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ୧୯ ବର୍ଷରୁ କମ୍ ଆନ୍ତଃ ଏନ୍‌ସିଏ (ଜାତୀୟ କ୍ରିକେଟ ଏକାଡେମୀ) କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ୨ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶ୍ରେୟାଂଶ ଭରଦ୍ୱାଜ ଓ ଆଶୀର୍ବାଦ ସ୍ୱାଇଁ। ଶ୍ରେୟାଂଶ ଟିମ୍-ବି ଓ ଆଶୀର୍ବାଦ ଟିମ୍-ସି'ରୁ ଖେଳିବେ। ଗୁଜରାଟର ଅହମଦାବାଦଠାରେ ଆନ୍ତଃ ଏନ୍‌ସିଏ ପ୍ରତିଯୋଗିତା ମେ' ୨୮ରୁ ଜୁନ୍ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ମନୋନୀତ ଦୁଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଶ୍ରେୟାଂଶ


ଆଶୀର୍ବାଦ




**ଆଇଡବ୍ଲ୍ୟୁଏଲ୍ କ୍ୱାର୍ଟର ଫାଇନାଲ**

## ଓଡ଼ିଶା ଏଫ୍‌ସି, ସ୍ପୋର୍ଟ୍ସ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ଦଳ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ କିନ୍ତୁ ହାରି ଯାଇଛନ୍ତି। ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ପେନାଲ୍ଟି ଶୁଟ୍ ଆଉଟ ୨-୪ ଗୋଲରେ ଇଷ୍ଟର୍ନ ସ୍ପୋର୍ଟିଂ ନିକଟରୁ ହାରି ଯାଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା। ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ପକ୍ଷରୁ ଲିହିଙ୍ଗଡିକିମ୍ ୬୭ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶାର ମନୀଷା ନାୟକ ୮୦ତମ ମିନିଟରେ ଗୋଲ ପରିଶୋଧ କରି ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଟ୍ରାନ୍ସଷ୍ଟାଡିଆରେ ଆୟୋଜିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଏଫ୍‌ସି ପେନାଲ୍ଟି ଶୁଟ୍‌ଆଉଟ ୦-୩ ଗୋଲରେ ଗୋକୁଲମ୍ କେରଳ ଏଫ୍‌ସିଠାରୁ ହାରିଛି। ଏହି ମ୍ୟାଚଟି ମଧ୍ୟ ନିର୍ଦ୍ଧାରିତ ସମୟରେ ୧-୧ ସ୍ଥିତିରେ ଶେଷ ହେବାରୁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚର ୨ୟ ମିନିଟରେ ଏନ୍ ବାଲାଦେବୀ ଗୋଲଦେଇ ଓଡ଼ିଶା ଏଫ୍‌ସିକୁ ଆଗୁଆ କରିଥିବାବେଳେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୪ ମିନିଟରେ ଗୋକୁଲମ୍‌ର ଆସେମ ରୋଜା ଦେବୀ ଗୋଲ ପରିଶୋଧ କରି ଦେଇଥିଲେ।

# ରାମଲୀଳା ମଇଦାନରେ ଧାରଣା ଦେବେ ରେସ୍‌ଲର

**ମୁମ୍ବାଇ, ୧୬।୫ (ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୪ ଦିନରେ ପହଞ୍ଚିଛି। ଏହିଆନ୍ଦୋଳନ ବର୍ତ୍ତମାନ ରାମଲୀଳା ମଇଦାନକୁ ଯିବାର ସୂଚନା ଦେଇଛନ୍ତି ରେସ୍‌ଲର। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସହିତ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଯନ୍ତରମନ୍ତର ଅପେକ୍ଷା ରାମଲୀଳା ମଇଦାନ ଏକ ବଡ ଜାଗା। ଫଳରେ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇପାରିବେ ବୋଲି ଆଜାଦ ପ୍ରସ୍ତାବ ଦେଇଥିଲେ। ରେସ୍‌ଲରମାନଙ୍କ ପକ୍ଷରୁ ବ୍ରିଜ୍‌ଭୂଷଣଙ୍କୁ ୨୧ ତାରିଖ ମଧ୍ୟରେ ଗିରଫ ନ କଲେ ଏହି ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରାଯିବ ବୋଲି ଧମକ ଦେଇଛନ୍ତି। ଏହି ଧାରଣାରେ ସମଗ୍ର ବିଶ୍ୱକୁ ସାମିଲ କରିବା ପାଇଁ ଭିନ୍ନ ଭିନ୍ନ ଦେଶର ଅଲିମ୍ପିଆନ୍ ଓ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଚିଠି ଲେଖାଯିବ ବୋଲି ରେସ୍‌ଲରମାନେ କହିଛନ୍ତି। ମେ' ୨୧ ସୁଦ୍ଧା ଯଦି ସରକାର ଦାବିକୁ ନ ମାନିବେ ତେବେ ଏହି ଧାରଣାକୁ ରାମଲୀଳା ମଇଦାନକୁ ନେବାର ପ୍ରସ୍ତାବ ଆଜାଦ ଦେଇଥିବା ବେଳେ ଏହା ଉପରେ ବିଚାର କରି ନିଷ୍ପତ୍ତି ନେବେ ବୋଲି ରେସ୍‌ଲରମାନେ କହିଛନ୍ତି। ସୋମବାର ରେସ୍‌ଲରମାନେ ଯନ୍ତରମନ୍ତରରୁ ବାହାରି କନ୍ନଟ ପ୍ଲେସ୍ ଯାଇଥିବା ବେଳେ ମଙ୍ଗଳବାର ମଧ୍ୟ ଯନ୍ତରମନ୍ତରରୁ କନ୍ନଟ ପ୍ଲେସ୍‌ର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଉଲ୍ଲେଖଯୋଗ୍ୟ, ମହିଳା ରେସ୍‌ଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ୭ ଜଣ ମହିଳା ଆଥଲେଟ ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି।

# ପୂର୍ବତନ କ୍ରିକେଟର ସଞ୍ଜୟ ଶତପଥୀଙ୍କ ପରଲୋକ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି)**

- ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫି ଏବଂ ପୂର୍ବାଞ୍ଚଳ ପକ୍ଷରୁ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିଲେ
- ଓସିଏର ଶୋକ

ଓଡ଼ିଶାର ପୂର୍ବତନ କ୍ରିକେଟର ସଞ୍ଜୟ ଶତପଥୀଙ୍କର ସୋମବାର ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ପେସାରେ ଜଣେ ଡାକ୍ତର ଥିବା ସଞ୍ଜୟ ୧୯୬୫-୬୬ରୁ ୧୯୭୫-୭୬ ମଧ୍ୟରେ ଓଡ଼ିଶା ପକ୍ଷରୁ ୨୩ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ଅଲ୍‌ରାଉଣ୍ଡର ଥିଲେ। ୧୯୫୦ ଜାନୁୟାରୀ ୧ରେ ଜନ୍ମିତ ସଞ୍ଜୟଙ୍କ ଘର ବାରିପଦାରେ। ମାତ୍ର ସେ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ପଟିଆରେ ରହୁଥିଲେ। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ସେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଜଣେ ଫିଜିସିଆନଭାବେ କାର୍ଯ୍ୟରତ ଥିଲେ। ଭୁବନେଶ୍ୱର ଆୟୁଷ ହସ୍ପିଟାଲରେ ମଧ୍ୟ ସେ ଜଣେ ପରାମର୍ଶଦାତାଭାବେ କାର୍ଯ୍ୟ କରିଥିଲେ। ଖେଳ ଜୀବନରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରଣଜୀ, ସେଲ୍ ଏବଂ ଇଷ୍ଟଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୩ଟି ପ୍ରଥମଶ୍ରେଣୀ ମ୍ୟାଚର ୪୨ଟି ଇନିଂସରୁ ସେ ୨୬୫ ରନ ସ୍କୋର କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୪୯*। ସେହିପରି ସେ ୨୨୭୦ ବଲ୍ ବୋଲିଂକରି ୧୨୫୦ ରନ ବିନିମୟରେ ୩୭ଟି ଉଇକେଟ ନେଇଥିଲେ। ୧୯୬୫ ଡିସେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚରେ ବେଙ୍ଗଲ ବିପକ୍ଷରେ ସେ ୮୯ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ୬/୮୯ ହିଁ ଥିଲା ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର। ଥରେ ସେ ୫ ଉଇକେଟ ସଫଳତା ପାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ମଧ୍ୟରେ ସେ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଦଳ ବିପକ୍ଷରେ ମଧ୍ୟ ଖେଳିବା ସୁଯୋଗ ପାଇଥିଲେ। ୧୯୭୫ ଜାନୁୟାରୀ ୪ରୁ ୬ ପର୍ଯ୍ୟନ୍ତ ସେ କଟକରେ ୱେଷ୍ଟଇଣ୍ଡିଜ ଏବଂ ନଭେମ୍ବର ୨୩ରୁ ୨୫ ପର୍ଯ୍ୟନ୍ତ କୋଲକାତାର ଇଡେନ ଗାର୍ଡେନ୍ସରେ ଶ୍ରୀଲଙ୍କା ବିପକ୍ଷରେ ୩ ଦିନିଆ ମ୍ୟାଚ ଖେଳିଥିଲେ। ଏହି ଦୁଇଟି ମ୍ୟାଚରେ ସେ ଇଷ୍ଟଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସଞ୍ଜୟଙ୍କ ଭାଇ ଶାନ୍ତନୁ ଶତପଥୀ ମଧ୍ୟ ଜଣେ ଦକ୍ଷ କ୍ରିକେଟର ଥିଲେ। ସଞ୍ଜୟଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।


ସଞ୍ଜୟ ଶତପଥୀ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ